# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମେ' ୩୧/୨୦୨୩ (୧୮ ପୃଷ୍ଠା) Bhubaneswar, Wednesday, May 31/2023 Page 18 ₹ 7.00

୪୯ଶ ଭାଗ ୧୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 185 ମୂଲ୍ୟ ₹୭/-



DSPL - 59

ଓଡ଼ିଶା ସରକାର

5

# ମୋ ଘର

Government Housing Assistance in Rural Areas



## କଚ୍ଚା ଘରକୁ ପକ୍କା ଘରରେ ପରିବର୍ତ୍ତନର ପ୍ରତିଶ୍ରୁତି ପୂରଣ

## ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ "ମୋ ଘର" ଯୋଜନା

### ଯୋଜନାରେ ମିଳୁଥିବା ସୁବିଧା

- ଚାରି ପ୍ରକାରର ଋଣ (୧ ଲକ୍ଷ/୧.୫ ଲକ୍ଷ/୨ ଲକ୍ଷ/୩ ଲକ୍ଷ) ଟଙ୍କା ମାଧ୍ୟମରେ ନୂତନ ଗୃହର ନିର୍ମାଣ / ସମ୍ପ୍ରସାରଣ / ସମ୍ପୂର୍ଣ୍ଣକରଣ / ଉନ୍ନତିକରଣ ।
- ଋଣ ଅର୍ଥ ଉପରେ ରାଜ୍ୟ ସରକାରଙ୍କ ତରଫରୁ ସବସିଡ଼ି ।
- ଏସ.ସି/ଏସ.ଟି/ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କ ନିମନ୍ତେ ଅତିରିକ୍ତ ସବସିଡ଼ି ।
- ରେଜିଷ୍ଟ୍ରେସନ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି, ଆଇନ ପରାମର୍ଶ ଫି ଇତ୍ୟାଦି ଛାଡ଼ ।

### ସରକାରଙ୍କ ଠାରୁ ମିଳୁଥିବା ସବସିଡ଼ି

| ଋଣ ପରିମାଣ ଟଙ୍କା | ସବସିଡ଼ି ଟଙ୍କା | |
|---|---|---|
| | ସାଧାରଣ ପରିବାର | ଏସ.ସି/ଏସ.ଟି/ଭିନ୍ନକ୍ଷମ ମୁଖ୍ୟ ପରିବାର |
| ଟ ୧ ଲକ୍ଷ | ଟ ୩୦,୦୦୦/- | ଟ ୪୦,୦୦୦/- |
| ଟ ୧.୫ ଲକ୍ଷ | ଟ ୪୫,୦୦୦/- | ଟ ୫୫,୦୦୦/- |
| ଟ ୨ ଲକ୍ଷ | ଟ ୬୦,୦୦୦/- | ଟ ୭୦,୦୦୦/- |
| ଟ ୩ ଲକ୍ଷ | ଟ ୬୦,୦୦୦/- | ଟ ୭୦,୦୦୦/- |

### କିପରି ଆବେଦନ କରିବେ?

- ଆବେଦନକାରୀ RH ପୋର୍ଟାଲ ମାଧ୍ୟମରେ ଅଥବା 'ମୋ ସେବା' କେନ୍ଦ୍ରରେ ଆବେଦନ କରି ପାରିବେ ।
- ଆସନ୍ତା ୧୬.୦୬.୨୦୨୩ ରୁ https://rhodisha.gov.in/moghara ରେ ଆବେଦନ ଗ୍ରହଣ କରାଯିବ ।

### କେଉଁମାନେ ଏହି ସୁବିଧା ପାଇପାରିବେ?

- କଚ୍ଚା ଘରେ ବା ଗୋଟିଏ ବଖରା ଛାତ ଘରେ ରହୁଥିବା ପରିବାର ।
- ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇନଥିବା ବା ୭୦ ହଜାର ଟଙ୍କାରୁ କମ୍ ସହାୟତା ପାଇଥିବା ପରିବାର ।
- ମାସିକ ୨୫ ହଜାର ଟଙ୍କା ରୁ କମ୍ ଆୟ କରୁଥିବା ପରିବାର ।
- ବ୍ୟକ୍ତିଗତ ବ୍ୟବହାର ପାଇଁ ଚାରି ଚକିଆ ମୋଟର ଗାଡି ରଖି ନଥିବା ପରିବାର ।
- କୌଣସି ସରକାରୀ/ ସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନସନଭୋଗୀ କର୍ମଚାରୀ ନଥିବା ପରିବାର ।
- ପାଞ୍ଚ ଏକର ଜଳସେଚିତ କିମ୍ବା ପନ୍ଦର ଏକର ଅଣଜଳସେଚିତ ଜମିରୁ କମ୍ ଜମି ଥିବା ପରିବାର ।

### କିପରି ଋଣ ଶୁଝିବେ ?

- ପ୍ରଥମ ବର୍ଷ ଋଣ ଶୁଝିବାକୁ ପଡ଼ିବ ନାହିଁ । ପରବର୍ତ୍ତୀ ୧୦ ବର୍ଷରେ ସହଜ ମାସିକ କିସ୍ତି ଆକାରରେ ଋଣ ଶୁଝିବେ ।

ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା www.rhodisha.gov.in/moghara ରେ ଉପଲବ୍ଧ

**ସଭିଙ୍କ ପାଇଁ ପକ୍କାଘର**
**କଥା ରଖିଲେ ସରକାର**

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0005/2324



୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ପାଇଁ ଭାରତର ରିଜର୍ଭ ବ୍ୟାଙ୍କ ଘୋଷଣା କରିବା ପରେ ମେ’ ୨୩ରୁ ଅଦ୍ୟାବଧି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୧୪ ହଜାର କୋଟି ଟଙ୍କା ମୂଲ୍ୟର ୨ହଜାରିଆ ନୋଟ୍ ଜମା ହୋଇଥିବାବେଳେ ୩ହଜାର କୋଟି ଟଙ୍କା ବଦଳା ଯାଇଛି।



## ସଂକ୍ଷେପରେ

### ଖାତକୁ ଖସିଲା ବସ୍: ୧୦ ବୈଷ୍ଣୋଦେବୀ ଯାତ୍ରୀଙ୍କ ମୃତ୍ୟୁ

**ଜମ୍ମୁ, ୩୦।୫(ପି.ଟି.):** ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଏକ ତୀର୍ଥଯାତ୍ରୀ ବସ୍ ମଙ୍ଗଳବାର ଏକ ପୋଲ ବାଡ଼ାକୁ ଧକ୍କାଦେଇ ଖାତରେ ଖସିପଡ଼ିବାରୁ ୧୦ ଜଣ ବୈଷ୍ଣୋଦେବୀ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ୫୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କ ଘର ବିହାରରେ। ଆହତମାନଙ୍କୁ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅମୃତସରରୁ କାଟ୍ରା ଯାଉଥିବା ବସ୍‌ଟି ଝାଜ୍ଜର କୋଟ୍‌ଲିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାଟ୍ରା ହେଉଛି ବୈଷ୍ଣୋଦେବୀ ଯାତ୍ରୀଙ୍କ ବେସ୍ କ୍ୟାମ୍ପ୍। ଦୁର୍ଘଟଣା ପଛର କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଜମ୍ମୁ ଏସ୍‌ଏସ୍‌ପି ଚନ୍ଦନ କୋହଲି କହିଛନ୍ତି।

### ବ୍ରିକ୍ସ ସମ୍ମିଳନୀ ପାଇଁ ପୁଟିନ୍‌ଙ୍କୁ କୂଟନୈତିକ ସୁରକ୍ଷା ଦେଲା ଦକ୍ଷିଣ ଆଫ୍ରିକା



**କେପ୍‌ଟାଉନ୍,୩୦।୫:** ୪୬୧ ଦିନ ହେଲା ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ରହିଛି। ଗତ ମାର୍ଚ୍ଚରେ ନେଦରଲାଣ୍ଡ୍‌ସର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ, ଯାହାକି ଅଦ୍ୟାବଧି ବଳବତ୍ତର ରହିଛି। ତେଣୁ ପୁଟିନ୍ ଆଇସିସିର ଯେଉଁ ସଦସ୍ୟ ରାଷ୍ଟ୍ରକୁ ଗଲେ ଗିରଫ ହେବେ। ସେପଟେ ବ୍ରାଜିଲ, ରୁଷିଆ, ଚାଇନା, ଭାରତ ଓ ଦକ୍ଷିଣ ଆଫ୍ରିକା (ବ୍ରିକ୍ସ) ସମ୍ମିଳନୀ ଆସନ୍ତା ଅଗଷ୍ଟ ୨୨-୨୩ରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରଗୋଷ୍ଠୀର ଅଧ୍ୟକ୍ଷତା କରୁଥିବା ଦକ୍ଷିଣ ଆଫ୍ରିକା ସରକାର ଉକ୍ତ ସମ୍ମିଳନୀରେ ଯୋଗଦେବା ପାଇଁ ମଙ୍ଗଳବାର ପୁଟିନ୍‌ଙ୍କୁ ନିମନ୍ତ୍ରଣ କରିଛି। ଏଥିସହ ତାଙ୍କୁ କୂଟନୈତିକ ସୁରକ୍ଷା ମଧ୍ୟ ପ୍ରଦାନ କରିଛି। ଅର୍ଥାତ୍ ପୁଟିନ୍ ଓ ତାଙ୍କ ପ୍ରତିନିଧିମାନେ ବ୍ରିକ୍ସରେ ସାମିଲ ହେବାକୁ କେପ୍‌ଟାଉନ୍‌କୁ ଗଲେ ଗିରଫ କରାଯିବ ନାହିଁ ବୋଲି ଦକ୍ଷିଣ ଆଫ୍ରିକାର ଅନ୍ତର୍ଜାତୀୟ ସମ୍ପର୍କ ଓ ସହଯୋଗ ମନ୍ତ୍ରୀ ନଲେଦି ପାଣ୍ଡୋର ସୂଚନା ଦେଇଛନ୍ତି।

### ସ୍ତ୍ରୀ ଦ୍ୱିତୀୟ ହେବାରୁ ବ୍ୟୁଟି ପିଜେଣ୍ଟଙ୍କ ମୁକୁଟ ଭାଙ୍ଗିଦେଲେ

**ବ୍ରାସିଲିଆ,୩୦।୫:** ବ୍ରାଜିଲରେ ଶନିବାର ଏଲ୍‌ଜିବିଟିକ୍ୟୁ+ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମିସ୍ ଗେ ମାଟୋ ଗ୍ରୋସୋ ୨୦୨୩ ପିଜେଣ୍ଟର ଚୂଡ଼ାନ୍ତ ପର୍ଯ୍ୟାୟ ଦୌଡ଼ରେ ଦୁଇଜଣ ଫାଇନାଲିଷ୍ଟ ରହିଥିଲେ। ସେମାନେ ହେଲେ ନାଥଲି ବେକର ଏବଂ ଏମାନୁଏଲି ବେଲିନି। ଶେଷରେ ବେଲିନିଙ୍କୁ ବିଜୟୀ ଘୋଷଣା କରି ମୁକୁଟ ପିନ୍ଧାଯାଇଥିଲା। ରନର୍ସ-ଅପ୍ ବେକରଙ୍କ ସ୍ୱାମୀ ଏଥିରେ ଉତ୍ତ୍ୟକ୍ତ ହୋଇ ବେଲିନିଙ୍କ ମୁକୁଟକୁ ଭାଙ୍ଗି ଦେଇଥିଲେ। ଏଥିସହ ନିଜ ସ୍ତ୍ରୀଙ୍କୁ ସେଠାରୁ ଟାଣିନେଇଥିଲେ। ଏହା ଦେଖି ଦର୍ଶକ ଚକିତ ହୋଇଯାଇଥିଲେ। ଆୟୋଜକ କହିଛନ୍ତି, ଜୁରିମାନେ ନିରପେକ୍ଷ ଭାବେ ବେଲିନିଙ୍କୁ ବିଜେତା ଘୋଷଣା କରିଥିଲେ।

## ମାସେ ହେଲା ଜଳୁଛି ମଣିପୁର

# ମେଡାଲ ଫେରାଇବେ କ୍ରୀଡ଼ାବିତ୍

## ଶାହାଙ୍କ ସର୍ବଦଳୀୟ ବୈଠକ

ଇମ୍ଫାଲ, ୩୦।୫

ହିଂସା ପ୍ରଭାବିତ ମଣିପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ଉଦ୍ୟମ ଚଳାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ଇମ୍ଫାଲରେ ସର୍ବଦଳୀୟ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉପସ୍ଥିତ ଥିଲେ। ହିଂସାକାଣ୍ଡ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହ ହିଂସା ନିୟନ୍ତ୍ରଣ ଏବଂ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ସବିଶେଷ ଯୋଜନା ପ୍ରସ୍ତୁତ ହୋଇଥିଲା।

ଏହା ପୂର୍ବରୁ ମଙ୍ଗଳବାର ସକାଳେ ଶାହା ରାଜ୍ୟର ମହିଳା ନେତ୍ରୀ, ଖ୍ୟାତନାମା ବ୍ୟକ୍ତିତ୍ୱ ଏବଂ ସିଭିଲ୍ ସୋସାଇଟି ଗ୍ରୁପ୍‌ର ପ୍ରତିନିଧିମାନଙ୍କ ସହ ଅଲଗା ଅଲଗା ଆଲୋଚନା କରିଥିଲେ। ମଣିପୁରରେ ଶାନ୍ତି ଫେରାଇ ଆଣିବା ଦିଗରେ କାର୍ଯ୍ୟ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ମହିଳା ସଂଗଠନ ଓ ବିଭିନ୍ନ ସିଭିଲ ସୋସାଇଟି ସଂଗଠନର ସଦସ୍ୟମାନଙ୍କ ସହ ଆଲୋଚନା ଫଳପ୍ରଦ ହୋଇଥିବା ଶାହା ଟୁଇଟ୍ କରିଥିଲେ।

ହିଂସାକାଣ୍ଡରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ହିଂସାଗ୍ରସ୍ତ ଚୁରାଚାନ୍ଦପୁର ଜିଲାକୁ ଶାହା ଗସ୍ତରେ ଯାଇଥିବାବେଳେ ସେଠାରେ ଆଦିବାସୀ ମହିଳାମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। କେବଳ କେନ୍ଦ୍ର ସରକାର ସମସ୍ୟାର ସମାଧାନ କରିପାରିବେ ବୋଲି ସେଠାରେ ଲଗାଯାଇଥିବା ପୋଷ୍ଟରରେ ଲେଖାଯାଇଛି।




ସର୍ବଦଳୀୟ ବୈଠକରେ ଅମିତ ଶାହା, ଏନ୍. ବୀରେନ୍ ସିଂ ଓ ଅନ୍ୟ ନେତାମାନେ।

### ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା

ଚଳିତ ମାସ ଆରମ୍ଭରୁ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଘଟି ୮୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଥମ ଥର ପାଇଁ ସେଠାକୁ ଗସ୍ତରେ ଯାଇଛନ୍ତି। ୪ ଦିନିଆ ଗସ୍ତରେ ଥିବା ଶାହା ସୋମବାର ରାତିରେ ଇମ୍ଫାଲରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ, କେତେଜଣ କ୍ୟାବିନେଟ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀ ତଥା ରାଜନେତାମାନଙ୍କ ସହ ଆଲୋଚନା କରିଥିଲେ। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ଦେବା ନିଷ୍ପତ୍ତି ପ୍ରତିବାଦରେ ମେ’ ୩ରେ କୁକି ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଥିଲା, ଯାହା ହିଂସାର ରୂପ ନେଇଥିଲା।

ମଣିପୁର ସଙ୍କଟର ସମାଧାନ ଉପାୟ ବାହାର କରିବା ଲାଗି ନିବେଦନ କରି ଅଲିମ୍ପିଆନ୍ ମିରାବାଈ ଚାନୁଙ୍କ ସମେତ ରାଜ୍ୟର ୧୧ ଜଣ ଶ୍ରେଷ୍ଠ କ୍ରୀଡ଼ାବିତ୍ ଶାହାଙ୍କୁ ପତ୍ର ଲେଖିଛନ୍ତି। ରାଜ୍ୟକୁ ଯଥାଶୀଘ୍ର ଶାନ୍ତି ଓ ସ୍ୱାଭାବିକ ସ୍ଥିତି ନ ଫେରିଲେ ସେମାନେ ପାଇଥିବା ପୁରସ୍କାର ଓ ମେଡାଲ ଫେରାଇଦେବେ ବୋଲି ଚେତାବନୀ ଦେଇଛନ୍ତି। ପତ୍ର ଲେଖିଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ପଦ୍ମ ପୁରସ୍କାର ବିଜୟୀ ଭାରୋତ୍ତୋଳନକାରୀ କୁଞ୍ଜରାଣୀ ଦେବୀ, ପୂର୍ବତନ ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ଅଧିନାୟିକା ବେମ୍ ବେମ୍ ଦେବୀ ଏବଂ ବକ୍ସର ଏଲ୍. ସରିତା ଦେବୀ ପ୍ରମୁଖ ରହିଛନ୍ତି। ଜାତୀୟ ରାଜପଥ-୨କୁ ଅବରୋଧ ମୁକ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ରାଜପଥର ବିଭିନ୍ନ ସ୍ଥାନରେ ଅବରୋଧ କରାଯାଇଥିବାରୁ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ତେଣୁ ରାସ୍ତାକୁ ତୁରନ୍ତ ଅବରୋଧମୁକ୍ତ କରିବା ସମେତ ସେମାନେ ୮ଟି ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ କହିଛନ୍ତି, ମଣିପୁରରେ ଅନେକ ଚ୍ୟାଲେଞ୍ଜ ରହିଛି, ଯାହାର ସମାଧାନ ପାଇଁ ସମୟ ଲାଗିବ। ତେବେ ସେଠାରେ ବିଦ୍ରୋହ ସ୍ଥିତି ସୃଷ୍ଟି ହୋଇ ନ ଥିବା ସେ କହିଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲେ କଂଗ୍ରେସ ନେତା

ନୂଆଦିଲ୍ଲୀ, ୩୦।୫ (ପି.ଟି.)

### ମଣିପୁର ହିଂସାର ନ୍ୟାୟିକ ତଦନ୍ତ ଦାବି

କଂଗ୍ରେସର ଶୀର୍ଷ ନେତାମାନେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ହିଂସା ପ୍ରଭାବିତ ମଣିପୁରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ଏଥିସହିତ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ତଦନ୍ତ କମିଶନ ମଣିପୁର ହିଂସାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କୁ ଭେଟି ତୁରନ୍ତ ହସ୍ତକ୍ଷେପ ପାଇଁ ସ୍ମାରକପତ୍ର ଦେବା ସହ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ନିମନ୍ତେ ୧୨ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ଅନୁରୋଧ କରିଛନ୍ତି।

ପ୍ରାଥମିକ ଅବସ୍ଥାରେ ହିଂସାକୁ ଦମନ କରିବାରେ ପରିଚାଳନାଗତ ତ୍ରୁଟି ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହେଲା। ଏବେ ଏଥିପାଇଁ କାହାକୁ ଦୋଷାରୋପ ନ କରି କାର୍ଯ୍ୟ କରିବାର ସମୟ। ଉପରୋକ୍ତ ପ୍ରସ୍ତାବ ଆଗରୁ କାର୍ଯ୍ୟକାରୀ ହୋଇଥିଲେ ବୋଧହୁଏ ମଣିପୁରରେ ଶାନ୍ତି ଫେରନ୍ତାଣି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଶାନ୍ତି, ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଦିଗରେ କଂଗ୍ରେସ ଏବଂ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ କୁହାଯାଇଛି। ହିଂସାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ତଦନ୍ତ କମିଶନ ଗଠନ ହେବା ଆବଶ୍ୟକ ବୋଲି କଂଗ୍ରେସ କହିଛି। ମଣିପୁରରେ ସମସ୍ତ ଉଗ୍ରପନ୍ଥୀ ସଂଗଠନକୁ ନିୟନ୍ତ୍ରଣ କରିବା ଦିଗରେ ତୁରନ୍ତ ଯଥାସମ୍ଭବ ପଦକ୍ଷେପ ନେବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି। ଖାର୍ଗେଙ୍କ ବ୍ୟତୀତ କଂଗ୍ରେସ ପ୍ରତିନିଧି ଦଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଇବୋବି ସିଂ, କଂଗ୍ରେସ ନେତା ମୁକୁଲ ୱାସ୍‌ନିକ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଗୈଖାନଗାମ, ପିସିସି ସଭାପତି କୈଶାମ ମେଘନ୍ଦ୍ର ସିଂ, ଏଆଇସିସି ମଣିପୁର ପ୍ରଭାରୀ ଭକ୍ତଚରଣ ଦାସ ପ୍ରମୁଖ ରାଷ୍ଟ୍ରପତିଙ୍କୁ ଭେଟିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ। ନିକଟରେ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଓ ମଣିପୁର ପ୍ରଭାରୀ ଭକ୍ତ ଚରଣ ଦାସ ଏବଂ କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ।

## ସ୍ପେସ୍ ଷ୍ଟେଶନ୍‌ରେ ଚାଇନାର ୩ ମହାକାଶଚାରୀ




ଜିଉକ୍ୱାନ୍,୩୦।୫

ଚାଇନା ଏହାର ତିଆଙ୍ଗୋଙ୍ଗ୍ ମହାକାଶ କେନ୍ଦ୍ରକୁ ମଙ୍ଗଳବାର ୩ ଜଣ ମହାକାଶଚାରୀଙ୍କୁ ପଠାଇଛି। ମହାକାଶକୁ ମାନବଙ୍କୁ ପ୍ରେରଣ କରିବାରେ ଚାଇନାର ଏହା ପ୍ରଥମ ଅଭିଯାନ ହୋଇଥିବାବେଳେ ଚଳିତ ଦଶନ୍ଧିଶେଷ ସୁଦ୍ଧା ମଙ୍ଗଳକୁ ମଧ୍ୟ ଅନୁରୂପ ଅଭିଯାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚାଇନା ଆମେରିକା ଓ ରୁଷିଆ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଇ ନିଜ ସେନା ପରିଚାଳିତ ମହାକାଶ କାର୍ଯ୍ୟକ୍ରମରେ ଅନେକ ବିଲିୟନ୍ ଡଲାର ନିବେଶ କରିଛି। ଏହି କ୍ରମରେ ଉତ୍ତରପଶ୍ଚିମ ଚାଇନାର ଜିଉକ୍ୱାନ୍ ସାଟେଲାଇଟ୍ ଲଞ୍ଚ ସେଣ୍ଟରରୁ ପୂର୍ବାହ୍ନ ୯ଟା ୩୧ରେ ଶେଞ୍ଝୋଉ-୧୬ ମିଶନ ଜରିଆରେ ଲଙ୍ଗ୍ ମାର୍ଚ୍ଚ ଏଫ୍-୨ ରକେଟ୍‌ରେ ତିଆଙ୍ଗୋଙ୍ଗ୍ ସ୍ପେସ୍ ଷ୍ଟେଶନକୁ ୩ ମହାକାଶଚାରୀଙ୍କୁ ପଠାଇଛି। ସେମାନେ ହେଲେ କମାଣ୍ଡର ଜିଙ୍ଗ୍ ହାଇପେଙ୍ଗ, ଇଞ୍ଜିନିୟର ଝୁ ୟାଙ୍ଗ୍‌ଝେ ଏବଂ ବେଇହାଙ୍ଗ୍ ୟୁନିଭର୍ସିଟି ପ୍ରଫେସର ଗୁଇ ହାଇଚାଓ। ପ୍ରେରଣ ସମ୍ପୂର୍ଣ୍ଣ ସଫଳ ହୋଇଛି। ମହାକାଶଚାରୀମାନେ ସୁସ୍ଥ ଅଛନ୍ତି ବୋଲି ଲଞ୍ଚ ସେଣ୍ଟର ଡାଇରେକ୍ଟର ଜୋଉ ପିପେଙ୍ଗ୍ ସୂଚନା ଦେଇଛନ୍ତି। କକ୍ଷପଥରେ ମାନବଙ୍କୁ ଅବସ୍ଥାପିତ କରିବାରେ ଚାଇନା ହେଉଛି ତୃତୀୟ ଦେଶ। ୨୦୩୦ ସୁଦ୍ଧା ମଙ୍ଗଳରେ ଏକ ମୁନ୍ ବେସ୍ ନିର୍ମାଣ କରିବା ନେଇ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସ୍ୱପ୍ନ ‘ସ୍ପେସ୍ ଡ୍ରିମ୍’କୁ ସଫଳ କରିବାରେ ଏହା ବିଶେଷ ସହାୟକ ହେବ ବୋଲି କୁହାଯାଉଛି।

## ମହିଳାଙ୍କୁ ଛୁରିଭୁସି ହତ୍ୟା



ରାନି

**ନୂଆଦିଲ୍ଲୀ, ୩୦।୫ :** ଦିଲ୍ଲୀ ମଞ୍ଜୁ କା ଟିଲା ଅଞ୍ଚଳରେ ଏକ ଛାତ ଉପରୁ ମଙ୍ଗଳବାର ସକାଳେ ଜଣେ ୩୫ ବର୍ଷୀୟା ମହିଳାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମିଳିଛି। ରାନୀ ନାମ୍ନୀ ଉକ୍ତ ମହିଳାଙ୍କ ସହ ଉକ୍ତ ଫ୍ଲାଟ୍‌ରେ ରହୁଥିବା ସପ୍ନା (୩୬) ନାମକ ଅନ୍ୟ ଜଣେ ମହିଳା ଛୁରିଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉତ୍ତର ଦିଲ୍ଲୀରେ ଏକ ପାର୍ଟି ଚାଲିଥିବାବେଳେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ଡିସିପି ସାଗର କାଲ୍‌ସି କହିଛନ୍ତି। ରାନି ଗୁରୁଗ୍ରାମରେ ଏକ ବିଉଟି ପାର୍ଲରରେ କାମ କରୁଥିବାବେଳେ ସପ୍ନା ତାଙ୍କ ସହ ରହୁଥିଲେ। ପୂର୍ବ ରାତିରେ ମଦ ନିଶାରେ ସପ୍ନା ରାନୀଙ୍କ ବାପାଙ୍କୁ ଗାଳି କରିବାରୁ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଭୋର ସମୟରେ ସପ୍ନା ପରିବାକଟା ଛୁରିରେ ରାନୀଙ୍କୁ ଆକ୍ରମଣ କରିଥିଲେ ।

## ବ୍ରେକ୍‌ଅପ୍‌ରୁ ବୀଭତ୍ସ ହତ୍ୟା

ନୂଆଦିଲ୍ଲୀ, ୩୦।୫

- ନାବାଳିକାଙ୍କ ପରିବାରକୁ ଭେଟିଲେ ଡିସିଡବ୍ଲ୍ୟୁ ଅଧ୍ୟକ୍ଷା
- ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି

ଉତ୍ତରପଶ୍ଚିମ ଦିଲ୍ଲୀର ଶାହବାଦ ଡେରି ନିକଟରେ ୧୬ ବର୍ଷର ବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ବିଚ୍ ରାସ୍ତାରେ ୨୨ ଥର ଛୁରି ଭୁସି ଓ ପଥରରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରିବା ପଛର କାରଣ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସାକ୍ଷୀ ନାମ୍ନୀ ନାବାଳିକା ଜଣକ ସାହିଲ ଖାନ୍(୨୦)ଙ୍କ ସହ ସମ୍ପର୍କ ରଖିବାକୁ ମନା କରିଦେଇଥିଲେ। ଏହାକୁ ନେଇ ଦିନକ ପୂର୍ବରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଓ ସାହିଲ ସାକ୍ଷୀଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ସାକ୍ଷୀ ତାଙ୍କର ଜଣେ ପୂର୍ବତନ ପୁରୁଷ ବନ୍ଧୁଙ୍କ ସହ ସମ୍ପର୍କରେ ଥିବା ସାହିଲ ସନ୍ଦେହ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତି ମାଲିୱାଲ ମଙ୍ଗଳବାର ମୃତା ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଦୋଷୀଙ୍କୁ ୬ ମାସ ମଧ୍ୟରେ ମୃତ୍ୟୁଦଣ୍ଡ ଦେବା ଲାଗି ଦାବି କରିଛନ୍ତି। ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ଦିଗରେ ସରକାର ଓ ଅଦାଲତ କାର୍ଯ୍ୟ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ନାବାଳିକାଙ୍କ ପରିବାରକୁ ନ୍ୟାୟ ଦେବା ଦିଗରେ ମହିଳା କମିଶନ ଯଥାସମ୍ଭବ ଉଦ୍ୟମ କରିବ। ଆମ ଟିମ୍ ଉକ୍ତ ପରିବାର ସହ ରହିଛି ବୋଲି ସ୍ୱାତି କହିଛନ୍ତି।



ସାହିଲ ଖାନ୍

ଉତ୍ତରପ୍ରଦେଶର ବୁଲନ୍ଦସହରରୁ ଗିରଫ ହୋଇଥିବା ସାହିଲ ଏସି ଏବଂ ରେଫ୍ରିଜରେଟର ମେକାନିକ୍ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ସାକ୍ଷୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ସେ ଅଧିକାଂଶ ସମୟ ଚୁପ୍‌ଚାପ୍ ରହୁଥିଲେ ବୋଲି ପଡୋଶୀ କହିଛନ୍ତି। ସେ ଅନେକ ସମୟରେ ଇନ୍‌ଷ୍ଟାଗ୍ରାମରେ ଭିଡିଓ ଓ ଫଟୋ ଛାଡୁଥିଲେ। ତାଙ୍କର ଅନେକ ଝିଅଙ୍କ ସହ ସମ୍ପର୍କ ଥିବା ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ଜଣାପଡ଼ିଛି।

## ଜଳଭଣ୍ଡାର ଶୁଖାଇଥିଲେ, ୫୩ ହଜାର ଗଣିବେ

ରାୟପୁର, ୩୦।୫

ମୋବାଇଲ ଫୋନ୍ ଖୋଜିବା ପାଇଁ ଜଳଭଣ୍ଡାର ଶୁଖାଇଥିବା ଛତିଶଗଡ଼ କୋୟାଲିବେଡ଼ା ବ୍ଲକ୍‌ର ଖାଦ୍ୟ ନିରୀକ୍ଷକ ରାଜେଶ ବିଶ୍ୱାସ ଏବେ ୫୩ ହଜାର ଟଙ୍କା ଗଣିବେ। ଜଳସମ୍ପଦ ବିଭାଗ ତାଙ୍କୁ ୫୩ ହଜାର ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛି। ଜଳଭଣ୍ଡାରରୁ ୪୧ ଲକ୍ଷ ଲିଟର ଜଳ ନିଷ୍କାସନ କରିଥିବା ଜଣାପଡ଼ିବା ପରେ ରାଜେଶଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଜଳ ନିଷ୍କାସନ ପାଇଁ ମୌଖିକ ନିର୍ଦ୍ଦେଶ ଦେଇଥିବା ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

ରାଜେଶ ଗତ ରବିବାର ଛୁଟି କଟାଇବା ପାଇଁ ଖେର୍‌କଟ୍ଟା ପାରାଲକୋଟ୍ ଜଳଭଣ୍ଡାରକୁ ବୁଲିଯାଇଥିଲେ। ସେଲ୍‌ଫି ନେବାବେଳେ ତାଙ୍କର ୯୬ ହଜାର ଟଙ୍କା ମୂଲ୍ୟର ସାମ୍‌ସଙ୍ଗ ଏସ୍‌୨୩ ମୋବାଇଲ୍ ଫୋନ୍ ୧୫ ଫୁଟ୍ ଗଭୀର ଜଳଭଣ୍ଡାରରେ ଖସିପଡ଼ିଥିଲା। ଏହାକୁ ଖୋଜି ବାହାର କରିବା ନିମନ୍ତେ ଜଳଭଣ୍ଡାରରୁ ୪୧ ଲକ୍ଷ ଲିଟର ଜଳ ଶୁଖାଇଦିଆଯାଇଥିଲା, ଯାହା ୧,୫୦୦ ଏକର ଜମିକୁ ଜଳସେଚନ କରିପାରିଥାନ୍ତା। ରାଜେଶ ୪,୧୦୪ ଘନମିଟର (୪୧ ଲକ୍ଷ ଲିଟର) ଜଳ ନଷ୍ଟ କରିଥିବାରୁ ଏହାର ମୂଲ୍ୟ ବାବଦକୁ ଘନଫୁଟ ପ୍ରତି ୧୦ଟଙ୍କା ୫୦ ପଇସା ହିସାବରେ ମୋଟ ୪୩,୦୯୨ ଟଙ୍କା ପୈଠ କରିବାକୁ କୁହାଯାଇଛି। ଏହା ବ୍ୟତୀତ ବିନା ଅନୁମତିରେ ପାଣି ନିଷ୍କାସନ କରିଥିବାରୁ ତାଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା ଲଗାଯାଇଥିବା ଜଳସେଚନ ବିଭାଗ ଚିଠିରେ ଉଲ୍ଲେଖ କରାଯାଇଛି।

## ୫୫% ହୃଦ୍‌ରୋଗୀ ଗମ୍ଭୀରତାକୁ ବୁଝି ନ ପାରି ପ୍ରାଣ ହରାଉଛନ୍ତି

ନୂଆଦିଲ୍ଲୀ, ୩୦।୫

ହୃଦ୍‌ରୋଗୀ ଏବଂ ହୃଦ୍‌ଘାତର ସମ୍ମୁଖୀନ ହେଉଥିବା ମାତ୍ର ୧୦ ପ୍ରତିଶତ ରୋଗୀ ଘଣ୍ଟାଏ ମଧ୍ୟରେ ହସ୍ପିଟାଲରେ ପହଞ୍ଚୁଛନ୍ତି, ଯାହା ମୃତ୍ୟୁରୁ ବଞ୍ଚାଇବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ। ହୃଦ୍‌ଘାତ ଉପରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ହୃଦ୍‌ରୋଗୀ ଯେତେ ଶୀଘ୍ର ହସ୍ପିଟାଲରେ ପହଞ୍ଚିବେ, ସେମାନେ ଚିକିତ୍ସାର ସେତେ ଭଲ ଫଳ ପାଇବେ ବୋଲି ଅଧ୍ୟୟନରେ କୁହାଯାଇଛି। ଏମ୍ସର ଏହି ଅଧ୍ୟୟନ ମେଡିକାଲ ପତ୍ରିକା ‘ଦି ଲାନ୍‌ସେଟ୍’ରେ ପ୍ରକାଶ ପାଇଛି। ହସ୍ପିଟାଲରେ ପହଞ୍ଚିବାରେ ବିଭିନ୍ନ ସ୍ତରରେ ଘଟୁଥିବା ବିଳମ୍ବର କାରଣ ଖୋଜି ଏହାର ସମାଧାନ କରାଯିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି।



ହରିୟାଣାର ଫରିଦାବାଦ ଅନ୍ତର୍ଗତ ବଲ୍ଲଭଗଡ଼ ବ୍ଲକ୍‌ରେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ଲୋକମାନଙ୍କର ଏକ ସାମାଜିକ ଅଡିଟ୍ କରାଯାଇଥିଲା। ରୋଗୀ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚିଥିଲେ ବଞ୍ଚିଯାଇପାରିଥାନ୍ତେ କି ବୋଲି ସେମାନେ ଜାଣିବାକୁ ଚାହିଁଥିଲେ। ଜରୁରୀ ସ୍ୱାସ୍ଥ୍ୟସେବା ପାଇବାରେ ସେମାନେ କିଭଳି ସମସ୍ୟାର ସମ୍ମୁଖୀନ ହେଲେ ଏବଂ ହସ୍ପିଟାଲରେ ପହଞ୍ଚିବାରେ ବିଳମ୍ବର କାରଣ କ’ଣ ଏ ସମ୍ପର୍କରେ ରୋଗୀଙ୍କ ପରିବାର ସଦସ୍ୟଙ୍କୁ ପଚରାଯାଇଥିଲା ବୋଲି ଏମ୍ସର ସେଣ୍ଟର ଫର୍ କମ୍ୟୁନିଟି ମେଡିସିନ୍ ପ୍ରଫେସର ଆନନ୍ଦ କ୍ରିଷ୍ଣନ କହିଛନ୍ତି। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ପାଣ୍ଠିରେ ହୋଇଥିବା ଏହି ଅଧ୍ୟୟନରେ ଏମ୍ସର କାର୍ଡିଓଲୋଜି, ନ୍ୟୁରୋଲୋଜି ଏବଂ କମ୍ୟୁନିଟି ମେଡିସିନ୍ ବିଭାଗ ସାମିଲ ହୋଇଥିଲେ।

୩୦ରୁ ୪୦ ପ୍ରତିଶତ ଲୋକେ ପରିସ୍ଥିତି କାରଣରୁ ବିଳମ୍ବର ସମ୍ମୁଖୀନ ହୋଇ ନ ଥିବା ଅଧ୍ୟୟନରୁ ଜଣାପଡ଼ିଛି। ପ୍ରାୟ ୫୫ ପ୍ରତିଶତ କ’ଣ ଘଟିଲା ବୁଝି ନ ପାରି ହସ୍ପିଟାଲ ଯିବାରେ ବିଳମ୍ବ କରିଥାନ୍ତି ବୋଲି ଡା. କ୍ରିଷ୍ଣନ କହିଛନ୍ତି। ସେମାନଙ୍କୁ ହୃଦ୍‌ଘାତ ହେଲା କିମ୍ବା ସାମାନ୍ୟ ଯନ୍ତ୍ରଣା ହେଉଛି, ତାହା ସେମାନେ ବୁଝିବାକୁ ସମର୍ଥ ହୋଇ ନ ଥାନ୍ତି। ଫଳରେ ହସ୍ପିଟାଲକୁ ଯିବେ କି ନାହିଁ, ଏନେଇ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି। ୨୦ରୁ ୩୦ ପ୍ରତିଶତଙ୍କ କ୍ଷେତ୍ରରେ ଚିକିତ୍ସା ପାଇଁ ଗାଡ଼ି ଏବଂ ଅର୍ଥ ଯୋଗାଡ଼କୁ ନେଇ ବିଳମ୍ବ ଦେଖାଦେଇଥାଏ। ସେମାନେ ତୁରନ୍ତ ହସ୍ପିଟାଲ ଯିବାକୁ ଚାହୁଁଥିଲେ ମଧ୍ୟ ଆର୍ଥିକ ଏବଂ ଭୌଗୋଳିକ ସମସ୍ୟା ଏଥିରେ ଅନ୍ତରାୟ ସୃଷ୍ଟି କରିଥାଏ ବୋଲି ଡା. କ୍ରିଷ୍ଣନ କହିଛନ୍ତି। ପ୍ରାୟ ୧୦ ପ୍ରତିଶତ ରୋଗୀ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚି ମଧ୍ୟ ଆପତ୍‌କାଳୀନ ସୁବିଧା ନ ଥିବାରୁ ଚିକିତ୍ସା ପାଇବାରେ ବିଳମ୍ବର ସମ୍ମୁଖୀନ ହୋଇଥାନ୍ତି। କୋଭିଡ୍ ମହାମାରୀ ପୂର୍ବରୁ ବର୍ଷେ ପର୍ଯ୍ୟନ୍ତ ଏହି ଅଧ୍ୟୟନ ଚାଲିଥିଲା, ଯେଉଁଥିରେ ୪୩୫ ହୃଦ୍‌ଘାତ ମୃତ୍ୟୁ ମାମଲାକୁ ସାମିଲ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୩୧/୨୦୨୩ | Bhubaneswar, Wednesday, May 31/2023 | ପୃଷ୍ଠା-୧



## ସୀତା ଗୁମ୍ଫାରେ କ୍ରିତି

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ ଫିଲ୍ମ 'ଆଦିପୁରୁଷ'ର ଶୁଟିଂ ସାରି ନାସିକର ପଞ୍ଚବଟୀର ସୀତା ଗୁମ୍ଫା ମନ୍ଦିରରେ ପହଞ୍ଚି ସୀତାଙ୍କ ଆଶୀର୍ବାଦ ନେଇଛନ୍ତି।

୧୦

୧୬

## ରିବାକିନା ଦ୍ୱିତୀୟ ରାଉଣ୍ଡରେ

କାଜାଖସ୍ତାନର ଏଲିନା ରିବାକିନା ଫ୍ରେଞ୍ଚ୍ ଓପନ ଟେନିସ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ହରିଦ୍ୱାର ଗଙ୍ଗାନଦୀରେ ନିଜ ମେଡାଲ ବିସର୍ଜନ ପାଇଁ ଯାଇଥିବା କୁସ୍ତିଯୋଦ୍ଧାମାନଙ୍କୁ ବୁଝାଇ ଫେରାଇ ନେଉଛନ୍ତି ଚାଷୀ ନେତା ନରେଶ ଟିକାଏତ୍ ଓ ଅନ୍ୟମାନେ।

# ବ୍ରିଜ୍‌ଭୂଷଣଙ୍କୁ ୫ ଦିନରେ ଗିରଫ କର

- ଗଙ୍ଗାରେ ପଦକ ବିସର୍ଜନ ପାଇଁ ଯାଇଥିଲେ କୁସ୍ତିଯୋଦ୍ଧା
- ଅଟକାଇଲେ ଚାଷୀ ନେତା ନରେଶ ଟିକାଏତ୍

ନୂଆଦିଲ୍ଲୀ/ହରିଦ୍ୱାର,୩୦।୫

ଦେଶରେ ଆମ ପାଇଁ ଆଉ କିଛି ବାକି ରହିନି। ଆମେ ବହୁ ଅଧ୍ୟବସାୟ କରି ଝାଳ ଓ ରକ୍ତ ବୁହାଇ ଦେଶ ପାଇଁ ଆଣିଥିବା ମଡେଲଗୁଡ଼ିକ ଏବେ ମୂଲ୍ୟହୀନ ହୋଇଯାଇଛି। ଦେଶର ବ୍ୟବସ୍ଥା ଆମ ପଦକଗୁଡ଼ିକୁ କେବଳ ପ୍ରୋପାଗଣ୍ଡା ପାଇଁ ଏକ ମାସ୍କ ଭାବେ ବ୍ୟବହାର କରୁଛି। ଆତ୍ମସମ୍ମାନ ପାଇଁ ଆମେ ଆଉ ସାଲିସ କରିପାରିବୁ ନାହିଁ। ତେଣୁ ଏହାକୁ ଗଙ୍ଗାନଦୀରେ ବିସର୍ଜନ କରିବାକୁ ଯାଉଛୁ। ଯନ୍ତରମନ୍ତରରୁ ପାର୍ଲାମେଣ୍ଟ ଅଭିମୁଖେ ☞ପୃଷ୍ଠା-୨

## ଆଜି ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱର ଅନ୍ତ ଘଟିଛି। ବୁଧବାର ପୂର୍ବାହ୍ନ ୧୧ଟାରେ ପରିଷଦ କାର୍ଯ୍ୟାଳୟରେ ୨୦୨୨-୨୩ ଶିକ୍ଷାବର୍ଷର ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇବାକୁ ଯାଉଛି। ଏନେଇ ମଙ୍ଗଳବାର ସିଏଚ୍ଏସ୍ଇ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଫଳାଫଳ ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟା ପରଠାରୁ ଛାତ୍ରୀଛାତ୍ର www.orissaresults.nic.inରେ ଲଗଇନ୍ କରି ସେମାନଙ୍କ ☞ପୃଷ୍ଠା-୨

## ୧୩,୫୬୮ ଯୁକ୍ତ୨ ସିଟ୍ ବୃଦ୍ଧି

ଭୁବନେଶ୍ୱର,୩୦।୫(ବ୍ୟୁରୋ)

୨୦୨୩-୨୪ ଶିକ୍ଷା ବର୍ଷରୁ ରାଜ୍ୟରେ ଯୁକ୍ତ୨ ସିଟ୍ ସଂଖ୍ୟା ବଢ଼ିବ। ମାଟ୍ରିକ ପରୀକ୍ଷାରେ ପାସ୍ ହାରକୁ ଦୃଷ୍ଟିରେ ରଖି ଯୁକ୍ତ୨ରେ ସିଟ୍ ଅଭାବ ଦୂର କରିବାକୁ ଏହି ନିଷ୍ପତ୍ତି ନିଆଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ (ଯୁକ୍ତ୨) ଖୋଲାଯିବା ପାଇଁ ପଦକ୍ଷେପ ନିଆଇଛି। ଫଳରେ ମୋଟ ୧୩୫୬୮ଟି ଯୁକ୍ତ୨ ସିଟ୍ ବୃଦ୍ଧି ପାଇବ। ୧୦୦ଟି ବିଦ୍ୟାଳୟରେ କଳା ଓ ୬ଟିରେ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରାଯିବ। ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ ସମନ୍ୱୟ ଏବେ

# ପାଇପ୍‌ଲାଇନ ତଳେ ଚାପିହୋଇ ଛାତ୍ରୀ ମୃତ

## କଟକରେ ଯାତାୟାତ ଦୁର୍ଦ୍ଦଶା

### ୨ ଦିନରେ ୨ ଜଣଙ୍କ ମୃତ୍ୟୁ

କଟକ ଅଫିସ,୩୦।୫

କଟକରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଯୋଗୁ ଯାତାୟାତ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ସୋମବାର ତାଳଦଣ୍ଡା କେନାଲରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହାର ୨୪ଘଣ୍ଟା ନ ପୂରୁଣୁ ମଙ୍ଗଳବାର ଜଣେ ଯୁକ୍ତ୨ ଛାତ୍ରୀ ଘରକୁ ଯାଉଥିବାବେଳେ ବାଟରେ ବକ୍ସ ଡ୍ରେନ୍ ଓ ହ୍ୟୁମ୍ ପାଇପ୍ ମଝିରେ ଚାପି ହୋଇ ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀ ହେଉଛନ୍ତି ଗମାଣ୍ଡିଆ ଅଞ୍ଚଳର ଏନ୍. ମୋହିନି। ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକ ଦୀର୍ଘଦିନ ଧରି ଅଧାପନ୍ତରିଆ ଭାବେ ପଡ଼ିରହିବା ଯୋଗୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅବହେଳା ଏଥିପାଇଁ ଦାୟୀ ହୋଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ଗମାଣ୍ଡିଆ ଅଞ୍ଚଳରେ ଦୀର୍ଘ ଦିନ ହେବ ଜାଇକା ବକ୍ସ ଡ୍ରେନ କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଲୋକମାନେ ସାଧାରଣଭାବେ ସେଠାରେ ଥିବା ଲୁହା ପୋଲ ଦେଇ ଯାତାୟାତ କରିଥାନ୍ତି। ପୋଲ ଉପରେ ୨ଟି ବଡ଼ ମୋଟା ହ୍ୟୁମ୍ ପାଇପ୍ ଯାଇଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ମୋହିନି ବକ୍ସ ଡ୍ରେନ୍ ପାର୍ଶ୍ୱରେ ଥିବା ପାଇପ୍ ତଳେ ଗଳି ଲୁହା ପୋଲକୁ ବାହାରିବା ସମୟରେ ପାଇପ୍‌ଲାଇନ ତାଙ୍କ ଉପରେ ପଡ଼ି ଯାଇଥିଲା। ସେ ସେଠାରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ମୋହିନିଙ୍କୁ ଉଦ୍ଧାର କରିବା ପାଇଁ ଲାଗିଥିଲେ। ହେଲେ ପାଇପ୍‌ଟି ଆକାରରେ ବଡ଼ ହୋଇଥିବାରୁ ମୋହିନିଙ୍କୁ ସେଠାରୁ ବାହାର କରାଯାଇ ପାରି ନ ଥିଲା। ପ୍ରାୟ ଦେଢ ଘଣ୍ଟା ମୋହିନି ପାଇପ ତଳେ ଚାପି ହୋଇରହିଥିଲେ। ପରେ ସ୍ଥାନୀୟ ଲୋକ ଲୁହା ପୋଲକୁ ଭାଙ୍ଗିବା ସହ ସେଠାରେ ଥିବା ଏକ ଜେସିବି ସାହାଯ୍ୟରେ ପାଇପ୍‌ଲାଇନକୁ ଉପରକୁ ଉଠାଇ ମୋହିନିଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା, ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତର ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ☞ପୃଷ୍ଠା-୨



ଏନ୍. ମୋହିନି

DSPL-60

ODISHA
INDIA'S BEST KEPT SECRET.

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ଓଡ଼ିଶା ଫୁଟବଲ ଏକାଡେମୀ, ଭୁବନେଶ୍ୱର ଫୁଟବଲ ଏକାଡେମୀ
ଓ କ୍ୟାପିଟାଲ ଫୁଟବଲ ଏରେନାର
ଶୁଭ ଉଦ୍ଘାଟନ
୩୧ ମଇ ୨୦୨୩



"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"



ଭୁବନେଶ୍ୱର ଫୁଟବଲ ଏକାଡେମୀ



ଓଡ଼ିଶା ଫୁଟବଲ ଏକାଡେମୀ



କ୍ୟାପିଟାଲ ଫୁଟବଲ ଏରେନା

OIPR-29001/13/0013/2324

**ଆଜିର ମନ୍ତବ୍ୟ**

"ଶିବସେନାର ଯେଉଁ ଏମ୍‌ପି ଏବଂ ବିଧାୟକମାନେ ଏବେ ନେତୃତ୍ୱ ବିରୋଧରେ ବିଦ୍ରୋହ କରୁଛନ୍ତି, ସେମାନେ ନିଶ୍ଚୟ ବୁଝିପାରୁଥିବେ, ଉଦ୍ଧବ ଭାଜପାଠାରୁ ଦୂରେଇ ଯିବା ଲାଗି ନେଇଥିବା ନିଷ୍ପତ୍ତି ଠିକ୍ ଥିଲା।

– ସଞ୍ଜୟ ରାଉତ, ଶିବସେନା(ୟୁବିଟି) ନେତା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ ଲେମ୍ବୁ ଲୁଣ;**
**ବାହାରେ ଦେଖାଏ ଚାତର ପଣ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରପୋଡ଼ିରୁ**
**କୁଟାଖିଏ ମିଳିଲେ ସହି।**

ଘର ପୋଡ଼ିଗଲେ ସବୁକିଛି ଜଳିପୋଡ଼ି ନଷ୍ଟ ହୋଇଯାଏ। ଦୈବାତ ସେଥିରୁ ଯଦି କିଛି ସୁରକ୍ଷିତ ରହିଯାଏ, ସେତେବେଳେ ସେତକହିଁ ଯଥେଷ୍ଟ ହୋଇଥାଏ। ସର୍ବସ୍ୱ ନଷ୍ଟ ହେଉଥିଲାବେଳେ ସେଥିରୁ ଯତ୍‌କିଞ୍ଚିତ ମିଳିଲେ ମଧ୍ୟ ତାହା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ସମସ୍ତ ତହସିଲରେ ଭର୍ଚୁଆଲ କୋର୍ଟ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

## ରାଜସ୍ୱ ବିଭାଗ ସମୀକ୍ଷା

### ୩୨,୩୯୬ ପରିବାର ବସୁନ୍ଧରା ଯୋଜନାରେ ସାମିଲ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗତ ୪ ବର୍ଷରେ କରାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ପରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ୨୦୧୯ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ବସୁନ୍ଧରା ଯୋଜନାରେ ପ୍ରଦାନ କରାଯାଉଥିବା ପଟ୍ଟାକୁ ଉଭୟ ସ୍ତ୍ରୀ ଏବଂ ସ୍ୱାମୀଙ୍କ ନାମରେ ରେକର୍ଡ କରାଯାଉଛି। ୩୨,୩୯୬ ପରିବାର ବସୁନ୍ଧରା ଯୋଜନାରେ ସାମିଲ ହୋଇଛନ୍ତି। ସେହିପରି ମହିଳାମାନଙ୍କୁ ଷ୍ଟାମ୍ପଡ୍ୟୁଟି ଉପରେ ୧ ପ୍ରତିଶତ ରିହାତି ଦିଆଯାଇଛି। ଏଥିସହିତ ୫–ଟି ରୂପାନ୍ତରଣ କାର୍ଯ୍ୟଗୁଡ଼ିକ ମଧ୍ୟରୁ ବିଭାଗର ୩୪ ସେବା ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ ହେଉଛି। ନାଗରିକମାନେ ଅନ୍‌ଲାଇନରେ ପୁରୁଣା ପଞ୍ଜୀକୃତ ଦଲିଲର ଦାଖଲ ଖାରଜ, ଚାଷଜମି କିସମର ଘରବାଡ଼ିକୁ ପରିବର୍ତ୍ତନ ଏବଂ ଆପୋସ ବୁଝାମଣାରେ ଜମି ବିଭାଜନ ମାମଲା ପାଇଁ ଆବେଦନ କରିପାରୁଛନ୍ତି। ୨୦୧୯ରୁ ପ୍ରାୟ ୩,୯୦,୦୦୦ ପଟ୍ଟା ୭ଦିନ ମଧ୍ୟରେ ଓ ୫୫,୦୦୦ ପଟ୍ଟା ଗୋଟିଏ ଦିନରେ ସଂଶୋଧନ କରାଯାଇ ସ୍ପିଡ୍ ପୋଷ୍ଟ କିମ୍ବା ରାଜସ୍ୱ ରଥ ମାଧ୍ୟମରେ ଆବେଦନକାରୀଙ୍କ ନିକଟକୁ ପଠାଯାଇଛି। ବିଭାଗ ତରଫରୁ ପ୍ରତ୍ୟେକ ମାସରେ କ୍ୟାମ୍ପ କୋର୍ଟ ମାଧ୍ୟମରେ ଆପୋସ ବୁଝାମଣାରେ ଜମି ବିଭାଜନ ଏବଂ ପ୍ରଜାଖାନା ସଂଶୋଧନ ନିମନ୍ତେ ୧୦୦ଟି ମାମଲା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜସ୍ୱ ବିଭାଗ ତରଫରୁ ସମସ୍ତ ତହସିଲରେ ଭର୍ଚୁଆଲ କୋର୍ଟ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ପ୍ରାୟ ୧୧,୧୮୩ ମାମଲା ଫଇସଲା ହୋଇପାରିଛି। ୨୦୧୯ରୁ ଲୋକମାନେ ଅନ୍‌ଲାଇନରେ ଜମି ଖଜଣା, ସେସ୍ ଏବଂ ଜଳକର ଦେଇ ପାରୁଛନ୍ତି। ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ବାର୍ଷିକ ଆୟର ମାନଦଣ୍ଡକୁ ୬୦,୦୦୦ ଟଙ୍କାରୁ ୧,୦୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ୯୦୨ ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ପରିବେଶର ସୁରକ୍ଷା ନିମନ୍ତେ ରାଜସ୍ୱ ବିଭାଗ ପ୍ରାୟ ୩୫,୦୦୦ ଏକର ଜମି କ୍ଷତିପୂରକ ବନୀକରଣ ପାଇଁ ସଂରକ୍ଷିତ ରଖିଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ବିଭାଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଗତ ୪ ବର୍ଷ ମଧ୍ୟରେ ନୂତନ ଭାବେ ୩୧୭ ଓଏଏସ୍ ଏବଂ ୧୧୦ ଓଆରଏସ୍, ୧୧୦୩ ଆରଆଇ, ୮୮୫ ଏଆରଆଇ ଏବଂ ୫୩୮ ଅମିନ ପଦବୀ ସୃଷ୍ଟି କରାଯାଇଛି। ଏହି ଅବଧି ମଧ୍ୟରେ ୯୯୧୨ ଓଏଏସ୍, ୬୪୫ ଓଆରଏସ୍, ୯୨୦ ଜେଆରଏସ୍, ୫୮୬ ଆର୍‌ଆଇ, ୫୭୬ ଏଆରଆଇ ଏବଂ ୫୩୮ ଅମିନଙ୍କୁ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠିତ ହୋଇଛି। ଏହି ଟାସ୍କଫୋର୍ସ ବିଭିନ୍ନ ସମସ୍ୟାର ବିଶ୍ଳେଷଣ କରି ପର୍ଯ୍ୟାୟ କ୍ରମେ ପ୍ରସ୍ତାବମାନ ଦେଉଛି। ଚକବନ୍ଦୀ ଅଧିନିୟମ, ୧୯୭୨ ଧାରା ୩୪କୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି ଏବଂ ଆଇନ ସଂଶୋଧନ ପ୍ରକ୍ରିୟା ଜାରି ରହିଛି। ଗ୍ରାମକଣ୍ଠ ପରମ୍ପୋକ, ନଜୁଲ, ଆବାଦୀ, ଖାସମାହାଲ ଜମିର ବନ୍ଦୋବସ୍ତ ପାଇଁ ଉଦ୍ଦିଷ୍ଟ ସଲାମିକୁ ୨୦ରୁ ୦୨ ପ୍ରତିଶତକୁ କମାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି।

# ଅନ୍ୱେଷାରେ ସାମିଲ ହେବେ ଆଉ ୧୫୦୦ ଛାତ୍ରୀଛାତ୍ର

ଭୁବନେଶ୍ୱର,୩୦।୫(ବ୍ୟୁରୋ)




## ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ସମୀକ୍ଷା

ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ପାଠ୍ୟକ୍ରମରେ ଏସ୍‌ସି ଏବଂ ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ସହରାଞ୍ଚଳର ବିଭିନ୍ନ ଇଂଲିଶ ମାଧ୍ୟମ ପବ୍ଲିକ ସ୍କୁଲରେ ନାମ ଲେଖାଇ ଇଂଲିଶ ମାଧ୍ୟମ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ୨୦୧୫–୧୬ରୁ ଅନ୍ୱେଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ଏଭଳି ୮୦ଟି ହଷ୍ଟେଲ ଥିବାବେଳେ ଏଥିରେ ପ୍ରାୟ ୨୨ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଚଳିତ ବର୍ଷ ଆଉ ୧୫୦୦ ଛାତ୍ରୀଛାତ୍ର ଅନ୍ୱେଷା ଯୋଜନାରେ ସାମିଲ ହେବେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏହି ସୂଚନା ଦେଇଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭାଗର ଗତ ୪ ବର୍ଷର ଲକ୍ଷ୍ୟ ଓ ସଫଳତା ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗୀତଗୋବିନ୍ଦ ସଦନରେ ଖବରଦାତାମାନଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ପାଖାପାଖି ୪.୨ ଲକ୍ଷ ପରିବାରର ୬ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ବିଭାଗ ଅଧୀନ ୧୭୩୫ଟି ବିଦ୍ୟାଳୟରେ ଅଧ୍ୟୟନରତ ଅଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ବିଭାଗରେ ହାଇସ୍କୁଲ ସଂଖ୍ୟା ୨୧୫ରୁ ୪୨୨କୁ ବୃଦ୍ଧି ପାଇଛି। ସେହିପରି ଅନୁସୂଚିତ ଜନଜାତି ଓ ଜାତି ପିଲାଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରଦାନ ପାଇଁ ୬୨ଟି ଉତ୍ସର୍ଗୀକୃତ ଉଚ୍ଚମାଧ୍ୟମିକ ସ୍କୁଲ ଖୋଲାଯାଇଛି। ପିଭିଟିଜି ସମ୍ପ୍ରଦାୟ ଥିବା ୧୭ଟି କ୍ଷୁଦ୍ର ପ୍ରକଳ୍ପ ଅଞ୍ଚଳରେ ୨୦୦୭–୦୮ରୁ ପ୍ରଥମରୁ ଦଶମ ୧୭ଟି ଉତ୍ସର୍ଗୀକୃତ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି। ଆଦିବାସୀ ଉପଯୋଜନା ଅଞ୍ଚଳରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ପାଇଁ ସିବିଏସ୍‌ଇ ପାଠ୍ୟକ୍ରମରେ ଆବାସିକ ଇଂଲିଶ ମାଧ୍ୟମ ଶିକ୍ଷା ପ୍ରଦାନ କରିବା ପାଇଁ ୨୦୧୯ରୁ ୧୦ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟ କରୁଛି। ସିବିଏସ୍‌ଇ ପାଠ୍ୟକ୍ରମରେ ଆବାସିକ ଇଂଲିଶ ମାଧ୍ୟମ ଶିକ୍ଷା ପ୍ରଦାନ କରିବା ପାଇଁ ବ୍ରହ୍ମପୁରରେ ୨୦୧୮–୧୯ରେ ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ବିଶେଷକରି ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଡ୍ରପ୍‌ଆଉଟ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ କେବିକେ ହଷ୍ଟେଲ ଏବଂ ୧୮୮ଟି ସ୍ୱତନ୍ତ୍ର ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଛି। ବିଭାଗ ଅଧୀନରେ ଆସୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟପୁସ୍ତକ, ୟୁନିଫର୍ମ ଓ ଭୋଜନ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅଷ୍ଟମ ଶ୍ରେଣୀ ସହ ବିଭାଗ ଅଧୀନରେ ଥିବା ସମସ୍ତ ହାଇସ୍କୁଲକୁ ସ୍ମାର୍ଟକ୍ଲାସ୍‌ରୁମ ଓ ସମସ୍ତ ୫–ଟି ସୁବିଧା ଯୋଗାଇ ଦେବାକୁ ଯାଉଛି ବୋଲି ସେ ପ୍ରକାଶ କରିଥିଲେ। ୨୦୨୩–୨୪ବର୍ଷ ପାଇଁ ୨୩ଟି ସ୍ୱତନ୍ତ୍ର ବିକାଶ ପରିଷଦ ନିମନ୍ତେ ୨୨୨.୩ କୋଟି ଟଙ୍କା ବଜେଟ କରାଯାଇଛି। ଏହା ଦ୍ୱାରା ଓଡ଼ିଶାରେ ରହୁଥିବା ୬୨ଟି ଆଦିବାସୀ ସମ୍ପ୍ରଦାୟର ତଥା ୧୩ଟି ଅତି ସମ୍ବେଦନଶୀଳ ଜନଜାତିଙ୍କ ଜୀବନରେ ପରିବର୍ତ୍ତନ କରିବାରେ ବିଭାଗ ସକ୍ଷମ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି।

ମୋ ଜଙ୍ଗଲ ଜମି ଯୋଜନା ବା ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ପ୍ରକ୍ରିୟାକୁ ସଂଶୋଧନ କରି ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଉଛି। ବିଭାଗୀୟ ଶାସନ ସଚିବ ରୂପା ରୋଶନ ସାହୁ ପାୱାର ପଏଣ୍ଟ ଜରିଆରେ ବିଭାଗର ସଫଳତା ଓ ବିଭିନ୍ନ ଯୋଜନାର ରୂପାୟନ ନେଇ ତଥ୍ୟ ଉପସ୍ଥାପନ କରିଥିଲେ।

ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ପାଇପ୍‌ଲାଇନ ତଳେ...



ହ୍ୟୁମ୍ ପାଇପ୍ ତଳେ ଚାପି ହୋଇଯାଇଥିବା ଛାତ୍ରୀ ଏନ୍ ମୋହିନୀ।

ପରେ ପରିବାର ଲୋକ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୋହିନିଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ଛାତ୍ରୀ ମୃତ୍ୟୁ ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି ୱାଟ୍‌କୋ ଡ୍ରେନେଜ ବିଭାଗ ଜେନେରାଲ ମ୍ୟାନେଜର ଅଚ୍ୟୁତ ବିଜୟାନନ୍ଦ କହିଛନ୍ତି। ଅନ୍ୟତ୍ର ଯାତାୟତ କରିବା ପାଇଁ ଲୋକଙ୍କୁ ଅଲଗା ରାସ୍ତା ଦିଆଯାଇଛି। ହେଲେ ଲୋକ ଏହା ନ ମାନି ସେହି ରାସ୍ତା ଦେଇ ଯାଉଛନ୍ତି। ପାଇପ୍‌ଲାନକୁ ଯଦି ରାସ୍ତାଉପରେ ବିଛା ଯାଇଥାନ୍ତା ତେବେ ରାସ୍ତା ବନ୍ଦ ହୋଇଯାଇଥାନ୍ତା। ଲୋକମାନଙ୍କ ଅସୁବିଧା ନ ହେବା ପାଇଁ ପାଇପକୁ ପୁରୁଣା ରାସ୍ତାରେ ବିଛା ଯାଇଛି। ମାତ୍ର ଲୋକମାନେ ବୁଝୁ ନାହାନ୍ତି। ପୁରୁଣା ରାସ୍ତାରେ ଯିବା ଆସିବା କରିବାରୁ ଏଭଳି ଘଟଣା ଘଟିଲା ବୋଲି ବିଜୟାନନ୍ଦ କହିଛନ୍ତି। ଲୋକଙ୍କ ସୁବିଧା ପାଇଁ ଆମେ ଦ୍ରୁତ ଗତିରେ କାର୍ଯ୍ୟ କରୁଛୁ। ଏଥିପାଇଁ ଲୋକମାନେ ମଧ୍ୟ ସହଯୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସୂଚନା ଥାଉକି ସୋମବାର କନ୍ଦରପୁର ଥାନା ଅନ୍ତର୍ଗତ ସର୍ତ୍ତୋଳ ଅଞ୍ଚଳର ଜ୍ଞାନରଞ୍ଜନ ଜେନା ଓ ତାଙ୍କ ସ୍ତ୍ରୀ ଏବଂ କାର୍ ସମେତ ତାଳଦଣ୍ଡା କେନାଲରେ ପଡ଼ିଯାଇଥିଲେ। ଏଥିରେ ଜ୍ଞାନରଞ୍ଜନଙ୍କର ମୃତ୍ୟୁ ଘଟିଥିଲା।

## ଆଜି ଯୁକ୍ତ୨ ବିଜ୍ଞାନ...

ପରୀକ୍ଷାଫଳ ଜାଣିପାରିବେ। ତେବେ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ନେଇ ତାରିଖ ସ୍ଥିର ହୋଇ ନ ଥିବା ସୂଚନା ଦିଆଯାଇଛି। ସୂଚନା ଥାଉକି, ରାଜ୍ୟର ୧,୧୪୫ଟି ପରୀକ୍ଷା କେନ୍ଦ୍ରରେ ମାର୍ଚ୍ଚ ୧ରୁ ଏପ୍ରିଲ ୫ ଯାଏ +୨ ପରୀକ୍ଷା ଚାଲିଥିଲା। ଏଥିପାଇଁ ମୋଟ ୩ ଲକ୍ଷ ୫୭ହଜାର ୯୪୨ଜଣ ରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ରହିଥିଲେ। ସେହିପରି ଯୁକ୍ତ ୨ବିଜ୍ଞାନରେ ୯୩ ହଜାର ୮୯୪, ବାଣିଜ୍ୟରେ ୨୪ ହଜାର ୩୩୧ ଓ ଧନ୍ଦାମୂଳକ ଶିକ୍ଷାରେ ୫,୮୬୨ଜଣ ଛାତ୍ରୀଛାତ୍ର ରହିଥିଲେ। ଅନ୍ୟପକ୍ଷରେ ଏକ୍ସରେଗୁଲାର ପରୀକ୍ଷା ପାଇଁ ୧ଲକ୍ଷ ୭୭ହଜାର ୨୦୪ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେହିପରି ଜୁନ୍ ୮ରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳାଫଳ ପ୍ରକାଶ ନେଇ କୁହାଯାଉଥିଲେ ମଧ୍ୟ ପରିଷଦ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ।

## ୧୩,୫୬୮ ଯୁକ୍ତ୨...

ଏହି ବିଦ୍ୟାଳୟଗୁଡ଼ିକରେ ୨ଟି ଲେଖାଏ ସେକ୍ସନ ଖୋଲିବା ପାଇଁ ସ୍ଥିର ହୋଇଛି। ପ୍ରତ୍ୟେକ ସେକ୍ସନରେ ୬୪ଜଣ ଲେଖାଏ ମୋଟ ୧୨୮ ଛାତ୍ରୀଛାତ୍ର ନାମ ଲେଖାଇବେ। ଅନ୍ୟପଟେ ପ୍ରଧାନଶିକ୍ଷକମାନେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବେ। ଏଥିପାଇଁ ସେମାନଙ୍କୁ ରାଜ୍ୟସ୍ତରରେ ତାଲିମ ଦିଆଯାଇଛି। ଏଥିସହ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଅତିଥି ଶିକ୍ଷକ ନିଯୋଜନ ପ୍ରକ୍ରିୟା ଚାଲୁ ରହିଛି। ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ହୋଇଥିବାବେଳେ ୨୦୨୩ ଶେଷ ସୁଦ୍ଧା ରାଜ୍ୟରେ ସବୁ ହାଇସ୍କୁଲରେ ଆଇଟି ଲାବ୍ ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ରିଜ୍‌ଭୂଷଣଙ୍କୁ ୫ ଦିନରେ...

ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଦିଲ୍ଲୀ ପୋଲିସଠାରୁ ଗୋଇଠା ଓ ଲାଠିମାଡ଼ ଖାଇବାର ଦୁଇଦିନ ପରେ କୁସ୍ତିଯୋଦ୍ଧାମାନେ ମଙ୍ଗଳବାର କେନ୍ଦ୍ର ସରକାର ବିରୋଧରେ ଏଭଳି ଭାବେ ସ୍ୱର ଉତ୍ତୋଳନ କରିଥିଲେ। ସେମାନେ ଦିଲ୍ଲୀରୁ ହରିଦ୍ୱାର ଯାଇ ହର୍ କୀ ପୌରି ଘାଟରେ ନିଜ ନିଜ ମେଡାଲ ଭସାଇବାକୁ ବାହାରିଥିଲେ। କିନ୍ତୁ କୃଷକ ନେତା ନରେଶ ଟିକାଏତ୍ ସେଠାରେ ପହଞ୍ଚି ବୁଝାଶୁଝା କରିବା ପରେ କୁସ୍ତିଯୋଦ୍ଧାମାନେ ଫେରିଯାଇଛନ୍ତି। ଏଥିସହ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଗିରଫ କରିବା ପାଇଁ ୫ ଦିନିଆ ମହଲତ ଦେଇଛନ୍ତି। ୫ ଦିନ ମଧ୍ୟରେ ତାଙ୍କୁ ଗିରଫ କରା ନ ଗଲେ ସେମାନେ ପୁଣି ହରିଦ୍ୱାର ଯାଇ ମେଡାଲ ବିସର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମଙ୍ଗଳବାର ସନ୍ଧ୍ୟା ୬ଟାରେ ଭାରତୀୟ କ୍ରୀଡ଼ା ଇତିହାସରେ ଏକ ଅପ୍ରତ୍ୟାଶିତ ଚିତ୍ର ଦେଖିବାକୁ ମିଳିଥିଲା। ଡବ୍ଲୁଏଫ୍‌ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଆଣି ତାଙ୍କ ଗିରଫଦାରି ଦାବି କରୁଥିବା ଅଲିମ୍ପିକ୍ ପଦକଧାରୀ କୁସ୍ତିଯୋଦ୍ଧାମାନେ ଅନ୍ୟ ଉପାୟ ନ ପାଇ ଶେଷରେ ଉତ୍ତରାଖଣ୍ଡ ଯାଇଥିଲେ। ସେମାନେ ନିଜ ନିଜ ମେଡାଲକୁ ବିଦାୟ ଜଣାଇ ହରିଦ୍ୱାର ଗଙ୍ଗାନଦୀରେ ବିସର୍ଜନ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ଅଧ୍ୟକ୍ଷ ନରେଶ ଟିକାଏତ୍ ସେଠାରେ ପହଞ୍ଚି କୁସ୍ତିଯୋଦ୍ଧାମାନଙ୍କୁ ଅଟକାଇଥିଲେ। ସେମାନଙ୍କଠାରୁ ମେଡାଲ ନେଇ ସମସ୍ୟାର ସମାଧାନ ପାଇଁ ୫ ଦିନ ମାଗିଥିଲେ। ଟିକାଏତ୍ କହିଥିଲେ, କେନ୍ଦ୍ର ସରକାର କୁସ୍ତିଯୋଦ୍ଧାମାନଙ୍କ କଥା ଶୁଣିବା ପରିବର୍ତ୍ତେ ଡବ୍ଲୁଏଫ୍‌ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛନ୍ତି। ବୁଧବାର ଖାପ୍ ବୈଠକ ହେବ।

ପ୍ରକାଶ ଯେ, ଗତ ଜାନୁୟାରୀରେ ୭ ଜଣ ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ତାଙ୍କୁ ଡବ୍ଲୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ଓ ଗିରଫ କରିବା ଦାବିରେ ସେମାନେ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ମନ୍ତ୍ରଣାଳୟର ହସ୍ତକ୍ଷେପ ପରେ ମଧ୍ୟ ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରରେ ଗତ ଏପ୍ରିଲ ୨୩ରୁ ପୁଣି ଧାରଣା ଦେଇଥିଲେ। ଏତଲା ସତ୍ତ୍ୱେ ଦିଲ୍ଲୀ ପୋଲିସ ଏଫ୍‌ଆଇଆର୍ ନ କରିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ପରେ ଦିଲ୍ଲୀ ପୋଲିସ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୨ଟି ଏଫ୍‌ଆଇଆର୍ ରୁଜୁ କରିଥିଲା। ଜଣେ ନାବାଳିକା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ଆଧାରରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ (ପୋକ୍ସୋ) ଆଇନ ବଳରେ ପ୍ରଥମ ମାମଲା ରୁଜୁ ହୋଇଥିବାବେଳେ ଶାଳୀନତା ଭଙ୍ଗ ଅଭିଯୋଗରେ ଦ୍ୱିତୀୟ ଏଫ୍‌ଆଇଆର୍ ହୋଇଛି। କିନ୍ତୁ ବାହୁବଳି ତଥା ପ୍ରଭାବଶାଳୀ ଭାଜପା ନେତା ବ୍ରିଜ୍‌ଭୂଷଣଙ୍କୁ ଅଦ୍ୟାବଧି ଗିରଫ କରାଯାଇ ନାହିଁ। ଏହାର ପ୍ରତିବାଦରେ ରବିବାର ସକାଳେ କୁସ୍ତିଯୋଦ୍ଧାମାନେ ମହିଳା ମହାପଞ୍ଚାୟତ ଆୟୋଜନ ପାଇଁ ଯନ୍ତରମନ୍ତର ଧାରଣାସ୍ଥଳରୁ ନୂଆ ସଂସଦ ଭବନ ଅଭିମୁଖେ ବାହାରିଥିଲେ। କିନ୍ତୁ ଦିଲ୍ଲୀ ପୋଲିସ ସେମାନଙ୍କୁ ମାଡ଼ ମାରି ବସ୍‌ରେ ବିଭିନ୍ନ ସ୍ଥାନକୁ ନେଇଯାଇଥିଲା। ଆଇନ ଉଲ୍ଲଂଘନ ଓ ଶାନ୍ତିଶୃଙ୍ଖଳା ଭଙ୍ଗ ଅଭିଯୋଗରେ କୁସ୍ତିଯୋଦ୍ଧାଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ଯନ୍ତରମନ୍ତରରେ ମାସାଧିକ କାଳ ଧାରଣା ଦେବା ପରେ ମଧ୍ୟ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ପ୍ରଥମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଦକ ଫେରାଇବା ପାଇଁ ମନସ୍ଥ କରିଥିଲେ। କିନ୍ତୁ ଧାରଣାସ୍ଥଳରୁ ମାତ୍ର ୨ କି.ମି. ଦୂରରେ ଥାଇ ସୁଦ୍ଧା ମହିଳା ରାଷ୍ଟ୍ରପତି ସବୁକିଛି ଦେଖୁଥିଲେ। କିନ୍ତୁ ସେ କିଛି କହିଲେ ନାହିଁ। ତେଣୁ ତାଙ୍କୁ ମେଡାଲ ଫେରାଇବାର କୌଣସି ଯଥାର୍ଥତା ନାହିଁ ବୋଲି କୁସ୍ତିଯୋଦ୍ଧାମାନେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମକୁ ଦେଶର ଝିଅ ବୋଲି ସମ୍ବୋଧନ କରୁଥିଲେ। ସେ ବି ଥରୁଟିଏ ଆମ କଥା ଶୁଣିବାକୁ ଚାହିଁଲେନି। ଓଲଟା ଅଭିଯୁକ୍ତ ବ୍ରିଜ୍‌ଭୂଷଣଙ୍କୁ ନୂଆ ସଂସଦ ଭବନ ଉଦ୍‌ଘାଟନକୁ ନିମନ୍ତ୍ରଣ କଲେ। ବ୍ରିଜ୍‌ଭୂଷଣ ସେଠାରେ ଚକଚକିଆ ପୋଷାକ ପିନ୍ଧି ନିଜ ଫଟୋ ଉଠାଉଥିଲେ। ଏହି ଦୃଶ୍ୟ ଆମକୁ ଯନ୍ତ୍ରଣା ଦେଇ କହୁଥିଲା, ମୁଁ ହେଉଛି ସିଷ୍ଟମ୍। ରେସଲର୍ ସାକ୍ଷୀ ମଲିକ, ଭିନେଶ ଫୋଗତ ଓ ବଜରଙ୍ଗ ପୁନିଆ ଏକ ପତ୍ରରେ ଏପରି ଉଲ୍ଲେଖ କରି ତାକୁ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ଦିଲ୍ଲୀ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁମିଳନ ସହ କୌଣସି ଆନୁଷ୍ଠାନିକ କାମରେ ସାହାଯ୍ୟ କରି ପ୍ରଶଂସିତ ହେବେ। କିଛିଟା ଭଲ ସହ ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। କୃତ୍ତିକା ନକ୍ଷତ୍ର ଠିକ୍ ନିଷ୍ପତ୍ତି ନେଇ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ।

**ବୃଷ**
ଆଜି ଆପଣଙ୍କ କଥା ଓ କାମ ସରସ, ସୁନ୍ଦର ହୋଇପାରିବ। ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ଆପଣଙ୍କ ବୁଦ୍ଧିମତ୍ତା ହିଁ ସେହିକ୍ଷେତ୍ର ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବ। କୌଣସି ଆଲୋଚନାରେ ତର୍କ ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ରୋହିଣୀ ମନୋରଞ୍ଜନର ଖୁରାକ ଯୋଗାଇବାରେ ବନ୍ଧୁ ସହଯୋଗ କରିବେ।

**ମିଥୁନ**
ପାରିବାରିକ ସମସ୍ୟାରେ ନୟାନ୍ତ ହେବେ। ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ଓ ଈର୍ଷାପରାୟଣ ବ୍ୟକ୍ତି ନିନ୍ଦା ଗାଇ ବୁଲିବେ। ଘରକୁ ଆସି ଫେରି ଯାଇଥିବା ବନ୍ଧୁ ପୁଣି ଲେଉଟି ଆସିବାରୁ ମନରେ ସରସତା ରହିବ ନାହିଁ। ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ।

**କର୍କଟ**
ହାତର ସୁନା ଭେଣ୍ଡି ପରି ନିଜ ଲୋକ ଦାଉ ସାଧିଲେ କାହାକୁ କହିପାରିବେ ନାହିଁ। ଆଜି ଘରେ ହେଉ କିମ୍ବା ଅଫିସରେ ଅନ୍ୟମାନଙ୍କ ବେଖାତିର ମନୋଭାବ ହେତୁ ଟିକିଏ କଥାରେ ରାଗିବେ। ଅଶ୍ଳେଷା ସକାଶେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବେ। ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ।

**ସିଂହ**
ଘର ନିଆଁ ବୋଲି କାନି ପଣତରେ ସାଇତି ରଖିଲେ ଯେପରି ଅବସ୍ଥା ହୁଏ ପାରିବାରିକ ସ୍ଥିତି ସେହିପରି ରହିବ। ମଘା ପାଇଁ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇପାରନ୍ତି। ବିଦେଶ ଯାତ୍ରାକୁ ମନବଳାଇବେ।

**କନ୍ୟା**
ଭୁଲ୍ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରିବେ। ଉତ୍ତରାଫାଲ୍‌ଗୁନୀ ନିଜ ପରିସରରେ କୌଣସି ସ୍ୱର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ଅସାବଧାନତା କାରଣରୁ ସୁନା,ଅଳଙ୍କାର ହଜି ଯାଇପାରେ।

**ତୁଳା**
ମନ ଯଦି ଗଙ୍ଗା,ଗାଡ଼ିଆ ହୁଏ ଗଙ୍ଗାପରି ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କାମକୁ ସେହି ଦୃଷ୍ଟିକୋଣରୁ କରିବେ। ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରହନ୍ତୁ,ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବାନ୍ଧବୀଟି କ୍ରମଶଃ ଦୂରେଇ ଯିବ। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇଯାଇପାରେ।

**ବିଛା**
ଅନ୍ୟମାନଙ୍କୁ ସତ୍ ପରାମର୍ଶ ଦେବେ କିନ୍ତୁ ନିଜେ ପାଳନ କରିବା କାଠିକର ପାଠ ହୋଇପାରେ। ବିଶାଖା ନକ୍ଷତ୍ର ଲକ୍ଷ୍ୟଭ୍ରଷ୍ଟ ହୋଇ ଅସଲ କାମ ଛାଡି ମରୀଚିକା ପଛରେ ଦୌଡି ପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ଧନୁ**
ନିଜକୁ ସମ୍ଭାଳି ନେଇ ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାନ୍ତୁନାହିଁ। ବିଭିନ ସମସ୍ୟା ଭିତରେ ଆଜି ସାହାଯ୍ୟ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହେବେ। ତେଣେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମକର**
ଗ୍ରହମାନଙ୍କ ଅନୁକୂଳତାରୁ ପ୍ରତ୍ୟେକ ପରିସ୍ଥିତିକୁ ସୁଧାରି ନେବାରେ ସାହାଯ୍ୟ କରିବେ। ଶ୍ରବଣା ନକ୍ଷତ୍ରର ବନ୍ଧୁଙ୍କ ଆଗମନ ଯୋଗୁ ମଉଜରେ ସମୟ ଅତିବାହିତ କରିପାରନ୍ତି। କର୍ମକ୍ଷେତ୍ରରେ ଖଳ ଲୋକଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଉତ୍ତରାଷାଢ଼ା ନକ୍ଷତ୍ର ଅନ୍ୟମନସ୍କ ହେତୁ ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ**
ଅବହେଳା ଯୋଗୁ କେତେକ କାମ ସକାଶେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅବସ୍ଥାରେ ଉନ୍ନତି ନ ହେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେବେ।

**ମୀନ**
ହରି ରଖେ ମାରେ କିଏ ? ହରି ମାରେ ରଖେ କିଏ ? ପରି ବୃହସ୍ପତିଙ୍କ ଶୁଭ ଦୃଷ୍ଟି କର୍ମସ୍ଥାନକୁ ଥିବାରୁ ସମସ୍ତ ବିପଦରୁ ରକ୍ଷାପାଇବେ। ଅତୀତ ଘଟଣାକୁ ନେଇ ଯେତିକି ଯେତିକି ଅଧିକ ଭାବୁଥିବେ ସେତିକି ସେତିକି ମନଟା ଅଧିକ ଖରାପ ଲାଗିବ। ଉତ୍ତରଭାଦ୍ରବ ନକ୍ଷତ୍ର ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ସର୍ବସମ୍ମତ ନିର୍ଜଳା ଏକାଦଶୀ ବୁଧବାର, ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଏକାଦଶୀ ଓ ବିବାହ ମହୋତ୍ସବ, ଚମ୍ପକଦ୍ୱାଦଶୀ ଯାତ୍ରା, ମେ ୩୧ ତାରିଖ, ଆଦିଶକ୍ତି ଗାୟତ୍ରୀ ଜୟନ୍ତୀ, ବିଶ୍ୱତମାଖୁ ନିରୋଧୀ ଦିବସ, ରାଶି ନକ୍ଷତ୍ର–ଚିତ୍ରା/କନ୍ୟା, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୭.୪୮ମି. ଗତେ ଘ.୦୮.୨୭ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁକାଳ।

# ପଢ଼ାଖର୍ଚ୍ଚ ପାଇଁ ରମାଦେବୀର ବଣ୍ଡା ଛାତ୍ରୀ ଦିନମଜୁରିଆ

**ବଣ୍ଡା ଜନଜାତିଙ୍କ ବିକାଶ ପାଇଁ ପ୍ରଶାସନିକ ସ୍ତରରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେମାନଙ୍କ ଉତ୍ଥାନ ସକାଶେ ପ୍ରଣୟନ କରାଯାଇଥିବା ଯୋଜନା ବିଷୟରେ ଜନସଚେତନତା ସୃଷ୍ଟି କରାଯାଉଛି। ଏହି ଆଦିମ ଅଧିବାସୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଲେ ସେହି ବର୍ଗ ସଶକ୍ତ ହୋଇପାରିବ ବୋଲି କୁହାଯାଉଛି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ପ୍ରଚାର ଅନୁଯାୟୀ ପଦକ୍ଷେପ ନିଆଯାଇପାରୁ ନ ଥିବା ପରିଲକ୍ଷିତ ହେଉଛି। ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ପଢୁଥିବା ବଣ୍ଡା ଛାତ୍ରୀ କର୍ମା ମୁଦୁଲି ନିଜ ପଢ଼ା ଜାରି ରଖିବା ଲାଗି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ବଣ୍ଡାଘାଟି ଅଞ୍ଚଳରେ ଦିନମଜୁରିଆ ସାଜିବା ଚର୍ଚ୍ଚାର ବିଷୟ ହୋଇଛି।**


ମୂଲ ଖଟୁଛନ୍ତି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ଛାତ୍ରୀ କର୍ମା ମୁଦୁଲି।

### ଯୁକ୍ତ ୨ ବାଣିଜ୍ୟରେ ମାଲକାନଗିରି ଜିଲା ଟପ୍ପର ଥିଲେ

ମାଲକାନଗିରି,୩୦ା୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ବଣ୍ଡାଘାଟିର ୫ ପଞ୍ଚାୟତରେ ୩୫ରୁ ଊର୍ଦ୍ଧ୍ୱ ଗ୍ରାମରେ ବଣ୍ଡା ଜନଜାତି ବସବାସ କରୁଛନ୍ତି। ଗତବର୍ଷ ମାଲକାନଗିରି ଜିଲାରେ ଯୁକ୍ତ ୨ ବାଣିଜ୍ୟରେ ବଣ୍ଡାଘାଟି ବାଣ୍ଡିପଡ଼ା ଗ୍ରାମର ଛାତ୍ରୀ କର୍ମା ମୁଦୁଲି ଗୋବିନ୍ଦପାଲ୍ଲୀ ମହାବିଦ୍ୟାଳୟରେ ଅଧ୍ୟୟନ କରି ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଜିଲାରେ ପ୍ରଥମ ହୋଇଥିଲେ। ପରେ କର୍ମାଙ୍କୁ ବିଭିନ୍ନ ସ୍ଥାନରୁ ପ୍ରଶଂସାର ସୁଅ ଛୁଟିଥିଲା। ୨୦୨୨ ଅଗଷ୍ଟ ୧୪ରେ ମାଲକାନଗିରି ସଦର ମହକୁମାରେ ଉତ୍କଳ ସାମ୍ବାଦିକ ସଂଘ ତରଫରୁ କରାଯାଇଥିବା କାର୍ଯ୍ୟକ୍ରମରେ ତତ୍କାଳୀନ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ତାଙ୍କୁ ସମ୍ମାନିତ କରିଥିଲେ। ସେହିପରି ଅଗଷ୍ଟ ୧୫ରେ ରାଜ୍ୟ ସରକାରଙ୍କ ତରଫରୁ ମାଲକାନଗିରି ଜିଲାସ୍ତରୀୟ ପରେଡରେ ଶିକ୍ଷାମନ୍ତ୍ରୀ ସ୍ୱତନ୍ତ୍ର ଭାବେ କର୍ମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହି ସମୟରେ ବିଭିନ୍ନ ଗଣମାଧ୍ୟମରେ ତାଙ୍କ ସଫଳତାକୁ ପ୍ରସାର କରାଯାଇ ବଣ୍ଡା ଜନଜାତିଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆସିଥିବା ପ୍ରଚାର କରାଯାଇଥିଲା। ଏପରିକି ରାଜ୍ୟପାଳ ମଧ୍ୟ ଟୁଇଟ୍ କରି କର୍ମାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ଜିଲା ପ୍ରଶାସନ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ରେ କର୍ମାଙ୍କ ନାମ ଲେଖାଇ କେତେକ ପୁସ୍ତକ ଓ ନୋଟ୍‌ବୁକ ଦେଇଥିଲା। ହେଲେ ଅର୍ଥାଭାବ ଯୋଗୁ ରହିବା ଓ ଖାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଲା। ପଢ଼ା ଖର୍ଚ୍ଚ ତୁଲାଇବା ଲାଗି କିଛି ଗୋଟେ କରିବା ଦରକାର ବୋଲି ମନସ୍ଥ କରି ଖରାଛୁଟିରେ ଦିନମଜୁରିଆ ହେବାକୁ ବାଧ୍ୟ ହେଲେ।

ନିଜର ଦୟନୀୟ ସ୍ଥିତିକୁ ଧରି ମାଲକାନଗିରିରୁ ଭୁବନେଶ୍ୱର ତାଙ୍କ ଶିକ୍ଷାଯାତ୍ରା ଏକ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଥିଲା। ବିଶ୍ୱବିଦ୍ୟାଳୟ ଛାତ୍ରୀ ଥାଇ ମୂଲ ଲାଗିବା ସଂକ୍ରାନ୍ତରେ ପ୍ରଶ୍ନ ହେବାରୁ କର୍ମା କହିଛନ୍ତି, ଭୁବନେଶ୍ୱର ଭଳି ଜାଗାରେ କେବଳ ନାମ ଲେଖାଇଦେଲେ ହେବ ନାହିଁ। ରହିବା ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ତାଙ୍କ ପରିବାର ପକ୍ଷେ ସମ୍ଭବ ନୁହେଁ। ତେଣୁ ବାଧ୍ୟହୋଇ ସେ ଭୁବନେଶ୍ୱରରୁ ଆସି ମାଲକାନଗିରିରେ ଅର୍ଥ ଉପାର୍ଜନ ପାଇଁ ମୂଲ ଲାଗୁଛନ୍ତି। ଦୈନିକ ୨୫୦ ଟଙ୍କା ମଜୁରି ମିଳୁଥିବାରୁ ତାହାକୁ ସଞ୍ଚୟ କରି ସେ ପୁନର୍ବାର ଭବନେଶ୍ୱର ଯାଇ ନିଜ ଖର୍ଚ୍ଚ ସହ ପାଠ୍ୟ ଉପକରଣ କିଣି ପଢ଼ାପଢ଼ି କରିପାରିବେ ବୋଲି କହିଛନ୍ତି।

କର୍ମାଙ୍କୁ ଛାଡ଼ିଦେଲେ ପରିବାରର ଅନ୍ୟମାନେ ଦିନ ମଜୁରିଆ। ୪ ଭଉଣୀ ଓ ଭାଇଙ୍କ ମଧ୍ୟରେ କେବଳ ସେ ହିଁ ପାଠ ପଢୁଛନ୍ତି। ଉଚ୍ଚଶିକ୍ଷା ପାଇଁ ଦୃଢ଼ମନା ଏହି ମେଧାବୀ ଛାତ୍ରୀ ଆଗକୁ ବଢ଼ିବାକୁ ହେଲେ ଅର୍ଥର ଆବଶ୍ୟକତା ପାଇଁ ସେ ବାଧ୍ୟହୋଇ ଅନ୍ୟ ସମୟରେ ଦିନ ମଜୁରିଆ ହେବେ ବୋଲି କହିବା ପରେ ତାଙ୍କ ସଂଘର୍ଷର କାହାଣୀ ଏବେ ଗଣମାଧ୍ୟମ ବିଶେଷକରି ସୋସିଆଲ ମିଡିଆରେ ଜୋରଦାର ଆଲୋଚନା ହେଉଛି ।

# ୧୫ ପରିବାର ଗାଁରୁ ବାସନ୍ଦ

## ଖୁଡୁଖୁଡ଼ି ଖେଳ ସମ୍ପର୍କରେ ପୋଲିସକୁ ଖବର ଦେବାରୁ ମିଳିଛି ଦଣ୍ଡ

କୋଷାଗୁମୁଡ଼ା/ନବରଙ୍ଗପୁର, ୩୦।୫(ଡି.ଏନ୍.ଏ./ସ୍ୱ.ପ୍ର.)

ଖୁଡୁଖୁଡ଼ି ଖେଳ ପାଇଁ ଗାଁରୁ ୧୫ ପରିବାରକୁ ବାସନ୍ଦ କରାଯାଇଛି। କୌଣସି ଶୁଭ ଅଶୁଭ କାମରେ ଯିବାକୁ ପରିବାର ସଦସ୍ୟଙ୍କୁ ବାରଣ। କୁନି କୁନି ପିଲାମାନଙ୍କୁ ମଧ୍ୟ ଅଙ୍ଗନୱାଡ଼ି ଯିବାରେ କଟକଣା। ବାସନ୍ଦ ଆଦେଶକୁ ଖିଲାପକଲେ ମୁଣ୍ଡ ପିଛା ୫ଶହ ଟଙ୍କା ଡଣ୍ଡ ଗଣିବାକୁ ବାଧ୍ୟ। ଯଦି ଗାଁରେ ମିଶିବାରେ ଅଛି ତା'ହେଲେ ୨ ହଜାର ଟଙ୍କା ଦେବାକୁ ହେବ। ଏପରି ଘଟଣା ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଟେମେରା ପଞ୍ଚାୟତ ଚୁରାହାଣ୍ଡି ଗ୍ରାମରେ ଦେଖିବାକୁ ମିଳିଛି। ବାସନ୍ଦ ହୋଇଥିବା ପରିବାର ଲୋକେ ମଙ୍ଗଳବାର ତହସିଲଦାର ଓ ନବରଙ୍ଗପୁର ଏସ୍‌ପିଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଏନେଇ ଏସ୍‌ପି ଏସ୍.ସୁଶ୍ରୀ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

ସୂଚନାନୁଯାୟୀ, ଗତ ଏପ୍ରିଲରେ ଚୈତ୍ରପର୍ବ ପାଳନ ଅବସରରେ ଗାଁରେ ଯାତ୍ରା ଚାଲିଥିଲା। ଏହି ଉପଲକ୍ଷେ ଖୁଡୁଖୁଡ଼ି ଖେଳ ହେଉଥିଲା। ଖବରପାଇ କୋଷାଗୁମୁଡ଼ା ପୋଲିସ ସେଠାରେ ଚଢ଼ାଉକରି ଖୁଡୁଖୁଡ଼ି ଖେଳ ବନ୍ଦ କରିଦେଇଥିଲା। ପୋଲିସକୁ ଖବର ଦେବା ଅଭିଯୋଗରେ ଖୁଡୁଖୁଡ଼ି ଖେଳକୁ ପ୍ରଶ୍ରୟ ଦେଇଥିବା ଗାଁର ଏକ ବଡ଼ ଗୋଷ୍ଠୀ ମାଳି ସାହି, ମିର୍ଗାନ ସାହିର ଓ ହରିଜନ ସାହିର ୨୫ ପରିବାରକୁ ସାମାଜିକ ବାସନ୍ଦ କରିଛନ୍ତି। ପୁଣି ଥରେ ମିଶିବାକୁ ହେଲେ ଘର ପିଛା ୨ହଜାର ଟଙ୍କା ଡଣ୍ଡ ଦେବାକୁ ପଡ଼ିବ ବୋଲି ଆଦେଶ ଜାରି କରାଯାଇଛି। ୧୦ଟି ପରିବାର ଜରିମାନା ଦେଇ ସମାଜରେ ମିଶିଥିଲେ। ୧୫ ପରିବାର ଏବେ ବାସନ୍ଦ ହୋଇ ଅଛନ୍ତି। ବାସନ୍ଦ ହୋଇଥିବା ୧୫ ପରିବାର ସଦସ୍ୟଙ୍କୁ ଗାଁ ଦୋକାନ, ଦୈନିକ ବଜାର ଯିବା ସହ ଗୋରୁ ଚରାଇବା ମନା। ଏଥିସହ ବିବାହ, ବ୍ରତ,ଦଶାହ କାର୍ଯ୍ୟରେ ଯିବାକୁ ସେମାନଙ୍କୁ ବାରଣ କରାଯାଇଛି। ଏଥିସହ ଗାଁର ଅନ୍ୟମାନଙ୍କୁ ମଧ୍ୟ ବାସନ୍ଦ ପରିବାର ଲୋକଙ୍କ ସହ ମିଳାମିଶା କରିବାକୁ ମନାକରାଯାଇଛି। ଏହି ଆଦେଶ ଖିଲାପକାରୀଙ୍କୁ ମଧ୍ୟ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏବେ ଏହି ବାସନ୍ଦ ପରିବାରମାନେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଗାଁରୁ ୫ କି.ମି. ଦୂରରେ ଥିବା କୋଷାଗୁମୁଡ଼ା ବ୍ଲକ କିମ୍ବା ୨ କି.ମି. ଦୂରରେ ଥିବା ଟେମେରା ଗାଁକୁ ଯାଉଛନ୍ତି। ମଙ୍ଗଳବାର ବାସନ୍ଦ ପରିବାରମାନେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି।

ଅପରାହ୍ନରେ ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଷାଗୁମୁଡ଼ା ଥାନାଧିକାରୀ,ପ୍ରେମାନନ୍ଦ ସୁନାନୀ, କୋଡ଼ିଙ୍ଗା ତହସିଲଦାର ଟିଙ୍କୁନୁ ପୁଟା, ବିଡିଓ ସୁକାନ୍ତ ପଟ୍ଟନାୟକ, ଅଙ୍ଗନୱାଡ଼ି ସୁପଭାଇଜର ପ୍ରମୁଖ ଗାଁକୁ ଯାଇ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏକ ରାଜିନାମା ପତ୍ରରେ ଦୁଇପକ୍ଷର ଦସ୍ତଖତ ନେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବାସନ୍ଦ ୧୫ ପରିବାର ଦସ୍ତଖତ କରିଥିବା ବେଳେ ଗ୍ରାମବାସୀ ଉକ୍ତ ରାଜିନାମାରେ ଦସ୍ତଖତ କରିନାହାନ୍ତି। ଅଙ୍ଗନୱାଡ଼ି ସୁପରଭାଇଜର ଶିଶୁମାନଙ୍କୁ ଅଙ୍ଗନୱାଡ଼ିରୁ ବାସନ୍ଦ କରିବେ ନାହିଁ ବୋଲି ଘର ଘର ବୁଲି କହିଥିଲେ। ବିଡିଓ, ତହସିଲଦାର ଓ ପୋଲିସ ମଧ୍ୟ ଦୋକାନଗୁଡ଼ିକ ବୁଲି ୧୫ ପରିବାରକୁ ସାମଗ୍ରୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ କହିଛନ୍ତି।

# ସୀମାନ୍ତରୁ ଫେରାର ଥିବା ୩ ମାଓବାଦୀ ଗିରଫ

ମାଲକାନଗିରି, ୩୦ା୫(ଡି.ଏନ୍.ଏ.)

ମାଲକାନଗିରିଜିଲା ସୀମାନ୍ତ ଛତିଶଗଡ଼ ସୁକ୍ମା ଜିଲା କୋଣ୍ଟା ପୋଲିସ ଓ ଡିଆର୍‌ଜି ଯବାନ ଫେରାର ଥିବା ୩ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରିଛି। ଏମାନେ ହେଲେ ମଡକମ ଦେବା, ମଡକମ ହିଡମା ଓ ସୋୟମ ଜଗା । ଏମାନେ ଗତ ଜାନୁୟାରୀ ୧୯ ତାରିଖରେ ମୁରଲିଗୁଡା ଗ୍ରାମରେ ବିଦ୍ୟୁତ୍ ବିଭାଗ ଓ ବଣ୍ଡାମାନଙ୍କ ମଧ୍ୟରେ ଚାଲିଥିବା ଝଗଡ଼ାରେ ସ୍ଥାନୀୟ ଲୋକଙ୍କୁ ମାରପିଟ କରିବା ସହ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିଲେ। ଏଥିସହ ଗାଡ଼ିପୋଡ଼ି, ଆଇଡି ବିସ୍ଫୋରଣ ଭଳି ବହୁ ହିଂସାରେ ଜଡ଼ିତ ଥିଲେ। ପୋଲିସ ଗିରଫ ପରେ ଏମାନଙ୍କୁ କୋର୍ଟ ଚାଲାଣ କରିଛି।



ସୂଚନାଯୋଗ୍ୟ, କୋଣ୍ଟା ପୋଲିସ ଓ ଡିଆର୍‌ଜି ଯବାନ ସୁନମଗୁଡ଼ା ଓ ମୁରଲିଗୁଡ଼ା ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିବା ସମୟରେ ୩ ଜଣଙ୍କୁ ସନ୍ଦେହକରି ଗିରଫକରି କୋଣ୍ଟା ଥାନାରେ ରଖି ପଚରାଉଚୁରା କରିଥିଲେ। ତେବେ ପଚରାଉଚରାରୁ ଜଣାପଡିଥିଲା ଯେ, ଏହି ୩ ଜଣ ବିଗତ ଦିନରେ କେତେକ ମାଓବାଦୀ ମାମଲାରେ ଜଡିତ ଥାଇ ଫେରାର ଥିବା ମିଲିସିଆ ମାଓବାଦୀ।

# ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

ସୋନପୁର,୩୦ା୫(ନି.ପ୍ର.)

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣା ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ବଲାଙ୍ଗୀର ଜିଲାପାଳ ଚିଠି ନଂ. ୧୫୯୧/୨୩।୫।୨୦୨୩ ରେ କଟକ ରାଜସ୍ୱ ପର୍ଷଦ ସଚିବଙ୍କୁ ଏହି ସୁପାରିସ କରିଥିବା ଜଣାପଡ଼ିଛି। ଏକ ଅଡିଟ୍ ରିପୋର୍ଟକୁ ଭିତ୍ତିକରି ବଲାଙ୍ଗୀର ଜିଲାପାଳ ରଣା ବଲାଙ୍ଗୀରର ପ୍ରାକ୍ତନ ତହସିଲଦାର ତଥା ବର୍ତ୍ତମାନ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳ ଦାୟିତ୍ୱରେ ଥିବା ଦାଶଙ୍କ ବିରୋଧରେ ଏହି ସୁପାରିସ କରିଛନ୍ତି। ଦାଶ ବଲାଙ୍ଗୀର ତହସିଲଦାର ଥିବା ସମୟରେ ଅନିୟମିତତା ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ସେତେବେଳେ ସରକାରଙ୍କ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ ହାନି ହୋଇଥିବା ଅଡିଟ୍ ରିପୋର୍ଟ ନମ୍ବର ୧୧୦/୨୦୦୯-୧୦ରେ ଦର୍ଶାଯାଇଥିଲା। ତେବେ ଏହି ରିପୋର୍ଟକୁ ଦୀର୍ଘ ୧୩ ବର୍ଷ ଧରି ଚାପି ଦିଆଯାଇଥିଲା। ଖୋଲତାଡ଼ ହେବା ପରେ ଏବେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି।


OFFICE OF THE COLLECTOR & DISTRICT MAGISTRATE, BALANGIR
ESTABLISHMENT SECTION
NO.VIII-47 /2023 1591 / Estt. Dated 23.05.2023

To
The Secretary,
Board of Revenue,
Odisha, Cuttack.

Sub:- Submission of Memorandum of Charge-sheet framed against Shri Suryanarayan Dash, OAS(SAG), Ex-Tahasildar, Balangir, presently working as Additional District Magistrate, Subarnapur.

Ref:- Your Letter No. 1863/Audit dtd. 14.12.2022.

Sir,

With reference to the letter on the subject cited above, I am to submit herewith the Memorandum of charge sheet drafted against Shri Suryanarayan Dash, OAS(SAG), Ex-Tahasildar, Balangir, presently working as Additional District Magistrate, Subarnapur for favour of kind information and necessary action.

Encl:- As above

Yours faithfully
Collector, Balangir

ବଲାଙ୍ଗୀର ଜିଲାପାଳଙ୍କ ସୁପାରିସ ପତ୍ର

**■ ଅଡିଟ୍ ରିପୋର୍ଟ ଆଧାରରେ ସୁପାରିସକଲେ ବଲାଙ୍ଗୀର ଜିଲାପାଳ**

**■ ୧୩ ବର୍ଷ ପୂର୍ବର ଅଡିଟ୍ ରିପୋର୍ଟକୁ ଚାପି ଦିଆଯାଇଥିଲା**

୨୦୦୪ ମାର୍ଚ୍ଚ ୧୦ରୁ ୨୦୦୯ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ଧରି ସୂର୍ଯ୍ୟନାରାୟଣ ଦାଶ ବଲାଙ୍ଗୀର ତହସିଲଦାର ଦାୟିତ୍ୱରେ ଥିଲେ। ଏହି ସମୟରେ କେତେକ ଜମି ରେଜେଷ୍ଟ୍ରି ହୋଇ ନ ଥିବା ବେଳେ ସମ୍ପୃକ୍ତ ଜମି ମାଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଓଏଲ୍ଆର୍ ଧାରା ୮(କ)ରେ ତହସିଲଦାର ପ୍ରିମିୟମ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ସେହିଭଳି ଜମିର ପ୍ରକୃତ ମୂଲ୍ୟାଙ୍କନ ନ କରି ସରକାରଙ୍କ ଧାର୍ଯ୍ୟ ଦରଠାରୁ ଅଧା ଦାମ ନେଇ ଚାଷଜମିକୁ ଘରବାଡ଼ି ଭାବେ କିସମ ପରିବର୍ତ୍ତନ କରିଥିଲେ। ଏହାଦ୍ୱାରା ଜମି ମାଲିକଙ୍କୁ ଫାଇଦା ମିଳିଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ହୋଇଥିଲା। ଏପରି କି ସରକାରଙ୍କ ଦେୟ ବୃଦ୍ଧି ସମ୍ପର୍କିତ ନିର୍ଦ୍ଦେଶନାମାର ଠିକ୍ ଗୋଟିଏ ଦିନ ପୂର୍ବରୁ ୧୦୦୦ରୁ ଊର୍ଦ୍ଧ୍ୱ ଓଏଲଆର୍ ଧାରା ୮(କ)ରେ ମାମଲାର ଫଇସଲା ଗୋଟିଏ ଦିନରେ କରିଥିଲେ; ଯାହାକି ଗୋଟିଏ ଦିନରେ ଆଦୌ ସମ୍ଭବ ନୁହେଁ ବୋଲି ଅଡିଟ୍ ରିପୋର୍ଟରେ ଉଲ୍ଲେଖ ରହିଛି। ଏଭଳି ଭାବେ ପ୍ରାକ୍ତନ ତହସିଲଦାର ଦାଶଙ୍କ ୧୦ଟି ତ୍ରୁଟିକୁ ଅଡିଟ୍ ଧରିବା ସହ ଏହାଦ୍ୱାରା ରାଜ୍ୟ ରାଜକୋଷରୁ ବିପୁଳ ଟଙ୍କା କ୍ଷତି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ବଲାଙ୍ଗୀର ଜିଲାପାଳଙ୍କ ଏହି ସୁପାରିସ ପରେ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଉଭୟ ଜିଲାବାସୀ ଜାଣିବାକୁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

**JAYADURGA CHEMICALS**
SMiLE
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

**WE ARE HIRING**
Anchor, Reporter, Cameraman, Copy Editor, Visual Editor, Social Media Executive, Marketing Executive & Reporter for all District & Blocks.
Submit your CV:
hrdinanka@gmail.com

**REQUIREMENTS**
MARKETING STAFF: 10 Nos.
TELE CALLER: 5 Nos.
PEON: 1 No. (10th Pass)
9937069014

**WANTED**
MANAGER - 1 no.
Fooding & Accommodation Free.
DRIVER -1 no.
Fooding & Accommodation Free.
CARETAKER - 2 nos.
Contact :
9114299462, 8984895977

# ତହସିଲ କାର୍ଯ୍ୟାଳୟରୁ ଆର୍ଆଇଙ୍କ ଝୁଲନ୍ତା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି, ୩୦ା୫(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟର ୨ୟ ମହଲାରେ ଲାଗିଥିବା ଏକ ପଙ୍ଖାରୁ ମଙ୍ଗଳବାର ଅପରାହ୍ନରେ ତରତ ରାଜସ୍ୱ ନିରୀକ୍ଷକ (ଆର୍ଆଇ) ସଞ୍ଜୟ କୁମାର ଦାସ(୪୮)ଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ପୋଲିସ ତନାଘନା ଆରମ୍ଭ କରିଛି । କାର୍ଯ୍ୟାଳୟ ଛୁଟି ପରେ ସଞ୍ଜୟ ଅଫିସକୁ କାହିଁକି ଆସିଥିଲେ। ଏହାକୁ କିଏ ଓ କାହିଁକି ଖୋଲିଥିଲା ଏନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ସଞ୍ଜୟଙ୍କ ବଦଳି ତିଗିରିଆ ତହସିଲକୁ ହୋଇଥିବା ଜଣାପଡ଼ିଛି। ସେ ନିଶ୍ଚିନ୍ତକୋଇଲି ବ୍ଲକ ଛକ ନିକଟରେ ପରିବାର ସହ ଭଡ଼ା ନେଇ ରହୁଥିଲେ।


ସଞ୍ଜୟ କୁମାର ଦାସ

**WANTED**
ଧରିତ୍ରୀ DHARITRI Oriya daily
is looking for
**ADVERTISEMENT MANAGERS :**
- Will be responsible for driving advertising sales and revenue growth through effective marketing strategies and client management.
- This role requires a strong background in print media marketing, a good client base, excellent communication and negotiation skills, and a proven track record of achieving sales targets.
- Minimum of 3 years of experience in print media will be preferred.

**ADVERTISEMENT SCHEDULING EXECUTIVES :**
- Responsibilities will include coordinating and scheduling advertising activities, managing campaign calendars, maintaining data & billing of advertisements.
- Candidates should be well equipped with Back office work, MS Office & should have basic knowledge of Tally.
- Minimum of 3 years of experience in print media will be preferred.

Apply immediately to : recruitment@dharitri.com
Attractive salary commensurate with experience

# ଗରମ ତରକାରି ହାଣ୍ଡିରେ ପଡ଼ି ଶିଶୁ ମୃତ

ବୁଗୁଡ଼ା,୩୦ା୫(ଡି.ଏନ୍.ଏ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ନଗୁଡୁ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୁଦ୍ଧିକ୍ରିୟା ଭୋଜି ପାଇଁ ପ୍ରସ୍ତୁତ ହେଉଥିବା ଗରମ ତରକାରି ହାଣ୍ଡିରେ ପଡ଼ି ଜଣେ ତିନି ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ ବଳରାମ ସେଠୀଙ୍କ ପୁତ୍ର ସାଇପ୍ରସାଦ।

ପ୍ରକାଶ ଯେ, ନଗୁଡୁ ଗ୍ରାମର ରଙ୍କନିଧି ସେଠୀଙ୍କ ଘରେ ଶୁଦ୍ଧିକ୍ରିୟା ଭୋଜି ଚାଲିଥିଲା। ଏଥିରେ ଯୋଗ ଦେବା ପାଇଁ ବଳରାମଙ୍କ ପରିବାର ଯାଇଥିଲେ। ସେଠାରେ ଭୋଜି ପାଇଁ ତରକାରି ପ୍ରସ୍ତୁତ ହେଉଥିବା ବେଳେ ଅସାବଧାନତାବଶତଃ ସାଇପ୍ରସାଦ ଗରମ ତରକାରି ହାଣ୍ଡିରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ସେଥିରୁ ଉଦ୍ଧାର କରି ମାଣିତରା ମେଡିକାଲକୁ ନେଇଥିଲେ। ପରେ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଥିଲା।

B-TEX
SINCE 1942
ବି-ଟେକ୍ସ ଲୋସନ




ଯାଦୁ, କାଛୁ, କୁଣ୍ଡିଆର ପ୍ରଭାବୀ ଉପଚାର
ବି-ଟେକ୍ସ ଲୋଶନ୍
BIJAY PHARMACEUTICAL AGENCY,
CUTTACK. Ph.: 2308429
Now Available on : Flipkart | HEALTHMUG

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। **–ଶ୍ରୀମା**

# ସମୟ ଏବେ

ଓଡ଼ିଆରେ ଢଗ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ବହୁଳେ ସୃଷ୍ଟି ନାଶ'। ଏବେ କେଉଁ ଜାଗାରେ ଜଳ ବହୁଳ ହେଉଥିବାବେଳେ ଅନ୍ୟ କେଉଁଠି ଜଳ 'ବିହୁନେ' ବା ଅଭାବ ଦେଖାଯାଉଛି। ବିଶେଷକରି ଏବେ ଜଳବାୟୁ ପରିବର୍ତ୍ତନକୁ ଦେଖିଲେ ବିଶୁଦ୍ଧ ପାନୀୟ ଜଳ ଅଭାବ ପ୍ରାୟ ପୃଥିବୀର ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁଛି। ଏହାଦ୍ୱାରା କେବଳ ମଣିଷ ଜାତି ନୁହେଁ, ପଶୁପକ୍ଷୀ ଏବଂ ଜଳଚର ଜୀବମାନେ କ୍ଷତିଗ୍ରସ୍ତ ହେଲେଣି। ଏଭଳି ପରିସ୍ଥିତିରେ ଜାତିସଂଘର ବିଶେଷଜ୍ଞମାନେ କହିଛନ୍ତି ଯେ, ବର୍ଦ୍ଧିତ ଜନସଂଖ୍ୟା ଏବଂ ତତ୍‌ସହିତ ଜଳବାୟୁ ପ୍ରଭାବ ଜଳ ସୁରକ୍ଷା ପ୍ରତି ଘୋର ବିପଦ ଆଣିବ। କେବଳ ଏତିକି ନୁହେଁ, ସମୁଦ୍ର ଜଳସ୍ତର ବୃଦ୍ଧି ଓ ଝଡ଼ ଯୋଗୁ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଲୁଣିଜଳ ପ୍ରବେଶ କରି ମଧୁର ଜଳ ଉତ୍ସକୁ ନଷ୍ଟ କରିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଭାରତ ଭଳି ଜନବହୁଳ ଦେଶରେ ମଧୁରଜଳ ଆବଶ୍ୟକତାକୁ ନେଇ ସମସ୍ୟା ବଢ଼ିବା ସ୍ୱାଭାବିକ। ଜାତିସଂଘ ତଥ୍ୟ ଅନୁଯାୟୀ, ଭାରତର ଜନସଂଖ୍ୟା ୧୪୨ କୋଟିକୁ ଟପି ଏବେ ଏହା ବିଶ୍ୱର ସବୁଠୁ ଜନବହୁଳ ଦେଶ ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ସରକାର ଏଯାବତ୍ ଜନଗଣନା କରିନାହାନ୍ତି ଏବଂ ଏହା କରାଗଲେ ଜନସଂଖ୍ୟା ଏହାଠାରୁ ଅଧିକ ହେବ ବୋଲି କୁହାଯାଇପାରେ। ଏତେ ସଂଖ୍ୟକ ଲୋକଙ୍କ ପାଇଁ ପାନୀୟ ଜଳ ଉପଲବ୍ଧତା ପୂରଣ କରିବା ସହ ମଧୁର ଜଳ ବ୍ୟବହାର ପାଇଁ ଉତ୍ତମ ଜଳ ପରିଚାଳନା ଏବଂ ପ୍ରାକୃତିକ ପରିସଂସ୍ଥାଗୁଡ଼ିକର ସୁରକ୍ଷା ଜରୁରୀ। ହେଲେ ଏ କ୍ଷେତ୍ରରେ ଭାରତରେ ଅବ୍ୟବସ୍ଥିତ ନୀତି ଓ ଯୋଜନା ଏବଂ ଦୁର୍ବଳ ଜଳ ପରିଚାଳନା ଜଳ ସ୍ଥିତି ଉପରେ ସମସ୍ୟା ସୃଷ୍ଟି କରୁଛି। ଅନିୟମିତ ବର୍ଷା ମଧ୍ୟ ଜଳ ସୁରକ୍ଷାରେ ବାଧା ଆଣୁଛି। ଏହା ବ୍ୟତୀତ ଚାଷରେ ପ୍ରବଳ ମାତ୍ରାରେ ଜଳ ବ୍ୟବହୃତ ହେଉଛି। କାରଣ ଭାରତୀୟ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଚାଷରେ ଚାହିଦା ଅନୁଯାୟୀ ଜଳ ବ୍ୟବହାର କରିବାର ପଦ୍ଧତି ଜଣେଇଦେବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ।

ଏକ ଆକଳନରୁ ଜଣାପଡ଼େ, ବିଶ୍ୱ ଜନସଂଖ୍ୟାର ୧୮% ଲୋକ ରହୁଥିବା ଦେଶ ଭାରତରେ କେବଳ ୪% ମଧୁର ଜଳ ଉତ୍ସ ଅଛି। ଏହା ଦର୍ଶାଉଛି ବିଶ୍ୱରେ ଜଳ କ୍ଷେତ୍ରରେ ଭାରତ ସବୁଠୁ ଚାପଗ୍ରସ୍ତ। ଜନସଂଖ୍ୟା ବୃଦ୍ଧି ଯୋଗୁ ଭାରତର ମୁଣ୍ଡ ପିଛା ଜଳ ଉପଲବ୍ଧତା ବି କମିବାରେ ଲାଗିଛି। ଯେହେତୁ ରାଜନାରାୟଣ ୧୯୭୭ ମସିହାରେ ଇନ୍ଦିରା ଗାନ୍ଧୀଙ୍କୁ ହରାଇଲେ ସେତେବେଳଠାରୁ ଏମର୍ଜେନ୍ସିକୁ ବିରୋଧ କରିବାକୁ ଯାଇ ପରିବାର ନିୟୋଜନ ମନ୍ତ୍ରଣାଳୟକୁ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାବେ ନାମିତ କରାଗଲା। ସେବେଠାରୁ ପରିବାର ନିୟନ୍ତ୍ରଣ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଶିଥିଳ କରିଦିଆଗଲା। ତା' ପରଠାରୁ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଥିବା ଭାରତର ଜନସଂଖ୍ୟା ଆଜି ୪୬ ବର୍ଷ ନ ପୂରୁଣୁ ଆମକୁ ଆଣି ପୃଥିବୀର ସବୁଠୁ ଜନବହୁଳ ଦେଶ ଭାବେ ଛିଡ଼ା କରିଦେଲାଣି। ଏଥିରୁ ବୁଝିବାକୁ ହେବ ଯେ, ତ୍ରୁଟିପୂର୍ଣ୍ଣ ରାଜନୈତିକ ନିଷ୍ପତ୍ତି ଦେଶକୁ କେତେ ପଛକୁ ନେଇଯାଇପାରେ। ସେହି ଜନସଂଖ୍ୟା ବୃଦ୍ଧି ଆଜି ପାଣି, ଜମି ଓ ଖାଦ୍ୟ ଅଭାବର ମୂଳ କାରଣ ହୋଇଗଲାଣି। ଏହାଠାରୁ ଅଧିକ ବ୍ୟସ୍ତ କରିବାର ବିଷୟ ହେଉଛି ଯେ, ଜାତିସଂଘ କହିବା ଅନୁଯାୟୀ, ଭାରତର ଜନସଂଖ୍ୟା ଆସନ୍ତା ୩ ଦଶନ୍ଧି ବ୍ୟାପୀ ଆହୁରି ଅଧିକ ବୃଦ୍ଧି ହେବ। ଏଭଳି ବିପଦକୁ ସାମ୍ନା କରିବା ପାଇଁ ଏବେଠାରୁ ନାଗରିକଙ୍କୁ ସଚେତନ କରାଯିବା ସହିତ ନୀତି ପ୍ରଣୟନର ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ଭାରତର ସୁବିଧା ହେଉଛି ଯେ, ଚାଇନା ଓ ଜାପାନଠାରୁ ଶିକ୍ଷା ନେଇ ଜନ୍ମହାର ନିୟନ୍ତ୍ରଣ କରାଯାଇପାରେ, କିନ୍ତୁ ବନ୍ଦ କରାଯିବ ନାହିଁ। ଏଭଳି ଶିକ୍ଷା ଲାଭ ହୋଇସାରିଥିବା ହେତୁ ଭାରତର ନୀତି ଅତ୍ୟନ୍ତ ଆଧୁନିକ ଏବଂ ସମୟ ଉପଯୋଗୀ ହୋଇପାରିବ। ତାହା ପାଇଁ ସମୟ ଏବେ ।

> **ଜନସଂଖ୍ୟା ବୃଦ୍ଧି ଆଜି ପାଣି, ଜମି ଓ ଖାଦ୍ୟ ଅଭାବର ମୂଳ କାରଣ ହୋଇଗଲାଣି। ଏହାଠାରୁ ଅଧିକ ବ୍ୟସ୍ତ କରିବାର ବିଷୟ ହେଉଛି ଯେ, ଜାତିସଂଘ କହିବା ଅନୁଯାୟୀ, ଭାରତର ଜନସଂଖ୍ୟା ଆସନ୍ତା ୩ ଦଶନ୍ଧି ବ୍ୟାପୀ ଆହୁରି ଅଧିକ ବୃଦ୍ଧି ହେବ। ଏଭଳି ବିପଦକୁ ସାମ୍ନା କରିବା ପାଇଁ ଏବେଠାରୁ ନାଗରିକଙ୍କୁ ସଚେତନ କରାଯିବା ସହିତ ନୀତି ପ୍ରଣୟନର ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି।**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 5 | | 8 | |
| | | 8 | | | | 3 | | |
| | 6 | 7 | | | | 4 | 1 | |
| | | | | | 2 | | | 3 |
| | 9 | | | | | | 4 | 8 |
| | 5 | 6 | | | 7 | | | |
| | | | 7 | | 9 | | | |
| | 2 | 5 | | | | | | |
| 8 | | | | 1 | 6 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 3 | 5 | 9 | 6 | 4 | 7 | 8 |
| 6 | 8 | 7 | 4 | 2 | 1 | 5 | 9 | 3 |
| 5 | 4 | 9 | 3 | 7 | 8 | 2 | 6 | 1 |
| 1 | 2 | 4 | 6 | 8 | 7 | 3 | 5 | 9 |
| 3 | 6 | 8 | 9 | 1 | 5 | 7 | 4 | 2 |
| 9 | 7 | 5 | 2 | 4 | 3 | 1 | 8 | 6 |
| 4 | 5 | 1 | 8 | 3 | 9 | 6 | 2 | 7 |
| 7 | 9 | 6 | 1 | 5 | 2 | 8 | 3 | 4 |
| 8 | 3 | 2 | 7 | 6 | 4 | 9 | 1 | 5 |

ଗତକାଲିର ଉତ୍ତର

# ସାହସିକତା ଓ ବୁଦ୍ଧିମତ୍ତା



ବୈକୁଣ୍ଠନାଥ ମିଶ୍ର

ବିପଦ ସମୟରେ ବିଜ୍ଞବ୍ୟକ୍ତି ମଧ୍ୟ ବିଚଳିତ ହୋଇପଡ଼େ। ମାତ୍ର ପରିସ୍ଥିତିକୁ ଆୟତ୍ତ କରି କିଛି ତତ୍କାଳ ପଦକ୍ଷେପ ନେବାଦ୍ୱାରା କେବଳ ସେ ମୁହୂର୍ତ୍ତର ବିପଦ ଟଳିଯାଏ ନାହିଁ ବରଂ ଆଗକୁ ଯିବା ପାଇଁ ମିଳେ ପ୍ରେରଣା ଓ ଭବିଷ୍ୟତର ସମସ୍ତ ବିପଦକୁ ସମ୍ମୁଖୀନ ହେବାକୁ ମିଳେ ଅଦମ୍ୟ ସାହସ। ବିପଦକୁ ଭୟ କରିବାର ଅର୍ଥ ଭବିଷ୍ୟତରେ ଏକ ଭୟାତୁର ଓ ଶଙ୍କାକୁଳ ପରିସ୍ଥିତିକୁ ଆହ୍ୱାନ କରିବା। ଶିଶୁ ଚାଲିବା ଆରମ୍ଭ କଲେ ବହୁବାର ପଡ଼ିଥାଏ। ଚାଲିବା କେବେ ବନ୍ଦ କରେ ନାହିଁ। ଶାସ୍ତ୍ର କହନ୍ତି, ବିପଦରେ ଧୈର୍ଯ୍ୟ ଓ ସାହସିକତା ଅବଲମ୍ବନ କଲେ ବିପଦ ଯେତେ ଗମ୍ଭୀର ହୋଇଥିଲେ ମଧ୍ୟ ତାହା ଅଚିରେ ଟଳିଯାଏ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏକ କ୍ଷୁଦ୍ର ଘଟଣା। ସ୍ୱାମିଜୀ ଚିକାଗୋ ଧର୍ମ ସମ୍ମିଳନୀରେ ଯୋଗଦେବା ପାଇଁ ନ୍ୟୁୟର୍କ ସହରରେ ପହଞ୍ଚିଲେ। ନ୍ୟୁୟର୍କ ସହରରେ ରହିବା ବ୍ୟୟସାପେକ୍ଷ ଥିବାରୁ ସେ ଅତି ସାଧାରଣଭାବେ ଚଳିଯିବା ପାଇଁ ସହର ଉପକଣ୍ଠ ଜନବସତି ଆଡ଼େ ଯାଉଥାନ୍ତି। ଏହି ସମୟରେ ଜଣେ ସ୍ତ୍ରୀଲୋକ ଚିତ୍କାର କରି ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ କହୁଥାନ୍ତି – ''ହେ ପଥଚାରୀ ! ହୁସିଆର କାମୁଡ଼ା ହନୁମାଙ୍କଡ଼ଟି ଆପଣଙ୍କୁ କାମୁଡ଼ିବାକୁ କ୍ଷିପ୍ରବେଗରେ ପଶ୍ଚାଧାବନ କରୁଛି। ହୁଏତ କାମୁଡ଼ି କ୍ଷତବିକ୍ଷତ କରିପାରେ। ମାଙ୍କଡ଼ଟି ଏଥି ପୂର୍ବରୁ ଅନେକ ଲୋକଙ୍କୁ କାମୁଡ଼ି କ୍ଷତବିକ୍ଷତ କରି ସାରିଲାଣି।'' ସ୍ୱାମିଜୀ ପଛକୁ ବୁଲି ଦେଖିଲେ ସତକୁ ସତ ମାଙ୍କଡ଼ଟି ତାଙ୍କ ଆଡ଼କୁ ଖୁବ୍ ବେଗରେ ଧାଇଁ ଆସୁଛି। ଅବଶ୍ୟ ସ୍ୱାମିଜୀ ଭୟଭୀତ ହୋଇପଡ଼ିଲେ। କିନ୍ତୁ ପରକ୍ଷଣରେ ନିଶ୍ଚଳ ଓ ନିର୍ଭୀକ ଭାବେ ମାଙ୍କଡ଼ ସମ୍ମୁଖରେ ରାସ୍ତା ଉପରେ ଠିଆ ହୋଇଗଲେ। ମାଙ୍କଡ଼ଟି ମଧ୍ୟ ଅଟକି ଗଲା। ସ୍ୱାମିଜୀ ମାଙ୍କଡ଼ ଆଡ଼କୁ ପାଦେ ଆଗେଇବାରୁ ମାଙ୍କଡ଼ଟି କ୍ରମେ ପଛଘୁଞ୍ଚା ଦେଲା ଓ ସ୍ୱାମିଜୀଙ୍କର କିଛି କ୍ଷତି ନ କରି ସେଠାରୁ ଅନ୍ତର୍ହିତ ହୋଇଗଲା। ଯଦି ସ୍ୱାମିଜୀ ଭୟରେ ପଳାୟନ କରିବାକୁ ଚେଷ୍ଟା କରିଥାନ୍ତେ ତେବେ ମାଙ୍କଡ଼ ଆକ୍ରମଣରୁ ସେ କେବେ ନିଜକୁ ରକ୍ଷା କରିପାରି ନ ଥାନ୍ତେ। ସ୍ୱାମିଜୀଙ୍କ ତତ୍କାଳ ବୁଦ୍ଧି ଓ ସାହସ ତାଙ୍କୁ ଏକ ନିଶ୍ଚିତ ବିପଦରୁ ରକ୍ଷା କରିବାରେ ସହାୟକ ହେଲା।

କାଶୀ ରାଜା ଥିଲେ ଜଣେ ଅତ୍ୟନ୍ତ ବୁଦ୍ଧିମାନ, ଚତୁର ଓ ବିଜ୍ଞବ୍ୟକ୍ତି। ଥରେ ସେ ତାଙ୍କ ଶ୍ରେଷ୍ଠ ଅମାତ୍ୟଙ୍କୁ କହିଲେ, ମହାମନ୍ତ୍ରୀ ! ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଯାଇଛି। ସମୁଚିତ ଉତ୍ତର ପ୍ରଦାନ କରି ମୋତେ ଦ୍ୱନ୍ଦ୍ୱ ମୁକ୍ତ କରାନ୍ତୁ। ରାଜା ପଚାରିଲେ – ମନୁଷ୍ୟର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ରଟି କ'ଣ, ଯାହାକୁ ପ୍ରୟୋଗକରି ସେ ସମ୍ଭାବ୍ୟ ବିପଦକୁ ଦୃଢ଼ତାର ସହ ଦୂର କରିପାରିବ ? ମନ୍ତ୍ରୀ ସେ ସମୟରେ ସମସ୍ତ ଉନ୍ନତ ମାନର ଅସ୍ତ୍ରଶସ୍ତ୍ର କଥା ଚିନ୍ତାକଲେ, ହେଲେ କୌଣସି ଉତ୍ତର ଦେବାକୁ ସାହସ କଲେ ନାହିଁ। କାରଣ ତାଙ୍କ ଉତ୍ତର ଯଦି ଭୁଲ୍ ପ୍ରମାଣିତ ହୁଏ ତେବେ ନିଜେ ଲଜ୍ଜିତ ହେବାସହ କଠୋର ରାଜଦଣ୍ଡର ସମ୍ଭାବନାକୁ ମଧ୍ୟ ଏଡ଼ାଇ ହେବନାହିଁ। ରାଜା ପନ୍ଦରଦିନ ସମୟଦେଇ କହିଲେ, ମହାମନ୍ତ୍ରୀ ! ଆପଣ ପନ୍ଦରଦିନ ଛୁଟିରେ ଯାଆନ୍ତୁ ଓ ଷୋଡ଼ଶଦିନ ସମୁଚିତ ଉତ୍ତର ସହ ଏଠାରେ ଉପସ୍ଥିତ ହୁଅନ୍ତୁ। ମନ୍ତ୍ରୀ ପନ୍ଦରଦିନ ସିନା ଛୁଟିରେ ରହିଲେ ହେଲେ ଉକ୍ତ ପ୍ରଶ୍ନର ଉତ୍ତର ସେ କାହାକୁ ପଚାରିଲେ ନାହିଁ। ରାଜ୍ୟର ପ୍ରଧାନ ଅମାତ୍ୟ ହୋଇ ଏକଥା ସେ କାହାକୁ ପଚାରିବେ ? ପଚାରିଲେ ତାଙ୍କର ଦୁର୍ବଳତା ପ୍ରକାଶ ପାଇବ। ନିରୁପାୟ ଅବସ୍ଥାରେ ମନ୍ତ୍ରୀଙ୍କର ଚଉଦଦିନ ବିତିଗଲା। ଆଜି ହେଉଛି ପଞ୍ଚଦଶ ଦିବସ। ଆସନ୍ତାକାଲି ରାଜା ଦେଇଥିବା ସମୟସୀମା ପୂରା ହେବ। ସେଦିନ ମନ୍ତ୍ରୀ ଗଙ୍ଗାସ୍ନାନ କରି ଫେରିବା ବାଟରେ କିଛି ଲୋକଙ୍କର ଭୟାତୁର ପାଟିତୁଣ୍ଡ ଶୁଣି ପଛକୁ ଚାହିଁଲେ। ଏକ ବଳିଷ୍ଠ ମାରଣା ଶଣ୍ଢ ମନ୍ତ୍ରୀଙ୍କ ମୁଣ୍ଡରେ ପଡ଼ିଥିବା ନାଲି ଗାମୁଛା ଦେଖି ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିବାକୁ ମାଡ଼ିଆସୁଛି। ସ୍ନାନ ସାରି ଆସୁଥିବାରୁ କେବଳ ଜଳପୂର୍ଣ୍ଣ ଢାଳଟି ବ୍ୟତୀତ ମନ୍ତ୍ରୀଙ୍କ ନିକଟରେ ଆଉ କୌଣସି ଅସ୍ତ୍ର ନ ଥିଲା। ଏଣେ ଶଣ୍ଢଟି କ୍ଷିପ୍ରବେଗରେ ତାଙ୍କ ଆଡ଼କୁ ମାଡ଼ି ଆସୁଛି। ଅନନ୍ୟୋପାୟ ହୋଇ ମନ୍ତ୍ରୀ ଜଳପୂର୍ଣ୍ଣ ଢାଳଟି ଶଣ୍ଢକୁ ଲକ୍ଷ୍ୟକରି ନିକ୍ଷେପ କଲେ। ଢାଳଟି ଶଣ୍ଢର ମସ୍ତକରେ ଶକ୍ତ ଆଘାତ ଦେଲା। ଅକଳ୍ପନୀୟ ଆକସ୍ମିକ ଶକ୍ତ ଆଘାତକୁ ସହି ନ ପାରି ଶଣ୍ଢଟି କିଛି ସମୟ ସ୍ଥାଣୁପରି ରହିଲା ଓ ପରକ୍ଷଣରେ ମନ୍ତ୍ରୀଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ସେ ସ୍ଥାନ ତ୍ୟାଗକରି ଚାଲିଗଲା। ପରଦିନ ରାଜସଭାରେ ମନ୍ତ୍ରୀ ଉପସ୍ଥିତ ହେବାମାତ୍ରେ ରାଜା ପଚାରିଲେ କ'ଣ ମୋ ଉତ୍ତର ମିଳିଲା ? ମନ୍ତ୍ରୀ ସହସା ଉତ୍ତର ଦେଲେ ମହାରାଜ! ସାହସ ଓ ଉପସ୍ଥିତ ବୁଦ୍ଧି ହିଁ ପ୍ରକୃଷ୍ଟ ଅସ୍ତ୍ର; ଯାହା ମଣିଷକୁ ଯେକୌଣସି ବିପଦରୁ ରକ୍ଷା କରିପାରେ। ରାଜା ଅତ୍ୟନ୍ତ ପ୍ରସନ୍ନ ହୋଇ ମନ୍ତ୍ରୀଙ୍କୁ ସାଧୁବାଦ ଜ୍ଞାପନ କଲେ।



ବିଶିଷ୍ଟ କଥାକାର ମନୋଜ ଦାସଙ୍କ ଏକ କାହାଣୀ 'ବୁଦ୍ଧିମତୀ କୃଷକ କନ୍ୟା'ରେ ଏପରି ଏକ ସାହସ ଓ ବୁଦ୍ଧିମତ୍ତାର ଅବତାରଣା କରାଯାଇଛି। ଜଣେ କୃଷକ ରାଜାଙ୍କ କ୍ଷେତରେ ହଳ କରୁଥିବା ସମୟରେ ଏକ ସୁବର୍ଣ୍ଣ ହେମଦସ୍ତା ମାଟିରୁ ପାଇଲେ। କୃଷକ ହେମଦସ୍ତାଟି ଧରି ରାଜାଙ୍କୁ ଦେବା ଉଦ୍ଦେଶ୍ୟରେ ରାଜପ୍ରାସାଦକୁ ଯିବା ସମୟରେ ତାଙ୍କ ବୁଦ୍ଧିମତୀ କନ୍ୟା ଏପରି ନ କରିବାକୁ ପରାମର୍ଶ ଦେଇ କହିଲା, ତୁମେ ହେମଦସ୍ତାଟି ରାଜାଙ୍କୁ ଫେରାଇବା ମାତ୍ରକେ ରାଜା ଏହାର ଦଣ୍ଡଟି କାହିଁ ବୋଲି ପଚାରିବେ ; କାରଣ ହେମଦସ୍ତା ଓ ଦଣ୍ଡ ଦୁଇଟିଯାକ ପରସ୍ପର ପରିପୂରକ। ତୁମେ ଦଣ୍ଡଟି ଦେଇ ନ ପାରିଲେ ରାଜଦଣ୍ଡରେ ଦଣ୍ଡିତ ହୋଇପାର। କିନ୍ତୁ କୃଷକ ଝିଅ କଥା ନ ଶୁଣି ସିଧା ରାଜବାଟିକୁ ଗଲେ। ରାଜା ସତକୁସତ ହେମଦସ୍ତାର ଦଣ୍ଡଟି କାହିଁ ବୋଲି ପଚାରିଲେ। କୃଷକ ଯେତେ କହିଲେ ଯେ ସେ କେବଳ ଏଇ ଗୋଟିକ ଦ୍ରବ୍ୟ ପାଇଛନ୍ତି, ରାଜା କିଛି ଶୁଣିଲେ ନାହିଁ। ଅଧିକନ୍ତୁ କୃଷକକୁ ବନ୍ଦୀକରିବାକୁ ଆଦେଶ ଦେଲେ। ବନ୍ଦୀଶାଳାକୁ ନେବା ସମୟରେ କୃଷକ କହୁଥାନ୍ତି– 'ମୁଁ ଯଦି ମୋ ଝିଅ କଥା ଶୁଣିଥାନ୍ତି, ତେବେ ଆଜି ଏ ଦୁର୍ଦ୍ଦଶା ଘଟି ନ ଥା'ନ୍ତା। ରାଜା ପଚାରିଲେ– ତୁମ ଝିଅ କ'ଣ କହୁଥିଲା ? କୃଷକ ସବୁକଥା କହିବାରୁ ରାଜା କୃଷକ କନ୍ୟାକୁ ଡକାଇଆଣି ତା'ର ବୁଦ୍ଧିମତ୍ତାର ପରୀକ୍ଷା ପାଇଁ ତାକୁ ଏକାନ୍ତବାସରେ ରଖିବାକୁ ଆଦେଶ ଦେଲେ। ଏହାର କିଛିଦିନ ପରେ ରାଜା ତାଙ୍କ ପ୍ରମୁଖ ଅମାତ୍ୟଙ୍କୁ ରାଜସଭାରେ ପଚାରିଲେ ମହାମନ୍ତ୍ରୀ! ଆମ ପାଟ ହାତୀର ପ୍ରକୃତ ଓଜନ କେତେ, ମୋତେ ସାତଦିନ ଭିତରେ ଜଣାଇବାକୁ ହେବ। ମନ୍ତ୍ରୀ ଭାବିଲେ ହୁଏତ ବୁଦ୍ଧିମତୀ କୃଷକ କନ୍ୟା ଏ ପ୍ରଶ୍ନର ଉତ୍ତର ଦେଇପାରେ। ମନ୍ତ୍ରୀ ଗୁପ୍ତରେ ଏ ସମସ୍ୟାଟି କୃଷକ କନ୍ୟାକୁ ଜଣାଇଲେ। କୃଷକ କନ୍ୟା ମନ୍ତ୍ରୀଙ୍କୁ କିଛି ପରାମର୍ଶ ଦେଲେ। ପରଦିନ ମନ୍ତ୍ରୀଙ୍କ କଥା ଅନୁସାରେ ପାଟହାତୀକୁ ନଦୀତଟକୁ ନିଆଗଲା ଓ ତାକୁ ଏକ ଡଙ୍ଗାରେ ଚଢ଼ାଇ ଦିଆଗଲା। ଡଙ୍ଗାଟିର ଯେତିକି ଅଂଶ ପାଣିରେ ବୁଡ଼ିଲା ସେତିକି ଅଂଶରେ ନାଳିଚିହ୍ନ ଦିଆଗଲା। ହାତୀକୁ ଡଙ୍ଗାରୁ ବାହାରକରି ନାଳିଚିହ୍ନ ସ୍ପର୍ଶ କରିବା ପର୍ଯ୍ୟନ୍ତ ବାଲି ଭର୍ତ୍ତିକରାଗଲା ଓ ପରେ ବାଲିକୁ ଓଜନ କରାଯାଇ ହାତୀର ଓଜନକୁ ଠିକ୍ ନିର୍ଦ୍ଧାରଣ କରାଗଲା। ରାଜା ଏହା କୃଷକ କନ୍ୟାର ବୁଦ୍ଧିମତ୍ତା ବୋଲି ଜାଣି ବଡ଼ ପ୍ରସନ୍ନ ହେଲେ। ଏପରି ଏକ ବୁଦ୍ଧିମତୀ କନ୍ୟାକୁ ଅବହେଳା କରିବା ଉଚିତ ହେବନାହିଁ, ବରଂ ଉକ୍ତ ବୁଦ୍ଧିମତୀ କନ୍ୟା ରାଣୀହେବା ଯୋଗ୍ୟ। ରାଜା କୃଷକ କନ୍ୟାକୁ ବିବାହ କଲେ ଓ କୃଷକଙ୍କୁ ଏପରି ଏକ କନ୍ୟାର ପିତା ହେବାର ସୌଭାଗ୍ୟ ଲାଭ କରିଥିବାରୁ ଧନ୍ୟବାଦ ଦେଇ ତାଙ୍କୁ କାରାମୁକ୍ତ କଲେ। ମଣିଷର ସାହସ, ବୁଦ୍ଧିମତ୍ତା ଓ ଧୈର୍ଯ୍ୟ ସ୍ଥଳବିଶେଷରେ କେବଳ ତାକୁ ବିପଦ ମୁହଁରୁ ବଞ୍ଚାଏ ନାହିଁ; ବରଂ ବ୍ୟକ୍ତି ଅନ୍ୟପାଇଁ ଉଦାହରଣ ପାଲଟିଯାଏ। ଅନେକ ସମୟରେ କିମ୍ବଦନ୍ତୀଗୁଡ଼ିକ ଏକ ସୁସ୍ଥ ସାମାଜିକ ମୂଲ୍ୟବୋଧ ପରିପ୍ରକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥା'ନ୍ତି।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ–୯୯୩୭୪୫୦୫୪୦**

# ଜଣାପଡ଼େ ନାହିଁ ଟାଣେ ପଇସା



ଡା. ଉମେଶ ଚନ୍ଦ୍ର ପାତ୍ର

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ। ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁ ଅକାଳ ମୃତ୍ୟୁବରଣ କରିଥାନ୍ତି। ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ, ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ। ସମ୍ପ୍ରତି ଯୁବପିଢ଼ିମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି। ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ। ୨୦୦୦ରେ ବିଶ୍ୱ ତମାଖୁ ନିରୋଧ ଦିବସର ସ୍ଲୋଗାନ ଥିଲା ତମାଖୁ ମୃତ୍ୟୁର ଅନ୍ୟତମ ପ୍ରମୁଖ କାରଣ, ୨୦୦୧ରେ ସ୍ଲୋଗାନ ଥିଲା ସେକେଣ୍ଡହ୍ୟାଣ୍ଡ ଧୂମପାନ ମୃତ୍ୟୁକୁ ଡାକିଆଣେ, ସେହିପରି ୨୦୦୨ରେ ତମାଖୁ ମୁକ୍ତ କ୍ରୀଡ଼ା, ୨୦୦୩ରେ ତମାଖୁ ମୁକ୍ତ ଚଳଚ୍ଚିତ୍ର, ତମାଖୁ ମୁକ୍ତ ଫ୍ୟାଶନ୍। ୨୦୦୪ରେ ତମାଖୁ ଦାରିଦ୍ର୍ୟ : ଗୋଟିଏ ବଳୟରେ ଅବସ୍ଥିତ, ୨୦୦୫ରେ ତମାଖୁକୁ ନେଇ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା, ୨୦୦୬ରେ ତମାଖୁ ଏକ ଛଦ୍ମବେଶୀ ମୃତ୍ୟୁ, ୨୦୦୭ରେ ଘରର ଭିତର ପରିବେଶ ତମାଖୁ ମୁକ୍ତ ହେବା ଦରକାର, ୨୦୦୮ରେ ତମାଖୁ ମୁକ୍ତ ଦିବସ, ୨୦୦୯ରେ ତମାଖୁ ସ୍ୱାସ୍ଥ୍ୟଗତ ସତର୍କତା, ୨୦୧୦ରେ ତମାଖୁ ନିୟନ୍ତ୍ରଣରେ ଲିଙ୍ଗ ପ୍ରଭେଦ ଦୂର କରିବା, ୨୦୧୧ରେ ତମାଖୁ ନିୟନ୍ତ୍ରଣ ପାଇଁ ଡବ୍ଲ୍ୟୁଏଚ୍ ପକ୍ଷରୁ ନୂତନ ପ୍ରଣାଳୀର ସ୍ଲୋଗାନ ରହିଥିଲା। ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ; ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ। ଏହା ଧୀରେ ଧୀରେ ମଣିଷଙ୍କୁ କାଙ୍ଗାଳ କରିଦେବା ସହ ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ। ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ। ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ। ବର୍ତ୍ତମାନର ଯୁବପିଢ଼ି ଧୂମପାନ ବ୍ୟତୀତ ତମାଖୁ ଓ ଗୁଟଖାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ। ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା। ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଏପ୍ରିଲ ୭, ୧୯୮୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା। ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା। ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାର୍ଲ୍ଡ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ; ଯାହାପାଇଁ ମେ ୩୧ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି।



ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି। ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନ ଥିବା ଯୋଗୁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି। ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି। ଦିବ୍ୟମୟ ସ୍ୱାସ୍ଥ୍ୟ ପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି। ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ। ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନ କରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ। ଏ କ୍ଷେତ୍ରରେ ସରକାରଙ୍କଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା।

**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋ : ୯୪୩୭୦୫୧୯୫୭**

## ଏଇ ଭାରତରେ

ଏ ଦୋସ୍ତି ହମ ନେହିଁ ତୋଡଙ୍ଗେ...ଗୀତଟି ବଲିଉଡ୍‌ର ବ୍ଲକବଷ୍ଟର ଚଳଚ୍ଚିତ୍ର ଶୋଲେର। ଏହି ଗୀତରେ ଦୁଇ ସାଙ୍ଗଙ୍କ ବନ୍ଧୁତା ଦର୍ଶାଯାଇଛି। ଚଳଚ୍ଚିତ୍ରରେ ଜୟ ଏବଂ ବୀରୁଙ୍କ ମଧ୍ୟରେ ଥିବା ରିଲ୍ ଲାଇଫର ବନ୍ଧୁତାର ଉଦାହରଣ ଏବେ ରିୟଲ ଲାଇଫ୍‌ରେ ଘଟିଛି। ଜୟଙ୍କ ଜୀବନ ବଞ୍ଚାଇବା ପାଇଁ ବୀରୁ ନିଜ ଜୀବନକୁ ବିପଦରେ ପକାଇଥିଲେ। ଉତ୍ତରପ୍ରଦେଶ ଫିରୋଜବାଦରେ ମଧ ଏଭଳି ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ତାଙ୍କ ବନ୍ଧୁଙ୍କ ଜଳୁଥିବା ଚିତା ଉପରକୁ ଡେଇଁ ନିଜ ଜୀବନ ଦେଇଛନ୍ତି। ଫିରୋଜବାଦ ପୋଲିସ ଷ୍ଟେଶନ ନାଗଲା ଖଙ୍ଗର ଅଞ୍ଚଳର ସ୍ୱରୂପଘାଟର ବାସିନ୍ଦା ଆନନ୍ଦ ଗୌରବ ଏବଂ ଅଶୋକ ବହୁତ ଭଲ ବନ୍ଧୁ ଥିଲେ। ଉଭୟ ସାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଏକାଠି ଅଧ୍ୟୟନ କରିଥିଲେ। ଗତ ଶନିବାର ଅଶୋକଙ୍କର କର୍କଟ ରୋଗରେ ମୃତ୍ୟୁ ଘଟିଥିଲା। ଆନନ୍ଦ ଏହି ଦୁଃଖକୁ ସହ୍ୟ କରିପାରିଲେ ନ ଥିଲେ। ଯେତେବେଳେ ଅଶୋକଙ୍କର ଶେଷ ରୀତିନୀତି କରାଯାଇଥିଲା, ସେତେବେଳେ ଆନନ୍ଦ ତାଙ୍କ ଜଳୁଥିବା ଚିତା ଉପରେ ଚଢ଼ି ଯାଇଥିଲେ। ଚିତାରେ ଚଢ଼ି ଆନନ୍ଦଙ୍କ ଶରୀର ୯୫ ପ୍ରତିଶତ ଜଳି ଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଆଗ୍ରା ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ମେ ୧୯୯୮

- ଏଲ୍‌ଟିଟିଇ ଏବଂ ଶ୍ରୀଲଙ୍କା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୪୦ ଜଣ ବିଦ୍ରୋହୀ ଗେରିଲାଙ୍କ ସମେତ ୫୮ ନିହତ।
- ପାକିସ୍ତାନ ଅନ୍ତର୍ଗତ ବେଲୁଚିସ୍ତାନ ପ୍ରଦେଶର ଚାଗାଇ ପାର୍ବତ୍ୟ ଶ୍ରେଣୀରେ ଭୂମିତଳେ ୨ଟି ଅଣୁବୋମାର ସଫଳ ପରୀକ୍ଷଣ।
- ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଭୁବନେଶ୍ୱରରେ ୧୯ ଜଣଙ୍କର ଅଂଶୁଘାତରେ ମୃତ୍ୟୁ।

## ଚିରନ୍ତନୀ

ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ।
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କ ପାଇଁ ଟିକେଟ ରିହାତି ରହୁ

ମହାଶୟ,

ବଡ଼ ଖୁସିର ବିଷୟ ଏହି କି ପୁରୀ ଓ ହାଓଡା ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳର ଶୁଭାରମ୍ଭ ହୋଇଛି। ଏହା ପୁରୀରୁ ବାହାରି ହାଓଡା ଷ୍ଟେଶନରେ ପହଞ୍ଚିବାକୁ ପ୍ରାୟ ୭ ଘଣ୍ଟା ସମୟ ନେବ, କିନ୍ତୁ ଏହାର ଭଡ଼ା ଅତ୍ୟଧିକ ଧାର୍ଯ୍ୟ ହୋଇଛି। ସ୍ଲିପର କୋଚ୍ ପାଇଁ ୧୧୦୦ ଟଙ୍କା, ଏସି ଚେୟାର କାର୍ ପାଇଁ ୧୪୦୦ ରୁ ୧୮୦୦ ଟଙ୍କା ଓ ଏକଜିକ୍ୟୁଟିଭ ଶ୍ରେଣୀ ପାଇଁ ୨୨୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି, ଯାହାକି ଓଡ଼ିଶା ଓ ପଶ୍ଚିମବଙ୍ଗର ଗରିବ ଯାତ୍ରୀମାନଙ୍କୁ ସୁହାଇବ ନାହିଁ। ଏଥିରେ କେବଳ ବିତ୍ତଶାଳୀ ଯାତ୍ରୀମାନେ ଯାତ୍ରା କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଏକ୍ସପ୍ରେସ ଟ୍ରେନର ପୁରୀ– ହାଓଡା ଭଡ଼ା ହେଉଛି ମାତ୍ର ୧୬୫ ଟଙ୍କା ଓ ଏହି ଟ୍ରେନ୍ ପ୍ରାୟ ୯ ଘଣ୍ଟା ସମୟ ମଧ୍ୟରେ ହାଓଡାରେ ପହଞ୍ଚୁଛି। ପାସେଞ୍ଜର ଟ୍ରେନର ଭଡ଼ା ଆହୁରି କମ୍। ଏସବୁ ଟ୍ରେନରେ ଦିବ୍ୟାଙ୍ଗ ଓ ଅନ୍ୟ ଯାତ୍ରୀମାନଙ୍କ ପାଇଁ ୫୦ ପ୍ରତିଶତରୁ ଆରମ୍ଭକରି ୭୫ ପ୍ରତିଶତ ପର୍ଯ୍ୟନ୍ତ ଭଡ଼ା ରିହାତି ଉପଲବ୍ଧ ହେଉଛି। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ରେ ଗରିବଙ୍କ ପାଇଁ ଏସବୁ ସୁବିଧା ନାହିଁ। ରେଳମନ୍ତ୍ରୀ ଜାଣିବା ଉଚିତ କି ପ୍ରତିଦିନ ପଶ୍ଚିମବଙ୍ଗରୁ ହଜାର ହଜାର ଯାତ୍ରୀ ସପରିବାର ପୁରୀ ଆସିଥାନ୍ତି । ଏମାନେ ବନ୍ଦେ ଭାରତ ଟ୍ରେନ୍‌ରେ ଏତେ ଭଡ଼ା ଦେଇ ଯାତାୟାତ କରିପାରିବେ କି ? ସୁତରାଂ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ରେ ସେମାନଙ୍କ ପାଇଁ ସୁବିଧା କରାଯାଉ

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାରତର ମୋଦି ଯୁଗ ଅଭିବୃଦ୍ଧି, ପରିବେଶ, ମାନବବାଦ ଓ ସାମାଜିକ କଲ୍ୟାଣର ଅପୂର୍ବ ସଂଗମ


ରାମନାଥ କୋବିନ୍ଦ

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ସରକାର ମେ ୩୦ରେ ନ'ବର୍ଷ ପୂରଣ କରିଛି। ଏହି ଶାସନ କାଳରେ ଦେଶର ସବୁ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଭାରତର ଅଭିବୃଦ୍ଧି ଓ ବିକାଶ କାହାଣୀ ଅବ୍ୟାହତ ରହିଛି। ପରିବର୍ତ୍ତନଶୀଳ ଭାରତର ମୁଁ ଜଣେ ସାକ୍ଷୀ। ପ୍ରଥମେ ଜଣେ ସାଧାରଣ ନାଗରିକଭାବେ, ଏହାପରେ ରାଜ୍ୟପାଳ ଓ ପରବର୍ତ୍ତୀ ସମୟରେ ଦେଶର ରାଷ୍ଟ୍ରପତି ଭାବେ ଏବଂ ଏବେ ପୂର୍ବତନ ରାଷ୍ଟ୍ରପତି ଭାବେ ମୁଁ ଏହି ପରିବର୍ତ୍ତନ ଦେଖୁଛି।

ପରିବର୍ତ୍ତନ ଉପଲବ୍ଧିର ଅନୁଭୂତି ଦେଶର ପ୍ରତ୍ୟେକ ନାଗରିକଙ୍କର ଥିବ। ବିଗତ ନ'ବର୍ଷ ମଧ୍ୟରେ ଭାରତରେ ଯେଉଁ ବୈପ୍ଳବିକ ପରିବର୍ତ୍ତନମାନ ଘଟିଛି ତାହା ଦେଖି ସମଗ୍ର ବିଶ୍ୱ ଚକିତ। ଅନେକ ଦେଶ ଆମ ସଫଳତାର ସୂତ୍ରକୁ କାର୍ଯ୍ୟକାରୀ କରି ଆମ ପଦାଙ୍କ ଅନୁସରଣ କରୁଛନ୍ତି। ବିଗତ ନ'ବର୍ଷ ନୂଆ ଭାରତ ବା 'ନ୍ୟୁ ଇଣ୍ଡିଆ' ଗଠନ ପାଇଁ ଉତ୍ସର୍ଗୀକୃତ ହୋଇଥିଲା।

ଏହି ନ'ବର୍ଷ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ମର୍ଯ୍ୟାଦା ଓ ଶକ୍ତି ବୃଦ୍ଧି ଦେଖିବା ଏକ ସନ୍ତୋଷ ଓ ଆନନ୍ଦର ବିଷୟ। ଭାରତର ଏହି କ୍ରମବର୍ଦ୍ଧିଷ୍ଣୁ ଆଭା ଗୁରୁତ୍ୱପୂର୍ଣ୍ଣ; କାରଣ ବିଶ୍ୱ ଯୁଦ୍ଧ ନୁହେଁ, ଶାନ୍ତି ଚାହେଁ। ବିଭିନ୍ନ ବୈଶ୍ୱିକ ମାନବିକ ଆଦର୍ଶର ପ୍ରସାର ପାଇଁ ମଧ୍ୟ ଭାରତ କାମ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ସ୍ୱର ଓ ମତାମତ ବିଶ୍ୱ ଶାନ୍ତି, ସହଯୋଗ, ପରିବେଶ ଓ ପରିତନ୍ତ୍ରର ସୁରକ୍ଷା, ବାଣିଜ୍ୟ, ବ୍ୟବସାୟ ଆଦି ପ୍ରତ୍ୟେକ ପ୍ରସଙ୍ଗରେ ଗୁରୁତ୍ୱ ବହନ କରୁଛି। ନିକଟରେ ପ୍ରଧାନମନ୍ତ୍ରୀଙ୍କ ଜାପାନ, ଅଷ୍ଟ୍ରେଲିଆ ଓ ଫିଜି ଗସ୍ତ କାଳରେ ଏହାର ଝଲକ ଆମେ ଦେଖିବାକୁ ପାଇଥିଲୁ।

ଯେଉଁ ଢଙ୍ଗରେ ଭାରତ ଜି-୨୦ର ବିଭିନ୍ନ ବୈଠକର ଆୟୋଜନ କରୁଛି ଏବଂ ଏଥିରେ ଯେଉଁ ଆତିଥ୍ୟ ଦେଖାଉଛି ତାହା ଉଲ୍ଲେଖଯୋଗ୍ୟ। ଏହି ନିକଟରେ ଶ୍ରୀନଗରରେ ଏଭଳି ଏକ ବୈଠକ ସଫଳତାର ସହିତ ଶେଷ ହୋଇଛି। ଶ୍ରୀନଗର ବ୍ୟତୀତ ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଆୟୋଜିତ ଜି-୨୦ର କେତେକ ବୈଠକରେ ଭାରତର ଦର୍ଶନ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଝଲକ ଦେଖିବାକୁ ମିଳିଥିଲା।

ବିଗତ ନ'ବର୍ଷରେ ଭାରତର ଯାତ୍ରାରେ ମୋତେ ସବୁଠୁ ଅଧିକ ଆନନ୍ଦିତ ଓ ଆକର୍ଷିତ କରିଛି ଦେଶର ଗରିବ ଓ ଅନଗ୍ରସର ବର୍ଗଙ୍କ ସଶକ୍ତୀକରଣ। ଏହି ପ୍ରୟାସରେ ଆମ ଦେଶର ଚାଷୀ, ଗ୍ରାମବାସୀ, ଦଳିତ ଓ ଆଦିବାସୀ ମହିଳା ଓ ଯୁବବର୍ଗଙ୍କୁ ମଧ୍ୟ ସାମିଲ କରାଯାଇଛି। ଆଜି ଭାରତର ମହିଳା ଶକ୍ତି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଜର ଗୁରୁତ୍ୱ ପ୍ରତିପାଦିତ କରୁଛନ୍ତି। ସମଗ୍ର ବିଶ୍ୱ ମଧ୍ୟ ଭାରତୀୟ ଯୁବଶକ୍ତିର ସାମର୍ଥ୍ୟ ଦେଖୁଛି ଓ ଏହାକୁ ସ୍ୱୀକାର କରୁଛି। ନରେନ୍ଦ୍ର ମୋଦିଙ୍କ ସରକାର ସାମାଜିକ ନ୍ୟାୟ ଓ କଲ୍ୟାଣ ପ୍ରସଙ୍ଗରେ ଅଙ୍ଗୀକୃତ ଭାବେ କାମ କରୁଛି। ଏହି ସରକାରର ଶ୍ରମ ସଂସ୍କୃତିରେ 'ସବ୍ କା ସାଥ୍ ସବ୍ କା ବିକାଶ' ଏକ ଦିଗ୍‌ଦର୍ଶନକାରୀ ନୀତିରେ ପରିଣତ ହୋଇଛି।

ଏହି ସମୟ ମଧ୍ୟରେ ବ୍ୟାଙ୍କ ସୁବିଧା ଦେଶର ୪୮କୋଟି ଗରିବଙ୍କୁ ପ୍ରଦାନ କରାଯାଇଛି। ବିଜୁଳି ନ ଥିବା ୧୮,୮୦୦ ଗାଁକୁ ବିଜୁଳି ଯୋଗାଇବାରେ ସରକାର ସଫଳ ହୋଇଛନ୍ତି। ଏଥିରେ ୪କୋଟି ଘରକୁ ବିଜୁଳି ସଂଯୋଗ ମିଳିଛି। ପ୍ରାୟ ୧୧କୋଟି ଶୌଚାଳୟ ନିର୍ମିତ ହୋଇଛି ଏବଂ ୯.୫ କୋଟି ରନ୍ଧନ ଗ୍ୟାସ୍ ସୁବିଧା ଦେଶର ମହିଳାଙ୍କୁ ମିଳିଛି।

ସେହିଭଳି ଆୟୁଷ୍ମାନ ଭାରତ ଯୋଜନାରେ ୫୫କୋଟି ଭାରତୀୟ ଅନ୍ତର୍ଭୁକ୍ତ ହୋଇଛନ୍ତି। ଦେଶର ଲକ୍ଷ ଲକ୍ଷ ଗାଁକୁ ଫାଇବର ଅପ୍ଟିକ୍ସ ସଂଯୋଗ ଯୋଗାଇ ଦିଆଯାଇଛି। ଚାଷୀ ଓ ଶ୍ରମିକଙ୍କୁ ସରକାର ମାସିକ ପେନ୍‌ସନ ପ୍ରଦାନ କରୁଛନ୍ତି। କିଷାନ ସମ୍ମାନ ନିଧି ଯୋଜନାରେ ଦେଶର ୧୦କୋଟିରୁ ଅଧିକ ଚାଷୀଙ୍କୁ ସରକାର ଆର୍ଥିକ ସହାୟତା ଦେଉଛନ୍ତି। ଏହା ବ୍ୟତୀତ ଦେଶର ୮୦କୋଟିରୁ ଅଧିକ ଲୋକଙ୍କୁ କେନ୍ଦ୍ର ସରକାର ମାଗଣାରେ ମାସିକ ରାଶନ (ଖାଦ୍ୟଶସ୍ୟ) ଯୋଗାଇ ଦେଉଛନ୍ତି।

ଏବେ ସରକାର ଡିବିଟି ଯୋଜନାରେ ହିତାଧିକାରୀମାନଙ୍କୁ ସିଧାସଳଖ ଟଙ୍କା ବ୍ୟାଙ୍କ ଖାତାରେ ଯୋଗାଉଛନ୍ତି। ଏହା ଫଳରେ ମଧ୍ୟସ୍ଥ ଓ କମିଶନ ଏଜେଣ୍ଟ ଏହି ଅର୍ଥ ବାଟମାରଣା କରିବାର ସୁଯୋଗ ବନ୍ଦ ହୋଇଯାଇଛି। ଏହି ବ୍ୟବସ୍ଥା ଫଳରେ ସରକାରୀ ଅର୍ଥ ବାଟମାରଣା ବନ୍ଦ ହେବା ସହିତ ବିପୁଳ ସରକାରୀ କ୍ଷତିକୁ ରୋକାଯାଇପାରିଛି। ବିଗତ ନ'ବର୍ଷ ମଧ୍ୟରେ ଦେଶରେ ନାଗରିକଙ୍କ ମୁଣ୍ଡ ପିଛା ଆୟ ଓ ଚାଷୀଙ୍କ ଆୟ ବଢ଼ିଛି। ନରେନ୍ଦ୍ର ମୋଦି ସରକାର ଦେଶର ସବୁ ଗାଁକୁ ପକ୍କା ସଡ଼କ ସଂଯୋଗ ସୁବିଧା ଦେଇଛନ୍ତି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ପ୍ରଗତି ଘଟିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିବୃଦ୍ଧି ଓ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଦେଶକୁ କେବଳ ଆଗକୁ ନେଉନାହାନ୍ତି, ସେ ମଧ୍ୟ ଅନେକ ଐତିହାସିକ ତ୍ରୁଟିକୁ ସଂଶୋଧନ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଅନେକ ଅତି ବିବାଦୀୟ ପ୍ରସଙ୍ଗର ସମାଧାନ କରିଛନ୍ତି। ଅଯୋଧ୍ୟାରେ ଏକ ଭବ୍ୟ ରାମମନ୍ଦିର ନିର୍ମିତ ହେଉଛି, ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଧାରା ୩୭୦କୁ ଉଚ୍ଛେଦ କରାଯାଇଛି, ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟାତ୍ମକ ଲଢ଼େଇ ଚାଲିଛି ଏବଂ ମୁସଲମାନ ମହିଳା ତିନି ତଲାକ୍‌ର ଅଭିଶାପରୁ ମୁକ୍ତ ହୋଇଛନ୍ତି।

ବିଗତ ୯ବର୍ଷକୁ ଉପନିବେଶବାଦୀ ମାନସିକତା ଓ ଉତ୍ତରାଧିକାରରୁ ଭାରତକୁ ମୁକ୍ତ କରିବାକୁ ଉତ୍ସର୍ଗ କରାଯାଇଛି। ନୂଆଦିଲ୍ଲୀର ରେସ୍‌କୋର୍ସ ରୋଡ୍ ଏବେ ଲୋକକଲ୍ୟାଣ ମାର୍ଗରେ ପରିଣତ ହୋଇଛି। ଜାତୀୟ ସ୍ମାରକକୁ ପରିଶେଷରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଅର୍ପଣ କରାଯିବା ସହିତ ଐତିହାସିକ ଇଣ୍ଡିଆ ଗେଟ୍‌ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମାକୁ ସରକାର ସ୍ଥାପନ କରିଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟ, ଯାହା ବିଶ୍ୱର ସବୁଠୁ ଉଚ୍ଚ ପ୍ରତିମା, ତାହା ସର୍ଦ୍ଦାର ପଟେଲଙ୍କୁ ସମର୍ପିତ ହୋଇଛି। ଭାରତର ଏକୀକରଣରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସର୍ଦ୍ଦାର ପଟେଲଙ୍କ ଏହି ଦୀର୍ଘତମ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ ୟୁନିଟ୍ ନାମରେ ଦେଶବାସୀଙ୍କୁ ଅନୁପ୍ରାଣିତ କରୁଛି।

ଭାରତ ଏବେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ, କିନ୍ତୁ ଆମ ଗଣତନ୍ତ୍ରର ମନ୍ଦିର, ଆମ ପାର୍ଲାମେଣ୍ଟ ହାଉସ, ଏଯାଏ ବ୍ରିଟିଶ ଶାସନ କାଳରେ ନିର୍ମିତ ଭବନରେ ଚାଲିଥିଲା। ସେ ଭବନଟି କିନ୍ତୁ ସଂସଦ ଭବନ ପାଇଁ ନିର୍ମିତ ହୋଇ ନ ଥିଲା। ତାହାର ନିର୍ମାଣ ଭିନ୍ନ କାମ ପାଇଁ ହୋଇଥିଲା। ଅତଏବ ଏକ ନୂଆ ସଂସଦ ଭବନ ନିର୍ମାଣର ଆବଶ୍ୟକତା ଅନେକ ଦିନରୁ ଅନୁଭୂତ ହେଉଥିଲା। ମୁଁ ଯେତେବେଳେ ସାଂସଦ ଥିଲି ସେତେବେଳେ ବ୍ୟକ୍ତିଗତ ଭାବେ ଏକ ନୂଆ ସଂସଦ ଭବନ ନିର୍ମାଣର ଆବଶ୍ୟକତା ଅନୁଭବ କରୁଥିଲି। ଏହି ପ୍ରସଙ୍ଗଟି ଅନେକ ଥର ସଂସଦରେ ଆଲୋଚନା ହୋଇଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପୂର୍ବରୁ କୌଣସି ସରକାର ଉଦ୍ୟମ କରି ନ ଥିଲେ। ଏହି କାମଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ହୋଇଛି। ସେ ଏଭଳି ଏକ ଆହ୍ୱାନମୂଳକ କାମକୁ ସଫଳତାର ସହ ଖୁବ୍ କମ୍ ଦିନରେ ଶେଷ କରିପାରିଛନ୍ତି। ଏହି ନୂଆ ସଂସଦ ଭବନ ଆମର ଗଣତାନ୍ତ୍ରିକ ନୀତି ଓ ମୂଲ୍ୟବୋଧର ସଂରକ୍ଷଣ ତଥା ପ୍ରୋତ୍ସାହନରେ ସହାୟକ ହେବ। ଏହି ସଂସଦ ଭବନର ନିମ୍ନ ସଦନ ବା ଲୋକ ସଭାରେ 'ସେଙ୍ଗଲ' ବା ରାଜଦଣ୍ଡର ସ୍ଥାପନ ଏକ ନୂଆ ଇତିହାସ ସୃଷ୍ଟି କରିଛି।

ନରେନ୍ଦ୍ର ମୋଦି ସରକାର ବିଗତ ୯ବର୍ଷ ମଧ୍ୟରେ ଦେଶର ସମସ୍ୟା ଓ ଆହ୍ୱାନକୁ ସୁଯୋଗରେ ପରିବର୍ତ୍ତନ କରିଛନ୍ତି। କରୋନା ମହାମାରୀ ସମୟରେ ସମଗ୍ର ଦେଶ ଯେଉଁଭଳି ଭାବେ ପ୍ରଧାନମନ୍ତ୍ରୀଙ୍କ ପଛରେ ଏକତ୍ର ହୋଇ ଦୃଢ଼ଭାବେ ଛିଡ଼ା ହେଲା ଓ ରୋଗ ଜୀବାଣୁ ସହିତ ଲଢ଼େଇ କରି ଭାରତକୁ ବିଜୟୀ କଲା ତାହା ଥିଲା ଅତ୍ୟନ୍ତ ପ୍ରଶଂସନୀୟ। ଏହି ମହାମାରୀ ସହିତ, ବିଶ୍ୱ ମାନ୍ଦାବସ୍ଥା ଓ ରୁଷିଆ-ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ଭାରତର ଅର୍ଥନୀତି ବିଶେଷ ପ୍ରଭାବିତ ହୋଇନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ଭାରତକୁ ମାତ୍ର ୯ବର୍ଷ ମଧ୍ୟରେ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ଅର୍ଥନୀତିରେ ସ୍ଥାନିତ କରାଇଛି। ଭାରତ ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାକୁ ଯାଉଛି। ଆମ ଦେଶରୁ ପ୍ରତିରକ୍ଷା ଉପକରଣ ବିଦେଶକୁ ରପ୍ତାନି ହେବା ନିଶ୍ଚିତ ଏକ ଉତ୍ସାହଜନକ ଖବର। ଦେଶର ସୀମାକୁ ସୁଦୃଢ଼ କରିବାକୁ ମୋଦି ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ସେଥିରୁ ଗୋଟିଏ ଯୋଜନା ହେଲା ସୀମାନ୍ତରେ ଥିବା ଗ୍ରାମଗୁଡ଼ିକୁ ଶକ୍ତିଶାଳୀ କରିବା।

ବିଗତ ନ'ବର୍ଷ ମଧ୍ୟରେ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆହୁରି ମଧ୍ୟ ପୂର୍ବ ସରକାର ଅମଳରେ ବେଶ୍ ଆଡ଼ମ୍ବର ସହକାରେ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇପାରି ନ ଥିବା ଅନେକ ପ୍ରକଳ୍ପକୁ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ କରିଛନ୍ତି। ସେଥିମଧ୍ୟରୁ କଂଗ୍ରେସ ସରକାର ସମୟରେ ଆରମ୍ଭ ହୋଇଥିବା ଅସମ୍ପୂର୍ଣ୍ଣ ଭାବେ ପଡ଼ିଥିବା ୪୦୦ ପ୍ରକଳ୍ପ ଅନ୍ୟତମ। ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିବା କ୍ଷଣି ତୁରନ୍ତ ଏକ ଟାସ୍କଫୋର୍ସ ଗଠନ କରି ଦୀର୍ଘକାଳ ଧରି ପଡ଼ି ରହିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ।

ମୋ ବିଚାରରେ ବିଗତ ୯ବର୍ଷ ଥିଲା ଆଶା, ଆକାଂକ୍ଷା ଓ ବିଶ୍ୱାସର ବର୍ଷ। ଏହା ମଧ୍ୟ ପ୍ରଗତି, ପରିବେଶ, ମାନବବାଦ ଓ ସାମାଜିକ କଲ୍ୟାଣର ଏକ ଉଲ୍ଲେଖନୀୟ ସଂଗମ। ଏହାଦ୍ୱାରା ଆମେ ୨୦୪୭ସୁଦ୍ଧା ସ୍ୱାଧୀନତାର ଏକଶହ ବର୍ଷ ପୂର୍ତ୍ତି ବେଳକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷ୍ୟ ପୂରଣ କରିପାରିବା। ଦେଶସେବାରେ ନିଜକୁ ପୁନଃ ସମର୍ପିତ କରି ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାକୁ ଶପଥ ନେବାର ସମୟ ଆସିଛି।

**(ଲେଖକ ଭାରତର ପୂର୍ବତନ ରାଷ୍ଟ୍ରପତି )**

# ଚାଟ୍‌ଜିପିଟି, ବ୍ଲୁଟୁଥ୍ ଜରିଆରେ କପି କରିଥିଲେ ପରୀକ୍ଷାର୍ଥୀ

**ଟିଏସ୍‌ପିଏସ୍‌ସି ପ୍ରଶ୍ନପତ୍ର ପ୍ରଘଟ ମାମଲା**




**ହାଇଦ୍ରାବାଦ,୩୦।୫**

ତେଲଙ୍ଗାନା ରାଜ୍ୟ ଲୋକ ସେବା ଆୟୋଗ (ଟିଏସ୍‌ପିଏସ୍‌ସି) ପ୍ରଶ୍ନପତ୍ର ପ୍ରଘଟ ମାମଲା ଏବେ ନୂଆ ମୋଡ଼ ନେଇଛି। ପରୀକ୍ଷାରେ କପି କରିବା ପାଇଁ ଆଶାୟୀମାନେ କିପରି ଚାଟ୍‌ଜିପିଟିକୁ ବ୍ୟବହାର କରିଥିଲେ ଏହା ହେଉଛି ତା'ର ପ୍ରଥମ ଉଦାହରଣ। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ ବେଳେ ଉତ୍ତର ପାଇବା ପାଇଁ ସଦ୍ୟତମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ବ୍ୟବହାର କରିଥିବା ଜଣେ ଅଭିଯୁକ୍ତଙ୍କୁ ଠାବ କରିଛି। ଅଭିଯୁକ୍ତ ପୁଲା ରମେଶ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଏବଂ ଡିଭିଜନାଲ ଆକାଉଣ୍ଟ ଅଫିସର ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ପରୀକ୍ଷାର ପ୍ରଶ୍ନପତ୍ରକୁ ହାତେଇ ପାରିଥିଲେ। ପରେ ସେ ଚାଟ୍‌ଜିପିଟି ବ୍ୟବହାର କରି ସେଗୁଡ଼ିକର ଉତ୍ତର ପାଇପାରିଥିଲେ। ତେଲଙ୍ଗାନାର ଉତ୍ତରାଞ୍ଚଳ ବିଦ୍ୟୁତ୍ ବଣ୍ଟନ କମ୍ପାନୀର ଡିଭିଜନାଲ ଇଞ୍ଜିନିୟର ଥିବା ୩୫ ବର୍ଷୀୟ ରମେଶ ସେହି ଉତ୍ତରଗୁଡ଼ିକୁ ହଲ୍‌ରେ ପରୀକ୍ଷା ଦେଉଥିବା ଆଶାୟୀମାନଙ୍କ ନିକଟକୁ ବ୍ଲୁଟୁଥ ଇୟରବଡ୍ସ ଜରିଆରେ ପ୍ରେରଣ କରିଥିଲେ। ଏପରି କି ସେ ଆସିଷ୍ଟାଣ୍ଟ ଇଞ୍ଜିନିୟର (ସିଭିଲ) ପରୀକ୍ଷା ସମ୍ପର୍କିତ ପ୍ରଶ୍ନର ଉତ୍ତର ମଧ୍ୟ ୭ ଜଣଙ୍କୁ ବିକ୍ରି କରିଥିଲେ।

# ଏୟାର ଇଣ୍ଡିଆ କର୍ମଚାରୀଙ୍କୁ ମାଡ଼ ମାରିଲେ ଯାତ୍ରୀ

**ନୂଆଦିଲ୍ଲୀ, ୩୦।୫**

ଗୋଆରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନର ଜଣେ କ୍ରିଉ ସଦସ୍ୟଙ୍କୁ ସୋମବାର ଜଣେ ପୁରୁଷ ଯାତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବିମାନଟି ଦିଲ୍ଲୀ ଏୟାରପୋର୍ଟରେ ଅବତରଣ କରିବା ପରେ ବିଶୃଙ୍ଖଳିତ ଯାତ୍ରୀଙ୍କୁ ସୁରକ୍ଷା କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଗତ କିଛି ମାସ ମଧ୍ୟରେ ବିମାନରେ ଅନେକ ଥର ଯାତ୍ରୀମାନଙ୍କ ବିଶୃଙ୍ଖଳିତ କାର୍ଯ୍ୟର ଖବର ପ୍ରକାଶ ପାଇଲାଣି। ଗୋଆ-ନୂଆଦିଲ୍ଲୀ ଏଆଇ୮୮୨ ବିମାନରେ ଯାତ୍ରୀ ଜଣକ ପ୍ରଥମେ କ୍ରିଉ ସଦସ୍ୟଙ୍କୁ ଗାଳିଗୁଲଜ କରିବା ପରେ ମାଡ଼ ମାରିଥିଲେ। ଏ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଜଣାଇ ଦିଆଯାଇଛି।

# ଜୁଲାଇ ୮ରେ ମହାନଦୀ ଜଳବିବାଦ ଶୁଣାଣି

**ନୂଆଦିଲ୍ଲୀ, ୩୦।୫**

ନିକଟରେ ଓଡ଼ିଶାରେ କ୍ଷେତ୍ର ପରିଦର୍ଶନ ଶେଷ କରିଥିବା ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଜୁଲାଇ ୮ରେ ପିଟିଶନ୍‌ର ଶୁଣାଣି କରିବ। ମହାନଦୀ ଜଳ ବଣ୍ଟନକୁ ନେଇ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଟ୍ରିବ୍ୟୁନାଲରେ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଟ୍ରିବ୍ୟୁନାଲର ୩ ଜଣିଆ ଟିମ୍ ୨୮ ତାରିଖରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଗସ୍ତ ଶେଷ କରିଥିଲେ। ଏହା ପୂର୍ବରୁ ଏପ୍ରିଲରେ ଉକ୍ତ ଟିମ୍ ଛତିଶଗଡ଼ ଯାଇ ମହାନଦୀରେ ନିର୍ମାଣ ହୋଇଥିବା ବିଭିନ୍ନ ବ୍ୟାରେଜ ଦେଖିବା ସହ ଜଳପ୍ରବାହ ସ୍ଥିତି ଅନୁଧ୍ୟାନ କରିଥିଲା। ମହାନଦୀ ଜଳବଣ୍ଟନ ନେଇ ୧୯୪୭ରେ ହୋଇଥିବା ଚୁକ୍ତିନାମାକୁ ଛତିଶଗଡ଼ ଉଲ୍ଲଂଘନ କରିଥିବା ପୂର୍ବରୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରିଥିଲେ। ମହାନଦୀର ଉପର ମୁଣ୍ଡରେ ଥିବା ଛତିଶଗଡ଼ ଅନେକ ବ୍ୟାରେଜ୍ ନିର୍ମାଣ କରି ୧୧ ନିୟୁତ ଏକର ଫୁଟ୍ ଜଳ ଅଟକାଇ ରଖିଛି, ଯାହା ୧୯୪୭ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ଓଡ଼ିଶା କହିଥିଲା। ୧୯୪୭ ହୀରାକୁଦ ପ୍ରକଳ୍ପ ଡିପିଆର୍ ଅନୁଯାୟୀ ମହାନଦୀରେ ଛତିଶଗଡ଼ର ଜଳ ଭାଗ ହେଉଛି ୮.୩୩ ନିୟୁତ ଏକର ଫୁଟ୍।

# ସ୍ୱୀକୃତି ହରାଇପାରନ୍ତି ୧୫୦ ମେଡିକାଲ କଲେଜ

**ନୂଆଦିଲ୍ଲୀ, ୩୦।୫**

ପର୍ଯ୍ୟାପ୍ତ ଶିକ୍ଷକ ରଖି ନ ଥିବା ଏବଂ ନିୟମର ଅନୁପାଳନ କରୁ ନ ଥିବା ଦେଶର ପ୍ରାୟ ୧୫୦ ମେଡିକାଲ କଲେଜ ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) ସ୍ୱୀକୃତି ହରାଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୪୦ ମେଡିକାଲ କଲେଜ ସ୍ୱୀକୃତି ହରାଇସାରିଲେଣି। ସେମାନେ ଷ୍ଟାଣ୍ଡାର୍ଡର ଅନୁସରଣ କରୁଥିବା ନେଇ ଏନ୍‌ଏମ୍‌ସିକୁ ଦେଖାଇବାକୁ ପଡ଼ିବ। ସ୍ୱୀକୃତି ହରାଇବା ସମ୍ଭାବନା ନେଇ ଏନ୍‌ଏମ୍‌ସି ନଜରରେ ଗୁଜରାଟ, ଆସାମ, ପଣ୍ଡିଚେରୀ, ତାମିଲନାଡ୍ରୁ, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତ୍ରିପୁରା ଓ ପଶ୍ଚିମବଙ୍ଗର ମେଡିକାଲ କଲେଜ ରହିଛନ୍ତି।

# କଂଗ୍ରେସ ଏମ୍‌ପି ବାଲୁ ଧନୋର୍କରଙ୍କ ପରଲୋକ



**ନୂଆଦିଲ୍ଲୀ, ୩୦।୫(ପି.ଟି.)**

ମହାରାଷ୍ଟ୍ରର କଂଗ୍ରେସ ଏମ୍‌ପି ବାଲୁ ଧନୋର୍କରଙ୍କର ମଙ୍ଗଳବାର ସକାଳେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। ତାଙ୍କ ସ୍ତ୍ରୀ ପ୍ରତିଭା ବିଧାୟକ ଅଛନ୍ତି। କିଡ୍‌ନୀ ଷ୍ଟୋନ୍ ଚିକିତ୍ସା ପାଇଁ ସେ ଗତ ୨୬ ତାରିଖରେ ନାଗପୁରର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ରବିବାର ତାଙ୍କୁ ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚନ୍ଦ୍ରପୁରରୁ ଲୋକ ସଭା ସଦସ୍ୟ ଥିବା ଧନୋର୍କରଙ୍କ ମରଶୀରରକୁ ତାଙ୍କ ନିଜ ସହର ୱାରୋରା ନିଆଯାଇଛି ଓ ବୁଧବାର ସକାଳେ ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କ ଅକାଳ ମୃତ୍ୟୁରେ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି।

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-776 OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.2855 Date: 30.05.2023
Identification No. On line Bidding OSIC/Constn./2023-2024/003
(A)1.Name of the work : Development and beautification of B.B. Guda Pond at Malkangiri Municipality.
2.Total No of works : 01 No.
3. Estimated cost : 4,27,61,960.00(approx)
4.Class of Contractor : A Class as per eligibility criteria online.
5.Period of completion : 12(Twelve) calendar months.
(B) Other details

| Procurement online | Bid Identifi-cation No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 003 of 2023-2024 | 31.05.23 | 21.06.23 | 22.06.23 at 11.00 A.M |

Further details can be seen from the website www.tendersodisha.gov.in .Any amendment corrigendum, cancellation or re-tender may please be referred to the website.
Sd/-
GENERAL MANAGER(O)
OIPR-14073/11/0027/2324

AXIS BANK
Axis bank invites proposals for premises on lease/rent for its new branches / offices at various locations across the country.
All interested parties may visit our website at the below mentioned link :
https://pfb.axisbank.co.in/property-lease/create

**PARADIP PORT AUTHORITY**
**e-TENDER CALL NOTICE**
No.:CE/HWDI/ACCTS-20/22/181 Date:25.05.2023
**Name of the Work:** "Construction of New Canteen Building at IOHP inside Harbour area". **EMD cost: Rs.2,23,078/-.** Last Date and time of submission of Bid: **16.06.2023 up to 17:15 Hrs.**
For details please refer our Website eprocure.gov.in/eprocure/app
Sd/-Executive Engineer
Harbour Works Division No.-I
Paradip Port Authority
PPA/PR/19/2023-24 dtd.29.05.2023

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ଏଏଲ୍ 4825
ଟିପ୍ପର୍ ସମ୍ପୂର୍ଣ୍ଣ ନିର୍ମିତ ଗାଡ଼ି
ଗାଡ଼ି ନଂ. OD09V3763
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 3250000.00
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

**पूर्व तट रेलपथ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023026, ତା.17.05.2023ରିଖ
**କାର୍ଯ୍ୟର ନାମ:** ତାଳଚେର-ବିମଳାଗଡ଼ ନୂଆ B.G ରେଳ ଲିଙ୍କ୍ ପ୍ରକଳ୍ପ: ଖମାର (CSB : କି.ମି.48.125-ୟାର୍ଡ଼ ବ୍ୟତୀତ) ଏବଂ ଶ୍ରୀରାମପୁର (CSB : କି.ମି.67.425-ୟାର୍ଡ଼ ସହିତ) ମଧ୍ୟରେ ଫର୍ମେସନ, ଛୋଟ ପୋଲ, ଡ୍ରେନ୍, ରକ୍ଷଣ କାର୍ଯ୍ୟ(Protection works), ରୋଡ୍ ଅଣ୍ଡର ବ୍ରିଜ୍ (RUBs)ଗୁଡ଼ିକର ପ୍ରବେଶ ପଥରେ ମାଟି କାମ, ଟ୍ରାକ୍ ବାଲାଷ୍ଟର ଯୋଗାଣ, P.Way ଲିଙ୍କିଙ୍ଗ୍ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 13847.51 ଲକ୍ଷ, EMD (ଟଙ୍କାରେ): 70,73,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.06.2023 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-30/CG/23-24

**पूर्व तट रेलपथ**
ଫାଇଲ୍ ନଂ.DRM/Engg/KUR/23-24/E-Tender/29, ତା.23.05.2023ରିଖ
ଟେଣ୍ଡର ସଂ.eTender-Cent-KUR-88-2023,ତା.17.05.2023ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ପରିସୀମା ଅଧୀନରେ ରୋବୋଟିକ୍ ୱେଲ୍ଡିଙ୍ଗ୍ ଜ୍ଞାନକୌଶଳ ବ୍ୟବହାର କରି କ୍ଷତିଗ୍ରସ୍ତ CMS କ୍ରସିଙ୍ଗ୍‌ଗୁଡ଼ିକର ମୌଳିକ ସ୍ଥିତିରେ ଥାଇ (In-situ)ପ୍ରସ୍ତାବିତ ରିକଣ୍ଡିସନିଙ୍ଗ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 72.05 ଲକ୍ଷ, EMD (ଟଙ୍କାରେ): 1,44,100/-, ଶେଷ ହେବା ଅବଧି : 10(ଦଶ) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.06.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-216/O/23-24

**कार्यालय, नगर परिषद, गोड्डा**
(अतिअल्पकालीन ई–निविदा आमंत्रण सूचना संख्या–UDD/NPG/04/2022-23)
1. वेबसाईट पर निविदा अपलोड करने की तिथि :–दिनांक : 07.06.2023 पूर्वाह्न 11:30 बजे।
2. Online निविदा प्राप्त करने की तिथि :–दिनांक : 07.06.2023 के पूर्वाह्न 11:30 बजे से दिनांक : 19.06.2023 के अपराह्न 01:00 बजे तक।
3. परिमाण विपत्र का मूल्य, अग्रधन की राशि एवं निविदा से संबंधित अन्य हार्ड प्रति जमा करने की तिथि :–दिनांक : 21.06.2023 को अपराह्न 01:00 बजे तक।
4. निविदा खोलने की तिथि :– दिनांक : 21.06.2023 को अपराह्न 04:00 बजे तक।
5. निविदा आमंत्रण करने वाले पदाधिकारी का नाम :–कार्यपालक पदाधिकारी, नगर परिषद, गोड्डा
6. निविदा से संबंधित जानकारी हेतु (कार्यालय अवधी में) सम्पर्क नं0 :– 6202337124, 8521237291
7. निविदा (योजनाओं) से संबंधित विवरणी :–

| Sl | Name of Scheme | Estimated Amount | Earnest Mony | Tender Fee | Time of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | वार्ड नं0 19, 20 एवं 21 में पी0सी0सी0 पथ एवं आर0सी0सी0 नाला (Precast Slab) निर्माण। | 1,48,65,100.00 | 297302=00 | 10000=00 | 6 (Six) Months |
| 02 | Improvement of Bus Stand Godda, (PIN-814133) | 70,23,700.00 | 140474=00 | 10000=00 | 6 (Six) Months |
| 03 | Construction of R.C.C. Drain Frome Bhagalpur Road to Gorhi Niche Tola. | 95,48,800.00 | 190976=00 | 10000=00 | 6 (Six) Months |
| 04 | Beutification of Road From Bijali Office To routara Chowk (With different Chowk Chowraha) | 1,12,95,200.00 | 225904=00 | 10000=00 | 6 (Six) Months |

नोट :– केवल ई– निविदा ही स्वीकृत होगा। प्राक्कलित राशि घट/बढ़ सकती है। निविदा से संबंधित सूचनाएँ वेबसाईट http:www.jharkhandtenders.gov.in तथा http://udhd.jharkhand.gov.in एवं गोड्डा नगर परिषद कार्यालय के सूचना पट पर देखा जा सकता है।
कार्यपालक पदाधिकारी
नगर परिषद, गोड्डा
PR298680 (Urban Development)23-24*D

**VISA STEEL LIMITED**
CIN: L51109OR1996PLC004601
Registered Office : 11 Ekamra Kanan, Nayapalli, Bhubaneswar 751 015, Odisha Phone: (+91-674) 255 2479, Fax: (+91-674) 255 4661
website: www.visasteel.com
Email ID for registering Investor Grievances: cs@visasteel.com
Extract of Audited Standalone/Consolidated Financial Results for the Quarter and Year ended 31 March 2023
(Rs. In Million, except EPS)

| Sl. No. | Particulars | Standalone | | | | Consolidated | |
|---|---|---|---|---|---|---|---|
| | | Quarter Ended | | Year Ended | | Year Ended | Year Ended |
| | | 31 March 2023 | 31 March 2022 | 31 March 2023 | 31 March 2022 | 31 March 2023 | 31 March 2022 |
| 1 | Total Income from Operations (net) | 1,081.71 | 2,296.79 | 5,741.22 | 7,932.35 | 6,591.99 | 11,197.03 |
| 2 | Net Profit / (Loss) for the period (before tax, Exceptional and / or Extraordinary items) | (203.31) | (75.90) | (653.49) | (525.70) | (875.63) | (872.23) |
| 3 | Net Profit / (Loss) for the period before tax (after Exceptional and / or Extraordinary items)* | (203.31) | (75.90) | (4,637.13) | (525.70) | 16,602.80 | (872.23) |
| 4 | Net Profit / (Loss) for the period after tax (after Exceptional and / or Extraordinary items)* | (203.31) | (75.90) | (4,637.13) | (525.70) | 16,602.80 | (872.23) |
| 5 | Total Comprehensive Income for the Period [Comprising Profit/(Loss) for the period (after tax) and Other Comprehensive Income (after tax)]* | (198.02) | (66.56) | (4,632.08) | (526.02) | 16,610.65 | (868.36) |
| 6 | Equity Share Capital (face value of Rs. 10/- each) | 1,157.90 | 1,157.90 | 1,157.90 | 1,157.90 | 1,157.90 | 1,157.90 |
| 7 | Other Equity | | | (8,878.92) | (4,246.84) | 8,878.89 | (25,489.54) |
| 8 | Earnings Per Share (of Rs. 10/- each) (Basic and Diluted) | (1.76) | (0.66) | (40.05) | (4.54) | 143.39 | (7.53) |

* Includes Exceptional Items (Refer Note 1 below).

Notes :
1. The above is an extract of the detailed format of Financial Results for the quarter and year ended 31 March 2023, filed with the Stock Exchanges under Regulation 33 of the Securities and Exchange Board of India (Listing and Other Disclosure Requirements) Regulations, 2015. The full format of the Financial Results for the quarter and year ended 31 March 2023 are available on the Company's website: www.visasteel.com and also available on the Stock Exchange websites, NSE: www.nseindia.com & BSE: www.bseindia.com.

By Order of the Board
For VISA Steel Limited
Sd/-
Vishal Agarwal
Vice Chairman & Managing Director
DIN 00121539
Place : Kolkata
Date : 29 May 2023

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमण्डल मनोहरपुर।**
**नेशनल कम्पीटिटिभ बिडींग**
(ई0–निविदा आमंत्रण सूचना)
ई– निविदा आमंत्रण सूचना संख्या – RCD/MANOHARPUR/01/2023-24
दिनांक: 29.05.2023

| | | |
|---|---|---|
| 1. | कार्य का नाम :– | Construction of High Level RCC Bridge over local nala in 37th k.m. of Majhgaon-Jaintgarh-Noamundi road (MDR-184) |
| 2. | प्राक्कलित राशि (रूपये में) | रू0 3,47,19,412.00 (तीन करोड़ सैंतालीस लाख उन्नीस हजार चार सौ बारह) |
| 3. | कार्य समाप्ति की अवधि | 18 (अठारह) माह। |
| 4. | वेबसाईट पर निविदा प्रकाशन की तिथि एवं समय | 14.06.2021, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 23.06.2021 , 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 25.06.2021, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर । | 8809665333 |
| 9. | ई–निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :– यूकैन निबंधित निविदाकार ही निविदा डाल सकते हैं। निविदा की राशि घट–बढ़ सकती है। विस्तृत जानकारी हेतु वेबसाईट http://jharkhandtenders.gov.in पर देखें।
कार्यपालक अभियंता,
प0नि0वि0, पथ प्रमण्डल, मनोहरपुर।
PR 298692 West Singhbhum(23-24)D

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୫।୨୦୨୩

| | |
|---|---|
| ୪,୪୬,୬୮ ଟଙ୍କା | |
| ସୁନା | ୪.୩୫୦ ଗ୍ରାମ୍ |
| ରୁପା | ୨୮.୪୦୦ ଗ୍ରାମ୍ |

## ସଂକ୍ଷେପରେ

### ରଥଯାତ୍ରା ପାଇଁ ରେଡକ୍ରସ୍ ପକ୍ଷରୁ ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୩୦।୫: ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଭାରତୀୟ ରେଡକ୍ରସ ସୋସାଇଟିର ପୁରୀ ଜିଲା ଶାଖା ପକ୍ଷରୁ ଏକ ଦିବସୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନରେ ଆୟୋଜିତ ଏହି ଶିବିରରେ ୭୧ଜଣ ସ୍ୱେଚ୍ଛାସେବୀ ଭାଗନେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆପଦକାଳୀନ ବିଭାଗର ମୁଖ୍ୟ ଜିତେନ୍ଦ୍ର ପାତ୍ର, ରେଡକ୍ରସ ସମ୍ପାଦିକା ଗୀତାଞ୍ଜଳି ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ରେଡକ୍ରସ ଶାଖାର ଟ୍ରେନିଂ ଅଫିସର ଭାବେ ଗୋପାଳକୃଷ୍ଣ ମହାପାତ୍ର, ଇତିଶ୍ରୀ ସୁନ୍ଦରାୟ ଏବଂ କୁବେର ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରାଥମିକ ଚିକିତ୍ସା ଓ ଆପଦକାଳୀନ ସମୟରେ ସେବା ପ୍ରଦାନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ରେଡ୍‌କ୍ରସର ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଦିତ୍ୟ ବରାଳ, ନୀଳାଚଳ ଦାସ, ଦୀପକ ପାତ୍ର, ଗାୟତ୍ରୀ ଦାସ, ଜୟନ୍ତୀ ମହାପାତ୍ର, ନାରାୟଣ ଦାଶ, ବିଜୟ ପଟ୍ଟନାୟକ ଏବଂ ଲାଲା ଅନନ୍ତ କୁମାର ସିଂହ ସହଯୋଗ କରିଥିଲେ। ଦୀପକ ପାତ୍ର ଧନ୍ୟବାଦ ଦେଇଥିଲେ।

### ହାଇସ୍କୁଲ କାର୍ଯ୍ୟାଳୟ ଗୃହରୁ ନାଗ ଉଦ୍ଧାର

ସାକ୍ଷୀଗୋପାଳ,୩୦।୫(ସ୍ୱ.ପ୍ର./ ଡି.ଏନ୍.ଏ.)- ସତ୍ୟବଦୀ ବ୍ଲକରେ ଥିବା ପୁରାତନ ସତ୍ୟବାଦୀ ଉଚ୍ଚ ବାଳକ ବିଦ୍ୟାଳୟରେ ଏକ ନାଗସାପ ପଶିଥିବାରୁ ମଙ୍ଗଳବାର ସ୍ନେକ ହେଲ୍ପ ଲାଇନର ସଦସ୍ୟ ତାକୁ ଧରିଛନ୍ତି। ସତ୍ୟବାଦୀ ହାଇସ୍କୁଲରେ ସକାଳୁଆ ଅଫିସ କାର୍ଯ୍ୟ ଚାଲୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟ କରୁଥିଲେ। ହେଲେ କାର୍ଯ୍ୟାଳୟ ଭିତରେ ଥିବା ଏକ ଆଲମାରିରେ ଏକ ନାଗସାପ ଥିବା ଜଣେ ଶିକ୍ଷକ ଦେଖି ଭୟଭୀତ ହୋଇଯାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର ସ୍ନେକ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ। ପରେ ସ୍ନେକ ହେଲ୍ପଲାଇନ ସଦସ୍ୟ ବିଦ୍ୟାଳୟରେ ପହଞ୍ଚିବା ବେଳେ ସାପଟି କାର୍ଯ୍ୟାଳୟରେ ଥିବା ଏକ ଗାତରେ ପଶିଥିଲା। କୌଶଳକ୍ରମେ ସେ ସାପଟିକୁ ଧରିଥିଲେ। ପୂର୍ବରୁ ମଧ ବିଜ୍ଞାନ ଗୃହ ମଧ୍ୟରୁ ଏକ ନାଗ ସାପ ଉଦ୍ଧାର କରାଯାଇଥିଲା।

# ଶୃଙ୍ଖଳିତ ଦର୍ଶନ, ନିର୍ଦ୍ଧାରିତ ନୀତି ଉପରେ ଗୁରୁତ୍ୱ

### ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ

ପୁରୀ ଅଫିସ, ୩୦।୫

ଜୁନ ୪ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ସ୍ନାନଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ଜିଲା ପ୍ରଶାସନ, ସେବାୟତମାନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ମହାପ୍ରଭୁଙ୍କ ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ କିଭଳି ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ହୋଇପାରିବ ସେନେଇ ମଙ୍ଗଳବାର ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଏକ ବୈଠକ ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ଦଇତାପତି ସେବକମାନେ ଉପସ୍ଥିତ ଥିଲେ। ଆସନ୍ତା ୨ତାରିଖରୁ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଭିତରେ ବେଶ କରିବେ। ପରେ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଶ୍ରୀମୁଖ ଖଣ୍ଟୁଆ,ବାହୁଟକଣ୍ଟ, ସେନାପଟା ଲାଗି, ପହଣ୍ଡି, ଅଣସର ସମୟରେ ଗୁପ୍ତନୀତି ଏବଂ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସମ୍ପାଦନ କରିବେ। ତେବେ ସ୍ନାନଯାତ୍ରା ଦିନ ଗଜାନନ ବେଶକୁ ଭକ୍ତମାନେ କିଭଳି ସ୍ପଷ୍ଟ ଦର୍ଶନ କରିବେ ଓ ହାତୀବେଶ ଓଲାଗି ବେଳେ କୌଣସି ବିଶୃଙ୍ଖଳା ନ ହେବ ସେନେଇ ଦଇତାପତି ସେବକମାନେ ଯତ୍ନବାନ ରହିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଅନ୍ୟ ଅଧିକାରୀ ଏବଂ ଦଇତାପତି ସେବକମାନେ ।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରା ଯେପରି ଶୃଙ୍ଖଳିତ ହେବ ସେନଇ ଦଇତାପତି ସେବକଙ୍କ ସହ ଆଲୋଚନା କରାଯାଇଥିଲା। ସ୍ନାନଯାତ୍ରାଠାରୁ ଆରମ୍ଭ କରି ରଥଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେ ସମେତ ରଥଯାତ୍ରା ସମୟରେ ଅନ୍ୟାନ୍ୟ ନୀତିରେ ଦଇତାପତିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୀତି ସମୟରେ କିଛି ସ୍ଥାନରେ ବିଳମ୍ବ ବା ବିଶୃଙ୍ଖଳା ହେଉଥିବାରୁ ସେଉପରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ଦଇତାପତି ନିଯୋଗ ପକ୍ଷରୁ ଶୃଙ୍ଖଳିତ ନୀତି ପାଇଁ ପ୍ରତିଶ୍ରୁତି ମିଳିଛି। ତେବେ ବୈଠକରେ ଦଇତାପତିମାନଙ୍କର କିଛି ଦାବି ରହିଥିଲା, ସେଥିମଧ୍ୟରୁ ଅନେକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ନୀତିକାନ୍ତି ଶୃଙ୍ଖଳିତ ହେବ ବୋଲି ଆଶା ରହିଛି। ଅପରପକ୍ଷେ ଭକ୍ତଙ୍କ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନେ ଯେପରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ନହେବେ ସେଥିପାଇଁ ଦୃଷ୍ଟି ଦେବାକୁ ସମସ୍ତ ନିଯୋଗଙ୍କୁ ସୂଚନା ଦିଆଯାଇଛି। ସେହିପରି ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ନୀତିକାନ୍ତି ହେବ ବୋଲି ଦାସ କହିଛନ୍ତି। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଦଇତାପତି ନିଯୋଗ ମଧ୍ୟରେ ସ୍ନାନଯାତ୍ରା, ରଥଯାତ୍ରା, ସୁନାବେଶ କିପରି ଶୃଙ୍ଖଳିତ ଭାବରେ ହେବ ସେନେଇ ଆଲୋଚନା କରାଯାଇଥିଲା। ଭକ୍ତମାନେ ସ୍ନାନବେଦି ଚାରିପାଖରେ ବୁଲି ଦର୍ଶନ କରିବେ। ଭୋଗ ସରିବା ପରେ ମଣ୍ଡପ ଉପରକୁ ଯିବେ। କିନ୍ତୁ ଠାକୁରଙ୍କୁ ସ୍ପର୍ଶ କରିବେ ନାହିଁ। ସେହିପରି ଭକ୍ତମାନେ ଦର୍ଶନ କରିବା ପରେ ତାକୁ ସୁରୁଖୁରୁରେ ଓଲାଗି କରାଯିବ। ବେଶକୁ ଛିଡାଇବାକୁ ଦିଆଯିବ ନାହିଁ। ଯେଉଁମାନଙ୍କ ସେବା ଥିବ ସେମାନେ ବେଦି ଉପରେ ରହିବେ। ଅନ୍ୟମାନେ ରହିବେ ନାହିଁ। ଫଳରେ ଭକ୍ତମାନେ ଭଲ ଭାବେ ଦର୍ଶନ କରିପାରିବେ। ଭକ୍ତମାନେ ଯେପରି ଭଲ ଦର୍ଶନ କରିପାରିବେ ତାହା ଉପରେ ନଜର ରଖାଯିବ ବୋଲି ସେ କହିଛନ୍ତି।

# ତିନିରଥର ଚାରି ନାହାକା ଉଠିଲା



## ରଥଖଳାରୁ ...

ପୁରୀ ଅଫିସ, ୩୦।୫:

ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସମୟ ପୂର୍ବରୁ ତିନିରଥର ଚାରିନାହାକା ମଙ୍ଗଳବାର ଭୋଇ ସେବକଙ୍କ ସହଯୋଗରେ ଉଠିଛି। ତିନିରଥର ଦଣ୍ଡାଫ୍ରେମ୍‌ରେ ଦୁଇଟି ଲେଖାଏ 'ଗରଗରା' ଓ ତିନିରଥ ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏ ବଡ଼ ପୋଲଗୟଳ ପଡ଼ିଥିଲା। ମଙ୍ଗଳବାର 'ଚାରିନାହାକା' ଉଠିବା ପାଇଁ ପ୍ରଥମେ ତିନିରଥରେ ୪ଟି ଲେଖାଏ ୨୦ ଫୁଟିଆ କାଠଫାଳି ଗୟଳ ଉପରେ ପକାଯାଇ ଭାରା ବନ୍ଧାଯାଇଥିଲା। ଏହାପରେ ତିନିରଥରେ ୪ଟି ଲେଖାଏ 'ଚାରିନାହାକା'କୁ ଗରଗରା ବିନ୍ଧରେ ଭୁଞ୍ଜାଯିବା ପରେ ମୁଖ୍ୟ ମହାରଣାମାନେ ଗରଗରାରେ ମାହାର୍ଦ୍ଧ ରଖି ନଡ଼ିଆ ବାଡେଇ ଅନୁକୂଳ ପୂଜା କରିଥିଲେ। ତିନିରଥର ଭୋଇସେବକମାନେ ଏକସଙ୍ଗେ ତିନିରଥର ନାହାକାକୁ ଗରଗରା ବିନ୍ଧ ଭିତରେ ଚାରି ନାହାକା ସାଲକୁ ରଖି ଠିଆ କଲାପରେ ଭୋଇ ସେବକମାନେ ଏକସଙ୍ଗେ ହରିବୋଲ ଧ୍ୱନୀ ଦେଇ ରଥ ନିର୍ମାଣର ଗୋଟିଏ ଗୋଟିଏ ପର୍ଯ୍ୟାୟ ଅତିକ୍ରମ ହେଉଥିବା ଶୁଭ ସୂଚନା ଜାହିର କରିଥିଲେ। ପରେ ତିନିରଥ ଦୁଇପାର୍ଶ୍ୱର ଗୁଜ ଓ ଜଳଯନ୍ତ୍ର ଦଣ୍ଡା ଉପରେ ସଂଯୋଗ କରାଯାଇ ତା'ଉପରେ ପାର୍ଶ୍ୱ ନିରାଡ଼ି ଦୁଇପଟେ ସ୍ଥାପନ କରାଯାଇଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥରେ ଆଉ ଦୁଇଟି ଲେଖାଏ ୪ଟି ପୋଲଗୟଳ ସ୍ଥାପନ ହୋଇଛି। ଏଥିସହ ଦର୍ପଦଳନ ରଥରେ ଆଉ ଗୋଟିଏ ଲେଖାଏ ସାନ ପୋଲ ଗୟଳ ସ୍ଥାପନ କରାଯାଇଛି। ତିନିରଥର ୧୦ଟି ପୋଲ ଗୟଳରେ ୪୦ଟି ଟାଣ ବା ଖମ୍ବୀ ଏବଂ ୨୦ଟି ତୀଖଗୁଜ ବା କୋଣଗୁଜ ମୋଟ ୩୨ଟି ଅସୁଆରୀ ସଂଯୋଗ ହୋଇଛି। ସେହିପରି ତିନିରଥର ଆଗଆଣି ଓ ପଛଆଣି ବଡ଼ ଛନ୍ଦା ଗୟଳର ବାନ୍ଧେଣି ପଡ଼ିଛି। ବୁଧବାର ଛନ୍ଦା ଗୟଳ, ନିରାଡ଼ିରେ କାପ କରାଯାଇ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ। ଏହିପରି ନନ୍ଦିଘୋଷ ଓ ତାଳଧ୍ୱଜ ରଥରେ ୬ଟି ଲେଖାଏ ୧୨ଟି ଛନ୍ଦା ଗୟଳ ଲାଗିବା ସହିତ ଦର୍ପଦଳନ ରଥର ୪ଟି ଛନ୍ଦା ଗୟଳ ଲାଗିବା ବାକି ରହିଛି। ରୂପକାର ସେବକମାନେ ତିନିରଥ ସିଂହାସନର ଚିତ୍ର ଖୋଦେଇ କାର୍ଯ୍ୟ ଶେଷ କରି ନାଟଗୋଡ଼ରେ ରୂପଚିତ୍ର ତଥା ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ ଗୟଳ କଣ୍ଟା ନିର୍ମାଣ ଶେଷ କରି ଯୋଖା କଣ୍ଟା ଏବଂ ଧ୍ୱଜ ବତା କଣ୍ଟା ନିର୍ମାଣ କରୁଛନ୍ତି।





ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଜମି ଅଧିଗ୍ରହଣ ନେଇ ଅନୁଷ୍ଠିତ ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ ।

# ସିପସରୁବାଲିର ୧୫୩.୩୭୦ ଏକର ଜମି ଅଧିଗ୍ରହଣ ହେବ

### ଶ୍ରୀଜଗନ୍ନାଥ ବିମାନବନ୍ଦର ପାଇଁ ଜନଶୁଣାଣି

ପୁରୀ ଅଫିସ, ୩୦।୫:

ପୁରୀ ଜିଲା ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସରୁବାଲି ଓ ଷଣ୍ଢପୁର ଅଞ୍ଚଳରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ କେନ୍ଦ୍ର ସରକାରଙ୍କ ସବୁଜ ସଂକେତ ମିଳିସାରିଥିବାରୁ ବେସରକାରୀ ଜମି ଅଧିଗ୍ରହଣ ନିମିତ୍ତ ଧାରା-୫ ଅନୁସାରେ ମଙ୍ଗଳବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସିପସରୁବାଲି ଗ୍ରାମର ୧୩୩ କେଭି ଗ୍ରୀଡ୍‌ଷ୍ଟେଶନ ନିକଟ ପଡ଼ିଆରେ ଆୟୋଜିତ ଏହି ଜନ ଶୁଣାଣିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ବିମାନବନ୍ଦର ପ୍ରତିଷ୍ଠା ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ପର୍ଯ୍ୟଟନ ପାଇଁ ଦେଶ ବିଦେଶରୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିପାଇବ। ସେହିପରି ଅର୍ଥନୈତିକ ଅଗ୍ରଗତି, ରୋଜଗାର ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ନାୟକ କହିଥିଲେ। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ନିୟମ ଅନୁସାରେ ସମସ୍ତ ସହାୟତା ଯୋଗାଇଦିଆଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଥିଲେ। ଉକ୍ତ ପ୍ରସ୍ତାବିତ ବିମାନ ବନ୍ଦର ପାଇଁ ନିୟୋଜିତ ଭୂଅର୍ଜନ ଅଧିକାରୀ ନିରଞ୍ଜନ ବାରିକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିମାନବନ୍ଦର ପାଇଁ ମୋଟ ୧୧୬୪.୮୩୬ ଏକର ଜମି ଆବଶ୍ୟକ ଥିବାବେଳେ ସିପସରୁବାଲି ଗ୍ରାମର ୧୫୩.୩୭୦ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବାର ଯୋଜନା ଅଛି ବୋଲି କହିଥିଲେ। ବିମାନବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ଏସ୍‌ଆଇଏ ୟୁନିଟ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପସ୍ଥାପନ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଉପପ୍ରଶାସକ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ବାଣିଜ୍ୟ ପରିବହନ ବିଭାଗର ଭୂଅର୍ଜନ ଅଧିକାରୀ ଉମାକାନ୍ତ ବାରିକ, ବ୍ରହ୍ମଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ନିର୍ଦ୍ଦେଶ ଅନୁଷ୍ଠାନର ପ୍ରତିନିଧି ଗିରିଧାରୀ ପଟ୍ଟନାୟକ, ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ର, ନାଏବ ସରପଞ୍ଚ କଲ୍ୟାଣୀ ଭୋଇ, ସମିତିସଭ୍ୟ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ଉପସ୍ଥିତ ଜନସାଧାରଣ ମଧ୍ୟ ପ୍ରସ୍ତାବିତ ବିମାନ ବନ୍ଦରକୁ ସ୍ୱାଗତ କରି କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମତ ଦେଇଥିଲେ।

# 'ଲୁଣ୍ଡି ସାଗରର ପୁନରୁଦ୍ଧାର କରାଯାଉ'

କୃଷ୍ଣପ୍ରସାଦ,୩୦।୫(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତରେ ଥିବା ଲୁଣ୍ଡି ସାଗରର ପୁନରୁଦ୍ଧାର ହେଉନଥିବାରୁ ଏହା ପୋତି ହେବାରେ ଲାଗିଛି। ୨୪ ଏକର ପରିମିତ ଅଞ୍ଚଳରେ ଏହି ସାଗରରୁ ପଙ୍କ ଉଦ୍ଧାର ସହ ଏହାର ପୁନରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ଦେଲେ ଆଖପାଖ ଅଞ୍ଚଳର ଚାଷଜମି ଜଳସେଚିତ ହୋଇପାରିବ। ଏଥିସହ ଉକ୍ତ ପୋଖରୀରେ ମାଛଚାଷ କରି ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଏହି ସାଗର ଥିବା ଜଣାପଡ଼ିଛି। ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ସାଗରଟି ପଙ୍କରେ ପୋତିହେବାରୁ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ଫଳରେ ଏହି ସାଗର ଅଞ୍ଚଳବାସୀଙ୍କ କାମରେ ଆସୁନାହିଁ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନୂତନ ପୋଖରୀ, ବନ୍ଧ ଓ ସାଗରର ଉନ୍ନତୀକରଣ ହେଉଥିବା ବେଳେ ଦୀପ ତଳ ଅନ୍ଧାର ଭଳି ଲୁଣ୍ଡି ସାଗରଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ୧୫ବର୍ଷ ପୂର୍ବେ ଏହି ସାଗରର ପୁନରୁଦ୍ଧାର ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ୧୪ବର୍ଷ ପରେ ମଧ ଲୁଣ୍ଡି ସାଗର ଉନ୍ନତୀକରଣ ଦିଗରେ ଅନୁଦାନ ଅର୍ଥ ମଞ୍ଜୁର ହୋଇନାହିଁ। ସାଗରର କିଛି ଅଂଶ ପୋତି ହୋଇଯିବାରୁ ଗୋରୁଙ୍କ ଚାରଣ ଭୂଇଁ ପାଲଟିଛି। ଏ ନେଇ ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଲୁଣ୍ଡି ସାଗର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ହବିଷିଆଳି ବ୍ରତ ସମ୍ପର୍କିତ ପୁସ୍ତକ ଉନ୍ମୋଚିତ



ହବିଷିଆଳି ବ୍ରତ ସମ୍ପର୍କିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ପୁରୀ ଅଫିସ, ୩୦।୫:

କାର୍ତ୍ତିକ ମାସର ହବିଷ୍ୟାଳି ବ୍ରତ ଏକ ଅନନ୍ୟ ଓ ପବିତ୍ର କାର୍ଯ୍ୟକ୍ରମ। ଏହାକୁ ଏକ ମାସ ଧରି ଆୟୋଜନ କରିବା ସରକାର ଓ ପୁରୀ ପ୍ରଶାସନ ପାଇଁ ବେଶ ଆହ୍ୱାନପ୍ରଦ ହୋଇଥାଏ। ୩୦୦୦ରୁ ଉର୍ଦ୍ଧ୍ୱ ମା'ମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ପୁରୀ ଆସି ନିଷ୍ଠାର ସହ ରାଇଦାମୋଦର ବ୍ରତ ପାଳନ କରନ୍ତି। ସେମାନେ ବିଭିନ୍ନ ହବିଷିଆଳି କେନ୍ଦ୍ରରେ ରହିଥାନ୍ତି। ୨୦୨୨ ମସିହା ରାଇଦାମୋଦର ବ୍ରତର ସଫଳ ଆୟୋଜନକୁ ଅନୁଧ୍ୟାନ ବା ଷ୍ଟଡି ଭାବେ ଗ୍ରହଣ କରି ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ କାର୍ତ୍ତିକ ବ୍ରତ ଯୋଜନାର ସଫଳତା ସମ୍ପର୍କରେ ଏକ ପୁସ୍ତକ ରଚନା କରିଛନ୍ତି। ଏହି ପୁସ୍ତକକୁ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମା ଉନ୍ମୋଚନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ପୁରୀ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଓ ପ୍ରୟାସରେ ହବିଷିଆଳି ବ୍ରତର ସଫଳ ରୂପାୟନ ତଥା ଆୟୋଜନ ତାଙ୍କୁ ଏଭଳି ଅନୁଧ୍ୟାନସୂଚକ ରଚନା ପାଇଁ ପ୍ରେରଣା ଦେଇଥିଲା ବୋଲି ପ୍ରଫେସର ଆଚାର୍ଯ୍ୟ କହିଥିଲେ। ପ୍ରଶାସନର ସହଯୋଗ ପାଇଁ ସେ ଧନ୍ୟବାଦ ଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବ୍ଲକ କାର୍ଯ୍ୟାଳୟ

### ଛାତ କାନିସ୍ ଖସିଲା

ଗୋପ,୩୦।୫(ଡି.ଏନ୍.ଏ.)

ଗୋପ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ମଙ୍ଗଳବାର ପୂର୍ବାହ୍ନରେ କାର୍ଯ୍ୟାଳୟ ଛାତର କାନିସ୍ ଖସିପଡ଼ିଛି। ଏଥିରେ କାର୍ଯ୍ୟରତ ବିଡିଓ, ଅଧକ୍ଷାଙ୍କ ସହିତ ୭ ବିଭାଗୀୟ କର୍ମଚାରୀ ନିଜକୁ ଅସୁରକ୍ଷିତ ମନେକରିଛନ୍ତି। ପ୍ରକାଶ ଯେ, ଏହି ବ୍ଲକ ୩ ବିଧାନସଭା, ୨ ଲୋକ ସଭା- ପୁରୀ ଲୋକସଭା ଓ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଥିବାରୁ ଏହା ସମସ୍ତଙ୍କ ଅଣନଜରରେ ରହିଥାଏ। ଏଥିସହ କାକଟପୁର ନିର୍ବାଚନମଣ୍ଡଳୀର ୧୪, ନିମାପଡ଼ା ନିର୍ବାଚନମଣ୍ଡଳୀର ୧୪ ଓ ପୁରୀ ସଦର ନିର୍ବାଚନମଣ୍ଡଳୀର ୨ ପଞ୍ଚାୟତ ଏଥିରେ ରହିଛି। ମାତ୍ର କୌଣସି ବିଧାୟକ ଏହି ବ୍ଲକ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ୨୦୧୨-୧୩ ମସିହାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବ୍ଲକର ଜନୈକ ପୂର୍ବତନ ଯନ୍ତ୍ରୀ କାର୍ଯ୍ୟାଳୟର ଉପର ମହଲା କାର୍ଯ୍ୟ କରିଥିବାବେଳେ ତାହା ନିମ୍ନ ମାନର ହୋଇଥିଲା। ଏବେ କାର୍ଯ୍ୟାଳୟର ଉପରମହଲା ଘରର କାନ୍ଥ ଫାଟି ଯାଇଥିବା ବେଳେ ଉପର ଛାତରୁ ଅତଡ଼ା ଖସୁଛି। ତଳ ମହଲାର ସ୍ଥିତି ସମାନ। କେବଳ ମରାମତି କାର୍ଯ୍ୟ ସହିତ ରଙ୍ଗ ମରାଯାଇଛି। ଏବେ ଛାତର କାନିସ୍ ଖସିବା ଯୋଗୁ ଅନେକ ସମୟରେ ବିପଦ ଥିବା ଅନୁଭବ କରି କର୍ମଚାରୀ ବାହାରେ ବୁଲୁଥିବା ଜଣାପଡ଼ିଛି। ଏନେଇ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ, ପୁରୁଣା ଗୃହ ହୋଇଥିବାରୁ ଏପରି ଅବସ୍ଥା ଉପୁଜିଛି। କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ଚାଲିଛି। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସେ କହିଛନ୍ତି।



ବ୍ଲକ କାର୍ଯ୍ୟାଳୟ ଛାତରୁ କାନିସ ଖସି ପଡିଛି ।

# ପାନୀୟ ଜଳ ସମସ୍ୟା ନେଇ ରାସ୍ତାରୋକୋ

- ସହକାରୀ ଯନ୍ତ୍ରୀ, ସରପଞ୍ଚଙ୍କୁ ଅଟକ ରଖିଲେ ଗ୍ରାମବାସୀ
- ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାଡ଼ିଲେ

ସାକ୍ଷୀଗୋପାଳ, ୩୦।୫(ସ୍ୱ.ପ୍ର./ଡି.ଏନ୍.ଏ.)

ଜଳ ନିଷ୍କାସନ ସମସ୍ୟାରୁ କୃଷି ଓ କୃଷକ ସମାଜ କ୍ଷତିଗ୍ରସ୍ତ ହେଉଥିବା ବେଳେ ଜଳ ସଂରକ୍ଷଣ ବ୍ୟବସ୍ଥା ନ ଥିବା କାରଣରୁ ପୁରୀ ଜିଲା ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏବେ କ୍ରମଶଃ ଉତ୍କଟ ଜଳ ସମସ୍ୟା ସୃଷ୍ଟି ହେଲାଣି। ବ୍ଲକର ଶ୍ରୀରାମଚନ୍ଦ୍ରପୁର ଶାସନରେ ଦୀର୍ଘଦିନ ହେବ ପାନୀୟ ଜଳ ସମସ୍ୟା ଲାଗିରହିଥିବା ବେଳେ ସମାଧାନ ପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ମଙ୍ଗଳବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଏପରି କି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଗାଁର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ସତ୍ୟବାଦୀ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଅନିତା ରାଜ ପଣ୍ଡା ଓ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ତାଙ୍କ ଜିଦରେ ଅଟଳ ରହି ୨ଜଣଙ୍କୁ ୩ଘଣ୍ଟା ଧରି ଅଟକ ରଖିଥିଲେ। ଉତ୍ତେଜନା ଆହୁରି ବଢ଼ିବାରୁ ସତ୍ୟବାଦୀ ଥାନା ପକ୍ଷରୁ ଏଏସ୍‌ଆଇ ଗୌରଚନ୍ଦ୍ର ପଣ୍ଡା ଓ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଇବା ସହ ୨୪ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଯନ୍ତ୍ରୀ ଓ ସରପଞ୍ଚଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଉଭୟଙ୍କୁ ଛାଡ଼ିବା ସହ ରାସ୍ତାରୁ ହଟିଥିଲେ।

ଖବର ଅନୁଯାୟୀ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ବୋରିଂ କରାଯାଇ ପାଇପ୍ ଲାଇନ ମାଧ୍ୟମରେ ସିଧାସଳଖ ଲୋକଙ୍କ ପାଖକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ମାତ୍ର ଅଧିକାଂଶ ସମୟରେ ମଇଳା ପାଣି ବାହାରିବା, ଅତି କମ୍ ପାଣି ବାହାରିବା ସହ ଦୀର୍ଘଦିନ ହେବ ଆଦୌ ପାଣି ଆସୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଦିନକୁ ଦିନ ପ୍ରଚଣ୍ଡ ଖରା ହେଉଥିବା ବେଳେ କୂଅ, ପୋଖରୀ ବି ଶୁଖିଯିବାରେ ଲାଗିଛି। ଫଳରେ ପଞ୍ଚାୟତର ୪୦୦୦ରୁ ଅଧିକ ଲୋକ ରାଜ୍ୟ ସରକାରଙ୍କ ଏହି ଲୋକାଭିମୁଖୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବିଭାଗର କେତେଜଣ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ଏହି ଶାସନ ଗ୍ରାମର ଲୋକେ ପାନୀୟ ଜଳ ଠିକ୍ ଭାବେ ପାଇପାରୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ନିଷ୍ପତ୍ତି ନିଆଯାଉ ନାହିଁ। ଫଳରେ ମଙ୍ଗଳବାର ଉତ୍ତ୍ୟକ୍ତ ହୋଇ ଗ୍ରାମର ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ନନ୍ଦ, ୱାର୍ଡ ସଭ୍ୟ ଜୟନ୍ତ ନନ୍ଦ, ଅଭୟ ନନ୍ଦ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରାଜେନ୍ଦ୍ର ନାଥ ଦାଶ, ସତ୍ୟବାଦୀ ମହାପାତ୍ର, ଦିନେଶ ଦାଶ, ରଙ୍ଗାଧର ଦାଶ, ବୈଦ୍ୟନାଥ ନନ୍ଦ, ପ୍ରଭାତ ମିଶ୍ର, ସୁରେଶ ମିଶ୍ର, ବସନ୍ତ ହୋତା, ପ୍ରଶାନ୍ତ ହୋତାଙ୍କ ସମେତ ଗ୍ରାମର ଶତାଧିକ ମହିଳା ପୁରୁଷ ଏକାଠି ହୋଇ ଗ୍ରାମ ରାସ୍ତାରେ ବାଲ୍‌ଟି, ଗରା ରଖି ବସିବା ସହ ବାଉଁଶ ଧଡ଼ା ବାନ୍ଧି ରାସ୍ତାକୁ ଅବରୋଧ କରିଥିଲେ। ସେହି ରାସ୍ତାରେ ୩ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପରେ ବିଭାଗୀୟ ଯନ୍ତ୍ରୀ, ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପହଞ୍ଚି ବୁଝାଶୁଝା କରିବାରୁ ରାସ୍ତାରୁ ହଟିଥିଲେ।



ସହକାରୀ ଯନ୍ତ୍ରୀ ଓ ସରପଞ୍ଚଙ୍କୁ ଗ୍ରାମବାସୀ ଅଟକ ରଖି ସମସ୍ୟା ସମାଧାନ ପାଇଁ ଦାବି କରୁଛନ୍ତି ।

ଅନ୍ୟପଟେ ଗ୍ରାମବାସୀଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଭାଗୀୟ ଯନ୍ତ୍ରୀ ଅନିତା ରାଜ ପଣ୍ଡା। ସେ କହିଛନ୍ତି, ସବୁବେଳେ ଏହି ପାନୀୟ ଜଳ ପ୍ରକଳ୍ପଟି ଠିକ୍ କାମ କରୁଥିବା ବେଳେ ଏହାର କାର୍ଯ୍ୟ ଦକ୍ଷତାଠାରୁ ଅଧିକ ପରିମାଣର ଲୋଡ ରହୁଛି। ତେଣୁ ବେଳେବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି। ଏହାକୁ ଶୀଘ୍ର ସମାଧାନ କରାଯିବା ପାଇଁ ବ୍ୟବସ୍ଥା କରୁଛୁ। ମାତ୍ର ଗ୍ରାମବାସୀ ଅଭିଯୋଗ କରୁଥିବା ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ହେବ ପାଇପ୍‌ରେ ପାଣି ଆସୁ ନ ଥିବା କଥା ଠିକ୍ ନୁହେଁ, ମୁଁ ନିଜେ ଉପସ୍ଥିତ ଥିବା ସମୟରେ ପାଣି ଆସୁଥିଲା ବୋଲି କହିଛନ୍ତି। ସେହିଭଳି ସରପଞ୍ଚ ଜିତେନ୍ଦ୍ର ବେହେରା କହିଛନ୍ତି, ପଞ୍ଚାୟତରେ ଲାଗିଥିବା ଜଳ ଯୋଗାଣ ସମସ୍ୟାକୁ ଶୀଘ୍ର ସମାଧାନ ପାଇଁ ଚେଷ୍ଟା ଜାରି ରହିଛି। ୨୦୧୫ ମସିହାରୁ ଏହି ପଞ୍ଚାୟତର ଟିକିବିଲ ସାହି ଓ ଭୁତପଡା ୱାର୍ଡକୁ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ହୋଇଯାଇଥିବା ବେଳେ ନିମବସ୍ତପାଟଣା, ବାହାରପଡ଼ା ସହିତ ମୂଳଅଳସା ପଞ୍ଚାୟତର ଆଳସରଙ୍ଗ ୱାର୍ଡକୁ ଜଳ ଯୋଗାଣ ବ୍ୟବସ୍ଥା ୨୦୧୮ ମସିହାରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପଞ୍ଚାୟତ ମଧ୍ୟରେ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ୩ଟି ୱାର୍ଡ ସହିତ ୫ଟି ୱାର୍ଡରେ ମଧୁର ଜଳ ଉତ୍ସ ନାହିଁ।

## ସଂକ୍ଷେପରେ

### ପୁରୀରେ ଜାତୀୟ ଲୋକମେଳା ଓ କୃଷିମେଳା ଉଦ୍‌ଘାଟିତ



ପୁରୀ ଅଫିସ,୩୦।୫: ଶରଧାବାଲିଠାରେ ଜାତୀୟ ଲୋକମେଳା ଓ କୃଷିମେଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧକ୍ଷତା ଓ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ସମ୍ପାଦନାରେ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ନାଗାଲାଣ୍ଡର ରାଜ୍ୟପାଳ ଲା.ଗଣେଶନ୍ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ରଖିଥିବା ବେଳେ ଉତ୍ସବ କମିଟି ଅଧକ୍ଷ ବଦ୍ରି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପଦ୍ମଶ୍ରୀ ଉଚ୍ଛବ ଦାସ, ଅର୍ଥ କମିଟି ଅଧକ୍ଷ ଗୌରହରି ପ୍ରଧାନ, ସଂଯୋଜକ ହେକ୍ଟର ମିଶ୍ର, ଉତ୍ସବ କମିଟି ଉପାଧକ୍ଷ ବିଶ୍ୱନାଥ ମିଶ୍ର, ଅନୁଷ୍ଠାନ ଉପସଭାପତି ଭରତ ନାୟକ, ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ସଂଗ୍ରାମ କାନୁନଗୋ ଓ ସଂଗଠନ କମିଟି ଅଧକ୍ଷ ଶୁଭାଶିଷ ଖୁଣ୍ଟିଆ ମଞ୍ଚାସୀନ ଥିଲେ। ଅପରାହ୍ନରେ ୨୨ଟି ରାଜ୍ୟରୁ ଆସିଥିବା ୪୦୦ କଳାକାର ସେମାନଙ୍କ ନୃତ୍ୟ ପରିବେଷଣ କରି ସିଂହଦ୍ୱାରଠାରୁ ଶୋଭାଯାତ୍ରାରେ ଉତ୍ସବସ୍ଥଳ ପର୍ଯ୍ୟନ୍ତ ଆସିଥିଲେ। ଲୋକନୃତ୍ୟ ପାଇଁ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ 'ଶ୍ରୀକ୍ଷେତ୍ର ସମ୍ମାନ' ଓ ଗୀତିକାର ବଦ୍ରିମିଶ୍ରଙ୍କୁ ଲୋକଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

### ଜମିବାଡ଼ି ବିବାଦ: ଯୁବକଙ୍କୁ ଚାପଡ଼ରେ ହାଣିଲେ

ବାଲିପାଟଣା,୩୦।୫(ଡି.ଏନ୍.ଏ.): ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବାଲିପାଟଣା ଥାନା ଅଧୀନ ବାରହଲ ଗ୍ରାମରେ ଜଣେ ଯୁବକଙ୍କୁ ତାଙ୍କ ପଡ଼ୋଶୀ ଚାପଡ଼ରେ ହାଣିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ବାବୁ ଖାଁଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ପୋଲିସ ଏକ ମାମଲା (ନଂ.୧୫୮/୨୩) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାରହଲ ଗ୍ରାମର ବାବୁ ଖାଁଙ୍କର ପଡ଼ୋଶୀଙ୍କ ସହିତ ଜମିଜମା ବିବାଦକୁ କେନ୍ଦ୍ରକରି ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ତେବେ ଏହି ବିବାଦ ତୁଟିବା ପରିବର୍ତ୍ତେ ମଙ୍ଗଳବାଠାରୁ ପୁଣି ଉଭୟ ମୁହାଁମୁହିଁ ହୋଇଥିଲେ। ପଡୋଶୀ ଯୁବକ ଉତ୍‌କ୍ଷିପ୍ତ ହୋଇ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ବାବୁ ଖାଁଙ୍କ ଡାହାଣ ଗୋଡ଼କୁ ଏକ ଚାପଡ଼ରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

# ଟାୟାର ବଦଳାବେଳେ ପଛରୁ ପିଟିଲା ଟ୍ରକ୍

**ବାଣୀବିହାର ଓଭରବ୍ରିଜ୍ ଉପରେ ଦୁର୍ଘଟଣା**

- ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ମୃତ, ଟ୍ରକ୍ ଡ୍ରାଇଭର ଗୁରୁତର
- ଭ୍ୟାନ୍‌କୁ ପ୍ରାୟ ୫୦ ମିଟର ଠେଲିନେଲା, ଜାମ୍ ହେଲା ଜାତୀୟ ରାଜପଥ





ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ବାଣୀବିହାର ଓଭରବ୍ରିଜ ଉପରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏକ କୋଇଲା ଭର୍ତ୍ତି ଟ୍ରକ୍ (ଓଡି୨୨ଡବ୍ଲ୍ୟୁ୨୯୦୦) ଧକ୍କାରେ ପିକ୍‌ଅପ୍ ଭ୍ୟାନ (ଓଆର୍‌୦୨ଏଜେ୫୯୨୩) ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଅର୍ଜୁନ ଆଇଚ (୪୫)। ଭ୍ୟାନ୍‌ର ଡାହାଣ ପାର୍ଶ୍ୱ ପଛ ଚକା ଫାଟିଯିବାରୁ ଅର୍ଜୁନ ତଳେ ବସି ଅନ୍ୟ ଏକ ଟାୟାର ବଦଳାଉଥିବା ବେଳେ ଟ୍ରକ୍‌ଟି ଧକ୍କା ଦେଇଥିଲା। ଏପରିକି ଉକ୍ତ ଭ୍ୟାନ୍‌କୁ ଟ୍ରକ୍‌ଟି ପ୍ରାୟ ୫୦ ମିଟର ମଧ୍ୟ ଠେଲି ନେଇଥିଲା। ଏହି ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ମଧ୍ୟ ଗୁରୁତର ହୋଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସେ ଏବେ କ୍ୟାପିଟାଲ ହସ୍ପିଟାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ୍‌କୁ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅର୍ଜୁନଙ୍କ ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଅର୍ଜୁନ ଉକ୍ତ ପିକ୍‌ଅପ୍ ଭ୍ୟାନ୍ ନେଇ ଲିଙ୍ଗିପୁର ଯାଉଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୩୦ ସମୟରେ ସେ ଆଚାର୍ଯ୍ୟବିହାର ପାର ହୋଇ ଆସୁଥିବା ବେଳେ ଗାଡ଼ିର ଫାଟିଯାଇଥିଲା। ତେଣୁ ସେ ଭ୍ୟାନ୍‌କୁ ଓଭରବ୍ରିଜ୍‌ର ପାର୍ଶ୍ୱରେ ପାର୍କ କରି ଟାୟାର ବଦଳାଉଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଟ୍ରକ୍‌ଟି ଭ୍ୟାନ୍ ସହ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେଠାରେ କିଛି ସମୟ ଉତ୍ତେଜନା ଦେଖାଯାଇଥିଲା। ଟ୍ରକ୍ ଡ୍ରାଇଭର ଜଣଙ୍କ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକମାନେ ହୋହାଲ୍ଲା କରିଥିଲେ। ପ୍ରାୟ ୪୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା ଜାମ୍ ହୋଇଥିଲା। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଉଭୟ ଗାଡ଼ିକୁ କ୍ରେନ୍ ଯୋଗେ ଥାନାକୁ ଆଣିଥିଲା।



ତ୍ରିଧାରା ପକ୍ଷରୁ ମଙ୍ଗଳବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ଦେବସ୍ମୃତି ମହୋତ୍ସବରେ ଶିଳ୍ପୀଙ୍କ ନୃତ୍ୟାଭିନୟ।

## ଗୁରୁ ଦେବପ୍ରସାଦଙ୍କ ସ୍ମରଣାର୍ଥେ ଦେବସ୍ମୃତି ମହୋତ୍ସବ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ସ୍ୱର୍ଗତ ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ମଙ୍ଗଳବାର ଭଞ୍ଜକଳା ମଣ୍ଡପଠାରେ ତ୍ରିଧାରା ପକ୍ଷରୁ ଦେବସ୍ମୃତି ମହୋତ୍ସବ ଆୟୋଜିତ ହୋଇଥିଲା। ଗୁରୁଙ୍କ ଅନନ୍ୟ ଶୈଳୀକୁ ଓଡ଼ିଶୀ ନୃତ୍ୟ ରୂପରେ ପ୍ରଦର୍ଶନ ଓ ପ୍ରଚାର କରିବା ସହ ନୃତ୍ୟକୁ ପାରମ୍ପରିକ ଆଦିବାସୀ ଓ ଲୋକନୃତ୍ୟରେ ସଂଯୋଗ କରିଥିଲା ଏହି ଉତ୍ସବ। ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଯୋଜକ ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍ସବର ପ୍ରଥମ ପ୍ରସ୍ତୁତି ଥିଲା ଲକ୍ଷ୍ମୀ ନୃସିଂହ ଧ୍ୟାନକୁ ନେଇ ମଙ୍ଗଳାଚରଣ। ଏହାକୁ ନୃତ୍ୟ ମାଧ୍ୟମରେ ଜି. ନାଗେଶ୍ୱରୀ, ପ୍ରଭୁତୋଷ, ଦୀପିକା, ରିତିକା, ବିଧି, ମୋକ୍ଷଦା, ରୁତୁଜା ଓ ଅନ୍ୱେଷା ଉପସ୍ଥାପନ କରିଥିଲେ। ପରେ ଓଡ଼ିଆ ଅଭିନୟ ମାନଉଧାରଣକୁ ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ ମୋନାଲିସା, ସୁଶ୍ରୀ, ମୁସ୍କାନ ଓ ପ୍ରିୟଦର୍ଶିନୀ। କେଡେ ଛାନ୍ଦ ଜାଣେ ଲୋ ସହି...କୁ ଦିବ୍ୟଶ୍ରୀ, ସଲୋନୀ, ଲକ୍ଷ୍ମୀପ୍ରିୟା ଓ ଶିବାନୀ ପରଷି ଥିଲେ। ତନିଶା, ଶୁଭଶ୍ରୀ ପ୍ରଧାନ, ଦିଶା, ଶୁଭଶ୍ରୀ ପାଇକରାୟ, ପ୍ରତିଜ୍ଞାନ, ସୋନାକ୍ଷୀ, ସିମରନ, ଅଙ୍କିତା ଓ ପ୍ରିୟାଂଶୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଦଶାବତାର। ଆରାଧ୍ୟା ପତି, ସିଦ୍ଧିକ୍ଷା, ଆରାଧ୍ୟା ପ୍ରିୟଦର୍ଶିନୀ, ଶ୍ରୀଜିତା ଓ ଆରାଧ ଲାଲଙ୍କ ଦ୍ୱାରା ଉଠିଲୁ ଏ ବେଗି..., ସଙ୍ଘମିତ୍ରା ଓ ବିଧିଙ୍କ ଦ୍ୱାରା ଦୈତ୍ୟ ଓଡ଼ିଶୀ ନୃତ୍ୟ ଅର୍ଦ୍ଧନାରୀଶ୍ୱର, ପଦ୍ମିନୀ ଲାଲ, ରିତିକା, ମୋକ୍ଷଦା, ସୋନାକ୍ଷୀ, ସୁଶ୍ରୀ ଓ ମୁସ୍କାନଙ୍କ ଦ୍ୱାରା ରାମ ଭଜନ ଉପସ୍ଥାପିତ ହୋଇଥିଲା। ଅନ୍ତିମ ପ୍ରସ୍ତୁତିରେ ନୃତ୍ୟ ମୋକ୍ଷକୁ ପ୍ରଭୁତୋଷ, ରିତିକା, ମୋକ୍ଷଦା ଓ ବିଧି ପରିବେଷଣ କରିଥିଲେ। ସମସ୍ତ ନୃତ୍ୟର ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

## ମଲ୍ ଲିଫ୍ଟରେ ଫସିଲେ ଡେଲିଭରି ବଏ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଭୁବନେଶ୍ୱର ଡିଏନ୍ ରେଗାଲିଆ ମଲ୍‌ର ଲିଫ୍ଟରେ ଫସି ରହିଥିବା ଜଣେ ଡେଲିଭରି ବଏଙ୍କୁ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ସେ ହେଲେ ବାଲିପାଟଣା ଥାନା ଅଞ୍ଚଳର ରାକେଶ କୁମାର ସେନାପତି। ରାତି ପ୍ରାୟ ୯ଟା ୩୦ ସମୟରେ ମଲ୍‌ରେ ଥିବା ବାର୍ବିକ୍ୟୁ ନେଶନ୍‌ରୁ ରାକେଶ ଖାଦ୍ୟ ଅର୍ଡର ନେଇ ଫେରୁଥିବାବେଳେ ପ୍ରଥମ ମହଲାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲିଫ୍ଟ ଚାଲି ନ ଥିଲା। ଫଳରେ ରାକେଶ ସେଠାରେ ଫସି ରହିଥିଲେ। ସେଠାରେ ସେ ଫସି ରହି ରାକେଶ ସମ୍ପୂର୍ଣ୍ଣ ଭୟଭୀତ ହୋଇଯାଇଥିଲେ। ଏନେଇ ଖବର ଦିଆଯିବା ପରେ ତମାଣ୍ଡୋ ଫାୟାର ଷ୍ଟେଶନ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଏଥିସହ ମଲ୍‌ର ଟେକ୍ନିକାଲ ଟିମ୍ ମଧ୍ୟ ଏହି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

**ପ୍ରାୟ ୪୫ ମିନିଟ୍ ପରେ ଉଦ୍ଧାର କଲା ଅଗ୍ନିଶମ ଟିମ୍**



ପ୍ରାୟ ୪୫ ମିନିଟ ପରେ ରାକେଶଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

## ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

ବାଲିଅନ୍ତା,୩୦।୫(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତର ଶତାଧିକ ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଜୟଦେବ ବିଧାୟକ ଅରବିନ୍ଦ ଢାଲି ମଙ୍ଗଳବାର ସମ୍ବର୍ଦ୍ଧିତ କରିଛନ୍ତି। ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶ୍ୱର ମନ୍ଦିର ନିକଟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସ୍ଥାନୀୟ ବରିଷ୍ଠ ନାଗରିକେ ଅଞ୍ଚଳର ସମସ୍ୟା ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ଢାଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ବଟକୃଷ୍ଣ ପଣ୍ଡା, ସୁର ରାୟ, ବିରଞ୍ଚି ନାରାୟଣ କର ଓ କରୁଣାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିକ୍ରମା ମନ୍ତ୍ର' ପୁସ୍ତକ ଉନ୍ମୋଚିତ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବରିଷ୍ଠ ଆଇନ୍‌ଜୀବୀ ଅଶ୍ୱିନୀ କୁମାର ପ୍ରଧାନଙ୍କ ଲିଖିତ 'ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିକ୍ରମା ମନ୍ତ୍ର' ପୁସ୍ତକର ଦ୍ୱିତୀୟ ଓ ତୃତୀୟ ସଂସ୍କରଣକୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ତଥା କବି ପଣ୍ଡିତ ଡ. ପ୍ରବୋଧ କୁମାର ମିଶ୍ର ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ପୁସ୍ତକ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଲେଖକ ପ୍ରଧାନ ଏହି ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ବିଶ୍ୱମାନବର ତଥ୍ୟ ଏବଂ ଗଜପତି ପୁରୁଷୋତ୍ତମ ଦେବଙ୍କ 'ମୁକ୍ତିଚିନ୍ତାମଣି' ଗ୍ରନ୍ଥରେ ପ୍ରଦର୍ଶିତ ମାର୍ଗକୁ ପୁନରୁଦ୍ଧାର କରିବାର ପ୍ରୟାସ କରିଥିବାରୁ ରାଜ୍ୟପାଳ ତାଙ୍କୁ ପ୍ରଶଂସା କରିଥିଲେ।

## ରାଜଧାନୀରେ ଏବର୍ଷ ୫୭ ସ୍ଥାନରେ ରଥଯାତ୍ରା

**କମିଶନରେଟ ପୋଲିସର ପ୍ରସ୍ତୁତି ବୈଠକ**

ଭୁବନେଶ୍ୱର,୩୦।୫(ବ୍ୟୁରୋ)



ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଉପଜିଲାପାଳ ପ୍ରତାପ ବେଉରା ଓ ଅନ୍ୟମାନେ।

ରାଜଧାନୀରେ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବାକୁ କମିଶନରେଟ ପୋଲିସ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥ କମିଟି ସଭାପତି ଓ ସମ୍ପାଦକ ଯୋଗଦେଇ ବିଭିନ୍ନ ମୂଳ ସମସ୍ୟା ବିଷୟରେ ଉପସ୍ଥାପନା କରିଥିଲେ। ରାଜଧାନୀରେ ଏଥର ଆଉ ୩ ସ୍ଥାନରେ ରଥଯାତ୍ରା ହେବ। ତେଣୁ ଚଳିତବର୍ଷ ଏହି ସଂଖ୍ୟା ୫୭ରେ ପହଞ୍ଚିଛି। ରଥଯାତ୍ରା ପାଇଁ କିଛି ସ୍ଥାନରେ ରାସ୍ତା ସଜାଡ଼ିବା, ବିଦ୍ୟୁତ୍ ତାର ଟେକିବା, ଗଛ କାଟିବା, ଟ୍ରାଫିକ୍ ଆଦି ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଖୋର୍ଦ୍ଧା ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବିଏସ୍‌ସି ଅତିରିକ୍ତ କମିଶନର ସୂର୍ଯ୍ୟାଂଶ ମୟୂର ବିକାଶ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ କମିଶନର କହିଛନ୍ତି, ଥାନା ଅଧିକାରୀଙ୍କ ମାଧ୍ୟମରେ ୧୫ଦିନ ପୂର୍ବରୁ ରଥ ରୁଟ୍ ଆଦି ଅନୁଧ୍ୟାନ କରାଯିବ। ସବୁ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ। ରଥଯାତ୍ରାରେ ଆବଶ୍ୟକତା ଅନୁଯାୟୀ ଫୋର୍ସ ମୁତୟନ ହେବ। ଟ୍ରାଫିକ ବ୍ୟବସ୍ଥାକୁ ନଜରରେ ରଖି ଯଥେଷ୍ଟ ଭଲ୍ୟୁଣ୍ଟିୟରଙ୍କୁ ନିୟୋଜିତ କରିବାକୁ ରଥ କମିଟିର କର୍ମକର୍ତ୍ତାଙ୍କୁ କୁହାଯାଇଛି ବୋଲି କମିଶନର କହିଛନ୍ତି।

## ସଂଗଠନ ସାହିତ୍ୟିକର ଅନ୍ତୁଡ଼ିଶାଳ

ଭୁବନେଶ୍ୱର,୩୦।୫(ବ୍ୟୁରୋ)




ଲତା ଯେପରି ବୃକ୍ଷକୁ ଆଶ୍ରୟ କରି କାୟା ବୃଦ୍ଧି କରିଥାଏ ବା ବିକଶିତ ହୋଇଥାଏ, ସେହିପରି ସାହିତ୍ୟ ସଂଗଠନର ଭିତ୍ତିଭୂମି ଉପରେ ସାହିତ୍ୟିକଟିଏ ତା'ର ସୃଷ୍ଟିକୁ ନେଇ ପ୍ରଗତିର ସୋପାନ ଆରୋହଣ କରିଥାଏ। ଜଣେ ସାହିତ୍ୟିକ ପାଇଁ ପତ୍ରିକା ଭଳି ସାହିତ୍ୟ ସଂଗଠନ ଅନ୍ତୁଡ଼ିଶାଳ ଭାବେ ଗଣାଯାଇଥାଏ ବୋଲି ମଙ୍ଗଳବାର ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୧୯୧ତମ ମାସିକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଲୋଚ୍ୟ ବିଷୟ ଥିଲା 'ସାହିତ୍ୟ ପାଇଁ ସାହିତ୍ୟିକ ସଂଗଠନର ଆବଶ୍ୟକତା'। ମୁଖ୍ୟ ଅତିଥି ଭାବେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ ମହାପାତ୍ର କହିଲେ, ସଙ୍ଗଠନ କେବଳ ସାହିତ୍ୟ ପାଇଁ ନୁହେଁ, ବିଭିନ୍ନ କ୍ଷେତ୍ରରେ ମଧ୍ୟ ନିହାତି ଆବଶ୍ୟକ। କାରଣ ଜଣ ସ୍ଥାନରେ ଗଣର ଭୂମିକା ବେଶି ଶକ୍ତିଶାଳୀ ହୋଇଉଠେ। ମୁକ୍ତ ଚିନ୍ତନ ମଞ୍ଚର ସଭାପତି ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ରୂପେ 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି ଯୋଗଦେଇ କହିଲେ, ସଙ୍ଗଠନଗୁଡ଼ିକର ନିଷ୍ଠା ହିଁ ସାହିତ୍ୟିକ ବାତାବରଣରେ ବିଶେଷ ସହାୟକ ହୋଇ ସାହିତ୍ୟିକଙ୍କୁ ପ୍ରେରଣା ଯୋଗାଇବାରେ ସକ୍ଷମ ହୋଇଥାଏ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ବିଗତ ଶହେ ବର୍ଷ ଧରି ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟ ସମ୍ପର୍କରେ ବିଶେଷ ସୂଚନା ଦେବା ସହ ବର୍ତ୍ତମାନ କିଭଳି ଆହୁରି କାର୍ଯ୍ୟଦକ୍ଷ ହୋଇପାରିଛି ସେ ବିଷୟରେ ବର୍ଣ୍ଣନା କରିଥିଲେ। ଓଡ଼ିଆ ଲେଖିକା ସଂସଦର ସମ୍ପାଦିକା ଡ. ଶକୁନ୍ତଳା ବଳିଆର ସିଂହ ଲେଖିକାଙ୍କୁ ପ୍ରେରଣା ଦେବା ନିମନ୍ତେ ସଂସଦ ପକ୍ଷରୁ ୩୦ ବର୍ଷ ଧରି ହୋଇଥିବା କାର୍ଯ୍ୟର ବିବରଣୀ ଉପସ୍ଥାପିତ କରିଥିଲେ। ପୀତବାସ ରାଉତରାୟ ସଭା ପରିଚାଳନା ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## କୁଶପଙ୍ଗୀରେ ହେବ ରାଜ୍ୟର ପ୍ରଥମ ଏନ୍‌ସିସି ତାଲିମ କେନ୍ଦ୍ର

କଟକ ଅଫିସ,୩୦।୫

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ନିର୍ଦ୍ଦେଶାଳୟ, ଓଡ଼ିଶା ଦେଶର ଭବିଷ୍ୟତ ନାଗରିକ ତଥା ଯୁବବର୍ଗଙ୍କ ଉନ୍ନତି ପାଇଁ ବହୁ ପ୍ରକାର କାର୍ଯ୍ୟକ୍ରମ କରୁଛି। ଏସବୁକୁ ଆଗକୁ ନେବା ପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ କଟକ ଜିଲାର ଆଠଗଡ଼ ବ୍ଲକ ଅନ୍ତର୍ଗତ କୁଶପଙ୍ଗୀଠାରେ ଏନ୍‌ସିସି ତାଲିମ କେନ୍ଦ୍ର ଓ ଶିବିର ପ୍ରାନ୍ତର ପ୍ରତିଷ୍ଠା ନିମନ୍ତେ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

ସୂଚନାନୁସାରେ, କଟକ ଜିଲା ପ୍ରଶାସନ ସହଯୋଗରେ ଉକ୍ତ ପ୍ରକଳ୍ପ ନିର୍ମାଣ ନିମନ୍ତେ ୫ ଏକର ପରିମିତ ଜାଗା ଯୋଗାଇ ଦିଆଯାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୫୫ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହାଦ୍ୱାରା ଏନ୍‌ସିସି କଟକ ଗ୍ରୁପ ଅନ୍ତର୍ଗତ ୧୩ ଜିଲାର କ୍ୟାଡେଟମାନେ ଉପକୃତ ହେବେ। ସେମାନଙ୍କର ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ ହେବା ସହଜ ହେବ। ସେମାନଙ୍କୁ ଭାରତୀୟ ସେନା ବାହିନୀରେ ଯୋଗଦେବା ପାଇଁ ବିଭିନ୍ନ ଆନୁଷଙ୍ଗିକ ପ୍ରସ୍ତୁତି ଯୋଗାଇ ଦିଆଯିବ। ଏହି ଶିକ୍ଷାକେନ୍ଦ୍ର କ୍ୟାଡେଟମାନଙ୍କୁ ଏକତା ଏବଂ ଅନୁଶାସନ ଶିଖାଇବା ସହ ସୁନାଗରିକ ଭାବେ ଗଢ଼ିତୋଳିବ ବୋଲି ଏନ୍‌ସିସି କଟକ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଡିଜି ଏନ୍‌ସିସି କମାଣ୍ଡର ଜେ. ସୁରେଶ, ଏନ୍‌ସିସି କଟକ ଗ୍ରୁପ୍ କମାଣ୍ଡର ରଜନୀଶ କପୁର, ମୁଖ୍ୟମନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାଶ ଓ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ନରହରି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏନସିସିର ଫାଷ୍ଟ ଓଡ଼ିଶା ଆର୍ଟିଲ୍ଲାରୀ ବ୍ୟାଟେରି ୟୁନିଟ କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ କଲୋନେଲ ସୌମ୍ୟପ୍ରକାଶ ଓତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ବୋଧନ ଦେଉଛନ୍ତି।

**୫୫ କୋଟି ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ**



ଟିମ୍ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ପରିବେଷିତ ନାଟକ 'ସାହାଡ଼ା ସୁନ୍ଦରୀ'ର ଏକ ଦୃଶ୍ୟ।

## ଜାତୀୟ ଯୁବ ଶିବିରରେ ପ୍ରତିନିଧିତ୍ୱ କରିବେ ୨୦ ଓଡ଼ିଆ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଷ୍ଟ୍ରୀୟ ଯୁବା ସଂଗଠନ ଆସନ୍ତା ଜୁନ୍ ୫ରେ ୨୮ତମ ପ୍ରତିଷ୍ଠା ଦିବସ ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ପାଳନ କରିବ। ଏହି ଅବସରରେ ଜୁନ ୭ ପର୍ଯ୍ୟନ୍ତ ସେଠାରେ ୨୮ତମ ଜାତୀୟ ଯୁବ ଶିବିର ଅନୁଷ୍ଠିତ ହେବ। ବିଶିଷ୍ଟ ଗାନ୍ଧିବାଦୀ ତଥା ସଙ୍ଗଠନର ପ୍ରତିଷ୍ଠାତା କୁମାର ପ୍ରଶାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଶିବିରରେ ଗଣତନ୍ତ୍ର, ସାମାଜିକ ନ୍ୟାୟ, ସର୍ବଧର୍ମ ସମଭାବ, ରାଷ୍ଟ୍ରୀୟ ଏକତା, ଅର୍ଥନୈତିକ ସମତା, ବେରୋଜଗାର, ସ୍ୱଦେଶୀ, ବିଶ୍ୱ ଶାନ୍ତି, ସମ୍ବିଧାନ ତଥା ପରିବେଶର ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା ହେବ। ଚଳିତବର୍ଷର ବିଷୟ ବସ୍ତୁ ରହିଛି 'ଗଣତନ୍ତ୍ର କେତେ ସୁରକ୍ଷିତ'। ଏହି ଶିବିରରେ ଯୋଗଦେବା ପାଇଁ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥଙ୍କ ନେତୃତ୍ୱରେ ସଙ୍ଗଠନର ଓଡ଼ିଶା ଶାଖାର ୨୦ଜଣିଆ ପ୍ରତିନିଧି ମଣ୍ଡଳ ସେଠାରେ ଯୋଗଦେବେ। ମାନସ ପଟ୍ଟନାୟକ, ପ୍ରଦୀପ ନାଏକ, ଉଦୟ ନାଏକ, ଅଲିଭା ଦାଶ, ମାମାଲି ଗଡ଼ନାୟକ, କରନ ମହାପାତ୍ର, ଛୋଟରାୟ ମାଝୀ, କଳ୍ପତରୁ ଦାସ, ଗାୟତ୍ରୀ ଗଡ଼ନାୟକ, ପ୍ରିୟଙ୍କା ଗଡ଼ନାୟକ, ଦିବ୍ୟଜ୍ୟୋତି ମାଝୀ, ସୌମ୍ୟ ରଞ୍ଜନ ମଲ୍ଲିକ, ସୁବ୍ରତ ଦେହୁରୀ ପ୍ରମୁଖ ଶିବିରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି।

## ସଂକ୍ଷେପରେ

### ମଦ ଜବତ, ବ୍ୟବସାୟୀ ଗିରଫ



ବାଲୁଗାଁ,୩୦।୫(ଡି.ଏନ୍.ଏ.): ବାଲୁଗାଁ ଥାନା ପୋଲିସ ମଙ୍ଗଳବାର ବଡ଼କୂଳ ବଜାର ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରୁଥିବା ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କେଶର ସାହୁ। ତାଙ୍କ ନିକଟରୁ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୮/୨୩) ରୁଜୁ ହୋଇଛି। ଅଭିଯୁକ୍ତ ପୂର୍ବରୁ ମଧ ବେଆଇନ ମଦ କାରବାରରେ ଧରାପଡ଼ି ଜେଲ ଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଅସହାୟା ଦୁଇ ବୃଦ୍ଧା ଉଦ୍ଧାର

ଜଟଣୀ,୩୦।୫(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳରୁ ମଙ୍ଗଳବାର ଦୁଇ ଅସହାୟା ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। କିଛିଦିନ ହେବ ଏହି ପୌରାଞ୍ଚଳ ଅଧୀନ ଲୋକକଲୋନୀ ମାଣିଆ ଛକସ୍ଥିତ ଏକ ପରିତ୍ୟକ୍ତ ଘରେ ଜଣେ ବୃଦ୍ଧା ପଡିରହିଥିଲେ। ସେହିପରି ସ୍ଥାନୀୟ ମାଣିଆ ଛକ ରାସ୍ତାରେ ଅନ୍ୟ ଜଣେ ବୃଦ୍ଧା ପଡିରହିଥିଲେ। ଉକ୍ତ ରାସ୍ତାରେ ଜନସାଧାରଣ ଯାତାୟାତ କରୁଥିଲେ ମଧ କେହି ସହାୟତା କରି ନ ଥିଲେ। ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଜିତେନ୍ଦ୍ର ସାହୁ, କାହ୍ନୁ ବାରିକଙ୍କ ସମେତ କାଉନ୍‌ସିଲର ସନ୍ଧ୍ୟାରାଣୀ ଜାନି ପ୍ରମୁଖ ବୃଦ୍ଧାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବା ପାଇଁ ଜଟଣୀସ୍ଥିତ ଏକ ବୃଦ୍ଧାଶ୍ରମ ଓ ପୋଲିସକୁ ଯୋଗାଯୋଗ କରିଥିଲେ। ପୋଲିସ ପହଞ୍ଚି ଉକ୍ତ ଦୁଇ ଅସହାୟା ବୃଦ୍ଧାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

### କୁହୁଡ଼ି ଷ୍ଟେଶନରେ ରାଜ୍ୟରାଣୀ ଏକ୍ସପ୍ରେସ ରହଣି ଖୁବ୍‌ଶୀଘ୍ର

ଟାଙ୍ଗୀ(ଖୋର୍ଦ୍ଧା),୩୦।୫(ଡି.ଏନ୍.ଏ.): ପୂର୍ବତଟ ରେଲୱେ ଅନ୍ତର୍ଗତ କୁହୁଡି ଷ୍ଟେଶନରେ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଉଦ୍ୟମରେ ଏହି ଟ୍ରେନ ରହଣି ନିଷ୍ପତ୍ତି ହୋଇଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ତେବେ କେଉଁ ଦିନଠାରୁ ଏଠାରେ ରହଣିର ବ୍ୟବସ୍ଥା କରାଯିବ ବିଭାଗ ପକ୍ଷରୁ ଜଣାଇ ଦିଆଯିବ। ଏହି ଅବସରରେ କୁହୁଡ଼ି ଭାଜପା ମଣ୍ଡଳ ପକ୍ଷରୁ ସଭାପତି ପବିତ୍ର ହରିଚନ୍ଦନ, ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ସରପଞ୍ଚ ପ୍ରିୟମ୍ବଦା ବେହେରା, ସମିତି ସଭ୍ୟା ପୁଷ୍ପଲତା ହରିଚନ୍ଦନ, ପଞ୍ଚାୟତ ସଭାପତି ଚୈତନ୍ୟ ପରିଡ଼ା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପରିଡ଼ା, ମଞ୍ଜୁଲତା ଇନ୍ଦ୍ରଜିତ ପ୍ରମୁଖ ଏମ୍‌ପି ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଡକାୟତି ଯୋଜନା ପଣ୍ଡ: ୬ ଗିରଫ

#### ୨ ଖଣ୍ଡା, ଲୁହାରଡ୍ ଜବତ

ପୁରୀ ଅଫିସ, ୩୦।୫: ଏକ ଡକାୟତି ଯୋଜନାକୁ ପୁରୀ ଟାଉନ ଥାନା ପୋଲିସ ପଣ୍ଡ କରିବା ସହ ୬ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ହାତୀଶାଳର ସନ୍ତୋଷ ଦାସ ଓରଫ ସନ୍ତୁ ଭୋଇ, ଲୋକନାଥ ରୋଡ ଥାନାପତି ଲେନ୍‌ର ବୁଲା ଦାସ ଓରଫ ବୁଲୁ, ଟାଉନ ଥାନା ଅନ୍ତର୍ଗତ ଚୁଡ଼ଙ୍ଗ ସାହିର ବିଜୟ କୁମାର ଭୋଳ, ଜୟଦେବ କାଣ୍ଡି, କୁମ୍ଭାରପଡା ଥାନା ଅନ୍ତର୍ଗତ ରାୟବାହାଦୁର ଲେନ ଗୋପବନ୍ଧୁ କଲୋନୀର ହାଡୁ ନାୟକ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଟକଟା ଧୋବାଖାଲ ଅଞ୍ଚଳର ରାମ ନାୟକ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଦୁଇଟି ଖଣ୍ଡା, ଗୋଟିଏ ଲୁହାରଡ୍ ଓ ବିୟର ବୋତଲ ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୯୮/୨୩) ରୁଜୁ କରିଛି। ଅଭିଯୁକ୍ତମାନେ ଚକ୍ରକୋଟ ଲେନ କାଜୁ ଜଙ୍ଗଲରେ ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ଏହି ଖବର ପାଇ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ୪ ବର୍ଷ ହେଲା ଉଠା ଜଳସେଚନ ପ୍ରକଳ୍ପ ଅଚଳ

**ନିରାକାରପୁର,୩୦।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଓରବରସିଂ ପଞ୍ଚାୟତ ଅନ୍ତର୍ଗତ ମଲାଗୁଣୀ ନଦୀପଠା କୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣ ହୋଇଥିବା ଉଠାଜଳସେଚନ ପ୍ରକଳ୍ପ ଦୀର୍ଘ ୪ବର୍ଷ ହେବ ଅଚଳ ହୋଇପଡ଼ିଛି। ଏନେଇ ଚାଷୀମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ, ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, କୃଷ୍ଣପୁର ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୧୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ଜଳସେଚନର ସୁବିଧା ନିମନ୍ତେ ୨୦୧୪-୧୫ ମସିହାରେ ଲିଫ୍ଟଇରିଗେସନ ବିଭାଗ ପକ୍ଷରୁ ଚାଷୀଙ୍କୁ ନେଇ ମା'ମଙ୍ଗଳା ପାଣି ପଞ୍ଚାୟତ ଗଠନ କରାଯାଇଥିଲା। ପ୍ରାୟ ୧ କୋଟି ଟଙ୍କା ବ୍ୟୟବରାଦରେ କୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ନଦୀରୁ ପାଣିଉଠା ମେଶିନ ଓ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇଥିଲା। ଏଥିସହ ସ୍ଥାନୀୟ ଚାଷଜମିକୁ ପାଇପ୍ ବିଛା ଯାଇଥିବା ବେଳେ କେତେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି। ପାଣି ସୁବିଧା ପାଇବା ପରେ ପୂର୍ବ ଅପେକ୍ଷା ଚାଷଜମିରେ ଅଧିକ ଫସଲ ଆମଦାନୀ ହୋଇଥିଲା। ଚାଷୀ ବର୍ଷକ ଦାନା ପାଇବା ସହ ବଳକା ଶସ୍ୟକୁ ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଗତ 'ଫନୀ'ବାତ୍ୟାରେ ବିଦ୍ୟୁତ୍ ତାର ସହ ବ୍ୟବହୃତ ଯନ୍ତ୍ରାଂଶ କ୍ଷତିଗ୍ରସ୍ତ ହୋଇଥିଲା। ଅନୁରୂପଭାବେ ନଦୀରୁ ଚାଷଜମି ପର୍ଯ୍ୟନ୍ତ ବିଛା ଯାଇଥିବା ପାଣି ପାଇପ୍ ମଧ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଫଳରେ ଚାଷୀମାନେ ଜୀବିକା ହରାଇ ବସିଲେ। ପ୍ରକଳ୍ପର ଏଭଳି ଅବସ୍ଥା ନେଇ ଚାଷୀମାନେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନାହିଁ। ଦୀର୍ଘ ୪ବର୍ଷ ହେବ ଏଥିପ୍ରତି କେହି ଦୃଷ୍ଟି ନ ଦେବା ବିଡ଼ମ୍ବନାର ବିଷୟ ବୋଲି ମା'ମଙ୍ଗଳା ପାଣି ପଞ୍ଚାୟତର କୋଷାଧ୍ୟକ୍ଷ ତଥା ଚାଷୀ ଦିବାକର ପ୍ରଧାନ କହିଛନ୍ତି। ଅନ୍ୟପଟେ ଚାଷୀ ବର୍ଷକ ଜୀବିକା ହରାଇ ଦାଦନଶ୍ରମିକ ପାଲଟିଛନ୍ତି। ପୂର୍ବରୁ





ଅଚଳ ହୋଇ ପଡ଼ିଥିବା ପ୍ରକଳ୍ପ ଓ ଟ୍ରାନ୍ସଫର୍ମର।

#### ଚିନ୍ତାରେ ଚାଷୀ, ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଯେଉଁ ଜମିରେ ଧାନଚାଷ ପରେ ବିଭିନ୍ନ ପନିପରିବା ଚାଷ କରି ଜୀବିକା ନିର୍ବାହ କରୁଥିଲେ ତାହା ଏବେ ଉଜୁଡିଯାଇଛି। ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କରାଗଲେ ଚାଷୀକୁଳ ବଞ୍ଚିଯାଇ ପାରନ୍ତେ ବୋଲି କେତେଜଣ ଚାଷୀ କହିଛନ୍ତି। ଏ ସମ୍ପର୍କରେ ପାଣି ପଞ୍ଚାୟତର ସଭାପତି ହୃଷୀକେଶ ଜେନା କହିଛନ୍ତି, ଲିଫ୍ଟ ପଏଣ୍ଟଟି ସ୍ଥାନୀୟ ଚାଷୀମାନଙ୍କ ପାଇଁ ଜୀବନରେଖା ଥିଲା। 'ଫନୀ'ରେ କ୍ଷତିଗ୍ରସ୍ତ ହେବା ପରେ ଚାଷୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣିଲେ ନାହିଁ। ନିଜ ଟଙ୍କାରେ ଉକ୍ତ ପ୍ରକଳ୍ପକୁ ସଜାଡ଼ିବା ପାଇଁ ଅଧିକାରୀମାନେ କହୁଥିବା ସେ କହିଛନ୍ତି। ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ଉକ୍ତ ପ୍ରକଳ୍ପର ପୁନରୁଦ୍ଧାର କରିବା ପାଇଁ ଦାବି ହେଉଛି।

### ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ,୩୦।୫**

ଖୋର୍ଦ୍ଧା ଆଦର୍ଶ ଥାନା ଠାକୁରପଡା କାଜୁ ଜଙ୍ଗଲରୁ ମଙ୍ଗଳବାର ପୋଲିସ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଜାଗୁଲିପାଟଣା ଗ୍ରାମର ଓମ୍‌ପ୍ରକାଶ ନାୟକ। ପୋଲିସ ଏକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ଓମ୍‌ପ୍ରକାଶଙ୍କୁ ମାରି ଝୁଲାଇ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତକଙ୍କ ବାପା ମନୋରଞ୍ଜନଙ୍କ କହିବାନୁଯାୟୀ, ସୋମବାର ପୂର୍ବାହ୍ନରେ ଓମ୍‌ପ୍ରକାଶ ଆସୁଛି କହି ଘରୁ କେଉଁଆଡ଼େ ଯାଇଥିଲା। ସନ୍ଧ୍ୟା ହେବା ପରେ ମଧ ସେ ଘରକୁ ଫେରିନଥିଲା। ଏନେଇ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳେ ଲୋକେ କାଜୁ ଜଙ୍ଗଲ ଦେଇଯିବା ବେଳେ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।



ବିଶ୍ୱ ହିନ୍ଦୁ ପରିଷଦ ଖୋର୍ଦ୍ଧା ଜିଲା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

### ଗାଡ଼ି ଧକ୍କାରେ ଜଣେ ଗୁରୁତର

**ବୋଲଗଡ଼,୩୦।୫(ଡି.ଏନ୍.ଏ.)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ବ୍ଲକ ପିଚୁକୁଳି ବଜାର ଅଞ୍ଚଳରେ ମଙ୍ଗଳବାର ରାତିରେ ଗାଡି ଧକ୍କାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପିଚୁକୁଳି ବ୍ରାହ୍ମଣ ସାହିର ଭଗବାନ ସାହୁ। ଚାଲି ଚାଲି ଭଗବାନ ବଜାର ଅଞ୍ଚଳ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

### ବିଭିନ୍ନତା ମଧ୍ୟରେ ଏକତା ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

#### ରାଜଭବନରେ ଗୋଆ ଦିବସ

ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ। ଭାରତୀୟତାର ମହକ ଓ ଆଲୋକ ହିଁ ଆମର ପରିଚୟ। ଭାରତର ପରିଚିତିକୁ ଗୋଆ ବହୁ ଭାବରେ ପ୍ରକୀର୍ତ୍ତିତ କରିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ମଙ୍ଗଳବାର ରାଜଭବନରେ ଗୋଆ ଦିବସ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୋଆର ଇତିହାସ ଓ ଐତିହ୍ୟ ସମ୍ପର୍କରେ ଆଲୋଚନା କରି 'ଏକ ଭାରତ: ଶ୍ରେଷ୍ଠ ଭାରତ'ର ଲକ୍ଷ୍ୟ ପାଳନରେ ବିଭିନ୍ନ ରାଜ୍ୟର ଦିବସ ପାଳନ ବିଶେଷ ଉପଲବ୍ଧି ବୋଲି କହିଥିଲେ। ଏହି ଦିବସ ଉପଲକ୍ଷେ ଭୁବନେଶ୍ୱରରେ ରହୁଥିବା ଗୋଆର ନିମନ୍ତ୍ରିତ ବ୍ୟକ୍ତିଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ରାଜଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭିଏଚପିର ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୩୦।୫**

#### ଯୁବତୀଙ୍କୁ ପ୍ରେମ ପରେ ପ୍ରତାରଣା, ହତ୍ୟା ଧମକ ଘଟଣା

■ ଡିଏସ୍‌ପି ପାହ୍ୟାର ଅଫିସରଙ୍କ ଦ୍ୱାରା ତଦନ୍ତ ଦାବି

■ ରାଜନୈତିକ ଚାପରେ କୋହଳ ଦଫା ଲଗାଯାଇଛି

ବିବାହ ପ୍ରଲୋଭନ ଦେଖାଇ ଜଣେ ଲଘୁ ସମ୍ପ୍ରଦାୟର ଯୁବକ ଶାରୀରିକ ସମ୍ପର୍କ ପରେ ପ୍ରତାରଣା, ଗୋମାଂସ ଖାଇବାକୁ ବାଧ, ଧର୍ମ ପରିବର୍ତ୍ତନ ଏବଂ ହତ୍ୟା ଧମକ ଦେଇଥିବା ନେଇ ଗତ ୨୩ ତାରିଖରେ ପୀଡ଼ିତା ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ପୋଲିସର ତଦନ୍ତରେ ପକ୍ଷପାତିତା, ଲଘୁ ସମ୍ପ୍ରଦାୟ ପ୍ରତି ଅହେତୁକ ଅନୁକମ୍ପାକୁ ନେଇ ପ୍ରଶ୍ନ ଉଠାଇଛି ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି)। ମଙ୍ଗଳବାର ଭିଏଚ୍‌ପି ଖୋର୍ଦ୍ଧା ଜିଲା ପକ୍ଷରୁ ଏକାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖୋର୍ଦ୍ଧା ପୋଲିସ ଉପରେ ବର୍ଷିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣା ସମ୍ବେଦନଶୀଳ ହୋଇଥିବାରୁ ଜିଲା ପ୍ରଶାସନ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କ ଦ୍ୱାରା ଏହାର ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହି ଘଟଣାରେ ଲଘୁ ସମ୍ପ୍ରଦାୟ ପ୍ରତି ଅନୁକମ୍ପା ଦେଖାଇ କେସକୁ ଦୁର୍ବଳ କରିବାକୁ ଚେଷ୍ଟା କରିଥିବା ପୋଲିସ ଅଧିକାରୀଙ୍କୁ ବହିଷ୍କାର କରାଯାଉ। ସପ୍ତାହ ମଧ୍ୟରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭିଏଚପି, ବଜରଙ୍ଗ ଦଳ ସହିତ ସମଗ୍ର ହିନ୍ଦୁ ସମାଜ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପୀଡିତାଙ୍କ ଅଭିଯୋଗକୁ ପୋଲିସ ହାଲୁକା ଭାବେ ଗ୍ରହଣ କରିଛି। ପୋଲିସ ଜଣେ ବିଧାୟକ ଏବଂ ଯୁବନେତାଙ୍କ ଚାପରେ କେସକୁ ରଫାଦଫା ଲାଗି ଚେଷ୍ଟା ପଛରେ କି ଉଦ୍ଦେଶ୍ୟ ରହିଛି ବୋଲି ଭିଏଚପି ପ୍ରଶ୍ନ କରିଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ କେବଳ ଦଫା ୫୦୬(ହତ୍ୟା ଧମକ) ଏବଂ ୩୭୬/୨(ଏନ) (ବାରମ୍ବାର ବଳାତ୍କାର) ଲଗାଇଥିବା ବେଳେ ଗୋମାଂସ ଖାଇବାକୁ ବାଧ କରିବା ଏବଂ ଧର୍ମ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା ଭଳି ଦଫା ଲଗାଇନାହିଁ। ପାଲିସ କାହା ଚାପରେ ଦଫା ଲଗାଇ ନାହିଁ ତାହାର ତଦନ୍ତ ଦାବି କରିଛି ଭିଏଚପି। ଲଘୁ ସମ୍ପ୍ରଦାୟର ଯୁବକମାନେ ଗରିବ ହିନ୍ଦୁ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖୁଛନ୍ତି। ପରେ ପ୍ରତାରଣା କରୁଛନ୍ତି। କିଛି ଘଟଣା ସାମ୍ନାକୁ ଆସୁଥିବା ବେଳେ ବହୁ ଘଟଣା ପଦାକୁ ଆସୁନାହିଁ। ତେବେ ଉପରୋକ୍ତ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି ଭିଏଚ୍‌ପି।

### ଚିଲିକା ମତ୍ସ୍ୟଜୀବ ସଂଘ ପକ୍ଷରୁ ଶହୀଦ ଦିବସ ପାଳନ



ଶହୀଦ ମତ୍ସ୍ୟଜୀବୀଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ଉପସ୍ଥିତ ଅତିଥି।

**ବାଲୁଗାଁ,୩୦।୫(ଡି.ଏନ୍.ଏ.)**

୧୯୯୯ ମେ' ୨୯ରେ ସୋରଣସ୍ଥିତ ଘୋଡ଼ାଦୌଡ଼ ପେଣ୍ଠ ନିକଟରେ ନିଦ୍ରିତ ମତ୍ସ୍ୟଜୀବୀଙ୍କ ଉପରେ ପୋଲିସର ଗୁଳିକାଣ୍ଡ ଘଟଣାରେ ଜଣେ ମହିଳାଙ୍କ ସମେତ ୫ଜଣ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଥିଲା। ପ୍ରତିବର୍ଷ ଏହି ଦିନକୁ ଚିଲିକା ମତ୍ସ୍ୟଜୀବୀ ସଂଘ ଶହୀଦ ଦିବସଭାବେ ପାଳନ କରିଆସୁଛି। ଚଳିତ ବର୍ଷ ଚିଲିକାର ସମସ୍ତ ମତ୍ସ୍ୟଜୀବୀ ସଂଘ ନିଜର ନ୍ୟାଯ୍ୟ ଦାବି ହାସଲ ନିମନ୍ତେ ସମସ୍ତେ ଏକତ୍ରିତ ହୋଇ ଏହି ଶହୀଦ ଦିବସକୁ ଆନୁଷ୍ଠାନିକଭାବେ ପାଳନ କରିଛନ୍ତି। ସକାଳେ ନଗର କୀର୍ତ୍ତନ କରି ଶହୀଦ ସ୍ଥଳରେ ପହଞ୍ଚି ଶହୀଦ ମତ୍ସ୍ୟଜୀବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସଂଘ ସଭାପତି ଶ୍ୟାମସୁନ୍ଦର ବେହେରାଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ କାଳନ୍ଦୀ ବେହେରା, ତପନ ବେହେରାଙ୍କ ସମେତ ବହୁ ପୂର୍ବତନ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଜମିବାଡ଼ି ବିବାଦ: ଯୁବକଙ୍କୁ ଚାପଡ଼ରେ ହାଣିଲେ

**ବାଲିପାଟଣା,୩୦।୫(ଡି.ଏନ୍.ଏ.)**

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବାଲିପାଟଣା ଥାନା ଅଧୀନ ବାରହଳ ଗ୍ରାମରେ ଜଣେ ଯୁବକଙ୍କୁ ତାଙ୍କ ପଡ଼ୋଶୀ ଚାପଡ଼ରେ ହାଣିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ବାବୁ ଖାଁଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ପୋଲିସ ଏକ ମାମଲା (ନଂ.୧୫୮/୨୩) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାରହଳ ଗ୍ରାମର ବାବୁ ଖାଁଙ୍କର ପଡ଼ୋଶୀଙ୍କ ସହିତ ଜମିଜମା ବିବାଦକୁ କେନ୍ଦ୍ରକରି ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ତେବେ ଏହି ବିବାଦ ତୁଟିବା ପରିବର୍ତ୍ତେ ମଙ୍ଗଳବାଠାରୁ ପୁଣି ଉଭୟ ମୁହାଁମୁହିଁ ହୋଇଥିଲେ। ପଡୋଶୀ ଯୁବକ ଉତ୍କ୍ଷିପ୍ତ ହୋଇ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ବାବୁ ଖାଁଙ୍କ ଡାହାଣ ଗୋଡ଼କୁ ଏକ ଚାପଡ଼ରେ ଆକ୍ରମଣ କରିଥିଲା। ତାଙ୍କ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ବାବୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ।

## ଲଞ୍ଚ୍ ଚଳାଚଳ ବନ୍ଦ ନେଇ ଅସନ୍ତୋଷ

**କୃଷ୍ଣପ୍ରସାଦ,୩୦।୫(ଡି.ଏନ୍.ଏ.)**

■ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

■ ଯାତ୍ରୀ ହଇରାଣ

ରାଜ୍ୟ ସରକାରଙ୍କ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ସେବା ପକ୍ଷରୁ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଚିଲିକାରେ ଲଞ୍ଚ୍ ଚଳାଚଳର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ବାଲୁଗାଁଠାରୁ ଦୁଇଟି ଲଞ୍ଚ୍ କୃଷ୍ଣପ୍ରସାଦ ଅଭିମୁଖେ ଚଳାଚଳ କରୁଥିବା ବେଳେ ହଠାତ୍ ସେଥିମଧ୍ୟରୁ ଏକ ଲଞ୍ଚ୍ ଚଳାଚଳକୁ ବନ୍ଦ କରିଦିଆଯାଇଛି, ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅପରାହ୍ନ ୩ଟା ୪୫ରେ ବାଲୁଗାଁ ଠାରୁ ଏହି ଲଞ୍ଚ ବାହାରି କୃଷ୍ଣପ୍ରସାଦ ଘିମୁଦା ଜେଟିରେ ଅପରାହ୍ନ ୪ଟା ୪୫ରେ ପହଞ୍ଚିଥାଏ। ପରଦିନ ସକାଳ ୭ଟା ୧୫ରେ ବାଲୁଗାଁ ଅଭିମୁଖେ ଯାତ୍ରା କରିଥାଏ। ବାରମ୍ବାର ଅଞ୍ଚଳବାସୀଙ୍କ ଦାବି ପରେ ଉକ୍ତ ଲଞ୍ଚଟି ଦୀର୍ଘ ୩ବର୍ଷ ଧରି ଯାତାୟାତ କରୁଥିବା ବେଳେ ହଠାତ୍ ଉକ୍ତ ଲଞ୍ଚ ଚଳାଚଳ ବନ୍ଦ କରିଦିଆଯାଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ବାଲୁଗାଁ ଜେଟି କୂଳରେ ଲଞ୍ଚ ଗୁଡ଼ିକ ପଡ଼ି ରହି ନଷ୍ଟ ହେଉଥିଲେ ମଧ ମରାମତି ପାଇଁ ପଦକ୍ଷେପ ନିଆଯାଉ ନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୂର୍ବ ଭଳି ଅପରାହ୍ନ ୩ଟା ୪୫ରେ ବାଲୁଗାଁ-କୃଷ୍ଣପ୍ରସାଦ ମଧ୍ୟରେ ପୁନଃ ଉକ୍ତ ଲଞ୍ଚ୍ ଚଳାଚଳ କରିବାକୁ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ସୀମାଞ୍ଚଳ ନାୟକ, ଲକ୍ଷ୍ମୀକାନ୍ତ ସିଂହ, ଯୁବନେତା ସୁବାସ ଚନ୍ଦ୍ର ଗୌଡ଼, ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ବେହେରା, ଶିରିଡ଼ି ସାଇ ସଂସ୍ଥାନ ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

## ଲୁଣ୍ଠି ସାଗର ପୁନରୁଦ୍ଧାର କରାଯାଉ

**କୃଷ୍ଣପ୍ରସାଦ,୩୦।୫(ଡି.ଏନ୍.ଏ.)**



ରାମଲେଙ୍କା ସରପଞ୍ଚଙ୍କ ସମେତ କେତେଜଣ ଶିକ୍ଷାବିତ୍ ଲୁଣ୍ଠି ସାଗରର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

■ ପୋତି ହୋଇଗଲାଣି ସାଗର

■ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତରେ ଥିବା ଲୁଣ୍ଠି ସାଗରର ପୁନରୁଦ୍ଧାର ହେଉନଥିବାରୁ ଏହା ପୋତି ହେବାରେ ଲାଗିଛି। ୨୪ ଏକର ପରିମିତ ଅଞ୍ଚଳରେ ଏହି ସାଗରରୁ ପଙ୍କ ଉଦ୍ଧାର ସହ ଏହାର ପୁନରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ଦେଲେ ଆଖପାଖ ଅଞ୍ଚଳର ଚାଷଜମି ଜଳସେଚିତ ହୋଇପାରିବ। ଏଥିସହ ଉକ୍ତ ସାଗରରେ ମାଛଚାଷ କରି ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଏହି ସାଗର ଥିବା ଜଣାପଡ଼ିଛି। ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ସାଗରଟି ପଙ୍କରେ ପୋତି ହେବାରୁ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ଫଳରେ ଏହି ସାଗର ଅଞ୍ଚଳବାସୀଙ୍କ କାମରେ ଆସୁନାହିଁ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନୂତନ ପୋଖରୀ, ବନ୍ଧ ଓ ସାଗରର ଉନ୍ନତୀକରଣ ହେଉଥିବା ବେଳେ ଦୀପ ତଳ ଅନ୍ଧାର ଭଳି ଲୁଣ୍ଠି ସାଗରଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ତେବେ ୧୫ବର୍ଷ ପୂର୍ବେ ଏହି ସାଗରର ପୁନରୁଦ୍ଧାର ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ୧୪ବର୍ଷ ପରେ ମଧ ଲୁଣ୍ଠି ସାଗର ଉନ୍ନତୀକରଣ ଦିଗରେ ଅନୁଦାନ ଅର୍ଥ ମଞ୍ଜୁର ହୋଇନାହିଁ। ସାଗରର କିଛି ଅଂଶ ପୋତି ହୋଇଯିବାରୁ ଗାଇଗୋରୁ, ଷଣ୍ଢଙ୍କ ଚାରଣ ଭୂଇଁ ପାଲଟିଛି। ତେବେ ଉକ୍ତ ସମସ୍ୟାର ସମାଧାନ ପାଇଁ ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ପୁନରୁଦ୍ଧାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲାପାଳ, ବ୍ରହ୍ମଗିରି ବିଧାୟକ ଦୃଷ୍ଟି ଦେବାକୁ ରାମଲେଙ୍କା ପଞ୍ଚାୟତ ପ୍ରତିନିଧି ମଣ୍ଡଳୀ ଏବଂ ବିଭିନ୍ନ ମହଲରୁ ଦାବି ହେଉଛି।

## ସଂକ୍ଷେପରେ

### ବ୍ରହ୍ମପୁର ପଞ୍ଚାୟତ ଗୃହ ନିର୍ମାଣ ବିରୋଧରେ ଦେୱାନି ମାମଲା

**କଟକ ସଦର ୩୦।୫(ଡି.ଏନ୍. ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର ନୂତନ ଗୃହ ନିର୍ମାଣ ଚାଲିଛି। ଯେଉଁ ଜାଗାରେ ଗୃହ କାମ ଚାଲିଛି, ସେହି ଜାଗାର ମାଲିକାନାକୁ ନେଇ ବିବାଦ ଉପୁଜିବାରୁ ଏକ ଦେୱାନି ମାମଲା ରୁଜୁ ହୋଇଛି। ଏହି ଜାଗାକୁ ବହୁ ବର୍ଷଧରି ଭୋଗ ଦଖଲ କରିଥିବା ସ୍ଥାନୀୟ ଅଞ୍ଚଳର ଜଣେ ଲୋକଙ୍କ ପକ୍ଷରୁ ଏହି ମକଦ୍ଦମା କରାଯାଇଛି। ଅନ୍ୟପକ୍ଷରେ ବିଭିନ୍ନ କିସମ ଜମିରେ ବ୍ଲକ ପ୍ରଶାସନ ତରଫରୁ ରାଜସ୍ୱ ଅଧିକାରୀଙ୍କ ଲିଖିତ ଆଦେଶ ନ ନେଇ ଆବାଦ ଅଯୋଗ୍ୟ ଜମିରେ ପୂର୍ବରୁ ବିଭିନ୍ନ ସ୍ଥାନରେ ସ୍ଥାୟୀ ନିର୍ମାଣ କରାଯାଇଥିଲା। ଏବର ନିର୍ମାଣରେ ଅଦାଲତ ମାମଲା ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନାହିଁ।

### ଖାନନଗର ବସ୍ତିରୁ ୪୨ ଘର ଉଚ୍ଛେଦ

**କଟକ ଅଫିସ,୩୦।୫:** କାଠଯୋଡି ରିଙ୍ଗରୋଡ ସମ୍ପ୍ରସାରଣ କରାଯାଇ ୬ ଚିକିଆ କରିବାକୁ ଯୋଜନା କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ (ସିଏମ୍ସି) ପକ୍ଷରୁ ଖାନନଗରରେ ବସ୍ତି ଉଚ୍ଛେଦ ପ୍ରକ୍ରିୟା ମଙ୍ଗଳବାରରୁ ଆରମ୍ଭ ହୋଇଛି। ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ଅଭିଯାନ କରାଯାଇଛି। ପର୍ଯ୍ୟାୟକ୍ରମେ ୨୦୦ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବ। ଉଚ୍ଛେଦବେଳେ ପ୍ରାୟ ୪୨ଟି ଘର ଭଙ୍ଗାଯାଇଥିଲା। ବସ୍ତିବାସିନ୍ଦାଙ୍କୁ ଧବଳେଶ୍ୱରଗଡ଼ା ନିକଟରେ ମହାନଗର ନିଗମ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜମିରେ ଘର ନିର୍ମାଣ କରିବେ। ଏଥିପାଇଁ ସେମାନଙ୍କୁ ପ୍ରଥମେ ବ୍ରଜବିହାରୀପୁର ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ରହିବା ପାଇଁ ବ୍ୟବସ୍ଥା କରାଯିବା ସହ ସେଠାରେ ୮ ଦିନ ପାଇଁ ଖାଦ୍ୟପେୟ ଦିଆଯିବ।

### ପ୍ରଥମ ସ୍କିଲ୍ ପତ୍ରିକା 'ପ୍ରାରମ୍ଭ' ଲୋକାର୍ପିତ

**ଭୁବନେଶ୍ୱର,୩୦।୫(ବ୍ୟୁରୋ):** ଓଡିଶାର ପ୍ରଥମ ସ୍କିଲ ପତ୍ରିକା 'ପ୍ରାରମ୍ଭ- ଦ ଷ୍ଟାର୍ଟଅପ୍ ଫର୍ ସ୍କିଲ୍'କୁ ମଙ୍ଗଳବାର ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଲୋକାର୍ପିତ କରିଛନ୍ତି। ଏନେଇ ମନ୍ତ୍ରୀଙ୍କ ବାସଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଧନ୍ଦାମୂଳକ ଶିକ୍ଷକ ସଂଘ ସଭାପତି ତଥା ପତ୍ରିକାର ଚିଫ୍ ଏଡିଟର ବନଜା ମହାନ୍ତି, ସମ୍ପାଦକ ଦେବସ୍ମିତା ରାଉତ, ସଦସ୍ୟା ରୋଜାଲିନ ମିଶ୍ର, ରୋଜାଲିନ ମହାନ୍ତି, ଯୋଗେଶ ଚନ୍ଦ୍ର ସାହୁ, ଗ୍ରାସିୟସ ଦାସ, ଗୋପୀନାଥ ଓଝା, ସତ୍ୟ ନାରାୟଣ ନାୟକ, ଅସ୍ମିତା ପ୍ରିୟଦର୍ଶିନୀ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଉପସ୍ଥି ଥିଲେ। ପତ୍ରିକାର ଲୋକାର୍ପଣ ଅବସରରେ ମନ୍ତ୍ରୀ ମାରାଣ୍ଡି ଧନ୍ଦାମୂଳକ ଶିକ୍ଷା ତଥା ଓଡିଶାରେ ଏହାର ମହତ୍ୱ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। 'ପ୍ରାରମ୍ଭ' ପତ୍ରିକାକୁ 'ମିରର ଅଫ୍ ଭୋକେଶନାଲ ଏଜୁକେଶନ ଇନ୍ ସେକେଣ୍ଡାରୀ ଆଣ୍ଡ୍ ହାୟର ସେକେଣ୍ଡରୀ ସ୍କୁଲ' ବୋଲି ଆଖ୍ୟା ଦେଇଥିଲେ।

# କୁଶପଙ୍ଗୀରେ ରାଜ୍ୟର ପ୍ରଥମ ଏନ୍‌ସିସି ତାଲିମ କେନ୍ଦ୍ର

**କଟକ ଅଫିସ,୩୦।୫**

### ୫୫ କୋଟି ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ନିର୍ଦ୍ଦେଶାଳୟ, ଓଡ଼ିଶା ଦେଶର ଭବିଷ୍ୟତ ନାଗରିକ ତଥା ଯୁବବର୍ଗଙ୍କ ଉନ୍ନତି ପାଇଁ ବହୁ ପ୍ରକାର କାର୍ଯ୍ୟକ୍ରମ କରୁଛି। ଏସବୁକୁ ଆଗକୁ ନେବା ପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ କଟକ ଜିଲାର ଆଠଗଡ଼ ବ୍ଲକ ଅନ୍ତର୍ଗତ କୁଶପଙ୍ଗୀଠାରେ ଏନ୍‌ସିସି ତାଲିମ କେନ୍ଦ୍ର ଓ ଶିବିର ପ୍ରାନ୍ତର ପ୍ରତିଷ୍ଠା ନିମନ୍ତେ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

ସୂଚନାନୁସାରେ, କଟକ ଜିଲା ପ୍ରଶାସନ ସହଯୋଗରେ ଉକ୍ତ ପ୍ରକଳ୍ପ ନିର୍ମାଣ ନିମନ୍ତେ ୫ ଏକର ପରିମିତ ଜାଗା ଯୋଗାଇ ଦିଆଯାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୫୫ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହାଦ୍ୱାରା ଏନ୍‌ସିସି କଟକ ଗ୍ରୁପ ଅନ୍ତର୍ଗତ ୧୩ ଜିଲାର କ୍ୟାଡେଟମାନେ ଉପକୃତ ହେବେ। ସେମାନଙ୍କର ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ ହେବା ସହଜ ହେବ। ସେମାନଙ୍କୁ ଭାରତୀୟ ସେନା ବାହିନୀରେ ଯୋଗଦେବା ପାଇଁ ବିଭିନ୍ନ ଆନୁଷଙ୍ଗିକ ପ୍ରସ୍ତୁତି ଯୋଗାଇ ଦିଆଯିବ। ଏହି ଶିକ୍ଷାକେନ୍ଦ୍ର କ୍ୟାଡେଟମାନଙ୍କୁ ଏକତା ଏବଂ ଅନୁଶାସନ ଶିଖାଇବା ସହ ସୁନାଗରିକ ଭାବେ ଗଢ଼ିତୋଳିବ ବୋଲି ଏନ୍‌ସିସି କଟକ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଡିଜି ଏନ୍‌ସିସି କମାଣ୍ଡର ଜେ. ସୁରେଶ, ଏନ୍‌ସିସି କଟକ ଗ୍ରୁପ୍ କମାଣ୍ଡର ରଜନୀଶ କପୁର, ମୁଖ୍ୟମନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାଶ ଓ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ନରହରି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏନସିସିର ଫାଷ୍ଟ ଓଡ଼ିଶା ଆର୍ଟିଲ୍ଲାରୀ ବ୍ୟାଟେରି ୟୁନିଟ କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ସୌମ୍ୟପ୍ରକାଶ ଓତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ବୋଧନ ଦେଉଛନ୍ତି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**କଟକ ଅଫିସ,୩୦।୫**

### ନୂଆପାଟଣା ନାବାଳିକା ବଳାତ୍କାର ମାମଲା

■ପୀଡ଼ିତାଙ୍କୁ ୪ଲକ୍ଷ କ୍ଷତିପୂରଣ

ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାରେ ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଶୋକ କୁମାର ପହି ଏହି ମାମଲାର ଶୁଣାଣି କରି ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ନୂଆପାଟଣା ଗ୍ରାମର ଦିଗ ଓରଫ ଦିଗମ୍ବର ପ୍ରଧାନ (୫୫)। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ୨୦୧୩ ମେ ୧୧ ତାରିଖରେ ନୂଆପାଟଣା ଅଞ୍ଚଳରେ ଜଣେ ୧୬ବର୍ଷୀୟା ବାଳିକାଙ୍କ ମା କୌଣସି କାର୍ଯ୍ୟ ବାହାରକୁ ଯାଇଥିବାବେଳେ ସେ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଅଭିଯକ୍ତ ଦିଗ ନାବାଳିକାଙ୍କୁ ବଳାତ୍କାର କରିଥିଲା। ନାବାଳିକା ଏ ସଂକ୍ରାନ୍ତରେ ମାଆଙ୍କୁ ଜଣାଇବା ପରେ ସେ ଟିଗିରିଆ ଥାନାରେ ସେହିଦିନ ଏତଲା ଦେଇଥିଲେ। ଥାନାରେ ମାମଲା ରୁଜୁ ପରେ ପୋଲିସ ଘଟଣାର ତଦନ୍ତ କରି ଦିଗକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିସହ ୨୦୧୩ ନଭେମ୍ବର ୨୫ରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜଫ୍ରେମ୍ କରିଥିଲା। ପୋକ୍ସୋ କୋର୍ଟ ବିଚାରପତି ୧୭ଟି ପ୍ରମାଣ ଓ ୨୭ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଶୁଣାଣି ଶେଷ କରି ଚଳିତ ମାସ ୧୮ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।


କଟକ ଖାନନଗରର ବସ୍ତି ଉଚ୍ଛେଦ ପ୍ରକ୍ରିୟାରେ କଟକ ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ଜେସିବି ମାଧ୍ୟମରେ ଏକ ଘରକୁ ଉଚ୍ଛେଦ କରାଯାଉଛି।

## ଆୟଉପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ୫-ଟି କାର୍ଯ୍ୟର ଯାଞ୍ଚ

**କଟକ ସଦର,୩୦।୫(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୫-ଟି କାର୍ଯ୍ୟର ସମୀକ୍ଷା ପାଇଁ ବିଡିଓ ରାଜୀବ ଲୋଚନ ପରିଡ଼ା ସୋମବାର ବିଦ୍ୟାଳୟକୁ ଯାଇଥିଲେ। ଏଥିରେ ବିଶେଷକରି ୫-ଟି ପାଇଁ ଉଦ୍ଦିଷ୍ଟ କୋଠରି କାର୍ଯ୍ୟର ତଦାରଖ କରିଥିଲେ। କାମରେ ଅନିୟମିତତା ସମ୍ପର୍କରେ ଅଭିଯୋଗକାରୀମାନଙ୍କ ମତାମତ ଗ୍ରହଣ କରିଥିଲେ। କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବାରୁ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ୫ଟି କୋଠରିର ରୂପାନ୍ତରିତ କାର୍ଯ୍ୟ ପ୍ରଥମେ କରାଯିବ। ତା'ପରେ ଯାଇଁ ଅନ୍ୟ କୋଠରିର ମରାମତି ଉପରେ ଧ୍ୟାନ ଦିଆଯିବ ବୋଲି ବିଡିଓ ପରିଡ଼ା କହିଥିଲେ। କାରଣ ରୂପାନ୍ତରୀକରଣ ପାଇଁ ସର୍ବୋଚ୍ଚ ଖର୍ଚ୍ଚ ସୀମା ୧୮ ଲକ୍ଷ ମଧ୍ୟରେ ସୀମିତ ରହିବ। ଏହାବାଦ ଅନ୍ୟ ମରାମତି କାମ ପାଇଁ ପଞ୍ଚାୟତକୁ ଅଲଗା ଅର୍ଥ ମଞ୍ଜୁର କରିବା ପାଇଁ କୁହାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ତଦନ୍ତ ସମୟରେ ଅଭିଯୋଗକାରୀ ଓ କାର୍ଯ୍ୟନିର୍ବାହୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ତଦନ୍ତ କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିଲା। ତଦନ୍ତ ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ ଭୂୟାଁ, କନିଷ୍ଠ ଯନ୍ତ୍ରୀ ସୌମ୍ୟା ସୁଚରିତା ବିଷୋୟୀ, ସରପଞ୍ଚ ରାଜେଶ ବେହେରା ଓ ବିଦ୍ୟାଳୟ କମିଟି ସଭାପତି କଲାମ ଖାଁ ଉପସ୍ଥିତ ଥିଲେ।

# ଡିଜିଟାଲ ଗୃହ ନମ୍ବରିଂ ବ୍ୟବସ୍ଥା ଆରମ୍ଭ

**କଟକ ଅଫିସ,୩୦।୫**

### ୧ ଲକ୍ଷ ୪୮ ହଜାର ଘର ଚିହ୍ନଟ

କଟକ ମହାନଗର ନିଗମ (ସିଏମ୍ସି)ରେ ଡିଜିଟାଲ ଗୃହ ନମ୍ବରିଂ ମଙ୍ଗଳବାର ୧ନଂ. ୱାର୍ଡରୁ ଏହାର ଶୁଭାରମ୍ଭ ହୋଇଛି। ଏହି ବ୍ୟବସ୍ଥାକୁ ମେୟର ସୁବାସ ସିଂ ଶୁଭାରମ୍ଭ କରିଛନ୍ତି। ସହରରେ ହୋଇଥିବା ସର୍ଭେରେ ୧ ଲକ୍ଷ ୪୮ ହଜାର ଘର ଚିହ୍ନଟ କରାଯାଇଛି। ଆବାସିକ ଓ ବ୍ୟବସାୟିକ ଘର ମାଲିକଙ୍କ ଦ୍ୱାର ସମ୍ମୁଖରେ ଏକ ଗୃହ ନମ୍ବର ଲଗାଯିବ। ଏହି ନମ୍ବରଟି ଉକ୍ତ ଗୃହ ମାଲିକଙ୍କ ଘର ପରିଚୟ ରହିବ। ଯେକୌଣସି ବ୍ୟକ୍ତି ଇଣ୍ଟରନେଟ୍ ଜରିଆରେ ଉକ୍ତ ନମ୍ବର ଜରିଆରେ ଘର ମାଲିକଙ୍କ ଠିକଣା ପାଇପାରିବେ। ସେହିଭଳି ବସ୍ତିବାସିନ୍ଦାଙ୍କର ମଧ ଘର ନମ୍ବରିଂ କରାଯାଇଛି। ଏହାଦ୍ୱାରା ଗୃହ ଟିକସ ଫାଙ୍କିବା ହ୍ରାସ ପାଇବ ବୋଲି ମେୟର କହିଛନ୍ତି। କାର୍ଯ୍ୟକ୍ରମରେ କର୍ପୋରେଟର ଭାନୁ ସେନାପତି, ଡେପୁଟି କମିଶନର ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ଏସ୍ଏମ୍ଇ ଯୋଜନା ସଚେତନତା କର୍ମଶାଳା



ସଚେତନତା କର୍ମଶାଳାରେ ମଞ୍ଚାସିନ ଅତିଥିମାନେ।

**କଟକ ଅଫିସ,୩୦।୫**

କଟକସ୍ଥିତ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ସଂସ୍ଥା ପକ୍ଷରୁ ନର୍ଥ ଓଡ଼ିଶା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଏନ୍ଓସିସିଆଇ) ଆନୁକୂଲ୍ୟରେ ଏକ ସଚେତନତା କର୍ମଶାଳା ବାଲେଶ୍ୱରସ୍ଥିତ ବିଜିନେସ୍ ପାର୍କଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନ୍ଓସିସିଆଇର ସଭାପତି ପି. କେ. ଡ୍ୟାଭ୍ ସ୍ୱାଗତ ଭାଷଣ ଦେଇଥିଲେ। କଟକସ୍ଥିତ ଏମ୍ଏସ୍ଏମ୍ଇ ସଂସ୍ଥାର ସହକାରୀ ନିର୍ଦ୍ଦେଶକ ଡି. ସି. ମିଶ୍ର କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରି ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ନୂଆଦିଲ୍ଲୀରୁ ଆସିଥିବା ବିଶେଷଜ୍ଞ ନୀତିନ୍ ଯାଦବ ଏମ୍ଏସ୍ଏମ୍ଇ କମ୍ପିଟିଭ ଲିନ୍ ଯୋଜନା ଓ ଏହାର ଉପକାରିତାଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ନୀଳାଚଳ କଂକ୍ରିଟ୍ ପ୍ରଡକ୍ଟ ପ୍ରାଇଭେଟ ଲିମିଟେଡ୍ ଏହି ଯୋଜନାକୁ ଗ୍ରହଣ କରିବା ପରେ ସାର୍ଟିଫିକେଟ ହାସଲ କରିଥିଲେ। ଏନ୍ଓସିସିଆଇର ସମ୍ପାଦକ ହରିଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସହକାରୀ ସମବାୟ ନିବନ୍ଧକଙ୍କ ଆଦେଶ ମାନୁନାହାନ୍ତି ପରିଚାଳନା ନିର୍ଦ୍ଦେଶକ

**କଟକ ସଦର,୩୦।୫(ଡି.ଏନ୍.ଏ.)**

### କନ୍ଦରପୁର ସମବାୟ ମିନି ବ୍ୟାଙ୍କ ଅର୍ଥ ତୋସରପାତ ମାମଲା

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ଦ୍ୱାରା ପରିଚାଳିତ ମିନି ବ୍ୟାଙ୍କ ଅର୍ଥ ତୋଷରପାତ ମାମଲା ଭିନ୍ନ ମୋଡ଼ ନେଇଛି। ଜମାକାରୀଙ୍କ ଅର୍ଥ ଫେରସ୍ତ ହେବା ପରେ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଆଉ ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ନ ଥିବା କଥା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଜଣାପଡ଼ିଛି। ସହକାରୀ ନିବନ୍ଧକଙ୍କ ପତ୍ର ସଂଖ୍ୟା ୨୫୧୮/୨୦।୯।୨୦୨୨ରେ ୬ଟି ଦଫାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାଟି ଧାରା ୬୫ ଅନୁଯାୟୀ ତଦନ୍ତ ପରେ ଦିଆଯାଇଥିଲା। ପ୍ରଥମ ଦଫାରେ ଜମାକାରୀଙ୍କ ଅର୍ଥ ୮୨ଲକ୍ଷ ୨ହଜାର ୯୮୦ ଟଙ୍କା ଫେରସ୍ତ ଦେବା ନିର୍ଦ୍ଦେଶକୁ ସମବାୟ ସମିତିର ପରିଚାଳନା ବୋର୍ଡ ମାନିନେଇଛି। ୪ର୍ଥ ଦଫାରେ ସମବାୟ ସମିତିର ଦୈନନ୍ଦିନ କାର୍ଯ୍ୟର ସମୀକ୍ଷା ରିପୋର୍ଟ ୧୫ ଦିନ ମଧ୍ୟରେ ଦେବା ପାଇଁ ନିର୍ଦ୍ଦେଶ ଥିଲା। ୬ଷ୍ଠ ଦଫାରେ ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟ ଷ୍ଟାଫଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଥିଲା। ହେଲେ ତାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡିଛି। ଏ ନେଇ ସମବାୟ ସମିତିର ପରିଚାଳନା ବୋର୍ଡ ଏପର୍ଯ୍ୟନ୍ତ ଯୋଗାଯୋଗରେ ନ ଥିବା କଥା ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ପତ୍ର ସଂଖ୍ୟା ୧୯୬/୧୭।୫।୨୦୨୩ ରେ ଜଣାଇଛନ୍ତି। ଅନ୍ୟପକ୍ଷରେ ଜଣେ ୮୫ ବର୍ଷର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ କିପରି ମିନି ବ୍ୟାଙ୍କର ପରିଚାଳକ ଭାବେ ରଖାଯାଇଥିଲା, ତା'ର ସନ୍ତୋଷ ଜନକ ଉତ୍ତର ମଧ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇନାହିଁ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଧୀରେନ ଦାଶଙ୍କୁ ଯୋଗାଯୋଗ କରାଯାଇଥିଲେ ପ୍ରତିକ୍ରିୟା ମିଳିପାରି ନାହିଁ।

# ଗଛରେ ପିଟିହୋଇ ଓଲଟିଲା କାର୍

**ମଙ୍ଗୁଳି-ଜଗତପୁର,୩୦।୫(ଡି.ଏନ୍.ଏ.)**

### ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଥିଲେ ତୀର୍ଥଯାତ୍ରୀ

ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ପଶୁପତି ଗଡା ନିକଟରେ ପୁରୀରୁ ମହାପ୍ରଭୁଙ୍କ ଦର୍ଶନ ସାରି ଏକ କାର୍ ଆସୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଓଲଟି ପଡିଥିଲା। ହେଲେ କାର୍‌ରେ ବସିଥିବା ୩ଜଣ ତୀର୍ଥଯାତ୍ରୀଙ୍କ ସହିତ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନଙ୍କ ଘର ଚଣ୍ଡିଖୋଲ ଅଞ୍ଚଳର ବୋଲି ଜଣାପଡିଥିବା ବେଳେ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ପୁରୀରୁ ମହାପ୍ରଭୁଙ୍କ ଦର୍ଶନ ସାରି ଏକ କାର୍ (ନଂ. ଟିଏସ୍-୧୦ ଇଏନ-୨୫୧୧)ଚଣ୍ଡିଖୋଲ ଯାଉଥିଲା। ଟାଙ୍ଗୀସ୍ଥିତ ପଶୁପତି ଗଡା ନିକଟରେ କୌଣସି କାରଣବଶତଃ ହଠାତ୍ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାର ବାମପାର୍ଶ୍ୱକୁ ମାଡ଼ିଯାଇ ଏକ ଗଛରେ ପିଟି ହେଇଯାଇଥିଲା। ଫଳରେ କାର୍‌ଟି ଓଲଟିପଡି ଗାଡିରେ ବସିଥିବା ଡ୍ରାଇଭର ସମେତ ଅନ୍ୟ ୩ଜଣ ତୀର୍ଥଯାତ୍ରୀ କାରରେ ଚାପି ହୋଇ ରହିଯାଇଥିଲେ । ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ମଧ୍ୟରୁ ଡ୍ରାଇଭର ଓ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା। ପରେ ଏକ କ୍ରେନକୁ ଡକାଇ ତା' ସାହାଯ୍ୟରେ କାର୍‌କୁ ଉଠାଇ ନିଜ ହେପାଜତ ନେଇଥିବା ବେଳେ ସେମାନଙ୍କୁ ଅନ୍ୟ ଗାଡ଼ିରେ ଘରକୁ ପଠାଇଥିଲା।


ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା କାର୍।

# ସହର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ହେବ ଅଧିକ ପ୍ରକଳ୍ପ

### ସିଡିଏର ୧୩୪ତମ ବୈଠକ

**କଟକ ଅଫିସ,୩୦।୫**

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ୧୩୪ତମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। କଟକ ସହରରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କଟକ ସହରର ରୂପାନ୍ତରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ଏହି ଏକାଧିକ ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ସହରବାସୀଙ୍କ ଆର୍ଥିକ ସ୍ଥିତିକୁ ଅଧିକ ସୁଦୃଢ କରିବ ବୋଲି ସାମଲ ସୂଚନା ଦେଇଛନ୍ତି। ବିଶେଷକରି କଟକ ମହାନଗର ନିଗମ (ସିଏମସି) ମେୟର ସୁବାସ ସିଂ ଓ କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମ୍ମୁଖରେ ଜନସାଧାରଣଙ୍କ ପକ୍ଷରୁ କେତେକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଦାବି ଉପସ୍ଥାପନ କରାଯାଉଛି ସେସବୁ ଅଗ୍ରାଧିକାର ଭିତ୍ତିରେ ଶେଷ କରାଯିବ।


ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସିଏମସି କମିଶନର ଓ ଅନ୍ୟ ଅଧିକାରୀମାନେ।

ବିଭିନ୍ନ ୱାର୍ଡରେ ମିନି ଷ୍ଟାଡିୟମ, ପାର୍କ, ଖେଳପଡ଼ିଆ ଓ ଭେଣ୍ଡିଂ ଜୋନ୍ ଆଦି ନିର୍ମାଣ ଏଥିରେ ଅନ୍ତର୍ଭୁକ୍ତ ବୋଲି ବୋଲି ସିଡିଏ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ।

### ୨ ଏକର ପରିମିତ ଜାଗାରେ ହେବ 'ଆର୍ଟ ହବ୍'

କଟକ ସହରରେ ୨ଏକର ପରିମିତ ଜାଗାରେ ଖୁବ୍‌ଶୀଘ୍ର ଏକ 'ଆର୍ଟହବ୍' ନିର୍ମାଣ କରାଯିବ। ସେଠାରେ ସୂକ୍ଷ୍ମ କାରୁକାର୍ଯ୍ୟ, ଶିଳ୍ପକଳା, ତାରକସି ଓ ହସ୍ତଶିଳ୍ପ ଆଦି ପ୍ରସ୍ତୁତ ଓ ବ୍ୟବସାୟକୁ ପ୍ରାଧାନ୍ୟ ଦିଆଯିବ। ଏଥିସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ପଦକ୍ଷେପ ନିଆଯିବ। ଗୋପାଳପୁରଠାରେ ଭେଣ୍ଡିଂ ଜୋନ୍ ଓ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବ।

### ସିଡିଏରେ ଖୋଲିବ କୃଷି ଉଦ୍ୟାନ ବିଭାଗ

ମହାନଦୀ ବିହାରରେ ଏକ ମିନି ଷ୍ଟାଡିୟମ ନିର୍ମାଣ କରାଯିବା ସହ ପ୍ରେସ୍‌ଛକଠାରେ ଥିବା ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଅଧିକ ଉନ୍ନତ କରାଯିବ। ସେହିପରି କଟକ ସହରରେ ସବୁଜ ବଳୟ ସୃଷ୍ଟି ପାଇଁ ବିପୁଳ ପରିମାଣର ଚାରା ରୋପଣ କରାଯିବ। ସେଥିପାଇଁ ସିଡିଏ କାର୍ଯ୍ୟାଳୟରେ ଏକ ହର୍ଟିକଲ୍ଚର (କୃଷି ଉଦ୍ୟାନ) ସମ୍ପର୍କିତ ବିଭାଗ ଖୋଲିବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ସେହିପରି ମର୍କତନଗରସ୍ଥିତ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ବୃହତ ସମ୍ମିଳନୀ କେନ୍ଦ୍ର (କନ୍‌ଭେନ୍‌ସନ୍ ସେଣ୍ଟର୍) କରାଯିବା ସକାଶେ ନିଷ୍ପତ୍ତି ହୋଇଛି।

### ସିଏନ୍‌ବିଟି ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ୫ କୋଟି ଟଙ୍କା

କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ମଧ୍ୟରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମିଶନ ଶକ୍ତି ମା'ମାନଙ୍କୁ ୪୦୦ ବର୍ଗଫୁଟର ଏକ ସ୍ଥାନ ଯୋଗାଇ ଦିଆଯିବ । ବିଶେଷକରି ନବନିର୍ମିତ ସିଏନ୍‌ବିଟିର ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଫ୍‌ଓଜି କାଟାଗୋରିର ଆବାସିକ ଜମି ପ୍ଲଟିଂ କରି ସାଧାରଣ ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି ସିଡିଏ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

### ସିଡିଏରେ ମିଶିବ ୪୨ମୌଜାର ୮୨ ଗାଁ

କଟକ ସହରର ଆଖପାଖ ଅଞ୍ଚଳର ୧୪୫ଟି ରାଜସ୍ୱ ଗ୍ରାମକୁ ସିଡିଏରେ ସାମିଲ କରାଯାଇ ପରିସୀମା ବୃଦ୍ଧି କରାଯାଇଥିଲା। ଏବେ ୪୨ମୌଜାର ୮୨ଟି ଗ୍ରାମକୁ ସିଡିଏରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାବ୍ୟତୀତ ୧୪୫ଟି ରାଜସ୍ୱ ଗ୍ରାମର ଉନ୍ନତୀକରଣ ପାଇଁ ତୁରନ୍ତ ସର୍ଭେ କରାଯାଇ ଏକ ନୂତନ 'ସମନ୍ୱିତ ଉନ୍ନୟନ ଯୋଜନା' ପ୍ରସ୍ତୁତ କରାଯିବ। ସେଥିପାଇଁ ସିଡିଏ ପକ୍ଷରୁ ଏକ ନୀତି ପ୍ରଣୟନ ହେବ।

# ନିର୍ମାଣାଧୀନ ପ୍ରକଳ୍ପରେ ଗଲାଣି ୫ ଜୀବନ

## ସୁରକ୍ଷା ବ୍ୟବସ୍ଥାକୁ ଦିଆଯାଉନି ଗୁରୁତ୍ୱ



ମଙ୍ଗଳବାର ପାଇପ୍ ଭୁଶୁଡି ଛାତ୍ରୀଙ୍କ ଜୀବନ ଯାଇଥିବା ସ୍ଥାନ।



ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ଥିବା ନାଳ।

**କଟକ ଅଫିସ,୩୦।୫**

ଐତିହ୍ୟ ସହର କଟକର ଉନ୍ନତୀକରଣ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଜାରି ରହିଛି। ଗତ କିଛି ବର୍ଷ ହେବ ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଶନ ଏଜେନ୍ସି(ଜାଇକା) ଦ୍ୱାରା ସହରରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏପରିକି ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଯୋଜନା ଅନ୍ତର୍ଗତ ତାଳଦଣ୍ଡା କେନାଲର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଚାଲିଛି। ହେଲେ ପ୍ରକଳ୍ପ କାର୍ଯ୍ୟରେ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ରାସ୍ତା ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ସେହିପରି ଠିକା ସଂସ୍ଥାର ମନମୁଖି କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ସହରରେ ଚାଲିଥିବା ନିର୍ମାଣାଧୀନ ପ୍ରକଳ୍ପ ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ୫ ଜଣଙ୍କ ଜୀବନ ଗଲାଣି । କର୍ତ୍ତୃପକ୍ଷଙ୍କ ହେଳା ଓ ଠିକା ସଂସ୍ଥାର ମନମୁଖି କାର୍ଯ୍ୟ ପାଇଁ ନିରୀହ ଜୀବନ ଯାଉଥିବା ଅଭିଯୋଗ ହେଉଛି। ୨୦୨୨ ମାର୍ଚ୍ଚ ୯ରେ ଛତ୍ରବଜାରର ବ୍ରିଟିଶ ଅମଳ ବ୍ରିଜ ପାର୍ଶ୍ୱରୁ ମାଟି ଅତଡ଼ା ଭୁଶୁଡ଼ି ୨ଜଣ ଶ୍ରମିକ ପ୍ରାଣ ହାରିଥିଲେ। ଏହି ଘଟଣାରେ କାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ସେହିପରି ୨୦୨୩ ଜାନୁଆରୀ ୧୫ରେ ଦାୟିତ୍ୱହୀନତା ଏବଂ କାର୍ଯ୍ୟରେ ଅବହେଳା ପାଇଁ ଜଣେ କୋମଳମତି ଶିଶୁର ଜୀବନ ଯାଇଥିଲା। ବିଡ଼ାନାସୀ ବନ୍ଧ ତଳସାହିର କିଶୋର କୁମାର ସାହାଣୀଙ୍କ ୯ ବର୍ଷ ବୟସର ବାଳକ ଜୋସେଫ ସାହାଣୀ ଗୁଡ଼ି ଉଡ଼ାଇବା ସମୟରେ ଖୋଲା ଡ୍ରେନ୍‌ରେ ପଡ଼ି ମୃତ୍ୟୁବରଣ କରିଥିଲେ। ଉକ୍ତ ଘଟଣା ପାଇଁ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଉପରକୁ ସବୁ ଦୋଷ ଠେଲି ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏବେ ମେ ୨୯ତାରିଖ ସୋମବାର ତାଳଦଣ୍ଡା କେନାଲରେ ଏକ କାର୍ ଖସି ପଡ଼ିଥିଲା। ସେଥିରେ କନ୍ଦରପୁର ଥାନା ଅନ୍ତର୍ଗତ ସର୍ତ୍ତୋଳ ଅଞ୍ଚଳର ୬୦ବର୍ଷୀୟ ଜ୍ଞାନରଞ୍ଜନ ଜେନାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉକ୍ତ ଘଟଣାରେ ଆର୍‌ଆଣ୍ଡ୍‌ବି ଅଧୀକ୍ଷଣ ଯନ୍ତ୍ରୀ ଓ ଉପଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାର ୨୪ଘଣ୍ଟା ନ ପୂରୁଣୁ ମଙ୍ଗଳବାର ନିର୍ମାଣାଧୀନ ଡ୍ରେନ୍ ଯୋଗୁ କଲେଜ ଛାତ୍ରୀ ଏନ୍. ମୋହିନୀ ଦାସଙ୍କ ଜୀବନ ଯାଇଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସବୁଠାରେ ଚାଲିଥିବାବେଳେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା କାରଣରୁ ଏସବୁ ଦୁର୍ଘଟଣା ଘଟୁଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି।

### ଆର୍ଥିକ ସହାୟତା ଦାବି କଲେ ସମ୍ପର୍କୀୟ

କଲେଜ ଛାତ୍ରୀ ମୋହିନୀଙ୍କ ବାପା କ୍ରୀଷ୍ଣା ଦାସ ମୋଚି ଭାବେ କାମ କରନ୍ତି। ମା' ହେମା ଲୋକଙ୍କ ଘରେ ବାସନ ମାଜି ପରିବାର ଗୁଜରାଣ ମେଣ୍ଟାନ୍ତି। ମା'ବାପାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ମୋହିନୀ ପାଠପଢ଼ା ସହ ଅନ୍ୟ ଘରେ ମଧ୍ୟ ବାସନ ମାଜି ରୋଜଗାର କରନ୍ତି। ନିଜେ ଉଚ୍ଚ ଶିକ୍ଷା ଲାଭ କରିବା ସହ ସାନ ଭାଇ ଭଉଣୀଙ୍କୁ ମଧ୍ୟ ଭଲ ଶିକ୍ଷା ଦେବା ସ୍ୱପ୍ନ ରଖିଥିଲେ। ହେଲେ ମଙ୍ଗଳବାର ଘଟିଥିବା ଘଟଣା ପରିବାରର ସ୍ୱପ୍ନ ଛାରଖାର କରିଦେଇଛି। ଏହା କେବଳ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ହି ଘଟିଛି। ଏଥିପାଇଁ ଦାୟୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପରିବାରକୁ ଆର୍ଥିକ ସହାୟତା ଦେବା ସହ ଓ ପରିବାର ସଦସ୍ୟ ମଧ୍ୟରୁ ଜଣକୁ ଚାକିରି ଦିଅନ୍ତୁ ବୋଲି ମୃତ ମୋହିନୀଙ୍କ ମାମୁ କାହ୍ନା ରାଓ ଦାବି କରିଛନ୍ତି।

### କାର୍ଯ୍ୟସ୍ଥଳରେ ସୁରକ୍ଷା ବାଡ଼ ଦେବା ପାଇଁ ଦାବି କରିଥିଲି

ବିଧାନସଭା କମିଟିରେ ଏନେଇ ଆଲୋଚନା କରାଯାଇଥିଲା। ଯେଉଁଠି ମୁକୁଳା ଡ୍ରେନ ଅଛି କିମ୍ବା କାର୍ଯ୍ୟ ଚାଲିଛି ତାକୁ କଭର କରିବା କିମ୍ବା ସୁରକ୍ଷା ବାଡ଼ ଦେବା ପାଇଁ ଦାବି କରିଥିଲି। କିନ୍ତୁ ଏଥିପାଇଁ ଜିଲା ପ୍ରଶାସନ କିମ୍ବା ସିଏମ୍‌ସି କୌଣସି ପଦକ୍ଷେପ ନେଲା ନାହିଁ, ଯେଉଁଥିପାଇଁ ଏଭଳି ଦୁର୍ଘଟଣା ଘଟୁଛି। କେଉଁଠି ଛୋଟଛୁଆ ପଡ଼ି ମୃତ୍ୟୁବରଣ କରୁଛନ୍ତି ତ ଆଉ କେଉଁଠି କଲେଜ ଛାତ୍ରୀ। ତେବେ ସହରରେ ଯେଉଁଠି ବି ଡ୍ରେନ କାର୍ଯ୍ୟ ହେଉଛି, ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଆବଶ୍ୟକ।

**–ମହମ୍ମଦ ମୋକିମ, ବିଧାୟକ, ବାରବାଟୀ କଟକ**

### ସୁରକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯିବ

ପ୍ରତ୍ୟେକ ଜୀବନ ମୂଲ୍ୟବାନ। ସହରରେ ଗତ ଦୁଇ ଦିନରେ ଦୁଇଟି ଘଟଣା ଘଟିବା ଦୁଃଖର ବିଷୟ। ଏହି ଘଟଣା ନେଇ ତଦନ୍ତ ହେବ। ଏନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସମ୍ପୃକ୍ତ କାର୍ଯ୍ୟସ୍ଥଳରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦିଆଯିବ। ଏଥି ସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଲାଗି ସରକାରଙ୍କୁ ନିବେଦନ କରିବୁ ।

**–ସୁବାସ ସିଂ, ମେୟର, ସିଏମ୍‌ସି**

### ଜାଇକା ଯନ୍ତ୍ରଣାରେ ସହରବାସୀ ସନ୍ତୁଳି ହେଲେଣି

ଜାଇକା ଯନ୍ତ୍ରଣାରେ ସହରବାସୀ ଦୀର୍ଘବର୍ଷ ହେଲା ସନ୍ତୁଳି ହୋଇଗଲେଣି। ପ୍ରତ୍ୟେକ ଦିନ ଶହ ଶହ ଲୋକ ବିପଦସଙ୍କୁଳ ଭାବେ ନାଳ ପାର ହେଉଛନ୍ତି। ହେଲେ ମଙ୍ଗଳବାର ମୋହିନୀ ପାର ହେବା ସମୟରେ ପାଇପ୍ ଦବି ପଡ଼ିଲା । ଏପରି କି ଏଥିରେ ତା'ର ଜୀବନ ବି ଚାଲିଗଲା । ବିଭାଗୀୟ କର୍ତ୍ତୃପକ୍ଷ ଏଭଳି ଘଟଣାକୁ ଗୁରୁତ୍ୱର ସହ ନେବା ସହ ଲୋକମାନେ ମଧ୍ୟ ସଚେତନ ହେବା ଜରୁରୀ।

**– ଶ୍ୟାମା ପ୍ରସାଦ ଶର୍ମା, ସ୍ଥାନୀୟ ବାସିନ୍ଦା**

### ଦାୟିତ୍ୱହୀନତାରୁ ଜୀବନ ଯାଉଛି

ଡ୍ରେନ ପାର୍ଶ୍ୱରେ ଘର ରହିଛି ମାନେ ଲୋକ ଯାତାୟାତ କରିବେ । ତେବେ ସୁରକ୍ଷିତ ଭାବରେ କିପରି ସେଥିପ୍ରତି କର୍ତ୍ତୃପକ୍ଷ ଯଥେଷ୍ଟ ଯତ୍ନବାନ ହେବା ଉଚିତ୍। ପାଇପ୍ ଓ ଲୁହା ପୋଲତଳେ ଚାପି ହୋଇ ଜଣେ ଛାତ୍ରୀଙ୍କ ଜୀବନ ଚାଲିଗଲା । ବିପଦ ପୂର୍ବରୁ କର୍ତ୍ତୃପକ୍ଷ ଲୋକଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦରକାର । କୌଣସି ସୂଚନା ଫଳକ ମଧ୍ୟ ନାହିଁ । ଦାୟିତ୍ୱହୀନତା ଓ ଖାମଖିଆଲ ମନୋଭାବ ପାଇଁ ଏଭଳି ଘଟଣା ଘଟିଛି।

**– ପ୍ରବୀଣ ବରାଳ, ସାହିପୁରାବୀ**




ବିଶ୍ୱ ତମାଖୁ ବର୍ଜନ ଦିବସ ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଙ୍ଗଳବାର ତିଆରି କରିଥିବା ବାଲୁକା କଳାରେ ସଚେତନତାର ବାର୍ତ୍ତା।

# ପୁନଃ ଶୁଣାଣି ପାଇଁ ରିଭ୍ୟୁ ପିଟିଶନ ଦାଖଲ

## ଏଏସ୍‌ଓ ପରୀକ୍ଷା ମେଧା ତାଲିକା ରଦ୍ଦ ମାମଲା

**କଟକ ଅଫିସ,୩୦।୫**

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାର ମେଧା ତାଲିକା ରଦ୍ଦକୁ ନେଇ ପୁନଃ ଶୁଣାଣି ପାଇଁ ମଙ୍ଗଳବାର ହାଇକୋର୍ଟରେ ରିଭ୍ୟୁ ପିଟିଶନ ଦାୟର ହୋଇଛି। ଏସ୍‌ଏସ୍‌ଓ ପରୀକ୍ଷାରେ ଅନିୟମିତତା ମାମଲାର ବିଚାର କରି ହାଇକୋର୍ଟ ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ମେଧା ତାଲିକାକୁ ରଦ୍ଦ କରିଥିଲେ। ଏଥିସହ ସାନି ପ୍ରାପ୍ତ ନମ୍ବର ଆଧାରରେ ତାଲିକା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ମେଧା ତାଲିକାରେ ସ୍ଥାନ ପାଇଥିବା ବହୁ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେମାନେ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥିବା ଅଭିଯୋଗ କରିଥିଲେ। ଏହାପରେ କବିତା ଜେନା ଓ ଅନ୍ୟମାନଙ୍କ ପକ୍ଷରୁ ମାମଲାର ପୁନଃ ଶୁଣାଣି ପାଇଁ ହାଇକୋର୍ଟରେ ଏହି ରିଭ୍ୟୁ ପିଟିଶନ ଦାଖଲ କରାଯିବା ସହ ସେଥିରେ ସେମାନଙ୍କୁ ପକ୍ଷଭୁକ୍ତ କରିବାକୁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ, ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ୭୯୬ଟି ଏଏସ୍‌ଓ ପଦ ପୂରଣ ଲାଗି ୨୦୨୧-୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧ଲକ୍ଷ ୪୮ ହଜାର ୮୮୮ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷା ଦେଇଥିବାବେଳେ ୧୧୦୪ ଜଣଙ୍କ ନାମ ମେଧା ତାଲିକାରେ ପ୍ରକାଶ ପାଇଥିଲା। ମେଧା ତାଲିକାରେ ଅନିୟମିତତା ହୋଇଥିବା ଓ ସର୍ଭିସ ନିୟମ ଉଲ୍ଲଂଘନ କରାଯାଇଥିବା ଦର୍ଶାଇ କେତେକ ଆଶାୟୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ଓଡ଼ିଶା ସଚିବାଳୟ ସେବା ନିୟମ-୨୦୧୬ ଆଧାରରେ ମେଧା ତାଲିକା ପ୍ରସ୍ତୁତ ହୋଇ ନ ଥିବାରୁ ଅଦାଲତ ଏହାକୁ ରଦ୍ଦ କରିଥିଲେ। ୨ମାସ ମଧ୍ୟରେ ଏଗ୍ରିଗେଟ ମାର୍କ ଆଧାରରେ ସାନି ତାଲିକା ପ୍ରସ୍ତୁତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ସଙ୍ଗଠନ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ, ନନ୍ଦିନୀ ପଲ୍ଲୀ ମୁଣ୍ଡା ସାହି ବସ୍ତି, ନିକୋ ପାର୍କ ରୋଡ୍, ଅପରାହ୍ନ ୫ଟା ୩୦।
- ମୂର୍ଚ୍ଛନାର ୧୯ତମ ବାର୍ଷିକୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ତମାଖୁ ବର୍ଜନ ଦିବସ, ବ୍ରହ୍ମାକୁମାରୀ, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।

କଟକ

- ନବ ନାୟକଙ୍କ କବିତା ପୁସ୍ତକ 'ମୂକ ମୁଖଶାଳା'ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କର୍ମଶାଳାର ଉଦ୍‌ଯାପନୀ, କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।

# ଚାର୍ଜରକୁ ନେଇ ବଡ଼ଭାଇକୁ ଗୁଳି

**ବ୍ରହ୍ମଗିରି, ୩୦।୫ (ଡି.ଏନ୍.ଏ.)**

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଡିମିରିସେଣା ଗାଁରେ ମୋବାଇଲ ଚାର୍ଜରକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ଏକ ଗୁଳିକାଣ୍ଡ ଘଟିଛି। ସାନ ଭାଇର ଗୁଳିମାଡ଼ରେ ବଡ଼ ଭାଇ ଗୁରୁତର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ବିକ୍ରମ ଓ ଶଙ୍କର ଦୁଇ ଭାଇଥିବା ବେଳେ ଦୀର୍ଘ ଦିନ ହେବ ବାହାରେ ରହି କାମ କରୁଥିଲେ ବିକ୍ରମ। ଏବେ କିଛି ଦିନ ହେବ ସେ ଗାଁକୁ ଆସିଥିବା ସୂଚନା ମିଳିଛି। ଗାଁରେ ଆସି ନିଜ ସମ୍ପତ୍ତିର ଭାଗ ପାଇଁ ବଡ଼ ଭାଇ ଶଙ୍କରକୁ ଦାବି କରିଥିଲେ। ଫଳରେ ଦୁଇ ଜଣଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ୨ ଭାଇ ଘରେ ଥିବାବେଳେ ବିକ୍ରମ ବଡ଼ ଭାଇକୁ ମୋବାଇଲ ଚାର୍ଜର ମାଗିଥିଲେ। କିନ୍ତୁ ଶଙ୍କର ଚାର୍ଜର ପରେ ଦେବେ ବୋଲି କହିବାରୁ ଏବେ ଦେବା ପାଇଁ ଜିଦ୍ କରିଥିଲେ ବିକ୍ରମ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବିକ୍ରମ ଉତ୍ତ୍ୟକ୍ତ ହୋଇ ପାଖରେ ରଖିଥିବା ଏକ ଦେଶୀ ବନ୍ଧୁକ ଆଣି ବଡ଼ ଭାଇ ଶଙ୍କର ଉପରକୁ ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ଶଙ୍କରଙ୍କ ବାମ ପଟ ଜଙ୍ଘରେ ବାଜିଥିବା ଜଣାପଡିଛି। ପରିବାର ଲୋକେ ଶଙ୍କରଙ୍କୁ ଏକ ବାଇକ୍ ଯୋଗେ ପ୍ରଥମ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଗୁଳିଟି ନ ବାହାରିବାରୁ ଡାକ୍ତର ତାଙ୍କୁ ପୁରୀ ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ଘଟଣା ପରେ ବିକ୍ରମ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।





କବି ରକ୍ଷକ ନାୟକଙ୍କ ପ୍ରଥମ ଗଳ୍ପ ସଙ୍କଳନ 'କେତେବେଳେ କୋଉ କଥା' ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। କବିଙ୍କ ସମେତ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନର ପ୍ରକାଶକ ଗଙ୍ଗାଧର ତ୍ରିପାଠୀ ଉପସ୍ଥିତ ଅଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶର୍ମିଷ୍ଠା



@ ହିତୁ



@ ଆରଜୁ



@ ଦୁଜନ



@ ଶତ୍ରୁଘ୍ନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ବଜ୍ରପାତରେ ୧୯ ଗୋରୁ ମୃତ

**ଭଞ୍ଜନଗର,୩୦।୫(ଡି.ଏନ୍.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ବାଦାଙ୍ଗିରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ହେବା ସହ ବଜ୍ରପାତ ଘଟି ୧୯ ଗୋରୁଙ୍କ ମୃତ୍ୟୁ ହୋଇଛି। କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ ତୋଫାନ ହୋଇଥିଲା। ଫଳରେ ଗୋରୁଗୁଡିକ ଏକ ଆମ୍ବ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୧୯ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଗୋରୁ ମାଲିକମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

### ଭିଜିଲାନ୍ସ ଜାଲରେ ଆରଆଇ, ସହଯୋଗୀ




ପଦ୍ମପୁର,୩୦।୫(ଡି.ଏନ୍.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଦହିତା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ଦାମୋଦର ସୁନା ଏବଂ ତାଙ୍କ ସହଯୋଗୀ ସୋମଦେବ ବନଛୋର ମଙ୍ଗଳବାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ କାରବାରରେ ବ୍ୟବହୃତ ୩୩୦୦ ଟଙ୍କା ଜବତ ହୋଇଛି। ଆରଆଇ ସୁନା ଏବଂ ସହଯୋଗୀ ବନଛୋରଙ୍କୁ ବରଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖି ଅଧିକ ପଚରାଉଚୁରା ଚାଲିଛି। ପ୍ରକାଶ ଯେ, ସରକାର ଉପଯୁକ୍ତ ହିତାଧିକାରୀ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପ୍ରଦାନ କରୁଛନ୍ତି। ସେଥିପାଇଁ ହିତାଧିକାରୀଙ୍କୁ ୨ଡେସିମିଲ ଘରଡ଼ିହ ଜମିର ନକ୍ସାର ଆବଶ୍ୟକତା ରହିଛି। ଏହି କ୍ରମରେ ନକ୍ସା ପ୍ରସ୍ତୁତ ପାଇଁ ମଣ୍ଡୋମହୁଲ ଗ୍ରାମର ପ୍ରସନ୍ନ ବରିହା ଏବଂ ଅନ୍ୟ ୧୦ଜଣ ଦହିତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଆରଆଇ ସୁନାଙ୍କୁ ଭେଟି ନକ୍ସା ପ୍ରସ୍ତୁତ ପାଇଁ ନିବେଦନ କରିଥିଲେ। ମାତ୍ର ସେ ୧୧ଜଣଙ୍କ ନକ୍ସା ପ୍ରସ୍ତୁତ ପାଇଁ ୩୩୦୦ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରସନ୍ନ ଭିଜିଲାନ୍ସର ଟୋଲ୍ ଫ୍ରି ନମ୍ବର-୧୦୬୪କୁ ଯୋଗାଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରି ଲାଞ୍ଚ ଦାବି କରୁଥିବା ଆରଆଇ ସୁନାଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ ଏକ ଭିଜିଲାନ୍ସ ଟିମ୍ ଦହିତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ ଏବଂ ସେଠାରେ ଆରଆଇ ସୁନା ଏବଂ ତାଙ୍କ ସହଯୋଗୀ ବନଛୋର ଲାଞ୍ଚ ନେଉଥିବାବେଳେ ଉଭୟଙ୍କୁ ଧରିଥିଲେ।

### ନକଲି ମହିଳା ପୋଲିସ ଗିରଫ



**ବାରିପଦା ଅଫିସ/ରାଇରଙ୍ଗପୁର,୩୦।୫:** ନକଲି ପୋଲିସ ପୋଷାକ ପିନ୍ଧି ଟଙ୍କା ମାଗୁଥିବା ଜଣେ ମହିଳାଙ୍କୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୋଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ କୁଚେଇବୁଢି ଗ୍ରାମର ପ୍ରତିଭା ମହାନ୍ତ(୨୮)। ତାଙ୍କଠାରୁ ନକଲି ପୋଲିସ ପୋଷାକ, ବେଲ୍ଟ, ଜୋତା ଓ ଏକ ସ୍କୁଟି ଜବତ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୨୧/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟା ୭ଟା ସମୟରେ ପ୍ରତିଭା ବାଦଡ଼ା ଅଞ୍ଚଳର କାଳିପଦ ମହାନ୍ତଙ୍କ ଘରେ ପହଞ୍ଚି ତାଙ୍କ କବାଟକୁ ଗୋଇଠା ମାରିଥିଲେ। କାଳିପଦ ଘରୁ ବାହାରିବା ପରେ ପୋଲିସ ପୋଷାକରେ ଥିବା ପ୍ରତିଭା ଧମକପୂର୍ଣ୍ଣ କଥାବାର୍ତ୍ତା କରିଥିଲେ। କାଳିପଦ ଓ ତାଙ୍କ ପୁଅଙ୍କ ନାଁରେ ରାଇରଙ୍ଗପୁର ଟାଉନ ଥାନାରେ ଏକ ହତ୍ୟା ମାମଲା ଥିବା ଦର୍ଶାଇ ୨୦ହଜାର ଟଙ୍କା ମାଗିଥିଲେ। ନ ଦେଲେ ଗିରଫ କରି ଜେଲ ପଠାଇ ଦେବେ ବୋଲି ଧମକ ଦେଇଥିଲେ। ଏହା ଦେଖି ପଡ଼ୋଶୀମାନେ ପହଞ୍ଚି ତାଙ୍କ କଥାବାର୍ତ୍ତାରେ ସନ୍ଦେହ କରି ଭିଡିଓ ଉତ୍ତୋଳନ କରିଥିଲେ। ପରେ ଏ ସମ୍ପର୍କରେ କାଳିପଦ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ପ୍ରତିଭାଙ୍କୁ ଗିରଫ କରିଥିଲା।

# ବାଲିଗୁଡ଼ାରେ ବାଘ ଆତଙ୍କ

**କୋଟଗଡ଼/ବାଲିଗୁଡ଼ା, ୩୦।୫( ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ାରେ ବାଘ ଆତଙ୍କ ଖେଳିଯାଇଛି। ସହରର ବଡ଼ଗାଁ ନିକଟ ଖଡଗ ନଦୀକୂଳରେ ଥିବା ପମ୍ପ୍ ହାଉସରେ ସୋମବାର ରାତିରେ ବାଘ ଗର୍ଜନ କରୁଥିବା କର୍ମଚାରୀ କହିଛନ୍ତି। ପମ୍ପ୍ ହାଉସ କର୍ମଚାରୀ ରାତି ୯ଟାରେ ପମ୍ପ୍ ହାଉସର ମଟର ଚଳାଇବା ପାଇଁ ଯାଉଥିବା ସମୟରେ ବାଘ ଗର୍ଜନ ଶୁଣି ଟର୍ଚ୍ଚ ପକାଇଥିଲେ। ପରେ ବାଘ ଦୁଇଟି ସେମାନଙ୍କ ନିକଟକୁ ଦୌଡ଼ି ଆସିବାରୁ କର୍ମଚାରୀ ପ୍ରାଣ ବିକଳରେ ପମ୍ପ୍ ହାଉସ ନିକଟରେ ଥିବା ଏକ ଘର ଭିତରକୁ ପଶି କବାଟ ବନ୍ଦ କରିଦେଇଥିଲେ। ଏ ନେଇ ସେମାନେ ବନ ବିଭାଗକୁ ଖବର ଦେବା ପରେ ବନ ଅଧିକାରୀ ଆସି ବାଘ ଚିହ୍ନ ସଂଗ୍ରହ କରିଥିଲେ। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିବା ବେଳେ ପମ୍ପ ହାଉସ କର୍ମଚାରୀ ପୂରା ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପଟେ ବାଲିଗୁଡା ବନ ବିଭାଗର ଅଧିକାରୀ ଖବର ପାଇ ରାତି ତମାମ ବାଘର ଉପସ୍ଥିତି ଜାଣିବା ପାଇଁ ଜଗି ରହିବା ସହ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରିଥିଲେ। ତେବେ ଅଞ୍ଚଳରେ କେଉଁ ବାଘ ରହିଛି, ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ବାଲିଗୁଡ଼ା ରେଞ୍ଜର ଉଦିତ ନାରାୟଣ ପ୍ରଧାନ କହିଛନ୍ତି।



ବାଘ ପାଦ ଚିହ୍ନ।

# ପୁଞ୍ଜିନିବେଶ ରାଶି ୫୦ ଲକ୍ଷରୁ କୋଟିଏ ଟଙ୍କାକୁ ବୃଦ୍ଧି

**ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାର୍ଗଦର୍ଶିକାରେ ପରିବର୍ତ୍ତନ**

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ରାଜ୍ୟରେ କୃଷି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତକରି କୃଷି ଉଦ୍ୟୋଗ କ୍ଷେତ୍ରରେ ପର୍ଯ୍ୟାପ୍ତ ପଞ୍ଜିନିବେଶକୁ ଆକୃଷ୍ଟ କରିବା ଓ ଯୋଜନାର ସଫଳ ରୂପାୟନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକାରେ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ କୃଷି ଉଦ୍ୟୋଗରେ ପୁଞ୍ଜିନିବେଶ ସବ୍‌ସିଡି ରାଶି ୫୦ ଲକ୍ଷରୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୃଷି ଓ ଆନୁଷଙ୍ଗିକ କୃଷିକ୍ଷେତ୍ରରେ ଅଧିକ ପୁଞ୍ଜିନିବେଶର ସମ୍ଭାବନାକୁ ଦୃଷ୍ଟିରେ ରଖି ୫୦ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ସର୍ବୋଚ୍ଚ ୨୦ କୋଟି ଟଙ୍କାର ପ୍ରକଳ୍ପ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ଯୋଜନାକୁ ବ୍ୟାପକ କରିବା ପାଇଁ ଟ୍ରାନ୍ସଜେଣ୍ଡରଙ୍କୁ ଏଥିରେ ସାମିଲ କରାଯାଇଛି। ୫୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜିନିବେଶ ସବ୍‌ସିଡି ରାଶି ପାଇବା ନିମନ୍ତେ ସେମାନେ ଯୋଗ୍ୟ ବିବେଚିତ ହେବେ। ରାଜ୍ୟରେ କୃଷି ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ଏବଂ ବିପୁଳ କର୍ମସଂସ୍ଥାନ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ରାଜ୍ୟରେ କୃଷି ଏବଂ ଆନୁଷଙ୍ଗିକ କୃଷି ସହ ଜଡ଼ିତ କୃଷକଙ୍କ ଆୟବୃଦ୍ଧି ଘଟିବା ସହିତ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୃଷ୍ଟି ହୋଇପାରୁଛି। ଏହି ସଂଶୋଧିତ ମାର୍ଗଦର୍ଶିକା ୨୦୨୩ ଏପ୍ରିଲ ୧୦ରୁ ଅନ୍‌ଲାଇନରେ ଆବେଦନ କରିଥିବା ଉଦ୍ୟୋଗୀଙ୍କ ନିମନ୍ତେ ଲାଗୁ କରାଯାଇଛି।

# ୩୬ ହଜାର କୋଟିର ୨୧ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୪ଟି ଶିଳ୍ପ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ୧୭ଟି ପ୍ରକଳ୍ପର ଭୂମିପୂଜନ କରିଛନ୍ତି। ୩୬ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୯,୨୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଉଦ୍‌ଘାଟନ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ସିମେଣ୍ଟ, ଖାଦ୍ୟ ପ୍ରକ୍ରିୟାକରଣ, କୃଷିଭିତ୍ତିକ ଶିଳ୍ପ, ପ୍ଲାଷ୍ଟିକ୍, ବିଦ୍ୟୁତ୍ ଓ ଅକ୍ଷୟ ଶକ୍ତି, ଆଇଟି, ଷ୍ଟିଲ୍, ଟେକ୍ସଟାଇଲ, ପର୍ଯ୍ୟଟନ କ୍ଷେତ୍ରରେ ଇତ୍ୟାଦି। ଏହି ଶିଳ୍ପଗୁଡ଼ିକ ଅନୁଗୋଳ, ବାଲେଶ୍ୱର, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ ଜିଲାରେ ସ୍ଥାପନ କରାଯିବ। ଶିବା ସିମେଣ୍ଟ ପକ୍ଷରୁ ରାଜ୍ୟରେ ୧୫୨୩.୨୪ କୋଟି ଟଙ୍କା ପୁଞ୍ଜିନିବେଶ କରାଯାଇ ରାଜ୍ୟରେ ୬୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। କମ୍ପାନୀ ତା'ର ବାର୍ଷିକ କ୍ଲିଙ୍କର କ୍ଷମତା ୧.୩୨ ନିୟୁତ ଟନ ଏବଂ ସିମେଣ୍ଟ କ୍ଷମତା ୧.୦୫ ନିୟୁତ ଟନକୁ ବୃଦ୍ଧି କରିଛି। ଗାଡରେ ମେରାଇନ ଏକ୍ସପର୍ଟ ୬୮.୧୧ କୋଟି ଟଙ୍କାର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ। ଏଥିରେ ୪୦୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ସିଟ୍ରଲସ୍ ଡାଟା ସେଣ୍ଟର ୧୫୨.୨୫ କୋଟି ଟଙ୍କାରେ ଏକ ଡାଟା ସେଣ୍ଟର ସ୍ଥାପନ କରିବ। ଏଥିରେ୧୧୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଏଚ୍‌ଆଇଏଲ୍ ଲିମିଟେଡ ଏବଂ ରାରିଆନ ଫ୍ଲୁଇଡ ଟେକର ବାଲେଶ୍ୱର ଓ ଖୋର୍ଦ୍ଧା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏଚ୍‌ଆଇଏଲ୍ ଲିମିଟେଡ ୬୩.୨୪ କୋଟି ଟଙ୍କା ବ୍ୟୟରେ ଏଏସି ଓ ସିମେଣ୍ଟ ସାଣ୍ଡୁଇଚ ପ୍ୟାନେଲ ନିର୍ମାଣ କରିବ। ଏଥିରେ ୨୬୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ରାରିଆନ ଫ୍ଲୁଇଡ୍ ଟେକ୍ ୪୯.୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏଥିରେ ୯୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଲୁମିନସ ପାୱାର ଟେକ୍ନୋଲୋଜି ଅନୁଗୋଳ ଜିଲାରେ ୪୮୧.୯୬ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏଥିରେ ୧୧୫୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ପୁରୀର କୁରୁଖିଠାରେ ୧୦୦ କୋଟି ବ୍ୟୟରେ ୨ଟି ଟେକ୍ସଟାଇଲ ୟୁନିଟ୍ ସ୍ଥାପନ କରାଯିବ। ଏଥିରେ ପ୍ରାୟ ୪୨୦୦ ଲୋକଙ୍କୁ ନିଯୁକ୍ତ ସୁଯୋଗ ମିଳିପାରିବ। କଟକର ରାମଦାସପୁରଠାରେ ଶ୍ୟାମ ବେଭେରେଜ ୧୧୫ କୋଟି ବ୍ୟୟରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଞ୍ଜିନିବେଶକୁ ଆକୃଷ୍ଟ କରିବାରେ ଦେଶର ଶ୍ରେଷ୍ଠ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ୫-ଟି ଆଧାରରେ ଓଡ଼ିଶାରେ ବ୍ୟବସାୟ କରିବା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରାଯାଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ଅଭୂତପୂର୍ବ ସଫଳତା ଯୋଗୁ ରାଜ୍ୟରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ କମ୍ପାନୀ ଏବଂ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ ସମର୍ଥନ ଜାରି ରହିବ ବୋଲି ସେ କହିଛନ୍ତି। ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇପିକଲ ଏବଂ ଇଡ୍‌କୋ ଏମ୍‌ଡି ଭୂପିନ୍ଦର ପୁନିଆ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଏବଂ ବିଭିନ୍ନ ବିଭାଗ ସଚିବ ଉପସ୍ଥିତ ଥିଲେ।




ଚାକିରି ସୁରକ୍ଷା, ପୂର୍ଣ୍ଣ ଶିକ୍ଷକତା ଆଦି ଦାବିରେ ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ସ୍ତ୍ରୀଙ୍କ ଗଳାକାଟି ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆରେ ପୋଷ୍ଟ କଲେ ଭିଡିଓ**

**ଧାମନଗର, ୩୦।୫(ସ୍ୱ.ପ୍ର./ଡି.ଏନ୍.ଏ.)**


ଭାସ୍କର ସାମଲ


ସସ୍ମିତା ସାମଲ

ସ୍ତ୍ରୀଙ୍କ ଗଳାକାଟି ହତ୍ୟା ପରେ ଆତ୍ମହତ୍ୟା କରିଛନ୍ତି ସ୍ୱାମୀ। ସ୍ତ୍ରୀଙ୍କ ରକ୍ତାକ୍ତ ମୃତଦେହ ଘର ଭିତରେ ପଡ଼ିଥିବା ବେଳେ ସ୍ୱାମୀଙ୍କ ମୃତଦେହ ଘରଠାରୁ କିଛି ଦୂର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ପାରିବାରିକ କଳହରୁ ଏଭଳି କରୁଣ ପରିଣତି ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଞ୍ଚଳରେ। ସୋମବାର ବିଳମ୍ବିତ ରାତିରେ ଘଟଣା ଘଟିଥିବା ବେଳେ ମଙ୍ଗଳବାର ସକାଳେ ପୋଲିସ ମୃତଦେହ ଜବତ କରିଛି। ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ପୂର୍ବରୁ ଏକ ଲାଇଭ୍ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି।

ମୃତ ଦମ୍ପତି ହେଲେ ଧାମନଗର ଏନ୍‌ଏସିର ୮ନଂ. ୱାର୍ଡ ମୁଲଣାସାହି ଗ୍ରାମର ଭାସ୍କର ସାମଲ(୪୨) ଓ ସ୍ତ୍ରୀ ସସ୍ମିତା(୩୬)। ଏନେଇ ମୃତ ସସ୍ମିତାଙ୍କ ବାପା ଚୁଡ଼ାକୁଟି ପଞ୍ଚାୟତ ସୋରିଷଡିହ ଗ୍ରାମର ଭାଗବତ ବେହେରା ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଉଲ୍ଲେଖ କରିଛନ୍ତି, ୧୬ ବର୍ଷ ତଳେ ଭାସ୍କର ଓ ସସ୍ମିତାଙ୍କ ବିବାହ ହୋଇଥଲା। ସେମାନଙ୍କର ଦୁଇ ପୁଅ ଅଛନ୍ତି। ଦୀର୍ଘଦିନ ଧରି ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ରହୁଥିଲା। କିଛିଦିନ ତଳେ ଥାନାରେ ସମାଧାନ ମଧ୍ୟ କରାଯାଇଥିଲା। ମଙ୍ଗଳବାର ସକାଳେ ପଡ଼ୋଶୀ ଲୋକେ ଘର ଭିତରେ ସସ୍ମିତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଏବଂ ଘରଠାରୁ କିଛି ଦୂର 'ଘ' ନଦୀକୂଳରେ ଥିବା ଏକ ଗଛରେ ଭାସ୍କରଙ୍କ ମୃତଦେହ ଝୁଲୁଥିବା ଦେଖି ଖବର ଦେଇଥିଲେ। ସସ୍ମିତାଙ୍କ ବେକ, ଛାତି ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ପାଖରେ ରକ୍ତଲଗା ଏକ ଧାରୁଆ ଅସ୍ତ୍ର ପଡ଼ିଥିଲା। ଭାସ୍କର ସସ୍ମିତାଙ୍କୁ ହତ୍ୟା କରିବା ପରେ ନିଜେ ବେକରେ ରଶି ଲଗାଇ ଝୁଲି ପଡ଼ିଥିବା ଭାଗବତ ଏତଲାରେ ଦର୍ଶାଇଛନ୍ତି। ଧାମନଗର ପୋଲିସ ପହଞ୍ଚି ଦୁଇ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତ ଭାସ୍କରଙ୍କ ଭାଇ ବିକ୍ରମ ସାମଲଙ୍କ ଏତଲା କ୍ରମେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୩) ଏବଂ ମୃତ ସସ୍ମିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ.୨୭୧/୨୩) ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଡକାଇ ଅଧିକ ତଦନ୍ତ କରାଯାଉଥିବା ଧାମନଗର ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି।

# ୧୦ କମ୍ପାନୀଙ୍କ ସହ ୨୦ ଜିଲାରେ ତାଳତେଲ ଚାଷ ଲାଗି ବୁଝାମଣାପତ୍ର

**ଏଡିବଲ୍ ଅଏଲ୍ ପାମ୍ ଯୋଜନା ସଫଳ ପାଇଁ ସରକାରଙ୍କ ପଦକ୍ଷେପ**

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ଓଡ଼ିଶାରେ ତାଳତେଲ ଚାଷକୁ ସମ୍ପ୍ରସାରିତ କରି ଖାଇବା ତେଲ ଆମଦାନୀ ହ୍ରାସ କରିବା ଲକ୍ଷ୍ୟରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତ ସରକାରଙ୍କ କେନ୍ଦ୍ରୀୟ ଯୋଜନା ନ୍ୟାଶନାଲ ମିଶନ ଅନ୍ ଏଡିବଲ୍ ଅଏଲ୍ ପାମ୍ ଯୋଜନାକୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ୧୦ଟି କମ୍ପାନୀଙ୍କ ସହ ୨୦ ଜିଲାରେ ତାଳତେଲ ଚାଷ କରିବାକୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଯୋଜନାରେ କ୍ଷେତ୍ର ସମ୍ପ୍ରସାରଣ ଏବଂ ଅଶୋଧିତ ତାଳତେଲ ଉତ୍ପାଦନ ବୃଦ୍ଧି ମାଧ୍ୟମରେ ଦେଶ ଆମଦାନୀ କରୁଥିବା ଖାଇବା ତେଲକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଓ ପାମ୍ ଅଏଲ୍ କମ୍ପାନୀଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ୧୦ ହଜାର ୫୦୦ ହେକ୍ଟର ଜମିରେ ତାଳତେଲ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଚଳିତ ବର୍ଷ ରାଜ୍ୟରେ ୧୧୦୦ ହେକ୍ଟର ଏବଂ ଆଗାମୀ ୨ ବର୍ଷରେ ୫ ହଜାର ହେକ୍ଟର ଜମିରେ କ୍ଲଷ୍ଟର ଭିତ୍ତିରେ ତାଳତେଲ ଚାଷ କରିବା ପାଇଁ ଯୋଜନା ରହିଛି। ଆବଣ୍ଟିତ କରାଯାଇଥିବା ଜିଲାରେ ଉକ୍ତ କମ୍ପାନୀଗୁଡ଼ିକ ବିହନ ବଗିଚା ପ୍ରତିଷ୍ଠା, ନର୍ସରି ସ୍ଥାପନ ମାଧ୍ୟମରେ ତାଳତେଲ ଚାରାର ଉତ୍ପାଦନ, କ୍ଷେତ୍ର ସମ୍ପ୍ରସାରଣ କରିବା ସହ ଅତି କମ୍‌ରେ ପ୍ରତ୍ୟେକ ଜିଲାରେ ଗୋଟିଏ ତାଳତେଲ ଉତ୍ପାଦନ କାରଖାନା ସ୍ଥାପନ କରିବେ। ସରକାର ତାଳତେଲ କମ୍ପାନୀର ସହଯୋଗରେ ତାଳତେଲ ବଗିଚାକୁ ସୁରକ୍ଷିତ ରଖିବା ପାଇଁ ବାଡ଼ ବ୍ୟବସ୍ଥା, ମକା, ମିଲେଟ୍, ପନିପରିବା, ବନ୍ଧାକୋବି ଏବଂ କପା ଇତ୍ୟାଦି ଅନ୍ତଃଫସଲ ଚାଷ ଏବଂ ଅଣୁ ଜଳସେଚନ ବ୍ୟବସ୍ଥା କରିବେ। ହିତାଧିକାରୀଙ୍କୁ ବୃକ୍ଷରୋପଣ ସମୟରେ ହେକ୍ଟର ପିଛା ୨୯ ହଜାର ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ଯୋଜନା ଅଧୀନରେ ସହାୟତା ଯୋଗାଇ ଦିଆଯିବ।

# ମେସ୍କୋ ଷ୍ଟିଲ୍ ଦେବାଳିଆ ଘୋଷଣା

**କଳିଙ୍ଗନଗର,୩୦।୫(ଡି.ଏନ.ଏ.):** ବିଜୁ ପଟ୍ଟନାୟକଙ୍କ କରକମଳରେ ଆରମ୍ଭ ହୋଇଥିବା କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରଥମ କାରଖାନା ମେସ୍କୋ ଷ୍ଟିଲ ୩ ବର୍ଷ ତଳୁ ବନ୍ଦ ରହିଥିବାବେଳେ ସୋମବାର କମ୍ପାନୀକୁ ଦେବାଳିଆ ଘୋଷଣା କରାଯାଇଛି। ଦେବାଳିଆ ପ୍ରସଙ୍ଗରେ କମ୍ପାନୀ ପରିଚାଳନା କର୍ତ୍ତୃପକ୍ଷ ସର୍ବସାଧାରଣ ବିଜ୍ଞପ୍ତି ଜାରି କରିଛନ୍ତି। ଗତ ୨୪ତାରିଖରୁ କମ୍ପାନୀ ଦେବାଳିଆ ପର୍ଯ୍ୟାୟରେ ସାମିଲ ହୋଇଥିବାବେଳେ ଜୁନ ୭ ସୁଦ୍ଧା ଋଣଦାତାମାନେ ସେମାନଙ୍କ ଋଣ ସଂକ୍ରାନ୍ତ ଦାବିପତ୍ର ଦେବେ, ଯାହାକି ୧୮୦ଦିନ ମଧ୍ୟରେ ସମାଧାନ କରିବା ପାଇଁ ସମୟ ସୀମା ଧାର୍ଯ୍ୟ ହୋଇଛି। ଏହି ପ୍ରକ୍ରିୟାକୁ ଆସିବା ପରେ କାରଖାନା ସବୁଦିନ ପାଇଁ ବନ୍ଦ ହୋଇଯିବା ଅନୁମାନ କରାଯାଉଛି। ଏପରି ଅବସ୍ଥାରେ କାରଖାନା ପାଇଁ ଭିଟାମାଟି ହରାଇ କେବଳ ନିଯୁକ୍ତି ପାଇଥିବା ବିସ୍ଥାପିତ ପରିବାର ଲୋକେ ସେମାନଙ୍କ ଭବିଷ୍ୟତ ନେଇ ଆଶଙ୍କାରେ ଅଛନ୍ତି।

# ଝାଡ଼ଖଣ୍ଡରୁ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ

**ଶିକାରୀ ଗୁଳିରେ ଫରେଷ୍ଟଗାର୍ଡଙ୍କ ମୃତ୍ୟୁ ଘଟଣା**

**ବାରିପଦା ଅଫିସ,୩୦।୫**

ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣଙ୍କୁ ଝାଡ଼ଖଣ୍ଡରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ସୁନାପୋଷି ଗ୍ରାମର ସୁପାଇ ସିଂ(୨୬) ଓ ଗୋବର୍ଦ୍ଧନ ସିଂ(୪୫)। ଫରେଷ୍ଟଗାର୍ଡ ଜେନାଙ୍କୁ ହତ୍ୟା ପରେ ୩ଟି ସ୍ୱତନ୍ତ୍ର ପୋଲିସ ଟିମ ଚଢ଼ାଉ ଜାରି ରଖିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପଡ଼ୋଶୀ ଝାଡ଼ଖଣ୍ଡର ଇଷ୍ଟ ସିଂହଭୂମ ଅଞ୍ଚଳ ମୃଷାବଣୀ ଗ୍ରାମରୁ ଦୁଇ ଜଣଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୧୯ଜଣ ଫେରାର ଥିବା ପୋଲିସ କହିଛି। ପୂର୍ବରୁ ସ୍ୱତନ୍ତ୍ର ଟିମ୍ ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଥିଲା।

# ବ୍ରିଟିଶ୍ ସଂସଦରେ ବାଲେଶ୍ୱର ଝିଅ

**ଓଡ଼ିଆ କବିତା ଆବୃତ୍ତି କରି ଗୌରବ ଆଣିଲେ**

**ବାଲେଶ୍ୱର ଅଫିସ, ୩୦।୫**

ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ଉପଲକ୍ଷେ ବାର୍ତ୍ତା ଓ ବିକାଶ ପାଇଁ ବ୍ରିଟିଶ ସଂସଦର ଉଚ୍ଚ ସଦନ ହାଉସ ଅଫ୍ ଲର୍ଡସରେ ଓଡ଼ିଆ ସମେତ ୧୮ ଭାରତୀୟ ଭାଷା ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବାଲେଶ୍ୱର ସହର ଅଙ୍ଗାରଗଡ଼ିଆସ୍ଥିତ ବସ୍ କଲୋନୀର ପଙ୍କଜ କୁମାର ପଟ୍ଟନାୟକଙ୍କ କନ୍ୟା ଅନୁଶ୍ରୀ ଓଡ଼ିଆ ଭାଷାରେ 'ଏକ ପ୍ରବାସୀର ଚିଲିକା' ଉପରେ ଲିଖିତ କବିତା ଆବୃତ୍ତି କରିଥିଲେ। ଚିଲିକା କିଭଳି ଭାବେ ଜୈବ ବିବିଧତାକୁ ଆକୃଷ୍ଟ କରିଥାଏ, ତାହା କବିତାରେ ଚମତ୍କାର ଭାବେ ଉପସ୍ଥାପିତ କରିଥିଲେ, ଯାହା ଓଡ଼ିଶା ତଥା ବାଲେଶ୍ୱରବାସୀଙ୍କ ପାଇଁ ଏକ ଗୌରବ ଆଣିଛନ୍ତି।

ସଂସ୍କୃତି ସେଣ୍ଟର ଫର୍ କଲଚରାଲ୍ ଏକ୍ସିଲେନ୍ସ ଏବଂ ଆଧୁନିକ ଭାଷା ସଂକ୍ରାନ୍ତ ସର୍ବଦଳୀୟ ସଂସଦୀୟ କମିଟି (ଏପିପିଜି)ର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାର୍ଟାର୍ଡ଼ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଙ୍ଗୁଇଷ୍ଟସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଗୃହ ଉପାଧ୍ୟକ୍ଷ ବ୍ୟାରନେସ୍ ଗାର୍ଡେନ୍ ଅଫ୍ ଫ୍ରୋଗ୍‌ନାଲ୍ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ ସହ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ, ଅହମିୟା, ବଙ୍ଗଳା, ଡୋଗ୍ରି, ଗୁଜରାଟୀ, ହିନ୍ଦୀ, ଓଡ଼ିଆ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମୈଥିଳି, ମାଲାୟାଲମ୍, ମରାଠୀ, ପଞ୍ଜାବୀ, ସିନ୍ଧି, ତେଲୁଗୁ ଏବଂ ନେପାଳୀ ଭାଷାରେ ଭାରତୀୟ ବଂଶୋଦ୍ଭବମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଲଣ୍ଡନରେ ଅବସ୍ଥାପିତ ଭାରତୀୟ ହାଇ କମିଶନ ଅଧିକାରୀ (ହିନ୍ଦୀ ଓ ସଂସ୍କୃତ) ଡ. ନନ୍ଦିତା ସାହୁ କାର୍ଯ୍ୟକ୍ରମରେ ସମାପନ ବକ୍ତବ୍ୟ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଅନୁଶ୍ରୀ ବାଲେଶ୍ୱର ସହରସ୍ଥିତ ସେଣ୍ଟ ଭିନ୍‌ସେଣ୍ଟ କନଭେଣ୍ଟ ସ୍କୁଲରେ ପାଠପଢ଼ା ସାରି ଫକୀରମୋହନ ମହାବିଦ୍ୟାଳୟରେ ସ୍ନାତକ ଶେଷ କରିଥିଲେ। ୨୦୦୩ରେ ଚେନ୍ନାଇରେ ଏମ୍‌ବିଏ ପାଠ୍ୟକ୍ରମ ଶେଷକରି ଟେକ୍ ମହିନ୍ଦ୍ରା କମ୍ପାନୀରେ ଯୋଗଦାନ କରି ଲଣ୍ଡନରେ (ୟୁନାଇଟେଡ୍ କିଙ୍ଗଡମ୍) ଅଦ୍ୟାବଧି କାର୍ଯ୍ୟ ତୁଲାଉଛନ୍ତି।



ଓଡ଼ିଆ କବିତା ଆବୃତ୍ତି କରୁଛନ୍ତି ବାଲେଶ୍ୱର ଝିଅ ଅନୁଶ୍ରୀ।

# 'ବିଶ୍ୱରେ ଭାରତ ନିଜ ଶ୍ରେଷ୍ଠତ୍ୱ ଦେଖାଇପାରିଛି'

## ଜାତୀୟ ଲୋକମେଳା, କୃଷିମେଳା ଉଦ୍‌ଘାଟିତ

■ କୃଷି ବିକାଶ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ପ୍ରଦେଶ: କୃଷିମନ୍ତ୍ରୀ
■ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ

ପୁରୀ ଅଫିସ,୩୦।୫

ପୁରୀ ଶରଧାବାଲିଠାରେ ଜାତୀୟସ୍ତରୀୟ ଏକବିଂଶ ଲୋକମେଳା ଓ ଚତୁର୍ଦ୍ଦଶ କୃଷିମେଳା ମଙ୍ଗଳବାର ଉଦ୍‌ଘାଟନ ହୋଇଯାଇଛି। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ସମ୍ପାଦନାରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ନାଗାଲାଣ୍ଡର ରାଜ୍ୟପାଳ ଲା. ଗଣେଶନ୍ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଅନେକତାରେ ଏକତାର ପ୍ରତୀକ ଭାରତବର୍ଷ। ନାନା ଜାତି, ଧର୍ମ, ସମ୍ପ୍ରଦାୟ ଥିଲେ ହେଁ ଦେଶର ସାଂସ୍କୃତିକ ବିକାଶରେ ସେମାନଙ୍କ ସମନ୍ୱୟ ଅବର୍ଣ୍ଣନୀୟ। ଦେଶାତ୍ମବୋଧ, କୃଷି, ବିଜ୍ଞାନ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଭାରତ ଏବେ ବିଶ୍ୱ ଦରବାରରେ ନିଜର ଶ୍ରେଷ୍ଠତ୍ୱ ଦେଖାଇପାରିଛି ବୋଲି ସେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନରେ ଓଡ଼ିଶା କୃଷି ବିକାଶ କ୍ଷେତ୍ରରେ ଭାରତର ଶ୍ରେଷ୍ଠ ପ୍ରଦେଶ। ଓଡ଼ିଶା ଏବେ ଆଉ କୋଡ଼ିଏ ବର୍ଷ ତଳର କ୍ଷୁଧାର୍ତ୍ତ ହୋଇ ନାହିଁ। ଚାଷୀ ଓ ଚଷାର କୃଷିକର୍ମଣରେ ଓଡ଼ିଶା ଏବେ କ୍ଷୁଧାମୁକ୍ତ ଓଡ଼ିଶା।


ଉତ୍ସବରେ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ମାନିତ କରାଯାଉଛି ।

କରୋନା ସମୟରେ ଆମ ଚାଷୀ ଯୋଗୁ ଭାରତବର୍ଷର ଅର୍ଥନୈତିକ ଅବକ୍ଷୟ ଘଟି ନାହିଁ। ଏ ସମୟରେ କୃଷି, ମତ୍ସ୍ୟ ଓ ପଶୁସମ୍ପଦର ବିକାଶ ପାଇଁ ଏହି କୃଷିମେଳାକୁ ଏ ଜାତି ସ୍ମରଣ ରଖିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ।

ପ୍ରାରମ୍ଭରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ରଖିଥିବା ବେଳେ, ଉତ୍ସବ କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପଦ୍ମଶ୍ରୀ ଉଚ୍ଛବ ଦାସ, ଅର୍ଥ କମିଟି ଅଧ୍ୟକ୍ଷ ଗୌରହରି ପ୍ରଧାନ, ସଂଯୋଜକ ହେକ୍ଟର ମିଶ୍ର, ଉତ୍ସବ କମିଟି ଉପାଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଅନୁଷ୍ଠାନ ଉପସଭାପତି ଭରତ ନାୟକ, ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ସଂଗ୍ରାମ କାନୁନଗୋ ଓ ସଂଗଠନ କମିଟି ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ ମଞ୍ଚାସୀନ ଥିଲେ।

ଅପରାହ୍ନରେ ଦେଶର ୨୨ଟି ରାଜ୍ୟରୁ ଆସିଥିବା ୪୦୦ କଳାକାର, ଜିଲା ସଂସ୍କୃତି ପରିଷଦର କଳାକାରଙ୍କୁ ନେଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା, ସିଂହଦ୍ୱାରଠାରୁ ବାହାରି ଶରଧାବାଲିରେ ପହଞ୍ଚିବା ପରେ ନାଗାଲାଣ୍ଡ, ତାମିଲନାଡୁ, ଗୁଜରାଟ, ପଞ୍ଜାବ, କେରଳ, ରାଜସ୍ଥାନ ପ୍ରଭୃତି ରାଜ୍ୟର କଳାକାରମାନେ ସେମାନଙ୍କ ନୃତ୍ୟରେ ସମବେତ ଦର୍ଶକ-ଶ୍ରୋତାଙ୍କୁ ଅଭିଭୂତ କରିଥିଲେ। ଏହି ଅବସରରେ ଲୋକନୃତ୍ୟ ପାଇଁ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ରାଜ୍ୟପାଳ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ଗୀତିକାର ବଦ୍ରିମିଶ୍ରଙ୍କୁ ଲୋକଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ଆସି କୃଷିମେଳାରେ ଯୋଗଦେଇଥିବା ବିଭିନ୍ନ ବିଭାଗର ପ୍ରଦର୍ଶନ ସହ କଳାକାରଙ୍କ ନୃତ୍ୟ ଆଗାମୀ ୫ଦିନ ଧରି ଚାଲିବ ବୋଲି ସମ୍ପାଦକ ରାଜେଶ ମହାନ୍ତି କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରଦ୍ୟୁମ୍ନ ସାଠୁଆ, ମଧୁସୂଦନ ମିଶ୍ର, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ଦାମୋଦର ଶତପଥୀ, ଦେବେନ୍ଦ୍ର ମହାପାତ୍ର, ସୌମ୍ୟ ରଞ୍ଜନ ମିଶ୍ର, ପ୍ରତାପ ଦଳେଇ, ପୂର୍ଣ୍ଣଚନ୍ଦ୍ର ଓଝା, ପୁଷ୍କର ସାହୁ ଓ ଗୌତମ ମିଶ୍ର ପରିଚାଳନା କରିଥିଲାବେଳେ ଚନ୍ଦ୍ର ବିଜୟୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



ଲୋକମେଳାରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ: ୬ ଗିରଫ

#### ୨ ଖଣ୍ଡା, ଲୁହାରଡ୍ ଜବତ

ପୁରୀ ଅଫିସ, ୩୦।୫: ଏକ ଡକାୟତି ଯୋଜନାକୁ ପୁରୀ ଟାଉନ ଥାନା ପୋଲିସ ପଣ୍ଡ କରିବା ସହ ୬ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ହାତୀଶାଳର ସନ୍ତୋଷ ଦାସ ଓରଫ ସନ୍ତୁ ଭୋଇ, ଲୋକନାଥ ରୋଡ ଥାନାପତି ଲେନ୍‌ର ବୁଲା ଦାସ ଓରଫ ବୁଲୁ, ଟାଉନ ଥାନା ଅନ୍ତର୍ଗତ ଚୁଡ଼ଙ୍ଗ ସାହିର ବିଜୟ କୁମାର ଭୋଳ, ଜୟଦେବ କାଣ୍ଡି, କୁମ୍ଭାରପଡା ଥାନା ଅନ୍ତର୍ଗତ ରାୟବାହାଦୁର ଲେନ ଗୋପବନ୍ଧୁ କଲୋନୀର ହାଡୁ ନାୟକ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ଧୋବାଖାଲ ଅଞ୍ଚଳର ରାମ ନାୟକ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଦୁଇଟି ଖଣ୍ଡା, ଗୋଟିଏ ଲୁହାରଡ୍ ଓ ବିୟର ବୋତଲ ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୯୮/୨୩) ରୁଜୁ କରିଛି। ଅଭିଯୁକ୍ତମାନେ ଚକ୍ରକୋଟ ଲେନ କାଜୁ ଜଙ୍ଗଲରେ ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ଖବର ପାଇ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ଡକାୟତି ଯୋଜନା ବେଳେ ୨ ଧରାପଡ଼ିଲେ ୪ ଅଭିଯୁକ୍ତ ଫେରାର

ଗୋପ,୩୦।୫(ଡି.ଏନ୍.ଏ.)- ଡକାୟତି କରିବାକୁ ଯୋଜନା କରୁଥିବାବେଳେ ଗୋପ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚଢେଇଖିଆ ଗ୍ରାମର ତାଲିମ ଖାନ୍(୨୫) ଓ ଗୋପ ଥାନା ଅନ୍ତର୍ଗତ ସାଇଁ ସାଇଁ ଗ୍ରାମର ରାକେଶ ବାରିକ୍(୨୭)। ତେବେ ସେତେବେଳେ ୪ ଅଭିଯୁକ୍ତ ଖସିଯିବାକୁ ସଫଳ ହୋଇଥିଲେ। ଏନେଇ ପୋଲିସ ୨୪୯/୨୩ରେ ଏକ ମାମଲା ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ଗୋପ ଥାନା ଅଧିକାରୀ ସୁନୀଲ ପ୍ରଧାନ କୌଣସି ସୂତ୍ରରୁ ଖବରପାଇ ନାଗପୁର- ନୟାହାଟ ରାସ୍ତାର ଏକ ଭଙ୍ଗା ପୋଲ ତଳେ ଚଢ଼ାଉ କରି ୨ ଜଣଙ୍କୁ କାବୁ କରିଥିଲା। ଥାନା ଅଧିକାରୀ ପ୍ରଧାନଙ୍କୁ ଏ ବାବଦରେ ପଚାରିବାରେ, ଡକାୟତି ଯୋଜନା କରୁଥିବା ୨ ଅଭିଯୁକ୍ତ ଧରା ପଡ଼ିଛନ୍ତି। ଫେରାର ଥିବା ୪ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଥିଲେ।

### ବଳରାମ ଯୋଜନା କର୍ମଶାଳା

ପିପିଲି,୩୦।୫(ଡି.ଏନ୍.ଏ.)- ପିପିଲି ବ୍ଲକ ଆତ୍ମା କାର୍ଯ୍ୟାଳୟ ପରିସରରେ ବଳରାମ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମେ'୧ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବଳରାମ ମାସ ଘୋଷଣା କରାଯିବା ପରେ ବଳରାମ ଯୋଜନାକୁ ନେଇ ଚାଷୀ, ଭାଗଚାଷୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଶେଷକରି ଭାଗ ଚାଷୀ ଚାଷ କରିବା ପାଇଁ କିଭଳି ଋଣର ସୁବିଧା ପାଇବେ ଓ ବ୍ୟାଙ୍କ ମାଧମରେ ୪/୫ଜଣଙ୍କୁ ଏକତ୍ର କରି ଗୋଷ୍ଠୀ ମାଧମରେ କିଭଳି ଋଣ ଯୋଗାଇ ଦିଆଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି କର୍ମଶାଳା ଦ୍ୱାରା ସଫଳ ଚାଷୀମାନେ ଋଣ ନେବାର ଉପକାରିତା ନେଇ ଆଲୋଚନା କରାଯାଇଥିବା ବେଳେ ଚଳିତବର୍ଷ ୧୫୦ ଗୋଷ୍ଠୀକୁ ବ୍ୟାଙ୍କ ମାଧମରେ ଋଣ ଯୋଗାଇ ଦିଆଯିବ। ଏହି ବୈଠକରେ ଆତ୍ମା ଅଧକ୍ଷ ପ୍ରକାଶ ଧଳ ଅଧକ୍ଷତା କରିଥିବା ବେଳେ ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ବ୍ଲକ ଅଧକ୍ଷା ଦେବସ୍ମିନୀ ନନ୍ଦ, ବ୍ଲକ କୃଷି ଅଧିକାରୀ ପୀୟୂଷ ପଲ୍ଲଭ ପରିଡା, ଅତିରିକ୍ତ କୃଷି ଅଧିକାରୀ ଏବିଡିଓ ଶୈଳବାଳା ତ୍ରିପାଠୀଙ୍କ ସହିତ ଅନେକ ଚାଷୀ ଓ ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇଥିଲେ।

## ସାନଓରା ପ୍ରାଥମିକ ବିଦ୍ୟାଳୟ ପାଇବ ପ୍ରକୃତି ମିତ୍ର ପୁରସ୍କାର

କଣାସ,୩୦।୫(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପକ୍ଷରୁ ଚାରାରୋପଣ, ପରିବେଶ ସୁରକ୍ଷା ଦିଗରେ କାମ କରୁଥିବା ଶିକ୍ଷାନୁଷ୍ଠାନ ଓ ସଂସ୍ଥାମାନଙ୍କୁ ପ୍ରତି ବର୍ଷ ପ୍ରକୃତି ମିତ୍ର ପୁରସ୍କାର ମିଳିଥାଏ। ଏହି ଅବସରରେ ଚଳିତ ବର୍ଷ ଏହି ପୁରସ୍କାର କଣାସ ବ୍ଲକର କାଦୁଆ ପଞ୍ଚାୟତ ଅନ୍ତର୍ଗତ ସାନଓରା ପ୍ରାଥମିକ ବିଦ୍ୟାଳୟକୁ ମିଳିବ ବୋଲି ସୂଚନା ମିଳିଛି। ଉକ୍ତ ବିଦ୍ୟାଳୟରେ ଫଳଗଛ, ଫୁଲଗଛ, ଔଷଧୀୟ ବୃକ୍ଷ ଲଗାଯାଇ ପ୍ରାକୃତିକ ଉପାୟରେ ପରିସରଟି ସବୁଜିମା କରାଯାଇପାରିଛି। ଆସନ୍ତା ୫ତାରିଖରେ ଭୁବନେଶ୍ୱରସ୍ଥ ଲୋକସେବା ଭବନଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ଶ୍ରୀଚନ୍ଦନ ଉପସ୍ଥିତ ରହି ଉତ୍ସବସ୍ଥଳରୁ ପୁରସ୍କାର ଗ୍ରହଣ କରିବେ। ଏହି ପୁରସ୍କାର ବାବଦରେ ୨୦ହଜାର ଟଙ୍କା ଅର୍ଥରାଶି ମିଳିବ। ସୂଚନା ଥାଉକି, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଗୁରୁଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗୁରୁବ୍ରହ୍ମା ସମ୍ମାନ ପୁରସ୍କାର ପ୍ରଦାନ କରିଥିଲେ। ଏହି ଖବର ଶୁଣି ଅନେକ ଶିକ୍ଷାପ୍ରେମୀ, ଶିକ୍ଷକ, ସିଆର୍‌ସିସି, ଅଭିଭାବକ ଅଭିନନ୍ଦନ ଜଣାଇଛନ୍ତି ।

## ଚୋରି ଅଭିଯୋଗରେ ଜଣେ ଗିରଫ

ଗୋପ,୩୦।୫(ଡି.ଏନ୍.ଏ.)

ସାଇକେଲ ଚୋରି ଅଭିଯୋଗରେ ଗୋପ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କାକଟପୁର ଥାନା ଅଧୀନ ଗନ୍ଧାରିପଡା ଗ୍ରାମର ତୋଫାନ କାଣ୍ଡ(୨୮)। ଏନେଇ ପୋଲିସ ୨୪୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ତାଙ୍କଠାରୁ ୪ଟି ସାଇକେଲ ଜବତ କରିଛି। ସୂଚନା ମୁତାବକ, ତୋଫାନ ବିଭିନ୍ନ ସ୍ଥାନରୁ ସାଇକେଲ ଚୋରି କରିଥା'ନ୍ତି। ଗତ ୨୯ ତାରିଖରେ ନୟାହାଟ ସିଙ୍ଗିପାନିଆ ଗ୍ରାମର ନିରଞ୍ଜନ ସାହୁଙ୍କ ସାଇକେଲ ଚୋରି ହୋଇଥିଲା। ଏ ସମ୍ପର୍କରେ ନିରଞ୍ଜନ ନୟାହାଟ ଫାଣ୍ଡିରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ତୋଫାନଙ୍କୁ କାବୁ କରିଥିଲା।

## କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

### ସ୍ନାନଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୩୦।୫:

ଜୁନ୍ ୪ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବ। ସ୍ନାନଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ମଙ୍ଗଳବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ସ୍ନାନଯାତ୍ରା ଓ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତାହାର ନିର୍ଯାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ସମେତ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଜିତ ପ୍ରସାଦ ମହାପାତ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକ ପରେ ଜିଲାପାଳ ବର୍ମା ଶ୍ରୀନ୍ଦିର ସିଂହଦ୍ୱାରରେ ପହଞ୍ଚି ସ୍ନାନଯାତ୍ରାର ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ।


ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ।

## ଲଞ୍ଚ୍ ଚଳାଚଳ ବନ୍ଦ ନେଇ ଅସନ୍ତୋଷ

କୃଷ୍ଣପ୍ରସାଦ,୩୦।୫(ଡି.ଏନ୍.ଏ.):

ରାଜ୍ୟ ସରକାରଙ୍କ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ସେବା ପକ୍ଷରୁ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଚିଲିକାରେ ଲଞ୍ଚ୍ ଚଳାଚଳର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ବାଲୁଗାଁଠାରୁ ଦୁଇଟି ଲଞ୍ଚ୍ କୃଷ୍ଣପ୍ରସାଦ ଅଭିମୁଖେ ଚଳାଚଳ କରୁଥିବା ବେଳେ ହଠାତ୍ ସେଥିମଧ୍ୟରୁ ଏକ ଲଞ୍ଚ୍ ଚଳାଚଳକୁ ବନ୍ଦ କରିଦିଆଯାଇଛି, ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରାହ୍ନ ୩ଟା ୪୫ରେ ବାଲୁଗାଁ ଠାରୁ ଏହି ଲଞ୍ଚ ବାହାରି କୃଷ୍ଣପ୍ରସାଦ ଘିମୁଦା ଜେଟିରେ ଅପରାହ୍ନ ୪ଟା ୪୫ରେ ପହଞ୍ଚିଥାଏ। ପରଦିନ ସକାଳ ୭ଟା ୧୫ରେ ବାଲୁଗାଁ ଅଭିମୁଖେ ଯାତ୍ରା କରିଥାଏ। ତେବେ ହଠାତ୍ ଉକ୍ତ ଲଞ୍ଚ ଚଳାଚଳ ବନ୍ଦ କରିଦିଆଯାଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ଶୁଣୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ବାଲୁଗାଁ ଜେଟି କୂଳରେ ଲଞ୍ଚଗୁଡ଼ିକ ପଡ଼ି ରହି ନଷ୍ଟ ହେଉଥିଲେ ବି ମରାମତି କରାଯାଉ ନାହିଁ।

## ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ ନୀତି

### ଆଜି ରୁକ୍ମିଣୀଙ୍କୁ ବିବାହ କରିବେ ମହାପ୍ରଭୁ

ପୁରୀ ଅଫିସ, ୩୦।୫:

ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରେ ବୁଧବାର ମହାପ୍ରଭୁ ବିଦର୍ଭ ରାଜକୁମାରୀ ରୁକ୍ମିଣୀଙ୍କୁ ବିବାହ କରିବେ। ଏଥିଲାଗି ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ନୀତି ବଢିବା ପରେ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନ ପାଖକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ପ୍ରଦାନ ପରେ ଖଟଶେଯକୁ ବିଜେ କରାଇଥିଲେ। ଭିତରଶୋଧ ହୋଇ ଜୟବିଜୟ ଦ୍ୱାର ବନ୍ଦ ରହି ମହାପ୍ରଭୁଙ୍କୁ ଆଳଟ ଲାଗିକରାଯାଇଥିଲା। ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଜଣାଇଥିଲେ। ଶ୍ରୀମଦନମୋହନ ମହାଜନମାନଙ୍କ ହସ୍ତରେ ବିଜେ ପୂର୍ବକ ବଟ ମୂଳେ ଥିବା ସୁସଜ୍ଜିତ ରଥରେ ଆରୋହଣ କରିଥିଲେ। ଘଣ୍ଟ, ଛତା, କାହାଳିରେ ବିମାନ ବଡୁମାନେ ଉକ୍ତ ରଥକୁ ଶ୍ରୀମନ୍ଦିର ଭିତରବେଢା ପରିକ୍ରମା କରି ପୁନଶ୍ଚ ବଟ ମୂଳେ ରଖିଥିଲେ। ଜଣେ ସେବକ କୁତକୌତୁକ ଋଷି ଭାବେ ମହାପ୍ରଭୁଙ୍କୁ ଦଣ୍ଡ ପ୍ରଣାମ ଜଣାଇ ଶୁକ୍ଲଫୁଲ ଆଞ୍ଜୁଳି କରି ବିଜେ ରାସ୍ତାରେ ପକାଇବା ସହ ଶ୍ରୀମଦନମୋହନଙ୍କୁ ଥରକୁ ଥର ଦଣ୍ଡ ପ୍ରଣାମ କରି ଦକ୍ଷିଣୀଘରକୁ ନେଇଥିଲେ। ଖଟରେ ବିଜେ ପରେ ଶ୍ରୀମଦନମୋହନଙ୍କୁ ପଞ୍ଚାମୃତରେ ସ୍ନାନ କରାଯାଇଥିଲା। ତପ୍ରରେ ଫୁଲ, ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା ଓ ଶୀତଳ ଭୋଗରେ ଖିରି, ଅମାଲୁ ଭୋଗ ହୋଇ ବନ୍ଦାପନା ବଢ଼ିବା ପରେ ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଛତି ଟେକା ହୋଇ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା। ଭିତରେ ପଣାଭୋଗ ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା।

## ଏସ୍‌ଏଚ୍‌ଜି ସମ୍ପାଦିକାଙ୍କ ନାଁରେ ଅର୍ଥ ହଡ଼ପ ଅଭିଯୋଗ

କାକଟପୁର,୩୦।୫(ଡି.ଏନ୍.ଏ.)

କାକଟପୁର ବ୍ଲକ ଅଧୀନ କାଦୁଆନୂଆଗାଁ ପଞ୍ଚାୟତ ତଇଲୋ ଗ୍ରାମରେ ଥିବା ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ଗ୍ରୁପ ସଭ୍ୟାମାନଙ୍କଠାରୁ ମାସିକ ଆଦାୟ ହେଉଥିବା ସଞ୍ଚୟ ଅର୍ଥ ଓ ଋଣ କିସ୍ତି ଅର୍ଥ ବ୍ୟାଙ୍କରେ ଜମା ନ କରି ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରି ଗୋଷ୍ଠୀର ସଭ୍ୟାମାନେ କାକଟପୁର ସିଡିପିଓଙ୍କୁ ଭେଟି ଘଟଣାର ତଦନ୍ତ ଦାବି କରିଛନ୍ତି। ଏପରିକି ପୂର୍ବରୁ କୋଣାର୍କ ଥାନାରେ ମଧ ସମ୍ପୃକ୍ତା ଏସ୍‌ଏଚ୍‌ଜି ସମ୍ପାଦିକାଙ୍କ ନାମରେ ଜମା ଅର୍ଥ ହଡପ ଅଭିଯୋଗରେ ଏତଲା ଦିଆଯିବା ପରେ ସେ ଟଙ୍କା ଫେରାଇବାକୁ ଏକ ଚୁକ୍ତିପତ୍ର କରିଥିଲେ। କିନ୍ତୁ କିଛିଦିନ ପରେ ଟଙ୍କା ଫେରାଇବାକୁ ମନା କରିଦେବାରୁ ବାଧ୍ୟ ହୋଇ ଗୋଷ୍ଠୀର ସଭ୍ୟାମାନେ ସିଡିପିଓଙ୍କୁ ଗୁହାରି ଜଣାଇଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସେମାନଙ୍କର ବ୍ୟାଙ୍କ ଜମାଖାତା ସୋରଭାସ୍ଥିତ କାନରା ବ୍ୟାଙ୍କରେ ଖୋଲିଥିବା ବେଳେ ୨୦୨୦ରେ ବ୍ୟାଙ୍କରୁ ୩ ଲକ୍ଷ ୫୦ ହଜାର ଟଙ୍କା ଋଣ ନେଇଥିଲେ। ପ୍ରତି ମାସରେ ସଭ୍ୟାମାନେ ଆଦାୟ କରୁଥିବା ସେମାନଙ୍କ ମାସିକ ସଞ୍ଚୟ ଅର୍ଥ ସହ ଋଣ ଶୁଝିବା ବାବଦରେ ମାସିକ ଋଣ କିସ୍ତି ଟଙ୍କା ଗୋଷ୍ଠୀର ସମ୍ପାଦିକାଙ୍କ ନିକଟରେ ଦାଖଲ କରୁଥିଲେ ବୋଲି କହିଛନ୍ତି। ହେଲେ ସମ୍ପାଦିକା ସଭ୍ୟାମାନଙ୍କଠାରୁ ମାସିକ ଋଣ କିସ୍ତି ଟଙ୍କା ଓ ମାସିକ ବ୍ୟାଙ୍କ ସଞ୍ଚୟ ଅର୍ଥ ଆଦାୟ କରି ସାରିବା ପରେ ପ୍ରମାଣସ୍ୱରୂପ ଏକ ଛୋଟ ଖାତାରେ ସ୍ୱାକ୍ଷର କରି ସଭ୍ୟାମାନଙ୍କୁ ଦେଉଥିଲେ। ସଭ୍ୟାମାନେ ଭାବୁଥିଲେ ଯେ, ସମ୍ପାଦିକା ଟଙ୍କା ନେଇ ସଞ୍ଚୟ ଅର୍ଥ ବ୍ୟାଙ୍କରେ ଜମା ରଖୁଛନ୍ତି। ମାତ୍ର ବ୍ୟାଙ୍କ ପକ୍ଷରୁ ଗୋଷ୍ଠୀର ସଭାନେତ୍ରୀ ମୀନାକ୍ଷୀ ସ୍ୱାଇଁଙ୍କ ନିକଟକୁ ଫୋନ ଆସିଲା ଯେ ଗ୍ରୁପ ନେଇଥିବା ଋଣ ଅର୍ଥ ଠିକ୍ ଭାବେ ବ୍ୟାଙ୍କରେ ପୈଠ କରାଯାଉନାହିଁ କି ଗ୍ରୁପ୍‌ର ମାସିକ ସଞ୍ଚୟ ଜମା ଖାତାରେ ସଭ୍ୟାମାନେ ଅର୍ଥ ଜମା କରୁନାହାନ୍ତି। ଏହାପରେ ସମସ୍ତ ସଭ୍ୟା ଗ୍ରୁପ୍‌ର ବ୍ୟାଙ୍କ ଜମାଖାତା ଓ ଋଣ ଖାତାକୁ ଯାଞ୍ଚ କରିବା ପରେ ଜଣାପଡିଲା ଯେ ସଭ୍ୟାମାନେ ୨ବର୍ଷ ଧରି ଦେଇଆସୁଥିବା ଅର୍ଥ ସବୁକୁ ସମ୍ପାଦିକା ବ୍ୟାଙ୍କରେ ଜମା ନ କରି ଆତ୍ମସାତ କରିଛନ୍ତ। ତେଣୁ ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ମିନାକ୍ଷୀ ସ୍ୱାଇଁ, ପ୍ରଣତି ସ୍ୱାଇଁ, ସ୍ୱଜାଳିନି ସ୍ୱାଇଁ, ତନୁ ସ୍ୱାଇଁ, ସଞ୍ଜୁ ମଳିକ, ପ୍ରଭାତୀ ମଳିକ ଓ ସରୋଜିନୀ ବେହେରାଙ୍କ ସମେତ ଗୋଷ୍ଠୀର ସମସ୍ତ ସଭ୍ୟା ଏସ୍‌ଡିପିଓଙ୍କୁ ଭେଟି ଜଣାଇବା ସହ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ୱାଟରପାର୍କ ବୋମାମାଡ଼, ଗୁଳିକାଣ୍ଡ ଘଟଣା: ୭ ଗିରଫ

### ୩ ବନ୍ଧୁକ, ୪ ଗୁଳି, ୨ ମୋବାଇଲ ଫୋନ୍ ଜବତ

ପୁରୀ ଅଫିସ, ୩୦।୫:

ପୁରୀ ସଦର ଥାନା ଅନ୍ତର୍ଗତ ମାଳତୀପାଟପୁର ୱାଟର ପାର୍କରେ ବୋମାମାଡ଼ ଏବଂ ପୂର୍ବ ଶତ୍ରୁତାକୁ ନେଇ ଗୁଳିକାଣ୍ଡ ଘଟଣାରେ ମୋଟ ୭ଜଣଙ୍କୁ ମଙ୍ଗଳବାର ଚନ୍ଦନପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଆଳିକିଆର ସୁବାସ ପ୍ରଧାନ, ବୀରହରେକୃଷ୍ଣପୁରର ପ୍ରମୋଦ ବଡ୍ରିଆ, ଚନ୍ଦନପୁର ଥାନା ଅଧୀନ ଓସଡ଼ମଲ ଗ୍ରାମର କୈଳାସ ନାୟକ ଓରଫ କାଇନା, ମଲିବାଲିଆ ଗ୍ରାମର ରାଜେଶ ମହାପାତ୍ର ଓରଫ ରାଜୁନା, ଗୋବିନ୍ଦପୁରର ସୁରେନ୍ଦ୍ର ସେଠୀ, ସମଯାଜପୁରର ଶଙ୍କର ମଲ୍ଲିକ, ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ମନୋଜ ପଣ୍ଡା। ଏମାନଙ୍କଠାରୁ ୩ଟି ଦେଶୀବନ୍ଧୁକ, ୪ଟି ଜୀବନ୍ତ ଗୁଳି ଏବଂ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୨୮/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଳ ସିଂହ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଗତ ୨୫ତାରିଖରେ ମାଳତୀପାଟପୁର ଅଞ୍ଚଳର ପ୍ରକାଶ ଗୋଷ୍ଠୀର ଜଣେ ସଦସ୍ୟ ମାଗଣାରେ ପାର୍କିଂ ଟିକେଟ ଓ ୧୦ଟି ୱାଟର ପାର୍କ ଟିକେଟ ୱାଟରପାର୍କ ମାଲିକଙ୍କୁ ମାଗିଥିଲେ। ତେବେ ୱାଟର ପାର୍କ ମାଲିକ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ପ୍ରକାଶଙ୍କୁ ତାଙ୍କ ସହଯୋଗୀ ରାଜୁନି ଗାଡ଼ି କିଣିବା ଲାଗି ଏକ ଲକ୍ଷ ଟଙ୍କା ମାଗିଥିଲେ। ତେବେ ପ୍ରକାଶ ଟଙ୍କା ନ ଦେବାରୁ ତାଙ୍କୁ ଫସାଇବା ପାଇଁ ରାଜୁନି ୱାଟର ପାର୍କରେ ୩ଟି ବୋମାମାଡ଼ କରିଥିଲେ। ଏନେଇ ୱାଟର ପାର୍କ ମାଲିକ ଚନ୍ଦନପୁର ଥାନାରେ ପ୍ରକାଶଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପ୍ରକାଶଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ପୋଲିସ ଜାଣିବାକୁ ପାଇଥିଲା ଯେ, ପ୍ରକାଶ ଗୋଷ୍ଠୀ ଦୁଇଭାଗ ହୋଇଛି। ଅଭିଯୁକ୍ତ ରାଜୁନିଙ୍କୁ ପୋଲିସ ଗିରଫ କରିବା ପରେ ଏହାକୁ କେନ୍ଦ୍ରକରି ଅନ୍ୟ ସଦସ୍ୟ ଗୁଳିକାଣ୍ଡ ଘଟାଇଥିଲେ। ଏଥିରେ ଜଣେ ଆହତ ହୋଇଥିଲେ। ସେହିପରି ଅନ୍ୟ ୩ଜଣଙ୍କୁ ଆକ୍ରମଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଏତଲା ପରେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ଘଟଣାର ୭୨ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଏବଂ ଚନ୍ଦନପୁର ଥାନା ଅଧିକାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଳ ସିଂହ ସୂଚନା ଦେଉଛନ୍ତି। ଜବତ ସାମଗ୍ରୀ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ମେ, ୨୦୨୩



## ସଂକ୍ଷେପରେ

### ଅଗ୍ନିବିପନ୍ନଙ୍କୁ ସହାୟତା



ମାହାଙ୍ଗା,୩୦।୫(ସ୍ୱ.ପ୍ର.): ମାହାଙ୍ଗା ତହସିଲ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୋପାଳପୁର ଗ୍ରାମର ସୁରେନ୍ଦ୍ର ଲେଙ୍କା, ନରହରି ଲେଙ୍କା ଓ ପୁରୁଷୋତ୍ତମ ଲେଙ୍କାଙ୍କ ଘରେ ନିଆଁ ଲାଗି ୩ ବଖରା ଜଳିଯାଇଛି। ଏଥିରେ ସେମାନଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଖବରପାଇ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର,ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ସାମାଜିକକର୍ମୀ ଉମେଶ ଚନ୍ଦ୍ର ସାହୁ, ଦେବୀ ପ୍ରସାଦ ପଲେଇ, ଅରୁଣ କୁମାର ଲେଙ୍କ, ସନ୍ତୋଷ ରାଉତରାୟ ଓ ମଦନମୋହନ ଦାସ ପ୍ରମୁଖ ସେମାନଙ୍କ ଘରେ ପହଞ୍ଚି ପାଲ, ଅର୍ଥ ଓ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି।

### ଅଂଶୁଘାତ ସଚେତନତା, ଜଳସେବା କେନ୍ଦ୍ର

ବାଙ୍କୀ,୩୦।୫(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ରେଞ୍ଜର ସଂସ୍ଥା ଆନୁକୁଲ୍ୟରେ ବାଙ୍କୀ କଲେଜସ୍ଥିତ ରଣପୁର ଗ୍ରାମରେ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିସହ ଜଳସେବା କେନ୍ଦ୍ର ଖୋଲା ଯାଇଛି । ପ୍ରଚଣ୍ଡ ରୌଦ୍ର ତାପରୁ ଜନସାଧାରଣଙ୍କୁ ରକ୍ଷାକରିବା ଉଦ୍ଦେଶ୍ୟରେ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କୁ ପ୍ରଚାରପତ୍ର ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ଅଂଶୁଘାତର ପ୍ରତିକାର ସମ୍ବନ୍ଧରେ ବାଟୋଇମାନଙ୍କୁ ବୁଝାଇଥିଲେ। ଏଥିରେ ରେଞ୍ଜର ଲିଡର ଅଧାପିକା ଦେବସ୍ମିତା ସହଯୋଗ କରିଥିଲେ।

### ଡକାୟତି ଯୋଜନା ପଣ୍ଡ: ୬ ଗିରଫ

#### ୨ ଖଣ୍ଡା, ଲୁହାରଡ୍ ଜବତ

ପୁରୀ ଅଫିସ, ୩୦।୫: ଏକ ଡକାୟତି ଯୋଜନାକୁ ପୁରୀ ଟାଉନ ଥାନା ପୋଲିସ ପଣ୍ଡ କରିବା ସହ ୬ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ହାତୀଶାଳର ସନ୍ତୋଷ ଦାସ ଓରଫ ସନ୍ତୁ ଭୋଇ, ଲୋକନାଥ ରୋଡ ଥାନାପତି ଲେନ୍‌ର ବୁଲା ଦାସ ଓରଫ ବୁଲୁ, ଟାଉନ ଥାନା ଅନ୍ତର୍ଗତ ଚୁଡ଼ଙ୍ଗ ସାହିର ବିଜୟ କୁମାର ଭୋଳ, ଜୟଦେବ କାଣ୍ଡି, କୁମ୍ଭାରପଡା ଥାନା ଅନ୍ତର୍ଗତ ରାୟବାହାଦୁର ଲେନ ଗୋପବନ୍ଧୁ କଲୋନୀର ହାଡୁ ନାୟକ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଟକଟା ଧୋବାଖାଲ ଅଞ୍ଚଳର ରାମ ନାୟକ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଦୁଇଟି ଖଣ୍ଡା, ଗୋଟିଏ ଲୁହାରଡ୍ ଓ ବିୟର ବୋତଲ ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୯୮/୨୩) ରୁଜୁ କରିଛି। ଅଭିଯୁକ୍ତମାନେ ଚକ୍ରକୋଟ ଲେନ କାଜୁ ଜଙ୍ଗଲରେ ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ଏହି ଖବର ପାଇ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ମା'ମଙ୍ଗଳା ବିଶ୍ୱଶାନ୍ତି ଯଜ୍ଞ



ବାଙ୍କୀ,୩୦।୫(ସ୍ୱ.ପ୍ର.): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ଗ୍ରାମର ଖମାରପାଟଣା ସାହିରେ ମା'ମଙ୍ଗଳା ମନ୍ଦିର ପରିସରରେ ୩ ଦିନ ବ୍ୟାପି ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଛି। ସୁଦର୍ଶନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ ଯଜ୍ଞରେ କର୍ତ୍ତା ଭାବେ ଯୋଗେଶ ଚନ୍ଦ୍ର ପଣ୍ଡା ଓ ପୁରୋଧା ଭାବେ ବିଜୟ କୁମାର ଜେନା ଯଜ୍ଞ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସୁରେଶ ଚନ୍ଦ୍ର ପ୍ରଧାନ, ଅଶୋକ ସ୍ୱାଇଁ, ଚଗଲା ଜେନା, ମାଧବ କରଣ, ରାମଚନ୍ଦ୍ର ସାହୁ, ନିରଞ୍ଜନ ଜେନା, ଅଦ୍ୱୈତ୍ୟ ବିଶ୍ୱାଳ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି। ଏହି ବିଶ୍ୱଶାନ୍ତି ଯଜ୍ଞ ଦେଖିବା ପାଇଁ ବାଙ୍କୀର ବିଭିନ୍ନ ଅଞ୍ଚଳରୁ ଜନସମାଗମ ହୋଇଛି।

# ଡିଜିଟାଲ ପେମେଣ୍ଟ ଲାଞ୍ଚ ଧରିବାକୁ ଅତ୍ୟାଧୁନିକ କୌଶଳ

## ଲାଞ୍ଚୁଆ ଅଧିକାରୀଙ୍କ ସମ୍ପର୍କରେ ଲୋକେ ଜଣାନ୍ତୁ: ଭିଜିଲାନ୍ସ ଏସ୍‌ପି

କଟକ ଅଫିସ,୩୦।୫:

ଲାଞ୍ଚୁଆ ସରକାରୀ ଅଧିକାରୀମାନେ ଭିନ୍ନ ଭିନ୍ନ ତରିକାରେ ଉତ୍କୋଚ ନେଉଛନ୍ତି। ସିଧାସଳଖ ଟଙ୍କା ନେଲେ ଭିଜିଲାନ୍ସ ହାତରେ ଧରାପଡ଼ିବାର ଭୟ ରହିଛି। ତେଣୁ ସେମାନେ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ମାଧ୍ୟମରେ ଚେକ୍ ଅଥବା ଡିଜିଟାଲ ପେମେଣ୍ଟ ଆକାରରେ ଲାଞ୍ଚ ଅର୍ଥ ନେବାର କୌଶଳ ଆପଣାଉଛନ୍ତି। ତେବେ ଏଭଳି ଲାଞ୍ଚ କାରବାରକୁ ଧରିବା ପାଇଁ ରାଜ୍ୟ ଭିଜିଲାନ୍ସ ସକ୍ଷମ ଅଛି। ଅତ୍ୟାଧୁନିକ କାଇଦା, କୌଶଳ ମାଧ୍ୟମରେ ଏସବୁକୁ ଧରିବାର ସାମର୍ଥ୍ୟ ଭିଜିଲାନ୍ସ ନିକଟରେ ରହିଛି। ତେଣୁ ଲାଞ୍ଚ ମାଗୁଥିବା ଅଧିକାରୀ କିମ୍ବା କର୍ମଚାରୀଙ୍କ ସମ୍ପର୍କରେ ଭିଜିଲାନ୍ସରେ ଜଣାଇବା ପାଇଁ ଭିଜିଲାନ୍ସ ସେଲ୍ କଟକ ଏସ୍‌ପି ଏମ୍. ରାଧାକ୍ରିଷ୍ଣନ ମଙ୍ଗଳବାର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ଏସ୍‌ପି ରାଧାକ୍ରିଷ୍ଣନଙ୍କ କହିବାନୁସାରେ, ଡିଜିଟାଲ ପେମେଣ୍ଟ ଓ ବ୍ୟାଙ୍କ ଚେକ୍ ମାଧ୍ୟମରେ ଲାଞ୍ଚ କାରବାର ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଭିଜିଲାନ୍ସ ଟିମ୍ ଏହା ଉପରେ ଅଧିକ ଫୋକସ କରି କାମ କରୁଛି। ଓଡ଼ିଶା ଭିଜିଲାନ୍ସ ଏଭଳି ତିନୋଟି ଲାଞ୍ଚ ନେବା ଘଟଣାର ପର୍ଦ୍ଦାଫାଶ କରିଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ତହସିଲଦାର ଚାର୍ଲସ୍ ନାୟକ ଚେକ୍ ମାଧ୍ୟମରେ ୧୨ଲକ୍ଷ ଟଙ୍କାର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ତାଙ୍କ ସହଯୋଗୀ ଅଥର ଅଲ୍ଲୀଙ୍କ ଆକାଉଣ୍ଟରେ ଚେକ୍ ଡିପୋଜିଟ୍ କରି ଲାଞ୍ଚ ଅର୍ଥ ନେଇଥିଲେ। ଅଥର ଫେରାର ଥିବାବେଳେ ତହସିଲଦାରଙ୍କୁ ଗିରଫ କରି ମୟୂରଭଞ୍ଜ ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ୨ୟ ମାମଲାଟି ହେଉଛି ଭୁବନେଶ୍ୱର ନୟାପଲ୍ଲୀରେ ଥିବା ଟିପିସିଓଡିଏଲ୍‌ର ଓଏଜି ତପନ ରଞ୍ଜନ ନାୟକ ତାଙ୍କ ସହଯୋଗୀ ଶୈଳଜା ମୁଦୁଲିଙ୍କ ଫୋନ୍ ପେ ମାଧ୍ୟମରେ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଛନ୍ତି। ଜଣେ ଉପଭୋକ୍ତାଙ୍କ ଫାଇଲ୍ ପ୍ରୋସେସ୍ କରିବା ନିମନ୍ତେ ସେ ଏହି ଅର୍ଥ ନେଇଥିଲେ। ବ୍ରହ୍ମପୁର ମାଇନର ଇରିଗେଶନ୍ ଡିଭିଜନ୍‌ର କନିଷ୍ଠ ଯନ୍ତ୍ରୀ ତାଙ୍କ ଖଲାସି ଅଜୟ ପାତ୍ରଙ୍କ ଫୋନ ପେ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କ ଫାଇଲ୍ ପ୍ରୋସେସ୍ ଓ ଏଗ୍ରିମେଣ୍ଟ ପାଇଁ ତାଙ୍କଠାରୁ ୧୦ ହଜାର ଟଙ୍କାର ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ତେଣୁ ଲୋକେ ଭିଜିଲାନ୍ସକୁ ଏଭଳି ଲାଞ୍ଚ କାରବାର ସମ୍ପର୍କରେ ଜଣାଇବା ପାଇଁ ରାଧାକ୍ରିଷ୍ଣନ କହିଛନ୍ତି।



କଟକ ମହାନଗର ନିଗମର ୱାର୍ଡ ନଂ. ୨୪ ହରିପୁର ଦୁର୍ଗାମଣ୍ଡପ ନିକଟରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ସମସ୍ୟା ନେଇ ଆଲୋଚନା କରୁଛନ୍ତି।

# ୱାନ୍ ର୍‌ୟାଙ୍କ୍ ୱାନ୍ ପେନ୍‌ସନ ଦାବି

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘର ଦାବିପତ୍ର

ସାଲେପୁର,୩୦।୫(ଡି.ଏନ୍.ଏ.)

ୱାନ୍ ର୍‌ୟାଙ୍କ୍ ୱାନ୍ ପେନ୍‌ସନ୍ ଓ ମିଲିଟାରୀ ପେ ପାଇଁ ଥିବା ଅସଙ୍ଗତକୁ ସମାଧାନ ଓ ଅନ୍ୟାନ୍ୟ ଦାବିରେ ସାଲେପୁର ବ୍ଲକ ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ପ୍ରତିରକ୍ଷା ମନ୍ତ୍ରୀ, ରାଜ୍ୟପାଳ ଓ ଜିଲାପାଳଙ୍କୁ ପଠାଯାଇଛି। ଦିଲ୍ଲୀର ଯନ୍ତରମନ୍ତରଠାରେ ବିଭିନ୍ନ ଦାବିରେ ଅବସରପ୍ରାପ୍ତ ସୈନିକମାନଙ୍କ ଧାରଣାକୁ ୧୦୦ ଦିନ ପୁରିଛି। ସେମାନଙ୍କୁ ସମର୍ଥନ କରି ସାଲେପୁରଠାରେ ଏହି ଶୋଭାଯାତ୍ରା ଓ ସମାବେଶ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ସେନା କର୍ମଚାରୀ ଉଦ୍ଧବ ଚରଣ ନାୟକ, ସରୋଜ ରାଉଳ, ଚିରଞ୍ଜନ ପଣ୍ଡା, ଗିରିଜାଭୂଷଣ ମହାନ୍ତି, ଚିରଞ୍ଜନ ମଲ୍ଲିକ, ଆର୍ତ୍ତତ୍ରାଣ ନନ୍ଦଙ୍କ ସମେତ ଶତାଧିକ ସାମରିକ କର୍ମଚାରୀ ଏବଂ ଦିବଂଗତ ସୈନିକମାନଙ୍କର ସ୍ତ୍ରୀ ମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।




ସାଲେପୁର ବ୍ଲକ ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

# ଜାତୀୟ ଯୁବ ଶିବିରରେ ପ୍ରତିନିଧିତ୍ୱ କରିବେ ୨୦ ଓଡ଼ିଆ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଷ୍ଟ୍ରୀୟ ଯୁବା ସଂଗଠନ ଆସନ୍ତା ଜୁନ୍ ୫ରେ ୨୮ତମ ପ୍ରତିଷ୍ଠା ଦିବସ ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ପାଳନ କରିବ। ଏହି ଅବସରରେ ଜୁନ ୭ ପର୍ଯ୍ୟନ୍ତ ସେଠାରେ ୨୮ତମ ଜାତୀୟ ଯୁବ ଶିବିର ଅନୁଷ୍ଠିତ ହେବ। ବିଶିଷ୍ଟ ଗାନ୍ଧିବାଦୀ ତଥା ସଙ୍ଗଠନର ପ୍ରତିଷ୍ଠାତା କୁମାର ପ୍ରଶାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଶିବିରରେ ଗଣତନ୍ତ୍ର, ସାମାଜିକ ନ୍ୟାୟ, ସର୍ବଧର୍ମ ସମଭାବ, ରାଷ୍ଟ୍ରୀୟ ଏକତା, ଅର୍ଥନୈତିକ ସମତା, ବେରୋଜଗାର, ସ୍ୱଦେଶୀ, ବିଶ୍ୱ ଶାନ୍ତି, ସମ୍ବିଧାନ ତଥା ପରିବେଶର ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା ହେବ। ଚଳିତବର୍ଷର ବିଷୟ ବସ୍ତୁ ରହିଛି 'ଗଣତନ୍ତ୍ର କେତେ ସୁରକ୍ଷିତ'। ଏହି ଶିବିରରେ ଯୋଗଦେବା ପାଇଁ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥଙ୍କ ନେତୃତ୍ୱରେ ସଙ୍ଗଠନର ଓଡିଶା ଶାଖାର ୨୦ଜଣିଆ ପ୍ରତିନିଧି ମଣ୍ଡଳ ସେଠାରେ ଯୋଗଦେବେ। ମାନସ ପଟ୍ଟନାୟକ, ପ୍ରଦୀପ ନାଏକ, ଉଦୟ ନାଏକ, ଅଲିଭା ଦାଶ, ମାମାଲି ଗଡ଼ନାୟକ, କରନ ମହାପାତ୍ର, ଛୋଟରାୟ ମାଝୀ, କଳ୍ପତରୁ ଦାସ, ଗାୟତ୍ରୀ ଗଡ଼ନାୟକ, ପ୍ରିୟଙ୍କା ଗଡ଼ନାୟକ, ଦିବ୍ୟଜ୍ୟୋତି ମାଝୀ, ସୌମ୍ୟ ରଞ୍ଜନ ମଲ୍ଲିକ, ସୁବ୍ରତ ଦେହୁରୀ ପ୍ରମୁଖ ଶିବିରରେ ଓଡିଶାରୁ ପ୍ରତିନିଧିତ୍ୱ କରୁଛନ୍ତି।

# ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୩୦।୫

ଖୋର୍ଦ୍ଧା ଆଦର୍ଶ ଥାନା ଠାକୁରପଡା କାଜୁ ଜଙ୍ଗଲରୁ ମଙ୍ଗଳବାର ପୋଲିସ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଜାଗୁଳିପାଟଣା ଗ୍ରାମର ଓମ୍‌ପ୍ରକାଶ ନାୟକ। ପୋଲିସ ଏକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ଓମ୍‌ପ୍ରକାଶଙ୍କୁ ମାରି ଝୁଲାଇ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତକଙ୍କ ବାପା ମନୋରଞ୍ଜନଙ୍କ କହିବାନୁଯାୟୀ, ସୋମବାର ପୂର୍ବାହ୍ନରେ ଓମ୍‌ପ୍ରକାଶ ଆସୁଛି କହି ଘରୁ କେଉଁଆଡ଼େ ଯାଇଥିଲା। ସନ୍ଧ୍ୟା ହେବା ପରେ ମଧ ସେ ଘରକୁ ଫେରିନଥିଲା। ଏନେଇ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳେ ଲୋକେ କାଜୁ ଜଙ୍ଗଲ ଦେଇଯିବା ବେଳେ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ଝଡ଼ ବର୍ଷାରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ

ସାଲେପୁର,୩୦।୫(ଡି.ଏନ୍.ଏ.):

ସାଲେପୁରରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ଓ ବଜ୍ରାପାତ ହେବ ଯୋଗୁ ସ୍ଥାନୀୟ ଅଞ୍ଚଳର ଗୋଟିଏ ଟ୍ରାନ୍ସଫରମର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଫଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଏଥିସହ କିଛି ସ୍ଥାନରେ ଗଛ ଉପୁଡ଼ିଯାଇଛି।

# 'ଭଲ ପାଠ ପଢ଼ି ସୁନାମ ଅର୍ଜନ କର'



କୃତୀ ଛାତ୍ରୀଙ୍କ ସହ ବରିଷ୍ଠ ନାଗରିକ ସେବା ସଂଘ ସଦସ୍ୟ ଓ ଅନ୍ୟମାନେ।

ମାହାଙ୍ଗା,୩୦।୫(ସ୍ୱ.ପ୍ର.):

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡି ପଞ୍ଚାୟତସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ନନ୍ଦକିଶୋରପୁର ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନର ସଭାପତି କ୍ଷୀରୋଦ ଚନ୍ଦ୍ର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଇଓ ଚକ୍ରଧର ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଭଲ ପଢି କଟକ ଜିଲାର ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତି,ସମ୍ମାନିତ ଅତିଥିଭାବେ ଡାକ୍ତର ସୌମ୍ୟରଞ୍ଜନ ସ୍ୱାଇଁ, କ୍ଲଷ୍ଟର ସଂଯୋଜକ କାର୍ତ୍ତିକ ଚନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ମିଶ୍ର, ଉପଦେଷ୍ଟା ଜୟନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ସର୍ବଶ୍ରୀ ଦିବ୍ୟପ୍ରସାଦ ବେହେରା,ସୌଦାମିନୀ ସାମଲ ଓ ବିସ୍ମିତା ବେହେରାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ନାରାୟଣ ମୋହନ ଦାସ, ତପନ ପତି, ବିପିନ ବିହାରୀ ବାଗ, ରୂପାକର ସ୍ୱାଇଁ, ସୁରେନ୍ଦ୍ର ପଣ୍ଡା, ଅମୀୟ ସାମଲ, ପଦ୍ମଲାଭ ପତି, ଦିବାକର ବେହେରା ଓ ମଧୁସୂଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିଦ୍ଧେଶ୍ୱର ପତି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କୃତ ସ୍ନାତକରେ ସୁଦୀପ୍ତାଙ୍କୁ ସ୍ୱର୍ଣ୍ଣପଦକ

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପଢୁଥିଲେ

ରଘୁନାଥପୁର,୩୦।୫(ଡି.ଏନ୍.ଏ.)



ରଘୁନାଥପୁରର କାବୁ ଦାସଙ୍କ ଝିଅ ସୁଦୀପ୍ତା ଦାସ ସଂସ୍କୃତ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ସୁଦୀପ୍ତାଙ୍କୁ ସ୍ୱର୍ଣ୍ଣପଦକ ସହ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ସୁଦୀପ୍ତା ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲେ। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ ସୁଦୀପ୍ତା ନିଜ ଉଦ୍ୟମରେ ସଫଳତା ହାସଲ କରିଛନ୍ତି। ବାପା ସ୍ଥାନୀୟ ନାରାୟଣୀ ଛକ ରାସ୍ତା କଡ଼ରେ ଚପଲ ଦୋକାନ କରି ଝିଅର ପଢ଼ିବା ଖର୍ଚ୍ଚ ବହନ କରିଥିଲେ। ଆଗାମୀ ଦିନରେ ସୁଦୀପ୍ତା ଅଧାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବାପା କାବୁ ପ୍ରକାଶ କରିଛନ୍ତି।

# ବିମୋହିତ କଲା ପାହାଡ଼ି ରାଗରେ ଯୁଗଳବନ୍ଦୀ

କଟକ ଅଫିସ,୩୦।୫:

କଳାବିକାଶ କେନ୍ଦ୍ରଠାରେ ଚାଲିଥିବା ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କର୍ମଶାଳାର ମଙ୍ଗଳବାର ୬ଷ୍ଠ ଦିବସରେ ପାହାଡ଼ି ରାଗରେ ଯୁଗଳବନ୍ଦୀ ଦର୍ଶକଙ୍କୁ ବିମୋହିତ କରିଥିଲା। ତବଲା ଗୁରୁ ପ୍ରଦ୍ୟୁମ୍ନ ନାୟକ ଓ ବେହେରା ଗୁରୁ ଅଜୟ ବାରିକଙ୍କ ଯନ୍ତ୍ର ସଙ୍ଗୀତର ସୁରଝଙ୍କାରରେ ରାଗ ଚନ୍ଦ୍ରକୋଷ, ଅହର୍ ଭୈରବ ଆଦି ପ୍ରେକ୍ଷାଳୟରେ ଗୁଞ୍ଜରିତ ହୋଇଥିଲା। କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଷୀଙ୍କ ୧୦୬ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି କର୍ମଶାଳାରେ ଶିବିରାର୍ଥୀମାନେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁବାସ ଦାସଙ୍କଠାରୁ ପୁରାତନ ରଚନାର ଦେଶାତ୍ମବୋଧ ସଙ୍ଗୀତ ଶୁଣି ମୁଗ୍ଧ ହୋଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଚିତ୍ରକଳାର ସୃଜନଶୀଳତା ଓ ଦର୍ଶନ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ ବେହେଲା, ତବଲା, ଗୀଟାର, କି' ବୋର୍ଡ ଚାଳନା ଶିକ୍ଷା ଦିଆଯାଇଥିଲା। କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ, ଉପସଭାପତି ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ରାଜକିଶୋର କଏଲ, ରାଧାମୋହନ ସାହୁ, ପ୍ରସନଜିତ୍ ମହାନ୍ତି ଓ ସୁଦୀପ୍ତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଳା ବିକାଶ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ ଉତ୍ସବର ମଙ୍ଗଳବାର ଷଷ୍ଠ ସନ୍ଧ୍ୟାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ବଜ୍ରପାତରେ ନିଆଁ ଲାଗି ୨ ବଖରା ଜଳିଗଲା

ମାହାଙ୍ଗା ୩୦।୫(ସ୍ୱ.ପ୍ର.)

କାଳବୈଶାଖୀ ପ୍ରଭାବରେ ମାହାଙ୍ଗା ତହସିଲ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତସ୍ଥିତ ପୁରୁଷୋତ୍ତମପୁର ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଛି। ଏଥିରେ ରବୀନ୍ଦ୍ର ବେହେରାଙ୍କ ୨ ବଖରା ପୋଡ଼ିଯାଇଛି। ନିଆଁରେ ଘରର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା । ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।



# ସମବାୟ ସମିତିରେ ମିଳୁନି ଧାନବିହନ : ଚିନ୍ତାରେ ଚାଷୀ

ନିଶ୍ଚିନ୍ତକୋଇଲି,୩୦।୫(ସ୍ୱ.ପ୍ର.)

ଧାନ ଫସଲ ନିମନ୍ତେ ଚାଷୀମାନେ କ୍ଷେତ ପ୍ରସ୍ତୁତ କରିଛନ୍ତି। କିନ୍ତୁ ସେବା ସମବାୟ ସମିତିଗୁଡ଼ିକରେ ଧାନ ବିହନ ମିଳୁନାହିଁ। ଏନେଇ ଚାଷୀ ହତାଶ ଯାଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଏଠାରେ ୨୪ଟି ସେବା ସମବାୟ ସମିତି ରହିଛି। ସେଥିରୁ କେବଳ ଉତ୍ତରକୂଳ ସେବା ସମବାୟ ସମିତି ୫୦ କୁଇଣ୍ଟାଲ ଧାନ ବିହନ ଉଠାଇଛି ବୋଲି ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥ ଶଙ୍କର ପରିଡା କହିଛନ୍ତି। ମାତ୍ର ଅନ୍ୟ ସମିତିଗୁଡ଼ିକ ଏପର୍ଯ୍ୟନ୍ତ ଧାନ ବିହନ ଉଠାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ଏକ କୃଷି ବହୁଳ ଅଞ୍ଚଳ । ଏଠାକାର ଚାଷୀମାନେ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ପବିତ୍ର ଅକ୍ଷୟ ତୃତୀୟାଠାରୁ ଚାଷୀମାନେ ଅଖିମୁଠି ଅନୁକୂଳ କରିଥାନ୍ତି। ଇତି ମଧ୍ୟରେ ଅକ୍ଷୟ ତୃତୀୟାକୁ ଏକମାସରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି। ମାତ୍ର ଚାଷୀମାନେ ତଳି ପକାଇବା ନିମନ୍ତେ କେବଳ ଚାଷ ଜମିକୁ ହଳକରି ହାତବାନ୍ଧି ବସିଛନ୍ତି। ଧାନ ବିହନ ପାଇଁ ଚାଷୀମାନେ ସ୍ଥାନୀୟ ସେବା ସମବାୟ ସମିତିକୁ ଦୌଡି ନୟାନ୍ତ ହେବା ସହ ଆର୍ଥିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। କିନ୍ତୁ ଧାନ ବିହନ ମିଳୁନାହିଁ। କେତେଜଣ ଅସାଧୁ ବ୍ୟବସାୟୀ ସେବା ସମବାୟ ସମିତି ପଦାଧିକାରୀଙ୍କ ସହ ଗୋପନୀୟ ମେଣ୍ଟ କରିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ଅପରପକ୍ଷେ ସ୍ଥାନୀୟ ଅଞ୍ଚଳରେ ଥିବା ସାର ଦୋକାନ, ମଞ୍ଜି ଦୋକାନଗୁଡ଼ିକରେ ଅବାଧରେ ଧାନ ବିହନ ବିକ୍ରି ଚାଲିଥିବା କୁହାଯାଇଛି। ଚାଷୀମାନଙ୍କୁ ଏହି ଘରୋଇ ବ୍ୟବସାୟୀମାନେ ଶୋଷଣ କରି ଚଢ଼ା ଦରରେ ଧାନ ବିହନ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ମୁନଫାଖୋର ବ୍ୟବସାୟୀମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଧାନ ବିହନ ବିକ୍ରି କରି ଚାଷୀମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। କୌଣସି ଚାଷୀ ଏହାର ପ୍ରତିବାଦ କଲେ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ଧାନ ବିହନ ଦିଆଯାଉନାହିଁ ବୋଲି କେତେଜଣ ଚାଷୀ ନାମ ଗୋପନ ରଖି କହିଛନ୍ତି। ଏସବୁ ଅଭିଯୋଗର ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଚାଷୀମାନେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସିବା ପରେ ମୁଖ୍ୟତଃ ଧାନ ତଳିଗୁଡ଼ିକୁ ନେଇ ଚାଷ ନିମନ୍ତେ ରୋପଣ କରିଥାନ୍ତି। ଚଳିତ ବର୍ଷ ବିହନର କୃତ୍ରିମ ଅଭାବ ଯୋଗୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ତୁରନ୍ତ ପ୍ରଶାସନ ତରଫରୁ ଚାଷୀମାନଙ୍କୁ ଧାନବିହନ ଯୋଗାଇ ଦେବା ପାଇଁ ଚାଷୀ ଅମିୟ କୁମାର ବିଶ୍ୱାଳ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ଦୀଲିପ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ହାଇସ୍କୁଲ କାର୍ଯ୍ୟାଳୟ ଗୃହରୁ ନାଗ ଉଦ୍ଧାର

ସାକ୍ଷୀଗୋପାଳ,୩୦।୫ (ସ୍ୱ.ପ୍ର./ଡି.ଏନ୍.ଏ.): ସତ୍ୟବଦୀ ବ୍ଲକରେ ଥିବା ପୁରାତନ ସତ୍ୟବାଦୀ ଉଚ୍ଚ ବାଳକ ବିଦ୍ୟାଳୟରେ ଏକ ନାଗ ସାପ ପଶିଥିବାରୁ ମଙ୍ଗଳବାର ସ୍ନେକ ହେଲ୍ପ ଲାଇନର ସଦସ୍ୟ ତାକୁ ଧରିଛନ୍ତି। ସତ୍ୟବାଦୀ ହାଇସ୍କୁଲରେ ସକାଳୁଆ ଅଫିସ କାର୍ଯ୍ୟ ଚାଲୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟ କରୁଥିଲେ। ହେଲେ କାର୍ଯ୍ୟାଳୟ ଭିତରେ ଥିବା ଏକ ଆଲମାରିରେ ଏକ ନାଗ ସାପ ଥିବାର ଜଣେ ଶିକ୍ଷକ ଦେଖି ଭୟଭୀତ ହୋଇଯାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନରଞ୍ଜନ ମିଶ୍ର ସାପ ଥିବା ଜାଣିବା ପରେ ସ୍ନେକ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ। ପରେ ସ୍ନେକ ହେଲ୍ପଲାଇନ ସଦସ୍ୟ ବିଦ୍ୟାଳୟରେ ପହଞ୍ଚିବା ବେଳେ ସାପଟି କାର୍ଯ୍ୟାଳୟରେ ଥିବା ଏକ ଗାତରେ ପଶିଥିଲା। କୌଶଳକ୍ରମେ ସେ ସାପଟିକୁ ଧରିଥିଲେ। ପୂର୍ବରୁ ମଧ ବିଜ୍ଞାନ ଗୃହ ମଧ୍ୟରୁ ଏକ ନାଗ ସାପ ଉଦ୍ଧାର କରାଯାଇଥିଲା।

### କୃଷି ଅଧିକାରୀଙ୍କ ବାଲିପାଟଣା ବ୍ଲକ ପରିଦର୍ଶନ

ବାଲିପାଟଣା,୩୦।୫(ଡି.ଏନ୍.ଏ.): କୃଷି ଜିଲା ନୋଡାଲ ଅଧିକାରୀ ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ପରିଦର୍ଶକ ଦଳ ମଙ୍ଗଳବାର ବାଲିପାଟଣା ବ୍ଲକ ପରିଦର୍ଶନରେ ଆସି ବିଭିନ୍ନ କୃଷି ପ୍ରକଳ୍ପ, ସମବାୟ ସମିତିର କାର୍ଯ୍ୟକଳାପ ଓ କୃଷକ ହିତ ସରକାରୀ ଯୋଜନା ଉପରେ ସମ୍ପାଦକଙ୍କ ସହିତ ଆଲୋଚନା କରିଛନ୍ତି। ଗାରେଡିପାଞ୍ଚଣ ସେବା ସମବାୟ ସମିତିର କାର୍ଯ୍ୟ ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ମୁଗକିଣାକୁ ଅଧିକ ଗୁରୁତ୍ୱ ଦେଇ ପ୍ରୋତ୍ସାହିତ କରିବାକୁ କହିଥିଲେ। ବଳରାମ ଯୋଜନାରେ ହିତାଧିକାରୀଙ୍କୁ ଚୟନ କରି ତୁରନ୍ତ ଋଣ ପ୍ରଦାନ କରିବାକୁ ସମ୍ପାଦକମାନଙ୍କୁ ତାଗିଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ଶରତ କୁମାର ପରିଡା, କଲ୍ୟାଣ କୁମାର ରାୟ, ସହକାରୀ କୃଷି ଉଦ୍ୟାନ ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ମିଶ୍ର, ବାଲିପାଟଣା କୃଷି ଅଧିକାରୀ ନକ୍ଷତ୍ର ମୋହନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ଶକ୍ତି ଉତ୍ତୋଳନରେ ସୌମେନ୍‌ଙ୍କୁ ରୌପ୍ୟ




ବାଲୁଗାଁ,୩୦।୫(ଡି.ଏନ୍.ଏ.): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁଗାଁ ନିୟୁ କାଟସ୍ ଜିମ୍‌ର ସୌମେନ୍ ସେନାପତି ୫୯ କେଜି ଜୁନିୟର ପୁରୁଷ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହିତ ଆସନ୍ତା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ପ୍ରଶିକ୍ଷକ ଦୀପକ କୁମାର ସାମନ୍ତରାୟଙ୍କୁ ଶ୍ରେୟ ଦେଇଛନ୍ତି। ଜାତୀୟ ପ୍ରତିଯୋଗିତାରେ ପୂର୍ବ ରେକର୍ଡକୁ ଅତିକ୍ରମ ପାଇଁ ସେ ଲକ୍ଷ୍ୟ ରଖି ପ୍ରଶିକ୍ଷଣ ଜାରି ରଖିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ପରିବାରବର୍ଗ, ସ୍ଥାନୀୟ ଖେଳପ୍ରେମୀ ଏବଂ ବାଲୁଗାଁ ସ୍ପୋର୍ଟ୍ସ କାଉନ୍‌ସିଲର ସମ୍ପାଦକ ମାନସ ରଞ୍ଜନ ବଳିୟାରସିଂହ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଶିକ୍ଷଣ ବେଳେ ସୌମେନ୍ ବିଭିନ୍ନ କୌଶଳକୁ ଠିକ୍ ଭାବେ ଉପଯୋଗ କରନ୍ତି ବୋଲି ପ୍ରଶିକ୍ଷକ ସାମନ୍ତରାୟ କହିଛନ୍ତି।

### ବଳରାମ ଯୋଜନା କର୍ମଶାଳା

ପିପିଲି,୩୦।୫ (ଡି.ଏନ୍.ଏ.): ପିପିଲି ବ୍ଲକ ଆତ୍ମା କାର୍ଯ୍ୟାଳୟ ପରିସରରେ ବଳରାମ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମେ'୧ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବଳରାମ ମାସ ଘୋଷଣା କରାଯିବା ପରେ ବଳରାମ ଯୋଜନାକୁ ନେଇ ଚାଷୀ, ଭାଗଚାଷୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଶେଷକରି ଭାଗ ଚାଷୀ ଚାଷ କରିବା ପାଇଁ କିଭଳି ଋଣର ସୁବିଧା ପାଇବେ ଓ ବ୍ୟାଙ୍କ ମାଧ୍ୟମରେ ୪/୫ଜଣଙ୍କୁ ଏକତ୍ର କରି ଗୋଷ୍ଠୀ ମାଧ୍ୟମରେ କିଭଳି ଋଣ ଯୋଗାଇ ଦିଆଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି କର୍ମଶାଳା ଦ୍ୱାରା ସଫଳ ଚାଷୀମାନେ ଋଣ ନେବାର ଉପକାରିତା ନେଇ ଆଲୋଚନା କରାଯାଇଥିବା ବେଳେ ଚଳିତବର୍ଷ ୧୫୦ ଗୋଷ୍ଠୀକୁ ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଇ ଦିଆଯିବ। ଏହି ବୈଠକରେ ପ୍ରକାଶ ଧଳ, ଆର୍ତ୍ତବନ୍ଧୁ ସାମନ୍ତରାୟ, ଦେବସ୍ମିନୀ ନନ୍ଦ, ପୀୟୂଷ ପଲ୍ଲଭ ପରିଡା ଉପସ୍ଥିତ ଥିଲେ।

# ରେଶମ ପୋକ ନ ମାରି ପ୍ରସ୍ତୁତ ହେଲା ମହାପ୍ରଭୁଙ୍କ ପାଟ

ଖୋର୍ଦ୍ଧା ଅଫିସ,୩୦।୫





- ୬ ମାସ ପୂର୍ବେ ଆରମ୍ଭ ହୋଇଥିଲା ପ୍ରୟାସ
- ଶ୍ରୀମନ୍ଦିରରେ ବ୍ୟବହାର ହେବ

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ ନୂତନ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ରେଶମ ବସ୍ତ୍ର ଏଣିକି ଶ୍ରୀମନ୍ଦିରରେ ବ୍ୟବହାର କରାଯିବ। ପରୀକ୍ଷାମୂଳକ ଭାବେ ରେଶମ ପୋକ ନ ମାରି ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ପ୍ରସ୍ତୁତ କରାଯାଉଛି। ଖୋର୍ଦ୍ଧା ଜିଲା ବେଗୁନିଆ ରାଉତପଡ଼ାର ଗୋପୀନାଥ ଦାସଙ୍କ ବୁଣାକାର ପରିବାର ଏହି ପାଟବସ୍ତ୍ର ପ୍ରସ୍ତୁତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮୮ ମିଟର ଲମ୍ବର ଗୀତଗୋବିନ୍ଦ ପାଟ ବୁଣାଯାଇଛି। ଏହାକୁ ସାତ୍ତ୍ୱିକ ରେଶମ ବୋଲି ନାମ ଦିଆଯାଇଛି। ପୂର୍ବରୁ ଏହି ଗୀତଗୋବିନ୍ଦ ପାଟ ପ୍ରସ୍ତୁତ ନେଇ ୪ରୁ ୬ଲକ୍ଷ ପର୍ଯ୍ୟନ୍ତ ପୋକକୁ ମାରି ସୂତା ବାହାର କରାଯାଇ ବସ୍ତ୍ର ବୁଣା ହେଉଥିଲା। ଏବେ ରେଶମ ପୋକ ନ ମାରି ରେଶମ ବସ୍ତ୍ର ଶ୍ରୀମନ୍ଦିରରେ ବ୍ୟବହାର ହେବ।

ଚଳିତ ବର୍ଷ ଏହି ପ୍ରୟାସ ଲାଗି ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ହସ୍ତତନ୍ତ ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ବୟନଶିଳ୍ପ ନିର୍ଦ୍ଦେଶକ ସାହୁ ଏହି ପାଟବସ୍ତ୍ର ପରୀକ୍ଷାମୂଳକ ଭାବେ ବୁଣିବା ପାଇଁ ବୁଣାକାର ଗୋପୀନାଥଙ୍କୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଗୋପୀନାଥ କହିଛନ୍ତି, ଏହା ମହାପ୍ରଭୁଙ୍କ ଇଚ୍ଛା ଓ ଆଦେଶ ଭାବି କାମ ଆରମ୍ଭ କରିଥିଲେ। ୬ମାସ ପୂର୍ବେ ଏହାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହସ୍ତତନ୍ତ ନିର୍ଦ୍ଦେଶକ ଏବଂ ଟିମ୍ କ୍ରମାଗତ ଭାବେ ଯୋଗାଯୋଗରେ ରହିଥିଲେ। ବୁଣାକାମର ଅଗ୍ରଗତି ନେଇ ବାରମ୍ବାର ପଚାରି ବୁଝୁଥିଲେ। ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବାରୁ ସାନଭାଇ ଅଶୋକ ଦାସ ବୁଣାକାମ ଆରମ୍ଭ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ସମସ୍ତଙ୍କ ସହଯୋଗରୁ ପୋକ ନ ମାରି ସମ୍ପୂର୍ଣ୍ଣ ନୂତନ ଜ୍ଞାନକୌଶଳରେ ଏହାର ସୂତା ବାହାର କରାଯାଇ ବୁଣାଯାଇଛି। ଗୋଟିଏ ସେଟ୍ ବୁଣାକାମ ସରିବା ପରେ ଶ୍ରୀମନ୍ଦିରରେ ପଇଠ କରାଯାଇଥିଲା। ସୋମବାର ମୁଖ୍ୟଶାସନ ସଚିବ ଏହି ରେଶମ ପାଟବସ୍ତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଆମ ପରିବାର ଅତ୍ୟନ୍ତ ଆନନ୍ଦିତ। ପୂର୍ବରୁ ଗୋଟିଏ ଗୀତଗୋବିନ୍ଦ ପାଟ ବୁଣିବା ପାଇଁ ପୋକ ମାରି ସେଥିରୁ ସଂଗୃହୀତ ସୂତାକୁ ବ୍ୟବହାର କରାଯାଉଥିଲା। ଏଣିକି ତାହାର ଆଉ କୌଣସି ଆବଶ୍ୟକତା ନାହିଁ। ଏହି ଜ୍ଞାନକୌଶଳ ଦ୍ୱାରା ରାଜ୍ୟର କୋଣ ଅନୁକୋଣରେ ବସ୍ତ୍ର ବୁଣୁଥିବା ବୁଣାକାର ଏହି ପଦ୍ଧତିକୁ ଆପଣାଇବେ। ସାତ ବାରରେ ଶ୍ରୀବିଗ୍ରହ ସାତ ପ୍ରକାର ପାଟ ପରିଧାନ କରନ୍ତି। ଶ୍ରୀଜଗନ୍ନାଥ ୧୬ ହାତ, ଶ୍ରୀବଳଭଦ୍ର ୧୪ ଏବଂ ଦେବୀ ସୁଭଦ୍ରାଙ୍କୁ ୧୨ ହାତି ବସ୍ତ୍ର ଲାଗି ହୋଇଥାଏ। ବିଜେ ପ୍ରତିମା ଶ୍ରୀଦେବୀ, ଭୂଦେବୀ, ଶ୍ରୀମଦନମୋହନ, ରାମକୃଷ୍ଣଙ୍କ ୩ ହାତି ଆବଶ୍ୟକତା ରହିଥାଏ। ସେହିପରି ପାଟବସ୍ତ୍ର ବୁଣୁଥିବା ବୁଣାକାର ଅଶୋକ କହିଛନ୍ତି, ଦୀର୍ଘ ବର୍ଷ ହେବ ବୁଣାକାମ କରୁଛି। ଚଳିତବର୍ଷ ନୂତନ ପଦ୍ଧତିରେ ରେଶମ ପୋକକୁ ନ ମାରି ବସ୍ତ୍ର ବୁଣାକାମ ପାଇଁ ଭାଇଙ୍କ ପରାମର୍ଶ ପରେ ବୁଣିବା କାମ ଆରମ୍ଭ କରିଥିଲି। ମହାପ୍ରଭୁଙ୍କ ଗୀତଗୋବିନ୍ଦ ପାଟ ବୁଣିବା ଏକ ନିଆରା ଅନୁଭୂତି। ଚଳିତବର୍ଷ ପରୀକ୍ଷାମୂଳକ ଭାବେ ବୁଣାଯାଇଥିଲା। ମହାପ୍ରଭୁଙ୍କ ଆଶୀର୍ବାଦରୁ ପ୍ରୟାସ ସଫଳ ହୋଇଛି।

## ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ ନୀତି

ପୁରୀ ଅଫିସ, ୩୦।୫

ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରେ ବୁଧବାର ମହାପ୍ରଭୁ ବିଦର୍ଭ ରାଜକୁମାରୀ ରୁକ୍ମିଣୀଙ୍କୁ ବିବାହ କରିବେ। ଏଥିଲାଗି ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ପ୍ରଦାନ ପରେ ଖଟଶେଯକୁ ବିଜେ କରାଇଥିଲେ। ଭିତରଶୋଧ ହୋଇ ଜୟବିଜୟ ଦ୍ୱାର ବନ୍ଦ ରହି ମହାପ୍ରଭୁଙ୍କୁ ଆଳଟ ଲାଗିକରାଯାଇଥିଲା। ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଜଣାଇଥିଲେ। ଶ୍ରୀମଦନମୋହନ ମହାଜନମାନଙ୍କ ହସ୍ତରେ ବିଜେ ପୂର୍ବକ ବଟ ମୂଳେ ଥିବା ସୁସଜ୍ଜିତ ରଥରେ ଆରୋହଣ କରିଥିଲେ। ଘଣ୍ଟ, ଛତା, କାହାଳିରେ ବିମାନ ବଡୁମାନେ ଉକ୍ତ ରଥକୁ ଶ୍ରୀମନ୍ଦିର ଭିତରବେଢ଼ା ପରିକ୍ରମା କରି ପୁନଶ୍ଚ ବଟ ମୂଳେ ରଖିଥିଲେ। ଏହି ସମୟରେ ପାଳିଆ ଖୁଣ୍ଟିଆ, ଗରାବଡୁ ସେବକ ଉପସ୍ଥିତ ଥିଲେ।

# ପ୍ରଥମ ସ୍କିଲ୍ ପତ୍ରିକା 'ପ୍ରାରମ୍ଭ' ଲୋକାର୍ପିତ




ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଓଡ଼ିଶାର ପ୍ରଥମ ସ୍କିଲ ପତ୍ରିକା 'ପ୍ରାରମ୍ଭ– ଦ ଷ୍ଟାର୍ଟଅପ୍ ଫର୍ ସ୍କିଲ୍'କୁ ମଙ୍ଗଳବାର ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଲୋକାର୍ପିତ କରିଛନ୍ତି। ଏନେଇ ମନ୍ତ୍ରୀଙ୍କ ବାସଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଧନ୍ଦାମୂଳକ ଶିକ୍ଷକ ସଂଘ ସଭାପତି ତଥା ପତ୍ରିକାର ଚିଫ୍ ଏଡିଟର ବନଜା ମହାନ୍ତି, ସମ୍ପାଦକ ଦେବସ୍ମିତା ରାଉତ, ସଦସ୍ୟା ରୋଜାଲିନ ମିଶ୍ର, ରୋଜାଲିନ ମହାନ୍ତି, ଯୋଗେଶ ଚନ୍ଦ୍ର ସାହୁ, ଗ୍ରାସିୟସ ଦାସ, ଗୋପୀନାଥ ଓଝା, ସତ୍ୟ ନାରାୟଣ ନାୟକ, ଅସ୍ମିତା ପ୍ରିୟଦର୍ଶିନୀ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରିକାର ଲୋକାର୍ପଣ ଅବସରରେ ମନ୍ତ୍ରୀ ମାରାଣ୍ଡି ଧନ୍ଦାମୂଳକ ଶିକ୍ଷା ତଥା ଓଡ଼ିଶାରେ ଏହାର ମହତ୍ତ୍ୱ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। 'ପ୍ରାରମ୍ଭ' ପତ୍ରିକାକୁ 'ମିରର ଅଫ୍ ଭୋକେଶନାଲ ଏଜୁକେଶନ ଇନ୍ ସେକେଣ୍ଡାରୀ ଆଣ୍ଡ୍ ହାୟର ସେକେଣ୍ଡରୀ ସ୍କୁଲ' ବୋଲି ଆଖ୍ୟା ଦେଇଥିଲେ।

## ସାନଓରା ପ୍ରାଥମିକ ବିଦ୍ୟାଳୟ ପାଇବ ପ୍ରକୃତି ମିତ୍ର ପୁରସ୍କାର

କଣାସ,୩୦।୫(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପକ୍ଷରୁ ଚାରାରୋପଣ, ପରିବେଶ ସୁରକ୍ଷା ଦିଗରେ କାମ କରୁଥିବା ଶିକ୍ଷାନୁଷ୍ଠାନ ଓ ସଂସ୍ଥାମାନଙ୍କୁ ପ୍ରତି ବର୍ଷ ପ୍ରକୃତି ମିତ୍ର ପୁରସ୍କାର ମିଳିଥାଏ। ଏହି ଅବସରରେ ଚଳିତ ବର୍ଷ ଏହି ପୁରସ୍କାର କଣାସ ବ୍ଲକର କାଦୁଆ ପଞ୍ଚାୟତ ଅନ୍ତର୍ଗତ ସାନଓରା ପ୍ରାଥମିକ ବିଦ୍ୟାଳୟକୁ ମିଳିବ ବୋଲି ସୂଚନା ମିଳିଛି। ଉକ୍ତ ବିଦ୍ୟାଳୟରେ ଫଳଗଛ, ଫୁଲଗଛ, ଔଷଧୀୟ ବୃକ୍ଷ ଲଗାଯାଇ ପ୍ରାକୃତିକ ଉପାୟରେ ପରିସରଟି ସବୁଜିମା କରାଯାଇପାରିଛି। ଆସନ୍ତା ୫ତାରିଖରେ ଭୁବନେଶ୍ୱରସ୍ଥ ଲୋକସେବା ଭବନଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ଶ୍ରୀଚନ୍ଦନ ଉପସ୍ଥିତ ରହି ଉତ୍ସବସ୍ଥଳରୁ ପୁରସ୍କାର ଗ୍ରହଣ କରିବେ। ଏହି ପୁରସ୍କାର ବାବଦରେ ୨୦ହଜାର ଟଙ୍କା ଅର୍ଥରାଶି ମିଳିବ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଗୁରୁଦିବସରେ ରାଜ୍ୟପାଳ ଗୁରୁବ୍ରହ୍ମା ସମ୍ମାନ ପୁରସ୍କାର ପ୍ରଦାନ କରିଥିଲେ।

# ସେଞ୍ଚୁରିଆନ ୟୁନିଭର୍ସିଟିରେ ଭୌଗୋଳିକ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ସେଞ୍ଚୁରିଆନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟର ଜଟଣୀ କ୍ୟାମ୍ପସରେ ପ୍ୟାନ୍ ଇଣ୍ଡିଆ (ଟ୍ରିମ୍ବଲ) ସହଯୋଗିତାରେ ଦୁଇଦିନିଆ ଭୌଗୋଳିକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢ଼ୀ ଓ ଡିନ ଡ. ସୁଜାତା ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ପ୍ୟାନ ଇଣ୍ଡିଆର କର୍ମକର୍ତ୍ତା ଉମେଶ କୁମାର ଓ ଭି. ଶର୍ମା କର୍ମଶାଳା ପରିଚାଳନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ପ୍ରଫେସର ଡ. ଆଶିଷ ଚନ୍ଦ୍ର ପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଟେଲାଇଟ୍ ଡାଟାର ଉପଯୋଗିତା ଓ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହାସହିତ ସାଟେଲାଇଟ୍ ଡାଟାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେଞ୍ଚୁରିଆନ୍‌ର ଭୁବନେଶ୍ୱର କ୍ୟାମ୍ପସ ସିଭିଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. କମଲ କୁମାର ବାରିକ ଛାତ୍ରୀଛାତ୍ରଙ୍କୁ ସାମ୍ପ୍ରତିକ ଅତ୍ୟାଧୁନିକ ସର୍ଭେ ଜ୍ଞାନକୌଶଳର ଉପଯୋଗିତା ବିଷୟରେ ଅବଗତ କରାଇଥିଲେ। କର୍ମଶାଳାରେ ଉଭୟ କ୍ୟାମ୍ପସର ଛାତ୍ରୀଛାତ୍ର ଓ ସିଭିଲ ଇଞ୍ଜିନିୟରିଂ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିରେ। ସେଞ୍ଚୁରିଆନ୍ ୟୁନିଭର୍ସିଟି ପାରଳାଖେମୁଣ୍ଡି କ୍ୟାମ୍ପସର ସିଭିଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୱାଟରପାର୍କ ବୋମାମାଡ଼, ଗୁଳିକାଣ୍ଡ ଘଟଣା: ୭ ଗିରଫ

ପୁରୀ ଅଫିସ, ୩୦।୫

ପୁରୀ ସଦର ଥାନା ଅନ୍ତର୍ଗତ ମାଳତୀପାଟପୁର ୱାଟର ପାର୍କରେ ବୋମାମାଡ଼ ଏବଂ ପୂର୍ବ ଶତ୍ରୁତାକୁ ନେଇ ଗୁଳିକାଣ୍ଡ ଘଟଣାରେ ମୋଟ ୭ଜଣଙ୍କୁ ମଙ୍ଗଳବାର ଚନ୍ଦନପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଆଳିକିଆର ସୁବାସ ପ୍ରଧାନ, ବୀରହରେକୃଷ୍ଣପୁରର ପ୍ରମୋଦ ବଣ୍ଡିଆ, ଚନ୍ଦନପୁର ଥାନା ଅଧୀନ ଓସଡ଼ମଲ ଗ୍ରାମର କୈଳାସ ନାୟକ ଓରଫ କାଇନା, ମଲିବାଲିଆ ଗ୍ରାମର ରାଜେଶ ମହାପାତ୍ର ଓରଫ ରାଜୁନା, ଗୋବିନ୍ଦପୁରର ସୁରେନ୍ଦ୍ର ସେଠୀ, ସମୟାଜପୁରର ଶଙ୍କର ମଲ୍ଲିକ, ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ମନୋଜ ପଣ୍ଡା। ଏମାନଙ୍କଠାରୁ ୩ଟି ଦେଶୀବନ୍ଧୁକ, ୪ଟି ଜୀବନ୍ତ ଗୁଳି ଏବଂ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୨୮/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଲ ସିଂହ ଏହି ସୂଚନା ଦେଇଛନ୍ତି।

# ହାତଗୁଞ୍ଜା ନ ଦେଲେ ଘୁଞ୍ଚୁନି ଫାଇଲ



ଖୋର୍ଦ୍ଧା ଅଫିସ,୩୦।୫

**ଖୋର୍ଦ୍ଧା ତହସିଲ**
- ବଢ଼ୁଛି ଦଲାଲଙ୍କ ରାଜୁତି
- କର୍ମଚାରୀଙ୍କ ମନମାନିରେ ଚାଲିଛି ଅଫିସ
- ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ: ତହସିଲଦାର

ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ହାତଗୁଞ୍ଜା ନ ଦେଲେ ଏଠାରେ ଫାଇଲ ଘୁଞ୍ଚୁ ନାହିଁ। ଦଲାଲଙ୍କ ରାଜୁତି ଓ କର୍ମଚାରୀଙ୍କ ମନମାନିରେ ଚାଲିଛି କାର୍ଯ୍ୟାଳୟ। କୌଣସି ଫାଇଲ ସିଧାସଳଖ ଭାବେ କାର୍ଯ୍ୟକାରୀ ହେଉନାହିଁ। ଦଲାଲଙ୍କ ମଧ୍ୟସ୍ଥତାରେ ଆସୁଥିବା ଲୋକଙ୍କୁ ଗୁରୁତ୍ୱ ଦିଆଯାଉଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ସେବା ପାଇଁ ନିର୍ଦ୍ଦିଷ୍ଟ ସମୟ ରହିଛି। ତେବେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଜନସାଧାରଣ। ମ୍ୟୁଟେଶନ୍, ଡିମାରକେଶନ୍, କନ୍‌ଭରଶନ୍ ସମ୍ବନ୍ଧୀୟ ମାମଲାଗୁଡ଼ିକ ଫଇସଲା ନ ହୋଇ ମାସ ମାସ ଧରି ପଡ଼ି ରହୁଛି। ଜାତି ପ୍ରମାଣପତ୍ର, ଉତ୍ତରାଧିକାରୀ ଏବଂ ଆୟ ପ୍ରମାଣପତ୍ରଗୁଡ଼ିକ ପାଇବା ନିମନ୍ତେ ଲୋକେ ହଇରାଣ ହେଉଛନ୍ତି। ଶେଷରେ ନିରାଶ ହୋଇ ଦଲାଲଙ୍କ ହାବୁଡ଼ରେ ପଡ଼ି ଅର୍ଥ ହରାଉଛନ୍ତି। ଅନ୍ୟପକ୍ଷରେ ତହସିଲ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କ ନାମରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ କର୍ମଚାରୀଙ୍କ ସେଠାରୁ ବଦଳି ହୋଇଥିଲା। ଏପରିକି କିଛି କର୍ମଚାରୀ ପୁଣି ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟକୁ ବଦଳି ହୋଇ ଆସି ନିଜର ଆସ୍ଥାନ ଜମେଇବାରେ ଲାଗିଛନ୍ତି। ଏ ସମ୍ପର୍କରେ ତହସିଲଦାର ବିଭାସ ପାଣିଗ୍ରାହୀ କହିଛନ୍ତି, ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଲାଗି ଚେଷ୍ଟା ଜାରି ରହିଛି। ମ୍ୟୁଟେଶନ କେସ୍‌ଗୁଡ଼ିକ ନିଜେ ସମାଧାନ କରୁଛି। କୌଣସି କର୍ମଚାରୀ କାମ ପାଇଁ ଟଙ୍କା ମାଗିଲେ କିମ୍ବା ଦଲାଲଙ୍କ ଜରିଆରେ ଆସୁଥିବା ଲୋକଙ୍କୁ ସହଯୋଗ କରୁଥିବା ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶୃଙ୍ଖଳିତ ଦର୍ଶନ, ନିର୍ଦ୍ଧାରିତ ନୀତି ଉପରେ ଗୁରୁତ୍ୱ

ପୁରୀ ଅଫିସ, ୩୦।୫



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ**

ଜୁନ ୪ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ସ୍ନାନଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ଜିଲା ପ୍ରଶାସନ, ସେବାୟତମାନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ମହାପ୍ରଭୁଙ୍କ ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ କିଭଳି ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ହୋଇପାରିବ ସେନେଇ ମଙ୍ଗଳବାର ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଏକ ବୈଠକ ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ଦଇତାପତି ସେବକମାନେ ଉପସ୍ଥିତ ଥିଲେ। ଆସନ୍ତା ୨ତାରିଖରୁ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଭିତରେ ବେଶ କରିବେ। ପରେ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଶ୍ରୀମୁଖ ଖଣ୍ଡୁଆ, ବାହୁଟକଣ୍ଠି, ସେନାପଟା ଲାଗି, ପହଣ୍ଡି, ଅଣସର ସମୟରେ ଗୁପ୍ତନୀତି ଏବଂ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସମ୍ପାଦନ କରିବେ। ତେବେ ସ୍ନାନଯାତ୍ରା ଦିନ ଗଜାନନ ବେଶକୁ ଭକ୍ତମାନେ କିଭଳି ସ୍ୱଚ୍ଛ ଦର୍ଶନ କରିବେ ଓ ହାତୀବେଶ ଓଲାଗି ବେଳେ କୌଣସି ବିଶୃଙ୍ଖଳା ନ ହେବ ସେନେଇ ଦଇତାପତି ସେବକମାନେ ଯତ୍ନବାନ ରହିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରା ଯେପରି ଶୃଙ୍ଖଳିତ ହେବ ସେନଇ ଦଇତାପତି ସେବକଙ୍କ ସହ ଆଲୋଚନା କରାଯାଇଥିଲା। ସ୍ନାନଯାତ୍ରାଠାରୁ ଆରମ୍ଭ କରି ରଥଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେ ସମେତ ରଥଯାତ୍ରା ସମୟରେ ଅନ୍ୟାନ୍ୟ ନୀତିରେ ଦଇତାପତିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୀତି ସମୟରେ କିଛି ସ୍ଥାନରେ ବିଳମ୍ବ ବା ବିଶୃଙ୍ଖଳା ହେଉଥିବାରୁ ସେଉପରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ଦଇତାପତି ନିଯୋଗ ପକ୍ଷରୁ ଶୃଙ୍ଖଳିତ ନୀତି ପାଇଁ ପ୍ରତିଶ୍ରୁତି ମିଳିଛି। ତେବେ ବୈଠକରେ ଦଇତାପତିମାନଙ୍କର କିଛି ଦାବି ରହିଥିଲା, ସେଥିମଧ୍ୟରୁ ଅନେକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ନୀତିକାନ୍ତି ଶୃଙ୍ଖଳିତ ହେବ ବୋଲି ଆଶା ରହିଛି। ଅପରପକ୍ଷେ ଭକ୍ତଙ୍କ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନେ ଯେପରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ନହେବେ ସେଥିପାଇଁ ଦୃଷ୍ଟି ଦେବାକୁ ସମସ୍ତ ନିଯୋଗଙ୍କୁ ସୂଚନା ଦିଆଯାଇଛି। ସେହିପରି ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ନୀତିକାନ୍ତି ହେବ ବୋଲି ଦାସ କହିଛନ୍ତି। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଦଇତାପତି ନିଯୋଗ ମଧ୍ୟରେ ସ୍ନାନଯାତ୍ରା, ରଥଯାତ୍ରା, ସୁନାବେଶ କିପରି ଶୃଙ୍ଖଳିତ ଭାବରେ ହେବ ସେନେଇ ଆଲୋଚନା କରାଯାଇଥିଲା। ଭକ୍ତମାନେ ସ୍ନାନବେଦି ଚାରିପାଖରେ ବୁଲି ଦର୍ଶନ କରିବେ। ଭୋଗ ସରିବା ପରେ ମଣ୍ଡପ ଉପରକୁ ଯିବେ। କିନ୍ତୁ ଠାକୁରଙ୍କୁ ସ୍ପର୍ଶ କରିବେ ନାହିଁ। ସେହିପରି ଭକ୍ତମାନେ ଦର୍ଶନ କରିବା ପରେ ତାକୁ ସୁରୁଖୁରୁରେ ଓଲାଗି କରାଯିବ। ବେଶକୁ ଛିଡାଇବାକୁ ଦିଆଯିବ ନାହିଁ। ଯେଉଁମାନଙ୍କ ସେବା ଥିବ ସେମାନେ ବେଦି ଉପରେ ରହିବେ। ଅନ୍ୟମାନେ ରହିବେ ନାହିଁ। ଫଳରେ ଭକ୍ତମାନେ ଭଲ ଭାବେ ଦର୍ଶନ କରିପାରିବେ। ଭକ୍ତମାନେ ଯେପରି ଭଲ ଦର୍ଶନ କରିପାରିବେ ତାହା ଉପରେ ନଜର ରଖାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପରିମଳ ବ୍ୟବସ୍ଥାରେ ଖିଲାପ, ରାଜା ହୋଟେଲ ସିଲ୍



ଭୁବନେଶ୍ୱର,୩୦।୫(ବ୍ୟୁରୋ): ସହରକୁ ସ୍ୱଚ୍ଛ ରଖିବା ସହ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପକ୍ଷରୁ ପ୍ରୟାସ କରାଯାଉଛି। ପରିବେଶକୁ ପ୍ରଦୂଷିତ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଏହିକ୍ରମରେ ବାଣୀବିହାର ଅଞ୍ଚଳରେ ଥିବା ରାଜା ହୋଟେଲକୁ ମଙ୍ଗଳବାର ବିଏମ୍ସି ପକ୍ଷରୁ ସିଲ୍ କରାଯାଇଛି। ପରିମଳ ବ୍ୟବସ୍ଥାରେ ଖିଲାପ କାରଣରୁ ବିଏମ୍ସି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଏମସି ଟିମ୍ ଉତ୍କଳ ବିଶ୍ୱବିଦ୍ୟାଳୟ ଅଞ୍ଚଳ ପରିଦର୍ଶନ କରୁଥିବାବେଳେ ନିକଟରେ ଥିବା ରାଜା ହେଟେଲର ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ତେବେ ହୋଟେଲ ଓ ଏହାର ଆଖପାଖ ଅଞ୍ଚଳ ଆବର୍ଜନାରେ ଭରି ରହିଥିବାରୁ ଏହାକୁ ତୁରନ୍ତ ସିଲ୍ କରାଯାଇଥିଲା। ସ୍ୱଚ୍ଛତା ନେଇ ଆବଶ୍ୟକ ପଦକ୍ଷେପ ନିଆଯିବା ପରେ ହୋଟେଲ ଖୋଲିବାକୁ ଅନୁମତି ଦିଆଯିବ ବୋଲି ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି।

### ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

#### ନୂଆପାଟଣା ନାବାଳିକା ବଳାତ୍କାର ମାମଲା

**କଟକ ଅଫିସ,୩୦।୫:** ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାରେ ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଶୋକ କୁମାର ପହି ଏହି ମାମଲାର ଶୁଣାଣି କରି ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ନୂଆପାଟଣା ଗ୍ରାମର ଦିଗ ଓରଫ ଦିଗମ୍ବର ପ୍ରଧାନ। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି।

# ମାଟିରେ ମିଶିଲା ସାଇନାଥ ବସ୍ତି

- ପ୍ରତିବାଦ ଜଣାଇଲା ବସ୍ତି ସୁରକ୍ଷା ମଞ୍ଚ
- ୫ରେ ଓଏଚ୍ଆରସିରେ ହାଜର ହେବାକୁ ବିଡିଏ, ବିଏମ୍ସି ଅଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୫(ବ୍ୟୁରୋ)



ସମାନ୍ତରାଳ ଡାହାଣ ପାର୍ଶ୍ୱ ରାସ୍ତା ପାଇଁ ବାଧକ ସାଜିଥିବା ଜବରଦଖଲ ଉଚ୍ଛେଦ କରାଯାଉଛି। ମଞ୍ଚେଶ୍ୱରସ୍ଥିତ ରେଲ୍ୱେ ଷ୍ଟାଡିୟମ ଛକରୁ କେଳୁଚରଣ ପାର୍କ ଦେଇ ଡମଣା ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସାଇନାଥ ବସ୍ତିକୁ ଉଚ୍ଛେଦ କରାଯାଇଛି। ୨ ଦିନର ଏହି ପ୍ରକ୍ରିୟାରେ ଉକ୍ତ ବସ୍ତିକୁ ମାଟିରେ ମିଶାଇ ଦିଆଯାଇଛି। ବସ୍ତିରେ ପ୍ରାୟ ୫୦ ପରିବାର ବସବାସ କରୁଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତରିତ କରାଯାଇ ଟ୍ରାଞ୍ଜିଟ ହାଉସ୍ ପ୍ରଦାନ କରାଯାଇଥିବାବେଳେ ବସ୍ତିର ସମସ୍ତ ଘରକୁ ଉଚ୍ଛେଦ କରାଯାଇଥିବା ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଏହାର ତୀବ୍ର ପ୍ରତିବାଦ କରାଯାଇଛି। ସାଇନାଥ ବସ୍ତି ବାସିନ୍ଦାଙ୍କ ଜମି ଅଧିକାର ଆଇନ ଅନୁସାରେ ଥଇଥାନ ହେବା ପ୍ରସଙ୍ଗ ତଦନ୍ତ ପରିସରଭୁକ୍ତ ରହିଛି। ଓଡ଼ିଶା ହାଇକୋର୍ଟଙ୍କ ଆଦେଶ ତଥା ରାଜ୍ୟ ମାନବାଧିକାର କମିଶନଙ୍କ ଆଦେଶ ବଳବତ୍ତର ଥିବାବେଳେ ବଳପୂର୍ବକ ବସ୍ତି ଭଙ୍ଗାଯାଇଥିବା ମଞ୍ଚ ଅଭିଯୋଗ ଉଠାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ଜବାବ ଦାଖଲ ପାଇଁ ବିଡିଏ ଓ ଏନ୍ଫୋର୍ସମେଣ୍ଟର ଅତିରିକ୍ତ କମିଶନର ଏବଂ ବିଏମ୍ସିର ଉତ୍ତର ଜୋନ୍ ଡେପୁଟି କମିଶନର ଜୁନ ୫ରେ ବ୍ୟକ୍ତିଗତ ହାଜର ହେବା ପାଇଁ ରାଜ୍ୟ ମାନବାଧିକାର କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଉଚ୍ଛେଦ ହୋଇଥିବା ବସ୍ତିବାସିନ୍ଦାଙ୍କୁ ଅସ୍ଥାୟୀ ଆଶ୍ରୟ ଶିବିରରେ ରଖାଯିବା ସହ ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା ଗ୍ରହଣ ପାଇଁ ବିଏମ୍ସି କମିଶନରଙ୍କୁ ମାନବାଧିକାର କମିଶନ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

ସୂଚନା ଥାଉକି, ସାଇନାଥ ବସ୍ତି ଉଚ୍ଛେଦ ପ୍ରକ୍ରିୟା ସୋମବାର ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୩୫ ପରିବାର ସ୍ଥାନାନ୍ତରିତ ହୋଇଥିବାବେଳେ ୧୦୯ ବଖରା ଘର ଭଙ୍ଗାଯାଇଥିଲା। ଦ୍ୱିତୀୟ ଦିନରେ ଅବଶିଷ୍ଟ ୧୫ଟି ପରିବାରକୁ ସ୍ଥାନାନ୍ତରିତ କରାଯିବା ପରେ ୭୨ଟି ଆଜବେଷ୍ଟସ୍ ଘର ଓ ଶୌଚାଳୟ ଆଦି ଭଙ୍ଗାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ୨ ପ୍ଲାଟୁନ ପୋଲିସ ଓ ୨ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଅତିରିକ୍ତ କମିଶନର (ଏନ୍ଫୋର୍ସମେଣ୍ଟ) ହରିଶଚନ୍ଦ୍ର ନାୟକ, ବିଡିଏ ଯୁଗ୍ମ କମିଶନର (ଏନ୍ଫୋର୍ସମେଣ୍ଟ) ଶ୍ୱେତ କୁମାର ଦାଶ, ବିଡିଏ ଜନ ସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଜୋନ୍ ଏସିପି ସଞ୍ଜୀବ କୁମାର ଶତପଥୀ, ମଞ୍ଚେଶ୍ୱର ଥାନା ଆଇଆଇସି ସୁଧୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ନଂ.ଡ୍ରେନ୍ ଉନ୍ନୟନ କାର୍ଯ୍ୟର ସମୀକ୍ଷା

## ପ୍ରାକୃତିକ ଉପାୟରେ ଜଳ ବିଶୋଧନକୁ ଗୁରୁତ୍ୱ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ୱାର୍ଡ ନଂ.୫୨ସ୍ଥିତ ସହରର ଅନ୍ୟତମ ମୁଖ୍ୟ ଡ୍ରେନ୍ ନଂ. ୭ରେ ବିକାଶମୂଳକ କାର୍ଯ୍ୟ ଚାଲୁ ରହିଛି। ମଙ୍ଗଳବାର ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ, ବିଏମ୍ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ୩ ଅତିରିକ୍ତ କମିଶନର ପ୍ରମୁଖ ଉକ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ଡ୍ରେନ୍ ସଫେଇର ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୌସୁମୀ ବର୍ଷା ପୂର୍ବରୁ କିପରି ମୁଖ୍ୟ ନାଳର ବିକାଶ ଶେଷ କରାଯିବ ଓ ମାସକ ମଧ୍ୟରେ ଅବଶିଷ୍ଟ କାର୍ଯ୍ୟ ସାରିବା ପାଇଁ ନିୟୋଜିତ ୧୯ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚ୍ଜି)କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରାକୃତିକ ଉପାୟରେ ଜଳ ବିଶୋଧନ କରାଯିବା ନେଇ ସେମାନେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଡ୍ରେନ ନଂ.୧୦ ପରି ଡ୍ରେନ ନମ୍ବର ୭ରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ରହିଛି। ଏଥିସହ ଏହି ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ବୃକ୍ଷରୋପଣ ସହ ପୂର୍ବରୁ ଥିବା ଗଛଗୁଡ଼ିକୁ ସେଠାରେ ରଖିବାକୁ ଅଧିକାରୀ ଏସ୍ଏଚ୍ଜିକୁ ପରାମର୍ଶ ଦେଇଛନ୍ତି। ସୂଚନାଥାଉ କି, ଏହି ମୁଖ୍ୟ ନାଳର ମୋଟ ୭ ଏକର ପରିମିତ ଅଞ୍ଚଳରେ ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିରେ ବାଧକ ସାଜିଥିବା କିଛି ଜବରଦଖଲକୁ ବିଏମ୍ସି ଜୋନାଲ ସ୍କ୍ୱାଡ୍ ମଙ୍ଗଳବାର ଉଚ୍ଛେଦ କରିଛି। ବିଡିଏ ମୁଖ୍ୟାଳୟରେ ବିଏମ୍ସି କମିଶନର ଓ ଉପାଧ୍ୟକ୍ଷ ଏହି ପ୍ରକଳ୍ପର ଅଗ୍ରଗତି ନେଇ ଅଧିକ ଆଲୋଚନା କରିଥିବା ସୂଚନା ମିଳିଛି। ଏପ୍ରିଲ ୨୨ରୁ ୭ ନମ୍ବର ମୁଖ୍ୟ ନାଳର ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଜୁନ୍ ଶେଷ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି।

# ପ୍ରଥମ ସ୍କିଲ୍ ପତ୍ରିକା 'ପ୍ରାରମ୍ଭ' ଲୋକାର୍ପିତ




ଓଡ଼ିଶାର ପ୍ରଥମ ସ୍କିଲ ପତ୍ରିକା 'ପ୍ରାରମ୍ଭ– ଦ ଷ୍ଟାର୍ଟଅପ୍ ଫର୍ ସ୍କିଲ୍'କୁ ମଙ୍ଗଳବାର ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଅନ୍ୟମାନେ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଓଡିଶାର ପ୍ରଥମ ସ୍କିଲ ପତ୍ରିକା 'ପ୍ରାରମ୍ଭ– ଦ ଷ୍ଟାର୍ଟଅପ୍ ଫର୍ ସ୍କିଲ୍'କୁ ମଙ୍ଗଳବାର ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଲୋକାର୍ପିତ କରିଛନ୍ତି। ଏନେଇ ମନ୍ତ୍ରୀଙ୍କ ବାସଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଧନ୍ଦାମୂଳକ ଶିକ୍ଷକ ସଂଘ ସଭାପତି ତଥା ପତ୍ରିକାର ଚିଫ୍ ଏଡିଟର ବନଜା ମହାନ୍ତି, ସମ୍ପାଦକ ଦେବସ୍ମିତା ରାଉତ, ସଦସ୍ୟା ରୋଜାଲିନ ମିଶ୍ର, ରୋଜାଲିନ ମହାନ୍ତି, ଯୋଗେଶ ଚନ୍ଦ୍ର ସାହୁ, ଗ୍ରାସିୟସ ଦାସ, ଗୋପୀନାଥ ଓଝା, ସତ୍ୟ ନାରାୟଣ ନାୟକ, ଅସ୍ମିତା ପ୍ରିୟଦର୍ଶିନୀ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରିକାର ଲୋକାର୍ପଣ ଅବସରରେ ମନ୍ତ୍ରୀ ମାରାଣ୍ଡି ଧନ୍ଦାମୂଳକ ଶିକ୍ଷା ତଥା ଓଡିଶାରେ ଏହାର ମହତ୍ୱ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। 'ପ୍ରାରମ୍ଭ' ପତ୍ରିକାକୁ 'ମିରର ଅଫ୍ ଭୋକେଶନାଲ ଏଜୁକେଶନ ଇନ୍ ସେକେଣ୍ଡାରି ଆଣ୍ଡ୍ ହାୟର ସେକେଣ୍ଡାରି ସ୍କୁଲ' ବୋଲି ଆଖ୍ୟା ଦେଇଥିଲେ।

## ବଦଳି ୨୩ ୱାର୍ଡ ଅଫିସରଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ନିକଟରେ ତା'ର ଅନ୍ତରୀଣ ଅଦଳବଦଳ କରିଛି। ୨୩ ଜଣ ଟ୍ୟାକ୍ସ କଲେକ୍ଟର ବା ୱାର୍ଡ ଅଫିସରଙ୍କୁ ଭିନ୍ନ ଜୋନ୍କୁ ବଦଳି କରାଯାଇଥିବାବେଳେ ମଙ୍ଗଳବାର ସେମାନଙ୍କୁ ନୂଆ ୱାର୍ଡ ଦାୟିତ୍ୱ ମିଳିଛି। ନିକଟରେ ସେମାନଙ୍କ ବଦଳି କରାଯାଇଥିଲା। ପଛୁଆ ବର୍ଗ ସର୍ଭେରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କମିଶନର ସେମାନଙ୍କୁ ତାଗିଦ୍ କରିଥିଲେ। ଏପରିକି ସର୍ଭେରେ ନିୟୋଜିତ ଇନୁମ୍ୟୁରେଟରଙ୍କୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ନୂଆ ୱାର୍ଡରେ ଯୋଗଦେବାକୁ କୁହାଯାଇଥିଲା। ଏପରିକି ବିନା ବିଜ୍ଞପ୍ତିରେ ନୂଆ ୱାର୍ଡରେ ଯୋଗଦେବାକୁ ସେମାନେ ଅନିଚ୍ଛା ପ୍ରକାଶ କରିଥିଲେ। ମାତ୍ର ମଙ୍ଗଳବାର ବିଏମ୍ସି ଦ୍ୱାରା ବିଜ୍ଞପ୍ତିରେ ପ୍ରକାଶ ପାଇଛି।

## ସେଞ୍ଚୁରିଆନ ୟୁନିଭର୍ସିଟିରେ ଭୌଗୋଳିକ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ପ୍ରଫେସର, ଡିନ୍ ଓ ଛାତ୍ରୀଛାତ୍ର।

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ସେଞ୍ଚୁରିଆନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟର ଜଟଣୀ କ୍ୟାମ୍ପସରେ ପ୍ୟାନ୍ ଇଣ୍ଡିଆ (ଟ୍ରିମ୍ବଲ) ସହଯୋଗିତାରେ ଦୁଇଦିନିଆ ଭୌଗୋଳିକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢ଼ୀ ଓ ଡିନ ଡ. ସୁଜାତା ଚକ୍ରବର୍ତ୍ତୀ ଉଦ୍ଘାଟନ କରିଥିଲେ। ପ୍ୟାନ ଇଣ୍ଡିଆର କର୍ମକର୍ତ୍ତା ଉମେଶ କୁମାର ଓ ଭି. ଶର୍ମା କର୍ମଶାଳା ପରିଚାଳନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ପ୍ରଫେସର ଡ. ଆଶିଷ ଚନ୍ଦ୍ର ପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଟେଲାଇଟ୍ ଡାଟାର ଉପଯୋଗିତା ଓ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହାସହିତ ସାଟେଲାଇଟ୍ ଡାଟାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେଞ୍ଚୁରିଆନ୍ର ଭୁବନେଶ୍ୱର କ୍ୟାମ୍ପସ ସିଭିଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. କମଲ କୁମାର ବାରିକ ଛାତ୍ରୀଛାତ୍ରଙ୍କୁ ସାମ୍ପ୍ରତିକ ଅତ୍ୟାଧୁନିକ ସର୍ଭେ ଜ୍ଞାନକୌଶଳର ଉପଯୋଗିତା ବିଷୟରେ ଅବଗତ କରାଇଥିଲେ। କର୍ମଶାଳାରେ ଉଭୟ କ୍ୟାମ୍ପସର ଛାତ୍ରୀଛାତ୍ର ଓ ସିଭିଲ ଇଞ୍ଜିନିୟରିଂ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିରେ। ସେଞ୍ଚୁରିଆନ୍ ୟୁନିଭର୍ସିଟି ପାରଳାଖେମୁଣ୍ଡି କ୍ୟାମ୍ପସର ସିଭିଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଭିନ୍ନତା ମଧ୍ୟରେ ଏକତା ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ

## ରାଜଭବନରେ ଗୋଆ ଦିବସ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ। ଭାରତୀୟତାର ମହକ ଓ ଆଲୋକ ହିଁ ଆମର ପରିଚୟ। ଭାରତର ପରିଚିତିକୁ ଗୋଆ ବହୁ ଭାବରେ ପ୍ରକୀର୍ତ୍ତିତ କରିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ମଙ୍ଗଳବାର ରାଜଭବନରେ ଗୋଆ ଦିବସ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୋଆର ଇତିହାସ ଓ ଐତିହ୍ୟ ସମ୍ପର୍କରେ ଆଲୋଚନା କରି 'ଏକ ଭାରତ: ଶ୍ରେଷ୍ଠ ଭାରତ'ର ଲକ୍ଷ୍ୟ ପାଳନରେ ବିଭିନ୍ନ ରାଜ୍ୟର ଦିବସ ପାଳନ ବିଶେଷ ଉପଲବ୍ଧି ବୋଲି କହିଥିଲେ। ଏହି ଦିବସ ଉପଲକ୍ଷେ ଭୁବନେଶ୍ୱରରେ ରହୁଥିବା ଗୋଆର ନିମନ୍ତ୍ରିତ ବ୍ୟକ୍ତିଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ରାଜଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉଠିପାରେ ଅଧିକାରୀ–ଜନପ୍ରତିନିଧିଙ୍କ ବିବାଦ

## ଆଜି ବିଏମ୍ସି କର୍ପୋରେଶନ ବୈଠକ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ଚଳିତ ମାସର କର୍ପୋରେଶନ ବୈଠକ ବୁଧବାର ଅନୁଷ୍ଠିତ ହେବ। ନିକଟରେ ବିଏମ୍ସି କର୍ପୋରେଶନ ନିଜର ୧ବର୍ଷ ପୂର୍ତ୍ତି ଉତ୍ସବ ପାଳିଛି। ଅନ୍ୟପଟେ ଚଳିତ ମାସ ୯ ତାରିଖରେ ସମସ୍ତ ଷ୍ଟାଣ୍ଡିଂ କମିଟିର କାର୍ଯ୍ୟକାଳ ମଧ୍ୟ ଶେଷ ହୋଇଛି। ମାତ୍ର ଷ୍ଟାଣ୍ଡିଂ କମିଟି ନିର୍ବାଚନ ବିନା ପ୍ରଥମଥର କର୍ପୋରେଶନ ବୈଠକ ହେବାକୁ ଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ସଦସ୍ୟ ବଛାଯାଇ ନ ଥିବାବେଳେ ଏବେ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଘୁଞ୍ଚାଇ ଦିଆଯାଇଛି। ଏକାମ୍ର ବିଧାୟକ ଅନୁପସ୍ଥିତ ଥିବାରୁ ଷ୍ଟାଣ୍ଡିଂ କମିଟି ନିର୍ବାଚନ ହୋଇପାରି ନ ଥିବା ମେୟର କହୁଥିବାବେଳେ ଗତ କର୍ପୋରେଶନ ବୈଠକରୁ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ମଧ୍ୟ ଶେଷ ହେଉନାହିଁ। ଅଧିକାରୀମାନେ ଜନପ୍ରତିନିଧିଙ୍କୁ ଗୁରୁତ୍ୱ ଦେଉ ନ ଥିବା ଭଳି ଗୁରୁତର ଅଭିଯୋଗ ହେଉଥିବାରୁ ଏଥିଯୋଗୁ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଜଣାପଡିଛି। ତେଣୁ ଗତ ମାସରେ କମିଶନର ବିଜୟ ଅମୃତ କୁଲାଙ୍ଗେ ଏନେଇ ସମସ୍ତ ଅଧିକାରୀଙ୍କୁ ଚିଠି ଲେଖିବା ସତ୍ତ୍ୱେ ଅଧିକାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖିବାକୁ ମିଳି ନ ଥିବା କେତେଜଣ କର୍ପୋରେଟର କହିଛନ୍ତି। ସେହିପରି ମେୟର ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ କେତେଜଣ ଅଧିକାରୀ ଅବମାନନା କରିଥିବା ଅଭିଯୋଗ ଉଠିଛି। ତେଣୁ କର୍ପୋରେଶନ ବୈଠକରେ କର୍ପୋରେଟରମାନେ ଏନେଇ ସ୍ୱର ଉଠାଇବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଅନ୍ୟପଟେ ବାରମ୍ବାର ବଦଳି ପରେ ମଧ୍ୟ ବିଏମ୍ସିର କେତେଜଣ ଅଧିକାରୀ ପଦ ଛାଡୁନଥିବା ଅଭିଯୋଗ ଉଠୁଛି। କାହା ସ୍ୱାର୍ଥରେ ସଂପୃକ୍ତ ଅଧିକାରୀମାନେ ଗାଦି ଛାଡୁନାହାନ୍ତି ତାହାକୁ ନେଇ ବୈଠକରେ ଆଉ ଏକ ପ୍ରସଙ୍ଗ ଉଠିପାରେ ବୋଲି କୁହାଯାଉଛି। ଏଥିସହ ବୈଠକରେ ଉଠାଦୋକାନୀଙ୍କ ବିଭିନ୍ନ ସମସ୍ୟା, ନିର୍ମାଣାଧୀନ ଡ୍ରେନ ଓ ଜଳବନ୍ଦୀ, ସହର ପରିମଳ ବ୍ୟବସ୍ଥା, ଜାଗା ମିଶନ, ରାସ୍ତା ନିର୍ମାଣ ଓ ମରାମତିକୁ ନେଇ ଆଲୋଚନା ହେବା ନେଇ ପୂର୍ବାଭାସ ମିଳିଛି।

# ମାସିକ ଋତୁସ୍ରାବରେ ସ୍ୱଚ୍ଛତା ଜରୁରୀ




ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବିଚାର ଭାରତୀ ଟ୍ରଷ୍ଟର 'ଶ୍ରୀ' ପ୍ରୋଜେକ୍ଟ ପକ୍ଷରୁ ଚନ୍ଦ୍ରଶେଖରପୁର ରାଧାକୃଷ୍ଣ ବସ୍ତିରେ ଋତୁସ୍ରାବକୁ ନେଇ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାସିକ ଋତୁସ୍ରାବ ସମୟରେ କିଶୋରୀ ଓ ମହିଳାମାନେ କେଉଁ ଭଳି ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବେ ସେ ବିଷୟରେ ସଚେତନ କରାଯାଇଥିଲା। ଏଥିସହ ନାପକିନ୍ ବ୍ୟବହାରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିବାବେଳେ ନାପକିନ୍ ବଣ୍ଟା ଯାଇଥିଲା। ପ୍ରୋଜେକ୍ଟର ମୁଖ୍ୟ ପ୍ରୀତିଛନ୍ଦା ଧଳ, ଉପଦେଷ୍ଟା ତଥା ସାମାଜିକ କର୍ମୀ ନମ୍ରତା ଚଢ଼ା, ସାମାଜିକ କର୍ମୀ ସଂଘମିତ୍ରା ପଣ୍ଡା, ସଂଯୋଜିକା ବବିତା ସ୍ୱାଇଁ ଓ ନଳିନୀପ୍ରଭା ସାହୁ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ସାମିଲ ହୋଇଥିଲେ।

# ରାଜଧାନୀ ରାସ୍ତାରେ ନିଶାମୁକ୍ତ ଭାରତର ବାର୍ତ୍ତା

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ନିଶା କବଳରେ ସମଗ୍ର ବିଶ୍ୱ ଆଜି କବଳିତ ହୋଇଛି। ନିଶା ଗାଁଠାରୁ ସହର ବ୍ୟାପିଯାଇଛି। ବିଶେଷକରି ଯୁବପିଢ଼ି ଏହି ନିଶା କବଳରେ ବେଶି ପ୍ରଭାବିତ। ନିଶା ସେବନ କରି କେତେ ଯେ ଘଟଣା, ଦୁର୍ଘଟଣା ଘଟୁଛି। ଅକାଳରେ ଯୁବକମାନେ ମୃତ୍ୟୁମୁଖକୁ ଚାଲି ଯାଉଛନ୍ତି। ଯେଉଁ ଯୁବକମାନେ ପରିବାରର ଭରଣ ପୋଷଣ କରିବା କଥା ସେମାନେ ନାନା ରୋଗରେ ପଡି କେବଳ ପରିବାରକୁ ନୁହେଁ, ଦେଶକୁ ମଧ୍ୟ ବିପଦ ମୁହଁକୁ ଠେଲି ଦେଉଛନ୍ତି। ନିଶାର ଏଭଳି ଭୟଙ୍କର ସ୍ଥିତି ନେଇ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ମଙ୍ଗଳବାର ଲୋୟର ପିଏମ୍ଜି ମାର୍ଗରେ ବନ୍ଦେ ମାତରମ୍ 'ଆମେ ଚାହୁଁ ନିଶାମୁକ୍ତ ଭାରତ' ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। କଳାକାରମାନେ ନିଶା ରାକ୍ଷସ ବେଶରେ ରାସ୍ତାରେ ଅଭିନୟ ମାଧ୍ୟମରେ ନିଶାମୁକ୍ତ ଭାରତର ବାର୍ତ୍ତା ବାଣ୍ଟିଥିଲେ। ସିପ୍ରା ଚକ୍ରବର୍ତ୍ତୀ, କିରଣ କୁମାର, ସଚ୍ଚିତ୍ର, ପୂର୍ଣ୍ଣଚନ୍ଦ୍ର, ଜି ମହିନ୍ଦ୍ର ରାଓ ପ୍ରମୁଖ ଅଭିନୟ କରିଥିଲେ।




ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ବନ୍ଦେ ମାତରମ୍ ପକ୍ଷରୁ ଲୋୟର ପିଏମ୍ଜିରେ ପଥପ୍ରାନ୍ତ ନାଟକ ଦ୍ୱାରା ସଚେତନ କରାଯାଉଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ମେୟର

- ସମସ୍ୟା ନେଇ ଛାତ୍ରନେତାଙ୍କ ସହ ଆଲୋଚନା କଲେ
- ଗୋବିନ୍ଦ ସାହୁ ମାର୍କେଟ ଖୋଲିବା ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୩୦।୫(ବ୍ୟୁରୋ)



ମେୟର ସୁଲୋଚନା ଦାସ ବିଏମ୍ସି ଅଧିକାରୀଙ୍କ ସହ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଶାସନିକ ସୌଧ, ଛାତ୍ରାବାସ, ଗୋବିନ୍ଦ ସାହୁ ମାର୍କେଟ ଆଦି ଅଞ୍ଚଳ ବୁଲି ଦେଖିଥିଲେ। ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ପରେ ମେୟର ନିଜେ କ୍ଷେତ୍ରସ୍ଥଳ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମେୟର ଛାତ୍ରନେତାଙ୍କ ସହ ଆଲୋଚନା କରିଥିଲେ। ଛାତ୍ରନେତାମାନେ ମେୟରଙ୍କ ନିକଟରେ ବିଭିନ୍ନ ପ୍ରସ୍ତାବ ରଖିବା ସହ ଶିକ୍ଷାନୁଷ୍ଠାନ ପରିସର ପାଇଁ ନିୟମିତ ସଫେଇ ବନ୍ଦୋବସ୍ତ କରିବା ପାଇଁ ନିବେଦନ କରିଥିଲେ। ଗୋବିନ୍ଦ ସାହୁ ମାର୍କେଟକୁ କିପରି ସ୍ଥାୟୀ ସୁନ୍ଦର ଭେଣ୍ଡିଂ ଜୋନ୍ରେ ପରିଣତ କରିହେବ ଓ ଏହା ପଛପଟ ପାର୍କ କିଭଳି ସଫା କରାଯାଇ ପୁଣି ଖୋଲା ଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଅଚଳ ଲାଇଟ୍ ପୋଷ୍ଟର ମରାମତି ନେଇ ମଧ୍ୟ ମେୟରଙ୍କୁ ଅବଗତ କରାଯାଇଥିଲା। ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପୂର୍ବକ ସମସ୍ୟାର ସମାଧାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଷ୍ଟୁଡେଣ୍ଟ ୟୁନିୟନ କାର୍ଯ୍ୟାଳୟର ତଳେ ଥିବା କ୍ୟାଣ୍ଟିନରୁ ବାହାରୁଥିବା ଆବର୍ଜନା ନାଳରେ ଯାଇ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ସଂଗୃହୀତ ଅଳିଆ କ୍ୟାମ୍ପସରେ ପଡ଼ିରହୁଥିବା ସମ୍ପର୍କରେ ଛାତ୍ରମାନେ ଜଣାଇଥିଲେ। ଅନ୍ୟପଟେ କ୍ୟାମ୍ପସରେ ୭ଟି ଛାତ୍ରୀ ନିବାସ ରହିଥିବାବେଳେ ସାନିଟେଶନ ପ୍ରାକ୍ଟିସ୍, ନାପ୍କିନ୍ ପରିତ୍ୟକ୍ତ ଅଭ୍ୟାସର ସମୀକ୍ଷା ହେବା ଦରକାର ବୋଲି ମେୟର କହିଛନ୍ତି। ଏଠାରେ ଏକ ଗଣ ସଫେଇ ସହ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ସେହିପରି କ୍ୟାମ୍ପସକୁ ପ୍ଲାଷ୍ଟିକ୍ ଫ୍ରି କ୍ୟାମ୍ପସ୍ କରିବାକୁ ପ୍ରୟାସ କରାଯାଉଥିବା ସୂଚନା ଦିଆଯାଇଛି। ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଦେବେଶ କୁମାର ଦାସ, ଅଶୋକ ନାୟକ, ଅସିତ୍ ରଞ୍ଜନ ଦାସ, ଛାତ୍ର ନେତା ଅମିତ୍ ଜେନା, ସ୍ୱରୂପ ମଲ୍ଲିକଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନା କରିଥିଲେ। ସ୍ଥାନୀୟ କର୍ପୋରେଟର ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ମେୟର ୧ ନଂ. ଓ ୨ ନଂ. ଛାତ୍ର ନିବାସ ପଛପଟେ ଥିବା ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ। ଏଠାରେ ୧୧୦ଟି ପରିବାର ରହୁଥିବା ବେଳେ ଶୌଚାଳୟଟିଏ ନ ଥିବାରୁ ତୁରନ୍ତ ସମସ୍ୟାର ସମାଧାନ କରାଯିବ ଏବଂ ପାଣି ଓ ବିଦ୍ୟୁତ୍ ନିମନ୍ତେ ବାଣୀବିହାର ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ମେୟର କହିଛନ୍ତି।

# ଘାତକ ତମାଖୁ

**ପ୍ରତିବର୍ଷ ମେ' ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା....**



ଧୂମପାନର ଭୟାବହତା ସମ୍ପର୍କରେ ଆମକୁ ଚେତେଇ ଚାଲିବାରେ ଚିକିତ୍ସକମାନେ କୌଣସି ଊଣା କରିନାହାନ୍ତି। ଅଥଚ ଆମ୍ଭମାନଙ୍କ ମଧ୍ୟରୁ ଅନେକ ଏହି ପରାମର୍ଶକୁ ଏ କାନରେ ଶୁଣି ସେ କାନରେ ବାହାର କରିଦେଉଛନ୍ତି। କାହିଁକି ସେମାନେ ଟାଣି ଚାଲିଛନ୍ତି ପ୍ୟାକେଟ୍ ପ୍ୟାକେଟ ସିଗାରେଟ୍, କଠା କଠା ବିଡ଼ି ? କିଏ ପିକା ଟାଣୁଛି ତ କିଏ ଗୁଣ୍ଡିପାନ ଖାଉଛି। କିଏ ଗୁଟ୍‌କା ଖାଉଛି ତ କିଏ ଗୁଡ଼ାଖୁରେ ଦାନ୍ତ ଘଷୁଛି। ଆଉ କିଏ ଶୁଙ୍ଘୁଛି ନାସ। ଏସବୁର ମୁଖ୍ୟ ଉପାଦାନ ତମାଖୁ ଏବଂ ତମାଖୁ ବା ଧୂଆଁପତ୍ରର ଗୋଟିଏ ବୋଲି ହିତକର ଗୁଣ ନାହିଁ। ତା'ହେଲେ କାହିଁକି ସେମାନଙ୍କର ଏଭଳି ପାଗଳାମି ? ଏହି ପରିପ୍ରେକ୍ଷୀରେ ଦେଖିଲେ ତମାଖୁର ସବୁପ୍ରକାର ବ୍ୟବହାରକୁ ବର୍ଜନ ପାଇଁ ଜନସଚେତନତା ଜାଗ୍ରତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମେ' ୩୧ ତାରିଖରେ ପାଳିତ ହୋଇଆସୁଛି 'ବିଶ୍ୱ ତମାଖୁ ବର୍ଜନ ଦିବସ' ବା 'ୱାର୍ଲ୍ଡ ନୋ ଟବାକୋ ଡେ'। ଚଳିତ ବର୍ଷ ଏହି ଦିବସର ଥିମ ରହିଛି 'ଆମର ଖାଦ୍ୟ ଲୋଡା, ତମାଖୁ ନୁହେଁ'।

ବାସ୍ତବରେ ତମାଖୁରେ ଥିବା ରାସାୟନିକ ଉପାଦାନମାନ ସେମାନଙ୍କର ମସ୍ତିଷ୍କକୁ ଏପରି ଆସକ୍ତ କରିଦେଇଥାଆନ୍ତି ଯେ, ତମାଖୁ ପାଇବା ପାଇଁ ସେମାନଙ୍କ ମସ୍ତିଷ୍କ ଆକୁଳରେ ରଡି ଛାଡିଥାଏ। ସେମାନଙ୍କ ପାଇଁ ଧୂମପାନ ତଥା ତମାଖୁ ବ୍ୟବହାର ହୋଇପଡେ ଭୋକ କଲେ ଖାଇବା ପ୍ରକାରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ତମାଖୁ ନ ପାଇଲେ ସେମାନଙ୍କ ପାଇଁ ଏହା ଉପବାସ ରହିବା ଭଳି। ହେଲେ ଏଥିପାଇଁ ଧୂମପାନକାରୀମାନଙ୍କୁ ଯେ କି ମୂଲ୍ୟ ଦେବାକୁ ପଡୁଛି, ସେମାନେ ତାହା ଜାଣି ମଧ୍ୟ ଅଜଣା ପରି ଆଚରଣ ଦେଖାଉଛନ୍ତି। ଫଳରେ ଏହାର କୁପରିଣାମ ସେମାନେ ଭୋଗୁଛନ୍ତି, ଭୋଗୁଛନ୍ତି ସେମାନଙ୍କର ପରିବାର ଏବଂ ଭୋଗୁଛି ସ୍ୱାସ୍ଥ୍ୟ ବିଭାଗ।

ମଣିଷର ଅନ୍ୟାନ୍ୟ ଉଦ୍ଭାବନଗୁଡିକଠାରୁ ଧୂମପାନର ଉଦ୍ଭାବନ ଏକ ବ୍ୟତିକ୍ରମ। ମଣିଷ ଧୂମପାନ ଉଦ୍ଭାବନ କରିଥିଲା ଏକ ଅଶୁଭ ମୁହୂର୍ତ୍ତରେ। ତାହା କେବଳ ଯେ ଧୂମପାନକାରୀମାନେ ସିଗାରେଟ୍ ଟାଣୁଥିବା ଯୋଗୁଁ ସେମାନଙ୍କୁ ହତ୍ୟା କରିଚାଲିଛି, ତାହା ନୁହେଁ, ସେମାନେ ସିଗାରେଟ୍ ଟାଣି ଧୂଆଁ ଛାଡୁଥିବା ବେଳେ ସେମାନଙ୍କ ପାଖରେ ଠିଆ ହୋଇଥିବା ନିରୀହ ନିର୍ଦ୍ଦୋଷ ଲୋକଗୁଡାକ ବି ପାଲଟି ଯାଆନ୍ତି ସିଗାରେଟ୍ ଟଣାଳୀ-ପରୋକ୍ଷ ଧୂମପାନକାରୀ ! ମାଆ ଗର୍ଭରେ ବଢୁଥିବା ଭ୍ରୁଣ, ସ୍କୁଲକୁ ଯାଉଥିବା ଶିଶୁ, ଯୁବତୀ, ଭାର୍ଯ୍ୟା, ବରିଷ୍ଠ ନାଗରିକ- ଏହି ସମସ୍ତଙ୍କ ପ୍ରତି ପରୋକ୍ଷ ଧୂମପାନ ଅତ୍ୟନ୍ତ ଆତଙ୍କର କାରଣ। କାରଣ ନିଜେ ସିଗାରେଟ୍‌ର ଧାର ନ ଧରି ମଧ୍ୟ ସେମାନେ ଭୋଗି ଚାଲନ୍ତି ସିଗାରେଟ୍ ଧୂଆଁଜାତ ଫୁସଫୁସ କ୍ୟାନ୍‌ସର, ହୃଦ୍‌ରକ୍ତନଳୀ ରୋଗ, ଅଗ୍ନାଶୟ କ୍ୟାନସର, ଦୀର୍ଘକାଳୀନ ବ୍ରୋଙ୍କାଇଟିସ୍ ଇତ୍ୟାଦି।

ସିଗାରେଟ୍ ହେଉଛି ଏକ ମାତ୍ର ଖାଉଟି ଦ୍ରବ୍ୟ ଯାହା ଖାଉଟିଙ୍କୁ ଖାଇଦିଏ। ଯେଉଁ ମୃତ୍ୟୁକୁ ସହଜରେ ନିବାରଣ କରାଯାଇପାରେ, ସେହି ମୃତ୍ୟୁକୁ ସୁଗମ କରିନେଉଛି ତମାଖୁ। ତାହା କବଳରେ ପଡି ପ୍ରତିବର୍ଷ ପୃଥିବୀର ଲକ୍ଷ ଲକ୍ଷ ଲୋକ ଅକାଳରେ ମୃତ୍ୟୁବରଣ କରିବା ପାଇଁ ବାଧ୍ୟ ହେଉଛନ୍ତି। ଯଦି ସାମ୍ପ୍ରତିକ ଧାରା ଅବ୍ୟାହତ ରହେ, ତେବେ ୨୦୩୦ ମସିହା ବେଳକୁ ତମାଖୁ ପ୍ରତିବର୍ଷ ହତ୍ୟା କରୁଥିବ ୨୪୦ ଲକ୍ଷରୁ ବେଶୀ ଲୋକଙ୍କୁ। ଆଉ ସେହି ହତଭାଗ୍ୟ ଅକାଳ ମୃତକମାନଙ୍କ ମଧ୍ୟରୁ ଅଶୀ ପ୍ରତିଶତ ହୋଇଥିବେ ଦରିଦ୍ର ଦେଶଗୁଡିକର ବାସିନ୍ଦା।

ଯଦି ନିବାରଣମୂଳକ ଆଶୁ ପଦକ୍ଷେପ ନିଆ ନ ଯାଏ, ତେବେ ଏଇ ଶତାବ୍ଦୀ ଶେଷ ବେଳକୁ ତମାକୁ ହାତରେ ହାତ ହୋଇଯିବେ ପୃଥିବୀର ଶହେ କୋଟି କି ତା'ଠାରୁ ବେଶୀ ଲୋକ। ଆମ ଭାରତ ମଧ୍ୟ ଏ ଦିଗରେ ଆଦୌ ସୁରକ୍ଷିତ ନୁହେଁ। ତମାଖୁ ମହାମାରୀ ଭାରତରେ ମଧ୍ୟ ଅନ୍ୟତମ ଗୁରୁତର ସମସ୍ୟା। ପ୍ରାୟ ୩୦ରୁ ୬୯ ବୟସ୍କ ଭାରତୀୟଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ଲୋକ ଧୂମପାନ ସମ୍ବନ୍ଧିତ ବ୍ୟାଧିଗୁଡିକରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ମହିଳମାନଙ୍କ ମଧ୍ୟରୁ ପାଖାପାଖି ୫୦ ଲକ୍ଷ ମହିଳା କୌଣସି ନା କୌଣସି ତମାଖୁଜନିତ ଦ୍ରବ୍ୟ ବ୍ୟବହାର କରୁଥିବାର ଦେଖାଯାଉଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୯୦ ଲକ୍ଷ ମହିଳାଙ୍କର ମୃତ୍ୟୁ ହେଉଛି ଧୂମପାନ ଯୋଗୁଁ। ଭାରତରେ ପରିଲକ୍ଷିତ ହେଉଥିବା କ୍ୟାନ୍‌ସର ରୋଗୀମାନଙ୍କ ମଧ୍ୟରୁ ତମାଖୁଜନିତ ରୋଗୀ ହେଉଛନ୍ତି ୫୦ ପ୍ରତିଶତ।

ତମାଖୁ ବ୍ୟବହାର କରିବା ନିମିତ୍ତ କୌଣସି ଆଇନଗତ ବାଧ ନାହିଁ। ଅଥଚ ନିୟମିତ ତମାଖୁ ବ୍ୟବହାରକାରୀଙ୍କ ମଧ୍ୟରୁ ଅଧାଅଧି ସଂଖ୍ୟକଙ୍କ ମୃତ୍ୟୁ ପାଇଁ ତମାଖୁ ଦାୟୀ। ଧୂମପାନ କଲେ ଧୂମପାନକାରୀର ଫୁସଫୁସରେ ବିଷାକ୍ତ କାର୍ବନ ମନୋଅକ୍ସାଇଡ୍ ଗ୍ୟାସ୍‌ର ମାତ୍ରା ବଢ଼ିଯାଏ। କାଳବିଳମ୍ବ ନ କରି ଏହି ବିଷାକ୍ତ ଗ୍ୟାସ୍ ଶୋଷିତ ହୋଇଯାଏ ରକ୍ତ ଭିତରକୁ। ରକ୍ତରେ ଏହାର ଉପସ୍ଥିତ ଯୋଗୁଁ ରକ୍ତର ଅକ୍ସିଜେନ୍ ବହନକାରୀ କ୍ଷମତା ହ୍ରାସ ପାଏ। ଫଳରେ ଶରୀରର ଜୀବକୋଷଗୁଡିକୁ ଅକ୍ସିଜେନ୍ ଯୋଗାଇବା ନିମନ୍ତେ ହୃତ୍‌ପିଣ୍ଡକୁ କରିବା ପାଇଁ ପଡେ ଅଧିକ ପରିଶ୍ରମ।

**ଫାଷ୍ଟ-ସେକେଣ୍ଡ-ଥାର୍ଡ ହ୍ୟାଣ୍ଡ ସ୍ମୋକ୍**

କେହି ଜଣେ ସିଗାରେଟ୍ ଟାଣୁଥିବା ବେଳେ ତା' ନିଜ ଫୁସଫୁସ ଭିତରକୁ ଯେଉଁ ସିଗାରେଟ୍ ଧୂଆଁ ପ୍ରବେଶ କରିଥାଏ ସେହି ଧୂଆଁକୁ କୁହାଯାଏ 'ଫାଷ୍ଟ ହ୍ୟାଣ୍ଡ ସ୍ମୋକ୍'। ସେମାନେ ସିଗାରେଟ୍ ଟାଣି ଯେଉଁ ଧୂଆଁ ଛାଡନ୍ତି ସେହି ଧୂଆଁ ଏବଂ ଟାଣି ସାରିବା ପରେ ଜଳି ଚାଲିଥିବା ସିଗାରେଟ୍‌ର ବାକି ଅଂଶର ଧୂଆଁ ବାୟୁରେ ମିଶି ଅନ୍ୟମାନଙ୍କ ଫୁସଫୁସ୍ ଭିତରକୁ ଗଲେ ତାକୁ କୁହାଯାଏ, 'ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍'। କିନ୍ତୁ ସେହି ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍ କେଶ, ଚମ, ପୋଷାକ, ଆସବାବପତ୍ର, ବିଛଣାଚାଦର, ପରଦା, ଗାଲିଚା, କାନ୍ଥ, ଧୂଳିକଣା ତଥା ଯାନବାହାନ ଉପରେ ଲାଗି ରହିଲେ ତାକୁ କୁହାଯାଏ 'ଥାର୍ଡ ହ୍ୟାଣ୍ଡ ସ୍ମୋକ୍'। ଏହି ଥାର୍ଡ ହ୍ୟାଣ୍ଡ ସ୍ମୋକ୍ ମଧ୍ୟ ସ୍ୱାସ୍ଥ୍ୟହାନି କରିବାର ଆଶଙ୍କା ରହିଛି। ଧୂମପାନର ପ୍ରଭାବ ମସ୍ତିଷ୍କ, ନାକ, ଦାନ୍ତ, ପାଟି ଓ ଗଳା, ଶ୍ୱାସକ୍ରିୟା ଓ ଫୁସଫୁସ, କିଡନୀ ଓ ମୂତ୍ରାଶୟ, ଚର୍ମ, ହୃତପିଣ୍ଡ, ପୁରୁଷ ପ୍ରଜନନତନ୍ତ୍ର, ଛାତି, ପେଟ, ମହିଳାଙ୍କର ପ୍ରଜନନ ତନ୍ତ୍ର, ରକ୍ତ ଏବଂ ପ୍ରତିରକ୍ଷାତନ୍ତ୍ର ଉପରେ ପଡିଥାଏ।

ତେଣୁ ଆମେ ଜାଣିରଖିବା ଉଚିତ୍ ଯେ, ଆମ ସମସ୍ତଙ୍କ ଜୀବନ ସମସ୍ତଙ୍କ ହାତରେ। କିନ୍ତୁ ତମାଖୁ ହାତରେ ଧୂମପାନକାରୀ ଏବଂ ତମାଖୁ ବ୍ୟବହାରକାରୀଙ୍କ ଜୀବନ। ତମାଖୁ ନିର୍ବିଚାରରେ ମଣିଷକୁ ମାରିଚାଲିଛି। ତା' ହାତରେ ଜୀବନକୁ ସମର୍ପି ଦିଅନ୍ତୁ ନାହିଁ। ତମାଖୁ ଆପଣଙ୍କ ଜୀବନକୁ କଲବଲ କରି ମାରିବା ପୂର୍ବରୁ ତାକୁ ପୁରାପୁରି ନିଶ୍ଚିହ୍ନ କରିଦିଅନ୍ତୁ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
**'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ-୧୪**
**ମୋ : ୯୪୩୭୭୬୬୧୧୭**

## ଏ ବର୍ଷର ବାର୍ତ୍ତା

### 'ଆମର ଖାଦ୍ୟ ଲୋଡ଼ା, ତମାଖୁ ନୁହେଁ'

ତମାଖୁ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା କହିବା ଅନାବଶ୍ୟକ। ହେଲେ ଅନେକ ଏହାକୁ ଏକ ଅଭ୍ୟାସରେ ପରିଣତ କରିଦେଇଥାଆନ୍ତି। ଫଳସ୍ୱରୂପ ପରବର୍ତ୍ତୀ ସମୟରେ ସେମାନେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ତମାଖୁର ଭୟାବହତା ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ' ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' (ୱାର୍ଲ୍ଡ ନୋ ଟବାକୋ ଡେ) ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଆମର ଖାଦ୍ୟ ଲୋଡା, ତମାଖୁ ନୁହେଁ' (We need food, not tabacoo)। ଏହି ବାର୍ତ୍ତା ଯେଭଳି ସମସ୍ତଙ୍କ ପାଖରେ ପହଞ୍ଚେ ଏବଂ ଏହା ବିଷୟରେ ସମସ୍ତେ ଭଲ ଭାବରେ ଅବଗତ ହୁଅନ୍ତି ସେ ନେଇ ଏଥର ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଗୁରୁତ୍ୱ ଦିଆଯିବ। ଉକ୍ତ ଦିବସରେ ସରକାରୀ ଏବଂ ବେସରକାରୀ ସ୍ତରରେ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ତମାଖୁ ମଣିଷ ପାଇଁ କେତେ ମାରାତ୍ମକ-ଏକଥା ଯଦି ସମସ୍ତେ ହୃଦୟଙ୍ଗମ କରନ୍ତେ ତେବେ ତମାଖୁଜନିତ ମୃତ୍ୟୁହାରକୁ ଅନେକାଂଶରେ ରୋକାଯାଇପାରନ୍ତା।



## ଫୁରସତ୍

# ମହାକାଶରେ ବିବାହ କରିବେ ବେଜୋସ୍

ପ୍ୟାରିସ୍

ଆମାଜନ୍‌ର ସମ୍ପାଦକ ୫୯ ବର୍ଷୀୟ ଜେଫ ବେଜୋସ୍ ନିଜ ରିଲେଶନକୁ ନେଇ ଚର୍ଚ୍ଚାରେ ରହୁଥିବାବେଳେ ଏବେ ସେ ବିବାହ କରିବାକୁ ଯାଉଥିବା ଖବର ମିଳିଛି। ତେବେ ଏହି ବିବାହ ସମସ୍ତଙ୍କ ବିବାହଠାରୁ ଭିନ୍ନ ହେବ। କାରଣ ସେ ମହାକାଶରେ ବିବାହ କରିବେ ବୋଲି ଜଣାପଡ଼ିଛି। ମହାକାଶରେ ବିବାହ କରିବାର ସେ ପ୍ରଥମ ବ୍ୟକ୍ତି ଭାବେ ବିବେଚିତ ହେବେ। ଜେଫ ପୂର୍ବରୁ ମଧ ମହାକାଶ ଯାତ୍ରା କରିଛନ୍ତି। ୨୦୨୧ରେ ପଶ୍ଚିମ ଟେକ୍ସାସର ମରୁଭୂମି ଅଞ୍ଚଳରୁ ତାଙ୍କ କମ୍ପାନୀ ବ୍ଲୁ ଅରିଜିନ୍‌ର ନ୍ୟୁ ସେପାର୍ଡ ରକେଟ୍‌ରେ ମହାକାଶ ଯାତ୍ରା କରିଥିଲେ। ସେ ସେଠାରେ ୧୦ ମିନିଟ୍ ସମୟ ଅତିବାହିତ କରିଥିଲେ। ଜେଫ ମେ' ୨୨ରେ ଏମି ପୁରସ୍କାର ବିଜେତା ଖବରଦାତା ତଥା ହେଲିକପ୍ଟର ପାଇଲଟ୍ ୫୩ ବର୍ଷୀୟା ଲରେନ ସାନଞ୍ଚେଜ୍‌ଙ୍କ ସହ ନିର୍ବନ୍ଧ କରିଛନ୍ତି। କାନ୍ସର ପାଲ୍ମ ସମୁଦ୍ର କୂଳରେ ଥିବା ଲା ପେଟିଟି ମଇସନ୍ ରେଷ୍ଟୁରାଣ୍ଟରେ ଏହା ଧୁମଧାମରେ ସରିଛି। ସେଥିରେ ଯୋଡ଼ି ୪,୨୮୫ ଡଲାର ଅର୍ଥାତ୍ ୩ଲକ୍ଷ ୫୪ ହଜାର ଟଙ୍କାର ମଦ ପିଇଥିବା ଜଣାପଡ଼ିଛି। ଏହି ଅବସରରେ ଲରେନଙ୍କୁ ଜେଫ ୨୦ କ୍ୟାରେଟ୍‌ର ହୀରା ମୁଦି ପିନ୍ଧାଇଥିଲେ। ଜୁଏଲେରୀ କମ୍ପାନୀ ମୁତାବକ, ସେହି ମୁଦିର ମୂଲ୍ୟ ୩ ମିଲିୟନରୁ ୫ ମିଲିୟନ ହେବ, ଅର୍ଥାତ୍ ୪୧ କୋଟି ହେବ। ନିର୍ବନ୍ଧରେ ତାଙ୍କ ପରିବାର ଲୋକେ ସାମିଲ ହୋଇଥିଲେ। ସେଠାରେ ବହୁତ ବଡ଼ ଆକାରର ନାଚ ଗୀତର ଆୟୋଜନ ମଧ୍ୟ ହୋଇଥିଲା। ନିର୍ବନ୍ଧ ସରିବା ପରେ ସେମାନେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଯୋଗଦେଇ ତା'ର ମଜା ଉଠାଇଥିଲେ। ତେବେ ଜେଫ ଏବଂ ଲରେନ ୨୦୧୮ରୁ ଦୁହିଁଙ୍କୁ ଡେଟିଂ କରୁଥିବାବେଳେ ୨୦୧୯ ଜୁଲାଇ ୧୪ରେ ତାଙ୍କ ସମ୍ପର୍କକୁ ସମସ୍ତଙ୍କ ସମ୍ମୁଖକୁ ଆଣିଥିଲେ। ଏହା ପୂର୍ବରୁ ଜେଫ ତାଙ୍କ ପ୍ରଥମ ସ୍ତ୍ରୀ ମାକ୍‌କେଞ୍ଜି ସ୍କଟ୍‌ଙ୍କୁ ଛାଡ଼ପତ୍ର ଦେଇଥିଲେ।



# ସୀତା ଗୁମ୍ଫାରେ କ୍ରିତି

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ ନିକଟରେ ନାସିକର ପଞ୍ଚବଟୀର ସୀତା ଗୁମ୍ଫା ମନ୍ଦିରରେ ପହଞ୍ଚି ସୀତାଙ୍କ ଆଶୀର୍ବାଦ ନେଇଛନ୍ତି। ସେଠାରେ ସେ ସୀତା ମାତାଙ୍କୁ ଆଳତି କରିଥିଲେ। ସିଙ୍ଗର ସଚେତ୍-ପରମ୍ପରାଙ୍କ ରାମ ସିୟା ରାମ ଉଚ୍ଚାରଣ କରିବା ସମୟରେ କ୍ରିତିଙ୍କୁ ଭକ୍ତିରେ ମଗ୍ନଥିବା ଦେଖିବାକୁ ମିଳିଥିଲା। ପରେ ସେ କାଲାରାମ ମନ୍ଦିର ପରିଦର୍ଶନ କରି ସେଠାରେ ଭଜନ ଓ ଆଳତି କରିଥିଲେ। ନିକଟରେ ଫିଲ୍ମ 'ଆଦିପୁରୁଷ'ର ଶୁଟିଂ ସରିଥିବାବେଳେ ସେ ସୀତା ଗୁମ୍ଫା ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ତେବେ ଜୁନ୍ ୬ରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି। ସେଥିରେ କ୍ରିତି ସୀତାଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଅଭିନେତା ପ୍ରଭାସ ରାମଙ୍କ ଚରିତ୍ରରେ ନଜର ଆସିଥିବାବେଳେ ଶୈଫ ଅଲି ଖାନ୍‌ଙ୍କୁ ରାବଣ ଭୂମିକାରେ ଦେଖିବାକୁ ମିଳିଛି। ପୂର୍ବରୁ ବିବାଦରେ ଛନ୍ଦି ହୋଇଥିବା ଏହି ଫିଲ୍ମର ଟ୍ରାକ୍ ମେ' ୨୯ରେ ରିଲିଜ୍ ହୋଇଛି। ତେବେ କ୍ରିତିଙ୍କ ତାଙ୍କ ବଲିଉଡ୍ କ୍ୟାରିୟର ୨୦୧୪ରୁ ଆରମ୍ଭ କରିଥିବାବେଳେ ଶେଷ ଥର ପାଇଁ ତାଙ୍କୁ ମୁଭି 'ଶେହଜାଦା'ରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି। ସେଥିପାଇଁ ଶୁଟିଂ ଜାରି ରହିଛି।



# ବୁରୁଣ୍ଡି ସବୁଠୁ ଗରିବ ଦେଶ




ଜିଟେଗା

ପୂର୍ବ ଆଫ୍ରିକାର ଏକ ଛୋଟ ଦେଶ ବୁରୁଣ୍ଡି ବିଶ୍ୱର ସବୁଠୁ ଗରିବ ଦେଶ ଭାବେ ପରିଚିତ। ଏହି ଦେଶର ଲୋକ ସଂଖ୍ୟା ୨୦୨୧ ସୁଦ୍ଧା ୧.୨୬ କୋଟି। ଏଠାରେ ଲୋକଙ୍କ ବାର୍ଷିକ ଆମଦାନୀ ୧୮୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୪,୮୮୫ ଟଙ୍କା। ରିପୋର୍ଟ ମୁତାବକ ଏଠାରେ ପ୍ରତି ୩ ଜଣରେ ଜଣେ ବେରୋଜଗାର ଏବଂ ଘର ଚଳାଇବାକୁ ସକ୍ଷମ ନୁହନ୍ତି। ଇଂଲଣ୍ଡ ଏବଂ ଆମେରିକା କବଳରୁ ମୁକ୍ତ ହେବା ପରେ ଏମାନଙ୍କ ଅବସ୍ଥା ଭଲ ଥିଲା। ହେଲେ ୧୯୯୩ରୁ ପରିସ୍ଥିତି ବଦଳିଗଲା। ସେବେଠାରୁ ଏଠାରେ ୨୦୦୫ ପର୍ଯ୍ୟନ୍ତ ଗୃହଯୁଦ୍ଧ ଲାଗିରହିଥିଲା। ଫଳରେ ୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦେଶର ଆର୍ଥିକ ସ୍ଥିତି ବିଗିଡ଼ି ପୂରା ଗରିବ ହୋଇଗଲା। ଏପର୍ଯ୍ୟନ୍ତ ବୁରୁଣ୍ଡି ଏକ ଗରିବ ଦେଶ ଭାବେ ସୂଚିତ କରାଯାଉଛି। ଏଠାରେ ଜନ୍ମ ନେଉଥିବା ୧୦୦୦ ଶିଶୁଙ୍କ ମଧ୍ୟରୁ ୮୭ ଶିଶୁ ମୃତ୍ୟୁର ଶିକାର ହୁଅନ୍ତି। ଲୋକେ ଏଠାରେ ପେଟପୂରା ଖାଇପାରନ୍ତିନି। ସାକ୍ଷରତା ହାର ମଧ୍ୟ ଏହି ଦେଶରେ ବହୁତ କମ୍। ଏହି ଦେଶରେ ଜଗିଂ ବ୍ୟାନ କରାଯାଇଛି। ଏହା ଶୁଣିବାକୁ ଅଜବ ଲାଗିବ, ହେଲେ ଏହା ସତ। ଦେଶର ଏପରି ଅବସ୍ଥା ସମୟରେ ଲୋକେ ସମୂହ ଭାବେ ଏକ ପାହାଡ଼କୁ ଜଗିଂ କରିବାକୁ ଯାଉଥିଲେ। ଏହା ଦେଖି ସେଠାକାର ରାଷ୍ଟ୍ରପତିଙ୍କୁ ଲାଗିଲା ଯେ ଲୋକେ ହିଂସା କରିବାକୁ ଉଦ୍ୟମ କରୁଛନ୍ତି। ସେଥିପାଇଁ ୨୦୧୪ରୁ ଜଗିଂକୁ ବ୍ୟାନ କରିଦେଲେ। ଦେଶ ପ୍ରଥମ ଥର ପାଇଁ ୧୯୯୬ରେ ଅଲମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭେନୁସ୍ତେ ନିଓନଗାବୋ ୫ହଜାର ମିଟର ଦୌଡ଼ରେ ଏହି ପଦକ ହାସଲ କରିଥିଲେ।

# ଚାଇନାରେ ଆଲ୍‌ବିନୋ ପାଣ୍ଡା



**ଚେଙ୍ଗଡୁ:** ବିଶ୍ୱରେ ଅନେକ ପ୍ରକାର ପ୍ରାଣୀ ରହିଛନ୍ତି। ଆନିମଲ ଏକ୍ସପର୍ଟଙ୍କ ଅନୁସାରେ, ଏମିତି ବି କିଛି ପ୍ରାଣୀ ଅଛନ୍ତି ଯେଉଁମାନେ ଆଜି ପର୍ଯ୍ୟନ୍ତ ସାମ୍ନାକୁ ଆସିନାହାନ୍ତି। ଯଦି ସେମାନେ ଭୁଲବଶତଃ ଲୋକଲୋଚନକୁ ଆସିଯାଆନ୍ତି, ସେତେବେଳେ ଏକ ନୂଆ ପ୍ରଜାତି ଚିହ୍ନଟ ହୁଏ। ନିକଟରେ ଚାଇନାର ସିଚୁଆନରେ ଅବସ୍ଥିତ ୱଲଙ୍ଗ ନ୍ୟାଶନାଲ ନେଚର ରିଜର୍ଭର ଜଣେ ଏକ୍ସପର୍ଟ ଏକ ଅଜବ ପ୍ରକାରର ପାଣ୍ଡା ଦେଖିବାକୁ ପାଇଛନ୍ତି। ସାଧାରଣତଃ ପାଣ୍ଡାର ରଙ୍ଗ କଳା-ଧଳା ହୋଇଥିବାବେଳେ ଏହି ପାଣ୍ଡାର ପୂରା ଶରୀରର ରଙ୍ଗ ଧଳା ଥିଲା। ଏହି ପାଣ୍ଡାର ଫଟୋ ଯାଞ୍ଚ ପରେ ଜଣାପଡ଼ିଲା ଯେ ପାଣ୍ଡାଟି ଆଲ୍‌ବିନୋରେ ପୀଡ଼ିତ ଅଛି। ଆଲ୍‌ବିନୋ ହେଉଛି ଏପରି ଏକ ଅବସ୍ଥା, ଯେଉଁଥିରେ ବ୍ୟକ୍ତିର ଟିସୁରେ ମେଲାନିନ୍‌ର ଅଭାବ ଦେଖାଯାଇଥାଏ। ଫଳରେ ସେମାନେ ସମ୍ପୂର୍ଣ୍ଣ ଧଳା ଦେଖାଯାଆନ୍ତି। କୁହାଯାଉଛି ଯେ ଏହା ବିଶ୍ୱର ଏକମାତ୍ର ଆଲ୍‌ବିନୋ ପାଣ୍ଡା ହୋଇପାରେ। ସିସିଟିଭିରେ ପାଣ୍ଡାର ଏକ ଭିଡିଓ କଏଦ କରାଯାଇଛି। ଯେଉଁଥିରେ ସେ ବରଫରେ ଚାଲୁଥିବା ଦେଖିବାକୁ ମିଳିଛି। ସେହି ପାଣ୍ଡାର ବୟସ ୪ରୁ ୫ ବର୍ଷ ହୋଇଥିବା ଜଣାପଡିଛି। ଚାଇନାର ଏହି ରିଜର୍ଭଟି ବହୁତ ବଡ଼। ସେଥିପାଇଁ ସେଠାରେ ପ୍ରାଣୀଙ୍କ ସୁରକ୍ଷା ପାଇଁ ଅନେକ କ୍ୟାମେରା ଲଗାଯାଇଛି। ଯାହାଫଳରେ ତାଙ୍କ ଧ୍ୟାନ ରଖାଯାଇପାରିବ। ପାଣ୍ଡାଟି ବୁଲୁଥିବାବେଳେ ତା' ସାଙ୍ଗରେ ଅନେକ ପାଣ୍ଡାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା, ଯାହାଙ୍କ ରଙ୍ଗ ସାଧାରଣ କଳା-ଧଳା ଥିଲା। ଆଲ୍‌ବିନୋ ପାଇଁ ପାଣ୍ଡାକୁ କିଛି ଅସୁବିଧା ନ ଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି। ତେବେ ସେହି ପାଣ୍ଡାର ମା'ବାପା ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିନାହାନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୋଦି ମାର୍କା ବିକାଶ କ'ଣ ଲୋକେ ବୁଝିଗଲେଣି: ଶରତ

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ୯ ବର୍ଷ ପୂର୍ତ୍ତି ଉତ୍ସବକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଟାର୍ଗେଟ କରିଛନ୍ତି। କଂଗ୍ରେସ ଭବନ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ୯ ବର୍ଷର ମୋଦି ଶାସନର ଗୁଣଗାନ ଚାଲିଛି। ମାତ୍ର ଏହି ସମୟରେ ଦେଶର ସାଧାରଣ ଜନତା ତଳିତଳାନ୍ତ ହୋଇପଡ଼ିଛନ୍ତି। "ମୋଦି ମାର୍କା ବିକାଶ"କ'ଣ ତାହା ଦେଶର ଜନସାଧାରଣ ଅନୁଭବ କଲେଣି। ମହଙ୍ଗା ମାଡ଼ରେ ଲୋକେ ହନ୍ତସନ୍ତ। ଖାଇବା ତେଲ, ଅଟା ଓ ଡାଲି ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ଏବେ ଆକାଶ ଛୁଆଁ। କଂଗ୍ରେସ ଅମଳରେ ମିଳୁଥିବା ୪୧୦ ଟଙ୍କାର ଗ୍ୟାସ ଟାଙ୍କି ଆଜି ୧୧୩୦ ଟଙ୍କା ଟପିଛି। ୨୦୧୪ ପୂର୍ବରୁ ଡିଜେଲ ଲିଟର ପିଛା ୫୫ ଟଙ୍କା ଏବଂ ପେଟ୍ରୋଲ ଲିଟର ପିଛା ୬୫ ଟଙ୍କାରୁ ୭୦ ଟଙ୍କାରେ ମିଳୁଥିବାବେଳେ, ମୋଦି ସରକାରରେ ତାହା ୧୦୦ ଟଙ୍କା ପାର ହୋଇଛି। ଦେଶର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ପ୍ରତାରିତ କରିଛନ୍ତି। ଚାଷୀଙ୍କର ଆୟ ୨୦୨୨ ସୁଧା ଦ୍ୱିଗୁଣିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରକୃତରେ ଚାଷୀର ଆୟ ୨୦୧୪ ଠାରୁ ବହୁ ପରିମାଣରେ କମିଯାଇଛି। ୩ଟି କଳା କୃଷି ଆଇନ୍ ପ୍ରଣୟନ କରିଥିଲେ। ଯେଉଁଥିରେ ଚାଷୀ ସର୍ବସ୍ୱାନ୍ତ ହୋଇଥାନ୍ତେ ବୋଲି ଶରତ କହିଛନ୍ତି।

# ୨୨ ବିଧାୟକ, ୯ ଏମ୍‌ପି ଶିନ୍ଦେ କ୍ୟାମ୍ପ୍ ଛାଡ଼ିପାରନ୍ତି

## ଉଦ୍ଧବ ଗୋଷ୍ଠୀର ଦାବି

ମୁମ୍ବାଇ, ୩୦।୫



ଉଦ୍ଧବ ଠାକ୍‌ରେ



ଏକନାଥ ଶିନ୍ଦେ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀର ୯ ଜଣ ଏମ୍‌ପି ଏବଂ ୨୨ ବିଧାୟକ ଦଳ ଛାଡ଼ିପାରନ୍ତି ବୋଲି ଉଦ୍ଧବ ଠାକ୍‌ରେ ନେତୃତ୍ୱାଧୀନ ଶିବସେନା (ୟୁବିଟି) ପକ୍ଷରୁ ଅଭିଯୋଗ କରାଯାଇଛି। ସେମାନେ ଦଳ ଭିତରେ ଅଣନିଃଶ୍ୱାସୀ ଅନୁଭବ କରୁଛନ୍ତି। ସେମାନଙ୍କ ପ୍ରତି ଭାଜପା ବୈମାତୃକ ବ୍ୟବହାର ଦେଖାଉଥିବା ଶିବସେନା(ୟୁବିଟି) ମୁଖପତ୍ର 'ସାମ୍‌ନା'ର ସମ୍ପାଦକୀୟରେ ପ୍ରକାଶ ପାଇଛି। ଉପରୋକ୍ତ ଅସନ୍ତୁଷ୍ଟ ଏମ୍‌ପି ଏବଂ ବିଧାୟକମାନେ ଭାଜପା ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି ଓ ସେମାନେ କେତେବେଳେ ବଳିପଡ଼ିବେ କହିହେବ ନାହିଁ। ଅନୁରୂପ ଭାବେ ଭାଜପାର ବୈମାତୃକ ବ୍ୟବହାର କାରଣରୁ ୨୦୧୯ରେ ଶିବସେନା ଏହାଠାରୁ ସମ୍ପର୍କ ତୁଟାଇଥିଲା ବୋଲି ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି। ଶିବସେନାର ଏହି ଏମ୍‌ପି ଓ ବିଧାୟକମାନେ ଉଦ୍ଧବଙ୍କୁ ପ୍ରତାରିତ କରି ଭାଜପା ସହ ହାତ ମିଳାଇଥିଲେ। ଗୈରିକ ଦଳ ସହ ସେମାନଙ୍କ ମଧୁର ସମ୍ପର୍କ ଏବେ ତିକ୍ତ ହୋଇଛି। ସେମାନେ ଶିନ୍ଦେ କ୍ୟାମ୍ପ୍ ଛାଡ଼ିବା ନେଇ ଚର୍ଚ୍ଚା ହେଉଛି। ଭାଜପାରେ ସେମାନଙ୍କୁ ଉପଯୁକ୍ତ ବ୍ୟବହାର କରାଯାଉ ନ ଥିବା ନେଇ ଶିବସେନା ଏମ୍‌ପି ଗଜାନନ କୀର୍ତ୍ତିକାର ୩ ଦିନ ପୂର୍ବରୁ କହିଥିଲେ। ଶିବସେନାକୁ ଧ୍ୱଂସ କରିଦେବାକୁ ଭାଜପା ଉଦ୍ୟମ କରିଥିଲା। ସେଥିପାଇଁ ଏହି ଦଳ ଭାଜପାଠାରୁ ଦୂରେଇ ଯାଇଥିବା ସଞ୍ଜୟ ରାଉତ କହିଛନ୍ତି। ଭାଜପା ଏକ କୁମ୍ଭୀର କିମ୍ବା ଅଜଗର ଭଳି। ଏହା ପାଖକୁ ଗଲେ ଗିଳିଦେବ। ଶିବସେନାର ଯେଉଁ ଏମ୍‌ପି ଏବଂ ବିଧାୟକମାନେ ଏବେ ନେତୃତ୍ୱ ବିରୋଧରେ ବିଦ୍ରୋହ କରୁଛନ୍ତି, ସେମାନେ ନିଶ୍ଚୟ ବୁଝିପାରୁଥିବେ ଯେ ଉଦ୍ଧବ ଗୈରିକ ଦଳଠାରୁ ଦୂରେଇ ଯିବା ଲାଗି ନେଇଥିବା ନିଷ୍ପତ୍ତି ଠିକ୍ ଥିଲା ବୋଲି ସଞ୍ଜୟ କହିଛନ୍ତି।

## ନବ ଦାସ ହତ୍ୟାକାଣ୍ଡ ଘଟଣା

# ଚାର୍ଜଶିଟ୍ ଦାଖଲକୁ ନେଇ ରାଜନୀତି

- ଚାର୍ଜଶିଟ୍‌ରେ ଜାଣିଶୁଣି କିଛି ତଥ୍ୟ ଦେଇନି କ୍ରାଇମବ୍ରାଞ୍ଚ: ମୋହନ
- ଧର୍ମେନ୍ଦ୍ରଙ୍କ ଗୋଷ୍ଠୀ ମନଗଢ଼ା ଅଭିଯୋଗ କରୁଛନ୍ତି: ଲେନିନ୍

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ହତ୍ୟାର ଚାର୍ଜଶିଟ୍ କ୍ରାଇମବ୍ରାଞ୍ଚ ଦାଖଲ କରିବା ପରେ ଏବେ ଏହି ଘଟଣାକୁ ନେଇ ଶାସକ ଦଳକୁ ସିଧାସଳଖ ଭାଜପା ପକ୍ଷରୁ ଟାର୍ଗେଟ କରାଯାଇଛି। କିନ୍ତୁ ଏହି ଘଟଣାରେ ବିଜେଡି ପାଲଟା ଜବାବ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ବର୍ଷିଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀ କରି କହିଛନ୍ତି, ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ୫୧୨ ପୃଷ୍ଠାର ପ୍ରାଥମିକ ଚାର୍ଜଶିଟ୍ ଶେଷ ମୁହୂର୍ତ୍ତରେ ଅତି ଚତୁରତାର ସହ ଦାଖଲ କରାଗଲା। ଚାର୍ଜଶିଟ୍‌ରେ ହତ୍ୟାକାଣ୍ଡର କାରଣ, ପ୍ରକୃତ ଷଡ଼ଯନ୍ତ୍ରକାରୀ ପ୍ରସଙ୍ଗରେ କୌଣସି ତଥ୍ୟ ନାହିଁ। ଗୋପାଳ ଦାସକୁ ଖସାଇ ବଞ୍ଚାଇବାକୁ ଉଦ୍ୟମ କରାଯିବାର ଗୋଟିଏ ସୁଚିନ୍ତିତ ରାସ୍ତା ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଶାସକ ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରିମଣ୍ଡଳର ଜଣେ ସହଯୋଗୀଙ୍କୁ ସୁରକ୍ଷା ଦେଇପାରିନାହାନ୍ତି। ଏହି ହତ୍ୟାକାଣ୍ଡରେ କେବଳ ଗୋପାଳ ଦାସକୁ ବଞ୍ଚେଇବା ପାଇଁ ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ରହସ୍ୟକୁ ଉନ୍ମୋଚନ କଲେନାହିଁ। ଗୋପାଳ ଦାସଙ୍କ ଚିରାଚରିତ କଥାକୁ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ ପ୍ରକ୍ରିୟାରେ ରଖିଛନ୍ତି। ଭାଜପା ପକ୍ଷରୁ ଦାବି କରାଯିବା ସହିତ ସିବିଆଇ ତଦନ୍ତ ପାଇଁ ମଧ ଦାବି କରାଯାଇଥିଲା। ଏସବୁ କଥାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ସରକାର ନିଜେ ଏହି ହତ୍ୟାକାଣ୍ଡରେ ସାମିଲ ଥିବା କାରଣରୁ ଆଜି ଏ କଥାକୁ ଘଣ୍ଟ ଘୋଡ଼ାଇବା ପାଇଁ ବିଭିନ୍ନ ପ୍ରକାର ନାଟକ ରଚନା କରିଛନ୍ତି ବୋଲି ମୋହନ କହିଛନ୍ତି।

ଅନ୍ୟପଟେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନବକିଶୋର ଦାସଙ୍କ ହତ୍ୟା ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାରେ ମିଥ୍ୟା ଏବଂ ମନଗଢ଼ା ଅଭିଯୋଗ କରୁଛନ୍ତି। ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଶସ୍ତା ରାଜନୀତି କରିବା ଯୋଗୁ ଝାରସୁଗୁଡ଼ାବାସୀ ଉପନିର୍ବାଚନରେ ଏହାର ଉପଯୁକ୍ତ ଉତ୍ତର ଦେଲେ। ଏଭଳି ଉଦ୍ଦେଶ୍ୟ ପ୍ରଣୋଦିତ ବିବୃତିର ଜବାବ ଦେବାରେ ବିଜେଡି ବିଶ୍ୱାସ କରେନାହିଁ । ବିଜେଡି ଚ୍ୟାଲେଞ୍ଜ କରୁଛି, ଯଦି ଆପଣଙ୍କ ନିକଟରେ କୌଣସି ତଥ୍ୟ କିମ୍ବା ସୂଚନା ଅଛି, ତେବେ ଏଭଳି ମନଗଢ଼ା ବିବୃତି ଦେବା ବଦଳରେ ତାହାକୁ ତଦନ୍ତକାରୀ ସଂସ୍ଥା କିମ୍ବା ଅଦାଲତଙ୍କ ନିକଟରେ ଦାଖଲ କରନ୍ତୁ ବୋଲି ଲେନିନ୍ କହିଛନ୍ତି ।

# Classified Everyday 0674-2580101, 2549949



MATRIMONIAL

## BRIDE WANTED

ଶାକଦ୍ୱୀପୀ ବ୍ରାହ୍ମଣ ଘରର ପୁଅପାଇଁ(ବୟସ-୩୯). ୩୦ବର୍ଷରୁ ଉର୍ଦ୍ଧ୍ୱ ସୁଯୋଗ୍ୟା କନ୍ୟାପାତ୍ରୀ ବିବାହ ନିମନ୍ତେ ତୁରନ୍ତ ଆବଶ୍ୟକ। କଟକ-7205762247. D-0447

## GROOM WANTED

Beautiful Karan girl 1991, 5'8" B.tech only daughter settled Bhubaneswar-Sunasansar. 9937512659, 8249969649. D-74868

Beautiful Brahmin girl 1994 5'2" B.tech serving Engineer Infosys Bhubaneswar. Sunasansar-9937512659, 8249969649. D-74867

Govt.Nurse ବାପା, ମାଁ ନଥିବା 34 ବୟସ୍କା ତେଲୁଗୁ ଝିଅଙ୍କୁ Anycaste Married/ Unmarried ପୁଅ ଦରକାର। 6371085658. D-0471

43 aged ଖଣ୍ଡାୟତ widow Railway ରେ କାମ କରୁଥିବା ନିଃସନ୍ତାନ ଝିଅଙ୍କୁ ଘରଜ୍ୱାଇଁ ଦରକାର। 6371049105.D-0473

57 ବୟସ୍କା, Central Government ଚାକିରିଆ unmarried କରଣ ଝିଅଙ୍କୁ Anycaste ପୁଅ ଦରକାର। 7008080967. D-0471



AUTOMOBILE

## SALE

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact-9827516256. 7504690838. D-74869



REAL ESTATE

## SALE

Land for sale at Sundarpada 12050sqft. private land. Contact: 9437075283. D-0463

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

Agricultural land converted to Homestead land which is very nearer to NH-55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No.- 9861033990. D-0456

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74689

**Gharabari plots with boundary wall at Balianta ready to construction for sale. Contact: 9438620034.** D-0414

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

## PURCHASE

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309



CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate-SNV Construction Pvt. Ltd., 9439295469.** D-74862





Newly open SPA positively health benefits with expert therapist. 8114322659. D-75111

Asribadа Panchakarma herbal SPA Kesharimall, Bhubaneswar. Contact: 8926173473. D-74688





Astrology with Divine I Predict in a divine way if you have any problem then Contact- 9167370140. D-0443

## AFFIDAVIT

By virtue of an affidavit sworn before the Notary Puri dtd 23.05.2023 I, Akhyaya Kumar Panday, R/o Bali Sahi, Luhagada jaga Lane, PS. Puri Town/ Dist. Puri, declare that the actual DOB of my Father is 11.08.1944 and that of my Mother is 01.01.1948, but in my service records my Fathers DOB is wrongly recorded as 13.07.1944 and that of my Mothers DOB as 13.07.1947. The DOB's of both my Father and Mother are to be corrected. Father,s as 11.08.1944 and my Mother, as 01.01.1948. Further I declare that the names of my Father and my Mother which were miss-pelt are to be corrected. Fathers name to be corrected as Sukhendu Prasad Pandey instead of Sukhindu Prasad Panday and Mothers name to be corrected as Rajani Rani Pandey instead of Rajani Rani Panday. Akhaya Kumar Panday. D-0467

Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9124527173. D-75109

Full body massage relax body mind by trend lady therapist. 7008773793. D-75110

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମୋର ପ୍ରକୃତ ନାମ ଶେଖ୍ ସୁରଜ (Sekh Suraj), 23 ବର୍ଷ, ପିତା-Sk Saheb, ମାତା- Sahida Bibi, ଗ୍ରାମ ଅଣ୍ଡିଲୋ, ପୋ/ଥା- ବାଲିଅନ୍ତା, ଖୋର୍ଦ୍ଧା, ପାନ୍ କାର୍ଡ, ଆଧାର କାର୍ଡ, ମାଟ୍ରିକ ସାର୍ଟିଫିକେଟରେ ମୋର ନାମ Sekh Suraj ଅଛି। ଭୁଲ ବଶତଃ ଜନ୍ମଗତ ପ୍ରମାଣପତ୍ରରେ Sk Suraj ହୋଇଅଛି ମୁଁ ଶପଥ କରୁଅଛି କି ମୋର ପ୍ରକୃତ ନାମ Sekh Suraj ଅଟେ। D-0465

I, RENUBALA PRADHAN, aged about 49 years, W/o Late Monoranjan Pradhan, resident of At/Po- Mendhasal, P.S- Chandaka, Dist-Khordha, 752054, Aadhaar No. do hereby solemnly affirm as under: -That my husband Manoranjan Pradhan, S/o Late Lokanath Pradhan, died on 03/02/2023. That in the Aadhaar card of my husband, my aadhaar card and death certificate of my husband his name is Manoranjan Pradhan, but in the service record of my husband his name is Manaranjan Pradhan. That I declare that Manoranjan Pradhan & Manaranjan Pradhan is one and same person who is my deceased husband. That I am the legal married wife of said Manoranjan Pradhan & Manaranjan Pradhan. That the facts stated above are true to the best of my knowledge. D-0469

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ଏତଦ୍ୱାରା ଆମେ ଜଣାଉଛୁ ଯେ ଆମ ଏମ୍. ଏସ୍ ଜ୍ୟୋତି ସୋଲାର ସଲୁସନ ପ୍ରାଇଭେଟ ଲିମିଟେଡ୍. କମ୍ପାନୀ ଅଫିସ ପ୍ଲଟ ନଂ- ଏନ୍. ୨/୨୫ ଆଇ. ଆର,ସି ଗ୍ରାମ ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା 751015ରେ ଅବସ୍ଥିତ। ଏଠାରେ ଘୋଷଣା କରୁଅଛୁ ଯେ ଆମେ ନିମ୍ନଲିଖିତ ଜମିର ସଚ୍ଚୋଟ ମାଲିକ ଅଟୁ। ଉକ୍ତ ଜମି ପଟ୍ଟାର ଠିକଣା ହେଲା ଜିଲ୍ଲା ବଲାଙ୍ଗୀର, ମୌଜା ଗଞ୍ଜାଉଡାର, ପାଟଣାଗଡ଼ 767025 । ଏହି ଜମିର ଖାତା ନଂ. 136/198 ଅଟେ। ସମ୍ପତ୍ତିର ବିବରଣୀ ପ୍ଲଟ ନଂ. 150- ଏ.0. 200ଡି.ପ୍ଲଟ ନଂ 149- ଏ0. 440 ଡି, ପ୍ଲଟ ନଂ. 132-ଏ.0. 020ଡି, ପ୍ଲଟ ନଂ.- 131- ଏ.0-240 ଡି, ପ୍ଲଟ ନଂ. 130- ଏ 0. 990 ଡି, ପ୍ଲଟ ନଂ.-218- ଏ 0. 100 ଡି, ପ୍ଲଟ ନଂ.- 223- ଏ0. 780 ଡି, ପ୍ଲଟ ନଂ.- 222- ଏ.0. 150 ଡି, ପ୍ଲଟ ନଂ.- 221- ଏ.0. 570 ଡି, ପ୍ଲଟ ନଂ. - 220- ଏ.0. 060 ଡି, ପ୍ଲଟ ନଂ. 219 ଏ. 0. 140 ଡି, ପ୍ଲଟ ନଂ. 178- ଏ.5. 160 ଡି,ପ୍ଲଟ ନଂ. 176- ଏ.2.780 ଡି, ପ୍ଲଟ ନଂ. 175- ଏ.0.040 ଡି, ପ୍ଲଟ ନଂ. 173- ଏ.0.070 ଡି, ପ୍ଲଟ ନଂ. 172- ଏ.0. 050 ଡି, ପ୍ଲଟ ନଂ. 170- ଏ 2. 300 ଡି, ପ୍ଲଟ ନଂ. 154- ଏ.0.140 ଡି, ପ୍ଲଟ ନଂ. 153- ଏ.0.130 ଡି, ପ୍ଲଟ ନଂ. 151- ଏ.10.400 ଡି, ପ୍ଲଟ ନଂ. 231 ଏ.1.870 ଡି, ପ୍ଲଟ ନଂ. 229- ଏ.7.080.ଡି, ପ୍ଲଟ ନଂ. 355- ଏ.0.410 ଡି, ପ୍ଲଟ ନଂ. 358- ଏ.5.120 ଡି, ପ୍ଲଟ ନଂ. 357-ଏ.1.560 ଡି, ପ୍ଲଟ ନଂ. 179- ଏ.5.360 ଡି, ପ୍ଲଟ ନଂ. 180- ଏ.4.800 ଡି. ଟୋଟାଲ ଏରିଆ ମୋଟ 27 ଟି ପ୍ଲଟ ଏ.51. 960 ଡି. ଅଛି। ଉପରୋକ୍ତ ସମ୍ପତ୍ତିର ମୂଳ ଆର.ଓ.ଆର (ପଟ୍ଟା) ଆମଦ୍ୱାରା ହଜିଯାଇଛି। କ୍ରେଡିଟ ସୁବିଧା ପାଇବା ପାଇଁ ଆମେ ଏସ୍. ବି. ଆଇ ଏସ୍. ଏମ୍. ଇ ଚନ୍ଦକା ଆଇଆଇସି ଶାଖା ଭୁବନେଶ୍ୱର ସହିତ ଉକ୍ତ ସମ୍ପତ୍ତିକୁ ବନ୍ଧକ ଦେଇଛୁ। ଯଦି ଏହି ସଂକ୍ରାନ୍ତରେ କୌଣସି ଦସ୍ତାବିଜ ପାଆନ୍ତି ତେବେ ଦୟାକରି ଆମ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଏସ. ବି ଆଇ, ଏସ. ଏମ. ଇ ଚନ୍ଦକା ଆଇ. ଆଇ. ସି ଶାଖା, ଏ- 68, ସେକ୍ଟର ଏ.ଏମ. ଆଇ. ଇ ଭୁବନେଶ୍ୱର -751010ରେ ମଧ ଜଣାଇବାକୁ ଅନୁରୋଧ। ଦୂରଭାଷ 0674-2580087. D-0470

## Happy 25th Anniversary



Rabi Narayan Mohanty and Harapriya Mohanty

A Silver Jubilee odyssey witnessed by us. Wishing you the best of everything and happiness all the way.
From Son & Daughter: Arjun & Saaraa
D-0466


CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
For Booking Contact 0674-2580385, 8637280816, 7894447167, 9338226635

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

I Mr. Hemanta Kumar Das, S/o - Arjun Das declare that one original sale deed No-497 which was Regd. under sub-registered Khaira as being deed No-497 executed on 07.04.2007 for the year 2007. Registered at the office of sub-registered Khaira the sale deed is lost from my custody and I am duly reported to the Khaira police station SDE No-03 No-04, on dated, 25.01.2022. If any person of concern having any claims / objection over the aforesaid property may please contact Mr. Hemanta Kumar Das, Mob-8260961429 within 15 days from the date of publication of this notice. D-0474

## 'ମୋ ଘର' ଯୋଜନା

# ରାଜ୍ୟବାସୀଙ୍କୁ ମିଛ ସ୍ୱପ୍ନ ଦେଖାଉଛନ୍ତି ସରକାର: ଭାଜପା

- ବାରମ୍ବାର ଦାବି ସତ୍ତ୍ୱେ ପୋର୍ଟାଲ ଖୋଲିଲାନି କେନ୍ଦ୍ର: ମନ୍ତ୍ରୀ

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ରାଜ୍ୟର ବାସହୀନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଦି ସରକାର ପର୍ଯ୍ୟାପ୍ତ ପରିମାଣର ପକ୍କାଘର ଯୋଗାଇ ଦେଇଛନ୍ତି । ୩୪,୦୬୩ କୋଟି ଟଙ୍କା ଅନୁଦାନରେ ଓଡିଶାର ପ୍ରାୟ ୨୬.୯୫ ଲକ୍ଷ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ମୋଦି ସରକାର ଲକ୍ଷ୍ୟ ରଖିଥିବାବେଳେ ଓଡିଶା ସରକାରଙ୍କ ସ୍ଥାଣୁତା, ଅପାରଗତା ଓ ମନ୍ଦ ଅଭିସନ୍ଧି ଯୋଗୁ ୯.୫ ଲକ୍ଷ ପରିବାର ଏହି ସୁବିଧାରୁ ଏବେ ଯାଏ ବଞ୍ଚିତ ହୋଇ ରହିଛନ୍ତି। ବ୍ୟାପକ ଦୁର୍ନୀତି, ବାଟମାରଣା ଓ ପକ୍ଷପାତିତା ଯୋଗୁ ହିଁ ବର୍ତ୍ତମାନ ସମ୍ପୂର୍ଣ୍ଣ ଦେଶରେ ଓଡିଶା ରାଜ୍ୟର ସବୁଠୁ ବେଶୀ ଗରିବ ନିଜ ଘର ପାଇପାରିନାହାନ୍ତି । କେନ୍ଦ୍ର ସରକାରଙ୍କ ପକ୍କାଘର ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ବାଧକ ସାଜିଛନ୍ତି । ଅଯୋଗ୍ୟ ରାଜ୍ୟ ସରକାର "ମୋ ଘର" ଯୋଜନା ମାଧ୍ୟମରେ ରାଜ୍ୟବାସୀଙ୍କୁ 'ଆକାଶ କଇଁଆ, ଚିଲିକା ମାଛ'ର ମିଛ ସ୍ୱପ୍ନ ଦେଖାଉଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଅପରପକ୍ଷେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବା ସତ୍ତ୍ୱେ ସେମାନେ ଆବାସ ପୋର୍ଟାଲ ଖୋଲିଲେ ନାହିଁ। ଯାହାଦ୍ୱାରା ସ୍ୱାଭିମାନ ଅଞ୍ଚଳ ଲୋକମାନେ ଘର ପାଇପାରିଲେ ନାହିଁ। ଯେଉଁଥିଲାଗି ରାଜ୍ୟବ୍ୟାପୀ ଲୋକମାନେ ଆବାସ ଗୃହରୁ ବଞ୍ଚିତ ହୋଇଥିବା କଥା ସମସ୍ତେ ଜାଣନ୍ତି। ସେଥିଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟ ଅର୍ଥରେ ଏହି ଯୋଜନା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

# ବଜାରରେ କୁହଲ୍‌ର ନୂତନ ଫ୍ୟାନ୍ସ




## ଦି କେଣ୍ଟ କୁହଲ୍ ବ୍ରାଇସ୍ ଷ୍ଟାଇଲିଶ ଫ୍ୟାନ୍ସ

ନୂଆଦିଲ୍ଲୀ,୩୦।୫

ଦେଶର ପ୍ରମୁଖ ଫ୍ୟାନ୍ ନିର୍ମାଣକାରୀ ବ୍ରାଣ୍ଡ କୁହଲ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଦି କୁହଲ୍ ବ୍ରାଇସ୍ ଷ୍ଟାଇଲିଶ ଫ୍ୟାନ୍ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ବ୍ରାଣ୍ଡର କୁହଲ୍ ପ୍ଲାଟିନ ଏବଂ ଲକ୍ସେସେ ସିରିଜର ବ୍ୟାପକ ସଫଳତା ଓ ଲୋକପ୍ରିୟତା ପରେ କମ୍ପାନୀ କୁହଲ୍ ବ୍ରାଇସ ଷ୍ଟାଇଲିଶ ଫ୍ୟାନ୍ସକୁ ବଜାର ପ୍ରବେଶ କରାଉଛି। ଏପରିକି କୁହଲ୍ ବ୍ରାଇସ୍ ଷ୍ଟାଇଲିଶ ଫ୍ୟାନ୍ସରେ ଅନେକ ଆଧୁନିକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ଏଥିରେ ବିଏଲ୍‌ଡିସି ଟେକ୍ନୋଲୋଜି ଓ ଶକ୍ତି ସଞ୍ଚୟକାରୀ ଉପାଦାନ ଅନ୍ତର୍ଭୁକ୍ତ ରହିଛି। ଫଳରେ ଉପଭୋକ୍ତା ଏହାର ବ୍ୟବହାର କଲେ ମଧ୍ୟ ପ୍ରାୟ ୬୫%ର ବିଦ୍ୟୁତ୍ ଶକ୍ତି ସଞ୍ଚୟ ସାଙ୍ଗକୁ ବିଦ୍ୟୁତ୍ ବିଲ୍ ମୂଲ୍ୟରେ ମଧ୍ୟ ହ୍ରାସ ଦେଖାବାକୁ ମିଳିଥାଏ, ଯାହା ଅନ୍ୟ ବ୍ରାଣ୍ଡର ଫ୍ୟାନ୍ ବ୍ୟବହାରର ବିଦ୍ୟୁତ୍ ବିଲ୍‌ଠାରୁ କମ୍ ଆସିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ବ୍ରାଣ୍ଡର ବ୍ରାଇସ୍ ସିରିଜର ଫ୍ୟାନ୍‌ଗୁଡ଼ିକ ଦେଶର ସମସ୍ତ ପ୍ରମୁଖ ଆପ୍ଲିଆନସେସ୍ ଷ୍ଟୋର ଓ ଇ କମର୍ସ ପ୍ଲାଟ୍‌ଫର୍ମରେ ଉପଲବ୍ଧ। ଏହାର ବଜାର ମୂଲ୍ୟ ୬୯୯୯ ରୁ ୧୦୯୯୯ ଟଙ୍କା ମଧ୍ୟରେ ରହିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା କେଣ୍ଟ ଆର୍‌ଓ ସିଷ୍ଟମସ ଲିମିଟେଡ୍‌ର ସହଯୋଗ କମ୍ପାନୀ ହେଉଛି କୁହଲ୍ ଫ୍ୟାନ୍ ବ୍ରାଣ୍ଡ।

# ପିଏଫ୍‌ଏଲ୍‌ର ବାର୍ଷିକ ଫଳାଫଳ

ନୂଆଦିଲ୍ଲୀ,୩୦।୫

PATANJALI®
PATANJALI FOODS LIMITED
(Formerly known as Ruchi Soya Industries Limited)

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ଫୁଡ୍‌ସ ଲିମିଟେଡ୍ (ପିଏଫ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ ପିଏଫ୍‌ଏଲ୍‌ର ବାର୍ଷିକ ଫଳାଫଳ ଏବଂ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷରେ ପିଏଫ୍‌ଏଲ୍‌ର ଆୟ ୩୧,୮୨୧.୪୫କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷର ପିଏଫ୍‌ଏଲ୍‌ର ରାଜସ୍ୱ ୨୪, ୨୮୪.୩୮ କୋଟି ଟଙ୍କା ଥିଲା। ଉଲ୍ଲେଖଯୋଗ୍ୟ, ୨୦୨୧-୨୨ ଆର୍ଥିକ ବର୍ଷରେ ପିଏଫ୍‌ଏଲ୍‌ର ଲାଭ ପୂର୍ବବର୍ତ୍ତୀ ଟିକସ (ପିବିଟି) ପ୍ରାୟ ୧,୧୭୮.୯୬ କୋଟି ଟଙ୍କା ରହିଥିଲାବେଳେ ୨୦୨୧-୨୨ରେ ଏହାର ପରିମାଣ ୧,୦୭୪.୩୮ କୋଟି ଥିଲା। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ ପିବିଟି ଅଭିବୃଦ୍ଧି ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷର ପିବିଟି ପରିମାଣ ପ୍ରାୟ ୧୦ % (୯.୭%) ବୃଦ୍ଧି ଘଟିଛି। ସେହିଭଳି ପିଏଫ୍‌ଏଲ୍‌ର ଏଫ୍‌ଏମ୍‌ସିଜି ସମୂହ ବ୍ୟବସାୟର ଅଂଶ ଦ୍ରୁତଗତିରେ ବୃଦ୍ଧି ପାଇଥିଲା। ଏପରିକି ପିଏଫ୍‌ଏଲ୍‌ର ୨୦୨୧-୨୨ ଆର୍ଥିକ ବର୍ଷର ଆୟ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୬୨୧୮.୦୮ଟଙ୍କା ଅଧିକ ଥିଲାବେଳେ ୨୦୨୨-୨୧ ଆର୍ଥିକ ବର୍ଷର ଆୟ ୧,୬୮୩.୨୪ କୋଟି ରହିଥିଲା। ବିଶେଷକରି ପିଏଫ୍‌ଏଲ୍‌ର ମୋଟ ରାଜସ୍ୱ ୧୯.୭୨%ରେ ପହଞ୍ଚିଛି। ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୬.୯୫% ଅଧିକ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି କମ୍ପାନୀ ପ୍ରିମିୟମାଇଜେଶନ ସହିତ ଅଫରିଂ ରେଞ୍ଜ ଏବଂ ବଣ୍ଟନକୁ ବିସ୍ତାର କରିବା ଉପରେ ଅଧିକ ଧ୍ୟାନ ଦେଇଥାଏ। ଏପରିକି ଏକାଧିକ ଚ୍ୟାନେଲ ମଧ୍ୟରେ ବଣ୍ଟନକୁ ବିସ୍ତାର କରିବା ଫଳରେ ରାଜସ୍ୱ ଏବଂ ଲାଭ ବ୍ୟବସାୟରେ ପ୍ରତିଫଳିତ ହୋଇଥାଏ। ସେହିପରି ପିଏଫ୍‌ଏଲ୍‌ର ଖାଦ୍ୟ ବ୍ୟବସାୟ ଇବିଆଇଟିଡିଏ ବର୍ତ୍ତମାନ ସୁଦ୍ଧା ୧,୧୩୬.୬୦ କୋଟି (ଖାଦ୍ୟ ରାଜସ୍ୱର ୧୮.୨୮%) ରେ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ପିଏଫ୍‌ଏଲ୍‌ର ଇବିଆଇଟିଡିଏ ୧୮୯.୦୪ ଟଙ୍କା (ଖାଦ୍ୟ ରାଜସ୍ୱର ୧୧.୨୩%) ରହିଥିଲା। ଫଳରେ ଏଫ୍‌ଏମ୍‌ସିଜି ବ୍ୟବସାୟ ଉନ୍ନତିର ଉଦ୍ଦେଶ୍ୟ ସହିତ କମ୍ପାନୀର ସାମଗ୍ରିକ ଇବିଆଇଟିଡିଏର ୭୨% ଯୋଗଦାନ ରହିଛି।

# ପ୍ଲାଷ୍ଟୋର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୩୦।୫




ଦେଶର ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାନକାରୀ ବ୍ରାଣ୍ଡ୍ ପ୍ଲାଷ୍ଟୋର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଦେଶର ପ୍ରଥମ ଉତ୍ପାଦନକାରୀ ବ୍ରାଣ୍ଡ୍ ଭାବେ ପ୍ଲାଷ୍ଟୋ ୮ ଲେୟାର ବିଶିଷ୍ଟ ପାଣିଟାଙ୍କିକୁ ବଜାର ପ୍ରବେଶ କରାଇଛି। ବିଶେଷକରି ବର୍ତ୍ତମାନ ସମୟର ପାଣିପାଗ ଓ ଗୁଣାତ୍ମକ ଉତ୍ପାଦରେ ପ୍ରସ୍ତୁତ ଏହି ୮ସ୍ତର ବିଶିଷ୍ଟ ଜଳ ସଂରକ୍ଷଣ ଉଦାରେ ଅନେକ ବୈଶିଷ୍ଟ୍ୟ ସାମିଲ ରହିଛି। ସେହିଭଳି ଗ୍ରାହକ ଚାହିଦା ଓ ଆବଶ୍ୟକତାକୁ ଆଖି ଆଗରେ ରଖି ବ୍ରାଣ୍ଡ ୮ ଲେୟାର ବିଶିଷ୍ଟ ପାଣିଟାଙ୍କିକୁ ସବୁ ବର୍ଗର ଲୋକ ଏବଂ ପାଣିପାଗ ଉପଯୋଗୀ ଭାବେ ନିର୍ମିତ ହୋଇଛି। ଏ ସମ୍ପର୍କରେ ଆର୍‌ସି ପ୍ଲାଷ୍ଟୋର ନିର୍ଦ୍ଦେଶକ ବିଶାଳ ଅଗ୍ରୱାଲ ଏବଂ ନୀଲେଶ ଅଗ୍ରୱାଲ କହିଛନ୍ତି, ପ୍ଲାଷ୍ଟୋ ପାଣିପାଇପ ଜନିତ କାର୍ଯ୍ୟ ଓ ବାସୋପଯୋଗୀ ପ୍ଲାଷ୍ଟିକ ଉତ୍ପାଦରେ ବଜାର ଲିଡର ଭାବେ ସ୍ୱୀକୃତି ଲାଭ କରିଛି। ଗ୍ରାହକଙ୍କ ବିଶ୍ୱାସ ଓ ଉତ୍ପାଦର ଗୁଣବତ୍ତାକୁ ବଜାୟ ରଖିବା ବ୍ରାଣ୍ଡର ମୂଳ ଲକ୍ଷ୍ୟ। ସେହିପରି ବ୍ରାଣ୍ଡ୍ ଏହି ନୂତନ ଉତ୍ପାଦ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହ ଅଛି। କାରଣ ବ୍ରାଣ୍ଡ୍ ଉପରେ ଗ୍ରାହକଙ୍କ ଭରସା ରହିଛି। ଏପରିକି ଦୀର୍ଘ ବର୍ଷ ହେବ ଗ୍ରାହକଙ୍କ ଆବଶ୍ୟକତା ପୂରଣ ସାଙ୍ଗକୁ ଚାହିଦା ମେଣ୍ଟାଉଛି। ଅପରପକ୍ଷରେ ଏହି ୮ ଲେୟାର ବିଶିଷ୍ଟ ପାଣି ଟାଙ୍କି ଦୀର୍ଘସ୍ଥାୟୀ ସାଙ୍ଗକୁ ମଜଭୁତ ଏବଂ ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଏଥିରେ ୟୁଭି ରାଡିଏଶନ ସାଙ୍ଗକୁ ଟେମ୍ପରେଚର୍ ଫଙ୍କ୍ସନ୍ ଏବଂ ବାହ୍ୟ ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଧ୍ୟାନ ଦିଆଯାଇଛି। ଏହି ଉତ୍ପାଦ ଉପରେ ୧୦ ବର୍ଷର ଗ୍ୟାରେଣ୍ଟି ସୁବିଧା ମଧ୍ୟ ପ୍ରଦାନ କରାଯାଇଛି।

# କାନାରା ବ୍ୟାଙ୍କ ପକ୍ଷରୁ ରିଟେଲ ଏକ୍ସପୋ

ଭୁବନେଶ୍ୱର,୩୦।୫

କାନାରା ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ରିଟେଲ ଏକ୍ସପୋ ବ୍ୟାଙ୍କର ଆର୍‌ଏଏଚ୍ ଭୁବନେଶ୍ୱର ପୋଖରୀପୁଟଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ମହାପ୍ରବନ୍ଧକ ବି.ଚନ୍ଦ୍ରଶେଖର ରାଓ ଏବଂ ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାହକ, ବିଲ୍ଡର ଏବଂ କାର୍ ଡିଲରମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ କାନାରା ବ୍ୟାଙ୍କ ଶିକ୍ଷା ଋଣ କ୍ଷେତ୍ରରେ ଅଗ୍ରଣୀ ରହିଛି ଏବଂ ବ୍ୟାଙ୍କ ସୁବିଧାରେ ସ୍ୱଳ୍ପ ସୁଧ ହାରରେ ଗୃହ ଋଣ, ଗାଡ଼ି ଋଣ, ସମ୍ପତ୍ତି ବିପକ୍ଷରେ ଋଣ ଏବଂ ବ୍ୟକ୍ତିଗତ ଋଣ ଆଦି ପ୍ରଦାନ କରିବା ସହିତ ପ୍ରୋସେସିଂ ଏବଂ ଡକ୍ୟୁମେଣ୍ଟେସନ୍ ଦେୟ ଛାଡ କରୁଛି ବୋଲି ମହାପ୍ରବନ୍ଧକ ବି. ଚନ୍ଦ୍ରଶେଖର ରାଓ ପ୍ରକାଶ କରିଛନ୍ତି। ସେହିଭଳି ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦ୍ର କହିଛନ୍ତି, ବ୍ୟାଙ୍କର ଉତ୍ପାଦଗୁଡ଼ିକ ଗ୍ରାହକଙ୍କୁ ସୁହାଇଲା ପରି ପ୍ରସ୍ତୁତ କରାଯାଇଛି। ଏପରିକି କାନାରା ବ୍ୟାଙ୍କର ନୂତନ ଉତ୍ପାଦ କାନାରା ପ୍ରିମିୟମ୍ ପେ ରୋଲ ପ୍ୟାକେଜ, କାନାରା ଏସ୍‌ବି ସିଲେକ୍ଟ ସମେତ ୩୦୦ରୁ ଊର୍ଦ୍ଧ୍ୱ ବିଶେଷତ୍ୱଗୁଡ଼ିକ ସହ ମୋବାଇଲ ଆପ୍ ଆଦି ଡିଜାଇନ ହୋଇଛି। ବିଶେଷକରି ସବୁ ବର୍ଗର ଗ୍ରାହକଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବାକୁ ବ୍ୟାଙ୍କ ସର୍ବଦା ପ୍ରତିବଦ୍ଧ ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ମହାପ୍ରବନ୍ଧକ ରାଓ ଏବଂ ମଣ୍ଡଳ ମୁଖ୍ୟ ଜଗଦୀଶ ଚନ୍ଦ୍ର ଗୃହ ଏବଂ କାର୍ ଋଣ ହିତାଧିକାରୀମାନଙ୍କୁ ୧୭୦ଟି ମଞ୍ଜୁରିପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପମହାପ୍ରବନ୍ଧକ ପି.ଠାକୁର ନାଏକ, ଉପ-ମହାପ୍ରବନ୍ଧକ ଜି.ଏନ୍. ମୂର୍ତ୍ତି, ସହାୟକ ମହାପ୍ରବନ୍ଧକ ରୀତା ଦାସ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ର ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ମହାମାୟା ପ୍ରସାଦ ରାଓ, ଭୁବନେଶ୍ୱର ଆର୍‌ଏଏଚ୍‌ର ଉପ-ପ୍ରବନ୍ଧକ ବିବେକ ପଟ୍ନି ଓ ଅରବିନ୍ଦ ବେହେରାଙ୍କ ସମେତ ଅଞ୍ଚଳ କାର୍ଯ୍ୟାଳୟର ଅଧିକାରୀ ଓ ସ୍ଥାନୀୟ ଶାଖାର ଅଧିକାରୀ ଏବଂ ମାର୍କେଟିଂ ଅଫିସର ଓ ଗ୍ରାହକମାନେ ଉପସ୍ଥିତ ଥିଲେ।

ରାଜ୍ୟ ଖବର

# ୮ ହଜାରକୁ ବୃଦ୍ଧି ପାଇବ ମୋ ସେବା କେନ୍ଦ୍ର: ମନ୍ତ୍ରୀ




ଭୁବନେଶ୍ୱର,୩୦।୫(ବ୍ୟୁରୋ)

ସରକାରଙ୍କ ରୂପାନ୍ତରୀକରଣ କାର୍ଯ୍ୟଧାରାକୁ ସଫଳତାର ସହ ପ୍ରୟୋଗ କରିବା କ୍ଷେତ୍ରରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଏହି ବିଭାଗ ରାଜ୍ୟରେ ଆଇଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ସୁଗମକରି ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଓଡ଼ିଶା ୱାନ୍ ପୋର୍ଟାଲ ନାଗରିକମାନଙ୍କୁ ସରଳ, ସୁବିଧାଜନକ, ସ୍ୱଚ୍ଛ ଏବଂ ନିରନ୍ତର ସରକାରୀ ସେବାର ସୁବିଧା ପ୍ରଦାନ କରୁଛି। ରାଜ୍ୟରେ ୬୯୦୦ରୁ ଅଧିକ ମୋ ସେବା କେନ୍ଦ୍ର ସ୍ଥାପିତ ହୋଇଛି। ନିକଟ ଭବିଷ୍ୟତରେ ଏହି ସଂଖ୍ୟା ୮ ହଜରକୁ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି।

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସମୀକ୍ଷା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କରିଛନ୍ତି। ଏହାପରେ ଗୀତଗୋବିନ୍ଦ ସଦନଠାରେ ମନ୍ତ୍ରୀ ବେହେରା ବିଭାଗ ଦ୍ୱାରା ଗତ ୪ ବର୍ଷ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଇଣ୍ଟରନେଟ୍ ସେବା ଗାଁ ଗାଁରେ ପହଞ୍ଚାଇବା ପାଇଁ ରାଜ୍ୟରେ ଟେଲିକମ୍ ଭିତ୍ତିଭୂମିର ବିକାଶ ସାଧନ କରାଯାଇଛି। ଗତ ୪ ବର୍ଷ ମଧ୍ୟରେ ନୂତନ ପୁଞ୍ଜି ବିନିଯୋଗର ସୁଯୋଗ ସୃଷ୍ଟିହୋଇ ବିଶ୍ୱସ୍ତରୀୟ ତଥା ପ୍ରମୁଖ ଘରୋଇ କମ୍ପାନୀଗୁଡ଼ିକ ଓଡ଼ିଶାରେ ପୁଞ୍ଜି ବିନିଯୋଗ କରିଛନ୍ତି। ସେମାନଙ୍କ ମଧ୍ୟରେ ଡେଲୋଏଟ୍, ଆଇବିଏମ୍, ହାପିଷ୍ଟ ମାଇଣ୍ଡସ୍, ପିଡବ୍ଲ୍ୟୁସି, କନ୍ସେଣ୍ଟ୍ରିକ୍ସ, ଇନ୍‌ଟ୍ୟୁଟର, କଫର୍, ଓପିଏକ୍ସ ଆମେରିକା, ବ୍ଲାକ୍ ନାଇଟ୍, ଚବ୍, ଟେଟ୍ରାସଫ୍ଟ, ୟୋଭାଣ୍ଟ, ଇନୋଭେର, ଆମ୍ପିନ୍ ସୋଲାର ଏବଂ ୱାରେ ଏନର୍ଜି ଅନ୍ୟତମ। ଆଇଟି ଶିଳ୍ପକୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ ସମ୍ପ୍ରତି ଚାରିଗୋଟି ଉତ୍ସର୍ଗୀକୃତ ନୀତି ଯଥା- ଆଇଟି ପଲିସି, ଇଲେକ୍ଟ୍ରୋନିକ୍ସ ପଲିସି, ଡାଟା ସେଣ୍ଟର ପଲିସି ଏବଂ ବିପିଓ ପଲିସି ବିଭାଗ ଦ୍ୱାରା ପ୍ରଣୟନ କରାଯାଇଛି। ଏହି ନୀତିଗୁଡ଼ିକ ତୁଳନାତ୍ମକ ଭାବେ ଉତ୍କୃଷ୍ଟ ପ୍ରୋତ୍ସାହନ ଯୋଗାଇବାରେ ଫଳପ୍ରଦ ଭୂମିକା ଗ୍ରହଣକରି ରାଜ୍ୟରେ ଅଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି। ୨୦୨୧ରେ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଓଡ଼ିଶା ୱାନ୍ ପୋର୍ଟାଲରେ ୬୪୦ରୁ ଅଧିକ ସେବା ଉପଲବ୍ଧ ହେଉଛି। ସବୁ ଗ୍ରାମପଞ୍ଚାୟତକୁ ଅପ୍ଟିକାଲ୍ ଫାଇବର ସଂଯୋଗ ଯୋଗାଇ ଦିଆଯାଇଛି। ସୁନ୍ଦରଗଡ଼ ଏବଂ ଜୟପୁରରେ ଜିଲା ଡାଟା କେନ୍ଦ୍ର ସ୍ଥାପନ ପାଇଁ ଯୋଜନା କରାଯାଇଛି। ସମସ୍ତ ଗ୍ରାମପଞ୍ଚାୟତରେ ମୋ ସେବା କେନ୍ଦ୍ର ଏବଂ ଆଭାସି ବୈଠକ ସୁବିଧା ସମ୍ପ୍ରସାରିତ ହେବା ସହିତ ସମସ୍ତ ବ୍ଲକ୍ ମୁଖ୍ୟାଳୟରେ ସ୍ମାର୍ଟ ମୋ ସେବା କେନ୍ଦ୍ର ପ୍ରତିଷ୍ଠା ହେବ। ପୁରୀଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେଶନ ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ସେ କହିଛନ୍ତି।

# ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ ହେବାକୁ ଯାଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୫(ବ୍ୟୁରୋ)



ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ ହେବାକୁ ଯାଉଛି। ଏକବିଂଶ ଶତାବ୍ଦୀକୁ ପ୍ରେରଣା ଦେବା ସହ ଏହାକୁ ଏକ ନୂଆ ମଡେଲ ଭାବେ ସୃଷ୍ଟି କରିବା ପାଇଁ ନାନିଆଙ୍ଗ ଟେକ୍ନୋଲୋଜି ୟୁନିଭର୍ସିଟି ଏବଂ ଭାରତୀୟ ବିଶ୍ୱବିଦ୍ୟାଳୟ ପରି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ଜ୍ଞାନର ସହଭାଗିତାକୁ ସୁଦୃଢ଼ କରିବା ପାଇଁ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭିଭିଆନ୍ ବାଲାକ୍ରିଷ୍ଣନଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଦକ୍ଷତା ବିକାଶ ଏବଂ ଶିକ୍ଷା କ୍ଷେତ୍ରରେ ବହୁମୁଖୀ ଦ୍ୱିପାକ୍ଷିକ ସହଯୋଗକୁ ନେଇ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଧର୍ମେନ୍ଦ୍ର କହିଛନ୍ତି, ସିଙ୍ଗାପୁରର ନାନିଆଙ୍ଗ ଟେକ୍ନୋଲୋଜି ୟୁନିଭର୍ସିଟିରେ ଏବେର ଦିନ ତାଙ୍କ ପାଇଁ ଏକ ସ୍ମରଣୀୟ। ଏଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରିବା ସମୟରେ ସେମାନେ ଉଚ୍ଚଶିକ୍ଷା, ଅନୁସନ୍ଧାନ, ନବସୃଜନ, ଉଦ୍ୟୋଗିତା ଏବଂ ଶ୍ରେଣୀଗୃହର ଚାରିକାନ୍ଥ ବାହାରେ କିପରି ଶିକ୍ଷା ଗ୍ରହଣ କରିବେ ସେଥିପାଇଁ ରୋଡ୍‌ମ୍ୟାପ୍ ବିଷୟରେ ନିଜ ମତ ପ୍ରକାଶ କରିଛନ୍ତି।


GOVT. OF ODISHA
DEPARTMENT
INTEGRATED TRIBAL DEVELOPMENT AGENCY: KARANJIA, DIST- MAYURBHANJ
E-PROCUREMENT NOTICE
BID IDENTIFICATION NO. - 03/2023-24
e-mail:itdakja@nic.in, Tel-06796-296113

No.714 Dtd.29.05.2023

No.CAD-787:Bid Documents consisting of Work , Amount put to tender, Cost of Tender Papers , Time of completion , Class of Contractors and the set of terms and conditions of contract and other necessary documents can be seen/downloaded from Govt. Website i.e. https://tendersodisha.gov.in.

| | | |
|---|---|---|
| 1 | No. of works | 1(one) No. |
| 2 | Amount put to tender | Rs.12.50 Lakh |
| 3 | Period of completion | 3 calendar months. |
| 4 | Date & Time of availability of the Bid documents | From 10.00 AM of 30.05.2023 to 5.00 PM of 09.06.2023 |
| 5 | Last date & time of receipt of Bids in the portal | Dt. 09.06.2023 upto 5 P.M. |
| 6 | Bids received online shall be opened on | Dt. 12.06.2023 10 A.M. onwards |
| 7 | Name and address of the Officer inviting Bids | Project Administrator ITDA, karanjia |

Further details can be seen / downloaded from the procurement portal i.e https://tendersodisha.gov.in.

Sd./- Project Administrator
ITDA, Karanjia
OIPR-19007/11/0005/2324

BHUBANESWAR MUNICIPAL CORPORATION
e-Procurement Notice

Letter No. 26181 e-Mail Id: ee1@bmc.gov.in dt.29.05.23
No. C-462:- VI-P.W. Div-I-42/2023

1. Bid Reference No. : BMC-E.EDIV-I-05/2023-24
2. Tender Call Notice No. : dtd.
3. No. of Works : 03 (Three)
4. Bid Value : Rs.5,52,067/- to 49,98,667/-
5. Period of Completion : 15 days to 120 days

Date and Time Schedule

| Start | End | Opening |
|---|---|---|
| 11.00 A.M. of 01.06.23 | 5.00 P.M. of 17.06.23 | 11.00 A.M. of 19.06.23 |

6. Tender details can be seen for the e-Procurement portal: https://www.tendersodisha.gov.in. BMC website https://www.bmc.gov.in

Sd./- Executive Engineer
BMC Division-1
OIPR-13002/11/0046/2324

OFFICE OF THE
NOTIFIED AREA COUNCIL, ASKA
(GANJAM)
(Email:- askanac@gmail.com, Ph. No.-06822-273068)
Letter No.-1740 Date- 30.05.2023

QUOTATION CALL NOTICE

No.C-457:- Sealed quotations are invited from the intending Supplier/ Authorized dealers/ Agencies for supplying, fixing and fitting of sculptures. The rate should be quotated including all taxes. The vehicle should be delivered at N.A.C. Office, Aska in good condition including transportation charges. The **Tender Paper** Cost Rs- **6000/-** and **EMD Rs- 30000/-** has to deposit along with Quotation paper in shape of DD in favor of "**Executive Officer, N.A.C., Aska**" payable at Aska. The quotation paper will be available in office hour except Govt. Holiday from **31.05.2023 to 12.06.2023.** The Quotation should reach in the office of the undersigned on or before **13.06.2023 at 10:30 A.M.** The undersigned will not take any responsibility of delay in receive the quotation through post or by hand in office after deadline fixed for receiving the tenders. The quotations will be opened on the said date **13.06.2023 at 11.30 A.M.** in the presence of the suppliers or their authorized representatives. The authority reserves the right to reject at any or all quotations without assigning any reason thereof. The quotations are essentially required to enclose up-to-date valid GST clearance Certificate and PAN card. The following sculpture should be quotated including GST, Supplying, Fitting and Fixing charges. **The supplier have to deposit the EMD amount if the agency gets the supply order, although the agency is registered in MSME. The following terms and conditions should be noted.**

**1) MSME firm having own manufacturing unit**
**2) Having Turn Over of min 1.5 to 3 Cr.**
**3) Firm should have working in minimum 10 ULB of Odisha**

Sd./- Executive Officer
NAC, Aska
OIPR-13181/11/0007/2324

MUNICIPAL COUNCIL, VYASANAGAR
No.C-459: No.1626//Dt.29.05.2023
Detailed Tender Call Notice

| | |
|---|---|
| Name of the Work | Sanitation Manpower & Machinery (Tractor with Ordinary Grader) in Vyasanagar Municipality |
| E.M.D. | Rs.2,75,000.00 |
| AGENCY | Contractors registered under Company/Partnership/Proprietor Firm having experience in similar nature of work manually/ mechanically |
| Period of Contract | 1 (One Year) |
| Cost of Bid Document | Rs.10,000.00 |
| Available of Bid document | In www.jajpur.nic.in & www.vyasanagarmunicipality.in |
| Last date of receipt of filed up bid document | 12.06.2023 upto 5.00 P.M. |
| Date of Opening of Technical Bid | 13.06.2023 from 11.00 A.M. |
| Date of Opening of Financial Bid | Will be Communicate by undersigned after evaluation of Technical Bid |
| Mode of Submission | By Regd. Post/ Speed Post/ Courier Services only addressed to Executive Officer Vyasanagar Municipality, Jajpur Road, Dist- Jajpur, Pin-755019, Odisha |

Sd./- Executive Officer
Vyasanagar Municipality
OIPR-13092/11/0001/2324

GOVT. OF ODISHA No.A-188:
OFFICE OF THE SUPERINTENDING ENGINEER
MAHANADI BARRAGE DIVISION, CUTTACK
Phone No. 0671-2440118 Email-eembarragedivnctc@gmail.com
'e'-procurement Notice No: - 03 (MBD 16 & 17) /2023-24

| | | |
|---|---|---|
| 1. | Name of work | "Canal Critical & Road Works". |
| 2. | Total No. of works | 02 (Two) Nos. of works. |
| 3 | Tender Cost | Varies from Rs. 58.45 lakhs to 59.84 lakhs. |
| 4. | Mode of Payment of EMD (Bid Security) & Bid Cost | The bidder shall transfer the required amount of EMD (Bid Security} and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN. |
| 5. | Period of completion | 06 (Six) Calendar Months |
| 6. | Other details as follows | |
| (i) | Procurement Officer | Superintending Engineer, Mahanadi Barrage Division, Cuttack. |
| (ii) | Availability of Tender Online for Bidding | 01.06.2023 from 10.00 A.M to 16.06.2023 up to 5.00 P.M. |
| (iii) | Date, Time & Venue of opening of Bid through Online | Dtd.17.06.2023 - 11.30 A.M. for Technical Bid & Dtd.26.06.2023 - 11.30 A.M for Financial Bid in the Office of the Superintending Engineer, Mahanadi Barrage Division, Cuttack |
| (iv) | Date of Transparent Lottery to be Conducted (if required) | On 29.06.2023 at 11.30 A.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack. |

(Bidders shall furnish their present e-mail id, address and Telephone No. for further correspondence)
Further details can be seen from the Govt. web site www.tendersodisha gov in.

Sd./- Superintending Engineer
Mahanadi Barrage Division, Cuttack
OIPR-32477/11/0004/2324

OFFICE OF THE
MUNICIPAL COUNCIL, SONEPUR
"e"-procurement Notice
Bid Identification No.: SNP-MUN-13/2023-24
TENDER ID: 2023_ORULB_89365
Tender Call Notice No.2030/Date 29.05.2023

**No.C-460:-** Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in the Govt. Website i.e. **www.tendersodisha.gov.in**

| | | |
|---|---|---|
| 1. | Name of the Work | As per DTCN |
| 2. | No. of works | 1 No. |
| 3. | Amount put to Tender | As per DTCN |
| 4. | Period of Completion | As per DTCN |
| 5. | Starting Date & Time of Bidding | From Dt.**30.05.2023** from **11.00 A.M.** |
| 6. | Last Date & Time for Receipt of tenders through online | On or before Dt.**08.06.2023** up to **05.00 PM** |
| 8. | Bids received online shall be opened on | On Dt.**09.06.2023** at **11.00 AM** |
| 9. | Name and address of the Officer inviting Bid | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer, Sonepur Municipality
OIPR-13098/11/0002/2324


See Career Appointment on every Wednesday & Saturday

# କୁସ୍ତି ମହାସଂଘକୁ ସସ୍‌ପେଣ୍ଡ ଧମକ

କ୍ରୋଜିର-ସୁର୍-ଭେଭେ (ସୁଇଜରଲାଣ୍ଡ), ୩୦।୫

ନିର୍ଦ୍ଧାରିତ ସମୟ ମଧ୍ୟରେ କର୍ମକର୍ତ୍ତା ନିର୍ବାଚନ କରା ନ ଗଲେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)କୁ ସସ୍‌ପେଣ୍ଡ କରାଯିବ ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ମଙ୍ଗଳବାର ଧମକ ଦେଇଛି। କେବଳ ସେତିକି ନୁହେଁ ଯୌନ ଶୋଷଣ ମାମଲାରେ ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ଆସୁଥିବା ଭାରତର ଟପ୍ ରେସଲରଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ୟୁଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ନିନ୍ଦା କରାଯାଇଛି। ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ସାକ୍ଷୀ ମଲିକ, ଭିନେଶ ଫୋଗତ, ବଜରଙ୍ଗ ପୁନିଆ ଓ ସଙ୍ଗୀତା ଫୋଗତ ଏବଂ ସେମାନଙ୍କ ସମର୍ଥକଗଣ ବହୁ ଦିନ ହେଲା ଚଳାଇ ଆସିଥିବା ଆନ୍ଦୋଳନ ଉପରେ ନଜର ରଖାଯାଇଛି। କର୍ତ୍ତୃପକ୍ଷ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ଉଚିତ ହେବ ବୋଲି ୟୁଡବ୍ଲ୍ୟୁଡବ୍ଲ୍ୟୁ କହିଛି। ସୂଚନାଯୋଗ୍ୟ, ଭାରତ କୁସ୍ତି ମହାସଂଘ କାର୍ଯ୍ୟନିର୍ବାହୀ କମିଟିର ନିର୍ବାଚନ ପରିଚାଳନା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ଏକ ଆଡହକ୍ କମିଟି ଗଠନ କରିବାକୁ କହିଥିଲା ଏବଂ ୪୫ ଦିନ ମଧ୍ୟରେ ନିର୍ବାଚନ କରାଇବା ଲାଗି ନିର୍ଦ୍ଦେଶ ଦେଇଥିଲା। ଡବ୍ଲ୍ୟୁଏଫ୍ଆଇର ଦୈନନ୍ଦିନ କାର୍ଯ୍ୟ ଦେଖାଚାହାଁ କରିବା ଲାଗି ଦୁଇଜଣ ସଦସ୍ୟ ବିଶିଷ୍ଟ ଆଡହକ୍ କମିଟି ଏପ୍ରିଲ ୨୭ରେ ଗଠନ କରାଯାଇଥିଲା। ଇତିମଧ୍ୟରେ ୩୩ ଦିନ ଅତିକ୍ରାନ୍ତ କରିଗଲାଣି। ଆଉ ମାତ୍ର ୧୨ ଦିନ ସମୟ ରହିଛି।



ତିରୁପତି ମନ୍ଦିରରେ ଆଇପିଏଲ୍ ଟ୍ରଫିକୁ ପୂଜାର୍ଚ୍ଚନା।

## ତିରୁପତିରେ ଆଇପିଏଲ୍ ଟ୍ରଫି

**ଚେନ୍ନାଇ, ୩୦।୫:** ୧୬ ତମ ସଂସ୍କରଣର ଆଇପିଏଲ୍ ଚାମ୍ପିୟନ ହେବା ପରେ ଟ୍ରଫିକୁ ଚେନ୍ନାଇ ଆଣି ପୂଜା କରାଯାଇଛି। ଚେନ୍ନାଇର ତ୍ୟାଗ ରାୟ ନଗର ସ୍ଥିତ ତିରୁମାଲା ତିରୁପତି ଦେବସ୍ଥଳମ ମନ୍ଦିରକୁ ଅଣାଯାଇ ପୂଜା ସମ୍ପନ୍ନ କରାଯାଇଛି। ଟ୍ରଫିକୁ ଭେଙ୍କଟେଶ୍ୱର ସ୍ୱାମୀଙ୍କ ପାଦ ତଳେ ରଖି ଚେନ୍ନାଇ ମ୍ୟାନେଜମେଣ୍ଟ ପକ୍ଷରୁ ପୂଜା କରାଯାଇଥିଲା। ଅହମଦାବାଦର ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମରେ ଫାଇନାଲ ଶେଷ ହେବା ପରେ ଖେଳାଳି ଓ ଟ୍ରଫି ଏକ ଚାର୍ଟର ବିମାନ ଜରିଆରେ ଚେନ୍ନାଇ ବିମାନ ବନ୍ଦରରେ ପହଞ୍ଚିଥିଲା। ଏହାପରେ ଟ୍ରଫିକୁ ତିରୁମାଲା ତିରୁପତି ଦେବସ୍ଥଳମ ମନ୍ଦିରକୁ ନିଆଯାଇଥିଲା।

## ମୁଖ୍ୟ ଡ୍ର’ରେ ସମୀର, କିରଣ, ଅସ୍ମିତା

ବ୍ୟାଙ୍କକ୍, ୩୦।୫(ପି.ଟି.)

ସମୀର ବର୍ମା, କିରଣ ଜର୍ଜ ଓ ଅସ୍ମିତା ଛଲିଆ ଥାଇଲାଣ୍ଡ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର’ରେ ସ୍ଥାନ ପାଇଛନ୍ତି। ଭାରତର ଏହି ୩ ବ୍ୟାଡ୍‌ମିଣ୍ଟନ ଖେଳାଳି କ୍ୱାଲିଫାଇଂ ରାଉଣ୍ଡରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ନିକଟରେ ସ୍ଲୋଭେନିଆ ଓପନ୍ ଜିତିଥିବା ବିଶ୍ୱର ପୂର୍ବତନ ୧୧ ନମ୍ବର ଖେଳାଳି ସମୀର ଇଣ୍ଡୋନେସିଆର ଖ୍ରିଷ୍ଟିଆନ ଆଦିନାତା ଓ ସ୍ପେନର ଲୁଇସ ଏନରିକ୍ ପେନାଲ୍‌ଭରଙ୍କ ବିପକ୍ଷରେ ୱାକଓଭର ପାଇବା ପରେ ମାଲେସିଆର ୟେଓ ସେଙ୍ଗ୍ ଜୋ’ଙ୍କୁ ୨୧-୧୨, ୨୧-୧୭ରେ ପରାସ୍ତ କରିଥିଲେ। ୨୦୧୮ରେ ୩ ଟାଇଟଲ ଜିତିଥିବା ୨୮ ବର୍ଷୀୟ ଏହି ଖେଳାଳି ମୁଖ୍ୟ ଡ୍ର’ର ପ୍ରଥମ ରାଉଣ୍ଡରେ ଡେନମାର୍କର ମାଗ୍ନସ ଜୋହାନସେନ୍‌ଙ୍କୁ ଭେଟିବେ। ୨୦୨୨ରେ ଓଡ଼ିଶା ଓପନ ବିଜେତା କିରଣ କ୍ୱାଲିଫାଇଂରେ ନିଜ ଦେଶର କାର୍ତ୍ତିକେୟ ଗୁଲ୍‌ସନ କୁମାରଙ୍କୁ ୨୧-୧୪, ୨୧-୧୮ ଏବଂ ପରେ କୋରିଆର ଜିଅନ୍ ହିଅକ୍ ଜିନ୍‌ଙ୍କୁ ୨୧-୧୦, ୨୧-୧୪ରେ ପରାଜିତ କରି ମୁଖ୍ୟ ଡ୍ର’ରେ ସ୍ଥାନ ପାଇଛନ୍ତି। ବୁଧବାର ସେ ପ୍ରଥମ ରାଉଣ୍ଡରେ ତୃତୀୟ ସିଡ୍ ତଥା ଚାଇନାର ଶି ୟୁକିଙ୍କୁ ଭେଟିବେ। ଅନ୍ୟପକ୍ଷରେ ଆଗାମୀ ଏସିଆନ ଗେମ୍ସ ପାଇଁ ନିକଟରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ)ର ସିଲେକ୍ସନ ଟ୍ରାଏଲ୍ ମହିଳା ସିଙ୍ଗଲ୍ସରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଅସ୍ମିତା ଛଲିଆ ନିଜ ଦେଶର ଉନ୍ନତି ହୁଡାଙ୍କୁ ୨୧-୧୬, ୧୩-୨୧, ୨୧-୧୯ରେ ହରାଇ ଦେଇଛନ୍ତି।





ଅରୁଣ୍ଡେଲ କ୍ୟାସଲ କ୍ରିକେଟ କ୍ଲବଠାରେ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳର ଟ୍ରେନିଂ ସେସନ ଅବସରରେ ଶାର୍ଦ୍ଦୂଳ ଠାକୁର ଓ ବିରାଟ କୋହଲି।

# ବିପର୍ଯ୍ୟୟ ଘଟାଇଲେ ଥିଆଗୋ

ଫ୍ରେଞ୍ଚ୍ ଓପନ ଟେନିସ

ପ୍ୟାରିସ୍, ୩୦।୫

ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ବର୍ଗରେ ଦେଖିବାକୁ ମିଳିଛି ବଡ ବିପର୍ଯ୍ୟୟ। ବିଶ୍ୱ ଟେନିସ୍‌ର ଦୁଇ ନମ୍ବର ସ୍ଥାନରେ ଥିବା ରୁଷିଆର ଡାନିଲ ମେଡଭେଡେଭ୍ ଜଣେ ଅଣସିଡେଡ ଖେଳାଳିଙ୍କ ନିକଟରୁ ହାରିବା ସହିତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୩ ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପହଞ୍ଚିଥିବା ତଥା ଥରେ ଗ୍ରାଣ୍ଡସ୍ଲାମ ଜିତିଥିବା ମେଡଭେଡେଭଙ୍କୁ ପରାସ୍ତ କରିଛନ୍ତି ୧୭୨ ତମ ସ୍ଥାନରେ ଥିବା ବ୍ରାଜିଲର ୨୩ ବର୍ଷୀୟ ଥିଆଗୋ ସିବଥ୍ ୱାଇଲ୍ଡ। ପ୍ରଥମ ଥର ଗ୍ରାଣ୍ଡସ୍ଲାମ ଖେଳୁଥିବା ୱାଇଲ୍ଡ ୭-୬(୫), ୬-୭(୮), ୨-୬, ୬-୩ ଓ ୬-୪ ସେଟରେ ମ୍ୟାଚକୁ ଜିତି ନେଇଥିଲେ। ମ୍ୟାଚର ପ୍ରଥମ ଦୁଇ ସେଟ ଟାଇବ୍ରେକରକୁ ଯାଇଥିଲା। ଉଭୟ ଖେଳାଳି ଗୋଟିଏ ଲେଖାଏ ସେଟ୍ ଜିତିଥିଲେ। ତୃତୀୟ ସେଟ୍ ଜିତି ମେଡଭେଡେଭ୍ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରୁଥିବା ବେଳେ ଅନ୍ତିମ ଦୁଇ ସେଟ୍ ଜିତି ନେଇ ଗ୍ରାଣ୍ଡସ୍ଲାମ ପଦାର୍ପଣକୁ ସ୍ମରଣୀୟ କରିଥିଲେ ଥିଆଗୋ ସିବଥ୍ ୱାଇଲ୍ଡ। ବିଶ୍ୱ ମାନ୍ୟତାର ପୂର୍ବତନ ଏକ ନମ୍ବର ଖେଳାଳି ଆଲେକଜାଣ୍ଡାର ଜେରେଭ୍ ସିଧାସଳଖ ସେଟରେ ଦକ୍ଷିଣ ଆଫ୍ରିକାର ଲୟଡ୍ ହାରିସ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୨୨ ନମ୍ବର ସ୍ଥାନରେ ଥିବା ଜେରେଭ ୭-୬(୮-୬), ୭-୬(୭-୦) ଓ ୬-୧ରେ ବିଜୟୀ ହୋଇଥିଲେ। ପ୍ରଥମ ଦୁଇ ସେଟ୍ ଟାଇବ୍ରେକରରେ ନିର୍ଦ୍ଧାରିତ ହୋଇଥିବା ବେଳେ ଅନ୍ତିମ ସେଟ୍‌କୁ ସହଜରେ ଜିତିଥିଲେ ଜେରେଭ୍। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା କାସ୍ପର ରୁଡ୍ ମଧ୍ୟ ସହଜ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସ୍ୱିଡେନର ଅଣସିଡେଡ୍ ଖେଳାଳି ଏଲିଆସ୍ ୟେମେରଙ୍କୁ ସେ ୬-୪, ୬-୩ ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୬ ନମ୍ବର ସ୍ଥାନରେ ଥିବା ଆମେରିକାର ଟମି ପଲ୍ ମଧ୍ୟ ବିଜୟୀ ହୋଇଛନ୍ତି। ସେ ସ୍ୱିଜରଲାଣ୍ଡର ଡୋମିନିକ୍ ଷ୍ଟିଫେନ୍ ଷ୍ଟ୍ରାଇକରଙ୍କୁ ୬-୩, ୬-୨ ଓ ୬-୪ରେ ହରାଇଥିଲେ। ଆଉ ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୩୧ ତମ ସ୍ଥାନରେ ଥିବା ସର୍ବିୟାର ମିଓମିର କେକମାନୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି ଇଟାଲୀର ଅଣ ସିଡେଡ୍ ଖେଳାଳି ଆନ୍ଦ୍ରେଆ ଭାଭାସୋରି। ପ୍ରଥମ ଦୁଇ ରାଉଣ୍ଡରେ ପରାଜିତ ହୋଇଥିଲେ ହେଁ ପରବର୍ତ୍ତୀ ୩ ରାଉଣ୍ଡକୁ ଟାଇବ୍ରେକରରେ ବିଜୟୀ ହୋଇଥିଲେ ଭାଭାସୋରି। ୭-୫, ୬-୨, ୬-୭(୮-୧୦), ୬-୭(୩-୭) ଓ ୬-୭(୯-୧୧) ସେଟରେ ଆନ୍ଦ୍ରେଆ ଭାଭାସୋରି ମ୍ୟାଚ୍ ଉପରେ କବଜା କରିଥିଲେ। ବିଶ୍ୱ ମାନ୍ୟତାର ୨୭ ନମ୍ବର ସ୍ଥାନରେ ଥିବା ଜାପାନର ୟୋଶିହିତୋ ନିଶିଆକା ଆମେରିକାର ଜେଜେ ଓଲ୍ଫଙ୍କୁ ପରାସ୍ତ କରିଛନ୍ତି। ୧-୬, ୩-୬, ୬-୪, ୬-୩ ଓ ୬-୩ ସେଟରେ ସେଏହି ମ୍ୟାଚକୁ ଜିତିଥିଲେ। ପ୍ରଥମ ଦୁଇ ସେଟ୍‌ରେ ଓଲ୍ଫ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ତେବେ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ ନିଶିଆକା।



ମ୍ୟାଚ୍ ଜିତିବା ପରେ ଥିଆଗୋ ସିବଥ୍ ୱାଇଲ୍ଡ।



ରିଟର୍ନ ଶଟ୍ ଖେଳିବା ଅବସରରେ ଡାନିଲ ମେଡଭେଡେଭ।

## ପରୀ କାହାଣୀ ପରି ଥିଲା ଜାଡେଜାଙ୍କ ବ୍ୟାଟିଂ: ଫ୍ଲେମିଂ

**ଅହମଦାବାଦ, ୩୦।୫ (ପି.ଟି.):** ରବୀନ୍ଦ୍ର ଜାଡେଜାଙ୍କ ଇନିଂସ କୌଣସି ପରୀ କାହାଣୀଠାରୁ କମ୍ ନ ଥିଲା ବୋଲି କହିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ କୋଚ୍ ଷ୍ଟିଫେନ୍ ଫ୍ଲେମିଂ। ଅନ୍ତିମ ଓଭରରେ ୧୩ ରନ୍ ଆବଶ୍ୟକ ଥିବା ବେଳେ ଜାଡେଜା ଅବିଶ୍ୱସନୀୟ ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ପ୍ରଥମ ୪ ବଲ୍‌ରୁ ମାତ୍ର ୩ ରନ୍ ସଂଗୃହୀତ ହୋଇଥିବା ବେଳେ ଅନ୍ତିମ ଦୁଇ ବଲ୍‌ରୁ ୧୦ ରନ୍ ଆବଶ୍ୟକ ରହିଥିଲା। ୫ମ ବଲ୍‌କୁ ଛକା ମାରିବା ପରେ ଅନ୍ତିମ ବଲ୍‌ରୁ ଚୌକା ମାରି ଜାଡେଜା ଦଳକୁ ୫ମ ଟାଇଟଲ ବିଜୟୀ କରିଥିଲେ। କ୍ରିକେଟରେ ପରୀ କଥାର କୌଣସି ସ୍ଥାନ ନ ଥାଏ। ତେବେ ବିଗତ ଦେଢ ବର୍ଷ ମଧ୍ୟରେ ଜାଡେଜା ଯାହାବି ହାସଲ କରିଛନ୍ତି ତାହା କୌଣସି ପରୀ କାହାଣୀରୁ କମ୍ ନୁହେଁ। ଚେନ୍ନାଇର ଅଧିନାୟକ ଭାବରେ ଜାଡେଜା ବିଫଳ ହୋଇଥିବା ବେଳେ ଆହତ ହୋଇ କ୍ରିକେଟରୁ ଦୂରେଇ ରହିଥିଲେ। ପରବର୍ତ୍ତୀ ସମୟରେ ଟେଷ୍ଟ ଟିମ୍‌କୁ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ପରବର୍ତ୍ତୀ ସମୟରେ ଚେନ୍ନାଇ ଦଳକୁ ମଧ୍ୟ ପ୍ରତ୍ୟାବର୍ତ୍ତନ କରିଥିଲେ। ଏପରିକି ମୋହିତ ଶର୍ମାଙ୍କ ଓଭର ସମାପ୍ତ ହେବା ପୂର୍ବରୁ ପରାଜୟ ନିଶ୍ଚିତ ବୋଲି ଭାବି ନେଇଥିବା କହିଥିଲେ ଫ୍ଲେମିଂ। ଜାଡେଜା ଛକା ମାରିବା ପରେ ବିଜୟର ଆଶା ସଞ୍ଚାର ହୋଇଥିବା ବେଳେ ଏହା ଅତ୍ୟନ୍ତ ରୋମାଞ୍ଚକ ମୁହୂର୍ତ୍ତ ରହିଥିଲା।

# ଆଉ ଏକ ସିଜନ ଖେଳିବା ନେଇ ଧୋନୀଙ୍କ ସଙ୍କେତ

ଅହମଦାବାଦ, ୩୦।୫(ପି.ଟି.)

ଆଇପିଏଲ୍‌ର ୧୬ତମ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅବସରକୁ ନେଇ ଚର୍ଚ୍ଚା ରହିଥିବା ବେଳେ ସେ ଆଉ ଗୋଟିଏ ସିଜନ ଖେଳିବା ନେଇ ସୂଚନା ଦେଇଛନ୍ତି। ୪୧ ବର୍ଷୀୟ ଧୋନୀଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସକୁ ୫ ଉଇକେଟରେ ପରାସ୍ତ କରି ପଞ୍ଚମ ଆଇପିଏଲ ଟାଇଟଲ ହାସଲ କରିଛି ଚେନ୍ନାଇ। ଫାଇନାଲ ମ୍ୟାଚର ପୁରସ୍କାର ବିତରଣ ଉତ୍ସବରେ ହର୍ଷ ଭୋଗଲେ ମଧ୍ୟ ଧୋନୀଙ୍କୁ ସମାନ ପ୍ରଶ୍ନ ପଚାରିଥିଲେ। ସିଧାସଳଖ ଉତ୍ତର ଦେଇ ନ ଥିଲେ ମଧ୍ୟ ଅବସର ସମ୍ଭାବନାକୁ ଏଡାଇବା ସହିତ ଆଉ ଗୋଟିଏ ସିଜନ ଖେଳିବା ଆଡକୁ ଧୋନୀ ଇସାରା କରିଥିଲେ। ଟାଇଟଲ ଜିତିବା ସହିତ ଏହା ଅବସର ପାଇଁ ପ୍ରକୃଷ୍ଟ ସମୟ, ମାତ୍ର ଚଳିତ ସିଜନରେ ଦର୍ଶକଙ୍କ ପକ୍ଷରୁ ଯେଉଁ ଭଲ ପାଇବା ମିଳିଛି ତାହାକୁ ଛାଡିବା କଷ୍ଟସାଧ। ତେବେ ଆଉ ଏକ ଆଇପିଏଲ ଖେଳିବା ପାଇଁ ୯ ମାସ ପରିଶ୍ରମ କରିବା ମଧ୍ୟ କଷ୍ଟସାଧ ବୋଲି ଧୋନୀ କହିଥିଲେ। ଚଳିତ ସିଜନ ଆରମ୍ଭରୁ ହିଁ ଧୋନୀଙ୍କ ପ୍ରତି ଫ୍ୟାନ୍‌ମାନେ ଭଲପାଇବା ଦେଖାଇ ଆସିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସର ପ୍ରଥମ ଘରୋଇ ମ୍ୟାଚ୍ ତାଙ୍କ ପାଇଁ ଭାବବିହ୍ୱଳ ମୁହୂର୍ତ୍ତ ଥିଲା ବୋଲି ଧୋନୀ କହିଥିଲେ। ଷ୍ଟାଡିୟମର ସମସ୍ତ ଦର୍ଶକ ଧୋନୀ ଧୋନୀ ଚିଲାଉଥିବା ବେଳେ ଏହା ଦେଖି ମୋ ଆଖିରେ ଲୁହ ଆସି ଯାଇଥିଲା। ଏହି ମୁହୂର୍ତ୍ତ ସହିତ ନିଜକୁ ଅଭ୍ୟସ୍ତ କରିବା ପାଇଁ ମୁଁ ଡଗ୍‌ଆଉଟରେ କିଛି ଅଧିକ ସମୟ ବିତାଇଥିଲି। ଏହି ସମୟକୁ ମୁଁ ଉପଭୋଗ କରିବା ଉଚିତ ବୋଲି ଅନୁଭବ ହେବା କ୍ଷଣି ମୁଁ ସେମିତି ହିଁ ରହିବାକୁ ପ୍ରୟାସ କରିଥିଲି। ରେକର୍ଡ ୫ମ ଥର ଆଇପିଏଲ ଜିତି ରୋହିତ ଶର୍ମାଙ୍କ ରେକର୍ଡର ସମକକ୍ଷ ହୋଇଥିବା ଧୋନୀ ଫାଇନାଲ ଟ୍ରଫିକୁ ଅନ୍ୟ ଯେକୌଣସି ଟ୍ରଫିଠାରୁ ସ୍ୱତନ୍ତ୍ର ବୋଲି ବର୍ଣ୍ଣନା କରିଛନ୍ତି। ସବୁ ଟ୍ରଫି ସ୍ୱତନ୍ତ୍ର, ମାତ୍ର ଆଇପିଏଲର ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ଏହାକୁ ଅଧିକ ସ୍ୱତନ୍ତ୍ର ବନାଉଛି।

## ‘ଭାରତକୁ ଶକ୍ତିଶାଳୀ କରିଥାନ୍ତା ପାଣ୍ଡ୍ୟାଙ୍କ ଉପସ୍ଥିତି’

**ଦୁବାଇ, ୩୦।୫ (ପି.ଟି.):** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଭାରତୀୟ ଦଳରେ ପାଣ୍ଡ୍ୟାଙ୍କ ଉପସ୍ଥିତି ଉପରେ ଜୋର ଦେଇଛନ୍ତି ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ବ୍ୟାଟର ରିକି ପଣ୍ଟିଂ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଫାଇନାଲ ଖେଳିବାକୁ ଯାଉଥିବା ବେଳେ ପାଣ୍ଡ୍ୟା ସାମିଲ ଥିଲେ ଏହା ଦଳକୁ ସୁବିଧା ସ୍ଥିତିରେ ରଖିଥାନ୍ତା ବୋଲି ସେ କହିଛନ୍ତି। ଫିଟନେସ କାରଣରୁ ପାଣ୍ଡ୍ୟା ୨୦୧୮ ପରଠାରୁ ନିଜକୁ ଟେଷ୍ଟ ଦଳରୁ ଦୂରେଇ ରଖିଛନ୍ତି। ତେବେ ସଦ୍ୟ ସମାପିତ ଆଇପିଏଲରେ ପାଣ୍ଡ୍ୟା ନିୟମିତ ଭାବରେ ବୋଲିଂ କରୁଥିବାରୁ ତାଙ୍କ ଉପସ୍ଥିତି ବଳରେ ଦଳର ଅଲରାଉଣ୍ଡର ଚିନ୍ତା ଦୂର ହୋଇ ପାରିଥାନ୍ତା ବୋଲି ପଣ୍ଟିଂ କହିଛନ୍ତି। ଆଇସିସି ପକ୍ଷରୁ ଏକ ସମୀକ୍ଷା କରୁଥିବା ବେଳେ ଏମିତି ମତ ରଖିଛନ୍ତି ପଣ୍ଟିଂ। ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ତଥା ଦିଲ୍ଲୀ କ୍ୟାପିଟାଲ୍ସର କୋଚ୍ ରହିଥିବା ପଣ୍ଟିଂ କହିଛନ୍ତି, ପାଣ୍ଡ୍ୟାଙ୍କ ଶରୀର ଟେଷ୍ଟର କାର୍ଯ୍ୟଭାର ସମ୍ଭାଳିବାରେ ଅକ୍ଷମ ମାତ୍ର ଗୋଟିଏ ଟେଷ୍ଟରେ ସେ ଖେଳଥିଲେ ଏହା ବିଶେଷ ପ୍ରଭାବ ପକାଇ ନ ଥାନ୍ତା।

# ସାତ୍ୱିକ-ଚିରାଗଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୩୦।୫ (ପି.ଟି.)

ଭାରତର ଟପ୍ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଙ୍ଗଳବାର ପ୍ରକାଶିତ ବିଡବ୍ଲ୍ୟୁଏଫ୍ ର୍ୟାଙ୍କିଙ୍ଗ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଗତବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ଓ ଫ୍ରେଞ୍ଚ ଓପନ ସୁପର ୭୫୦ ଟାଇଟଲ ଜିତିଥିବା ସାତ୍ୱିକ- ଚିରାଗ ଯୋଡ଼ି ଏହି ସିଜନରେ ସୁଇସ୍ ଓପନ ସୁପର ୩୦୦ ଚାମ୍ପିୟନ ହୋଇଛନ୍ତି। ଭାରତୀୟ ଯୋଡ଼ି ୧୨ଟି ଟୁର୍ନାମେଣ୍ଟରୁ ୭୪,୬୫୧ ପଏଣ୍ଟ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଗତ ସପ୍ତାହରେ ମାଲେସିଆ ମାଷ୍ଟର୍ସରେ ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ ହାସଲ କରିଥିବା ଏଚ୍.ଏସ୍. ପ୍ରଣୟ ଗୋଟିଏ ସ୍ଥାନ ଉପରକୁ ଉଠି ବିଶ୍ୱର ୮ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ହୋଇଛନ୍ତି। କିଡାମ୍ବି ଶ୍ରୀକାନ୍ତ ୩ ସ୍ଥାନ ଉପରକୁ ଉଠି ଟପ୍ ୨୦ରେ ପ୍ରବେଶ କରିଛନ୍ତି। ସେ ୨୦ତମ ସ୍ଥାନରେ ରହିଛନ୍ତି। ମାଲେସିଆ ମାଷ୍ଟର୍ସର ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେବା ପରେ ଲକ୍ଷ୍ୟ ସେନ୍ ଗୋଟିଏ ସ୍ଥାନ ତଳକୁ ଖସି ବିଶ୍ୱର ୨୩ ନମ୍ବର ଖେଳାଳି ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଦୁଇ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ପୂର୍ବଭଳି ୧୩ତମ ସ୍ଥାନରେ ରହିଛନ୍ତି। ମହିଳା ଡବଲ୍ସରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ସେମାନଙ୍କ ୧୫ତମ ସ୍ଥାନ ବଜାୟ ରଖିଛନ୍ତି।



ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

## ଡିପ ଜମିରେ ଡାଲି ଜାତୀୟ ଫସଲ

**ଜ**ମି ପ୍ରସ୍ତୁତକରି ନିଗିଡ଼ା ଡିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।



## ଆଖୁରେ ଭେଳା ବନ୍ଧା

**ଆ**ଖୁଚାଷ କରୁଥିଲେ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଏହି ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗ୍ରାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କିମ୍ବା ଥାୟାମେଥୋକ୍ସାମ୍ ୧୫୦ ଗ୍ରାମ୍/ହେକ୍ଟର (କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ଫିପ୍ରୋନିଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।



## ନଳିତାରେ ଘାସ ବଛା

**ନ**ଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ। ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଜୁନ୍ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।



### ଜୁନ୍ ମାସର କୃଷି ସୂଚନା

# ଶେଷ ଓଡ଼ ଧାନ ଚାଷ





**ଧା**ନଚାଷ କରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣି ସାରି ଥରେ ମଇ ଦେଇଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ। ସାଧାରଣତଃ ଖରିଫ୍/ବର୍ଷା ଋତୁରେ ମୋଟ ୬୦ ମିଲି ମିଟର ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ। ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଡିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ। ଏଥିପାଇଁ ଡିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ। ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନଜନିତ ରୋଗରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୧ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

**ଡଣ୍ଟିକଟା(କେଣ୍ଡା ମହିଷା) ରୋଗର ପ୍ରତିକାର :** ୧ କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋକ୍ସିନ୍ (୩୭.୫%) + ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟେବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରିବେ।

**ମକାଚାଷ ପାଇଁ ଜମି ପ୍ରସ୍ତୁତି**

ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୨୦ କି.ଗ୍ରା. ମକା ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ । ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ ।

**ଚିନାବାଦାମ**

ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

**ରାଶି**

ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍‌ସାର ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମଗୁଡିକ ହେଲା - କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା ।

**ଫଳବଗିଚା କାର୍ଯ୍ୟ**

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ। ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା - ୧ ମି. x ୧ ମି. x ୧ ମି. , ନଡ଼ିଆ - ୧ ମି. x ୧ ମି. x ୧ ମି. , କଦଳୀ - ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ - ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

**ନର୍ସରି କାର୍ଯ୍ୟକ୍ରମ**

ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ। ଆମ୍ବଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ । ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫା କରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ମାଛ ଚାଷ

ଚଳିତ ବର୍ଷ ମାଛଚାଷ କରିବା ପାଇଁ ପ୍ରସ୍ତୁତ ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇ ମାନେ ପୋଖରୀକୁ ମେ’ ମାସ ଶେଷ ସୁଦ୍ଧା ଶୁଖାଇ ପାରିନାହାନ୍ତି ସେମାନେ ଜୁନ୍ ମାସ ପ୍ରଥମ ସପ୍ତାହ ମଧ୍ୟରେ ପୋଖରୀରୁ ପାଣି ବାହାରକରି ଶୁଖାଇ ଦିଅନ୍ତୁ। ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ । ଜୁନ୍ ମାସ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ । ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବରପାଣିରେ ମିଶାଇ ଦିଅନ୍ତୁ । ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ଲାଙ୍କଟନ୍ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।





# ବର୍ଷାଦିନିଆ ପନିପରିବା

**ବ**ର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ଆଦି ପନିପରିବା ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଡାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୭ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୫-୭ ଦିନ ପରେ ବିହନ ବୁଣନ୍ତୁ। ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ। ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା’ ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ। ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।

## ବର୍ଷାଦିନେ ପ୍ରାଣୀଙ୍କ ଯତ୍ନ

**ବ**ର୍ଷାଋତୁରେ ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପଶୁଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହି ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ। ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ାଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।



# ମୁଖ୍ୟମନ୍ତ୍ରୀ କିଣିଲେ ପ୍ରଥମ ଟିକେଟ

**ଭୁବନେଶ୍ୱର, ୩୦ା୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଜୁନ୍ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଖେଳାଯିବାକୁ ଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ୨୦୨୩ର ପ୍ରଥମ ଟିକେଟ କ୍ରୟ କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସେକ୍ରେଟାରୀ ଜେନେରାଲ ଡ. ଶାଜି ପ୍ରଭାକରନ ଓ ଭାରତୀୟ ଫୁଟ୍‌ବଲ ଦଳର କୋଚ୍

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**



ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟିକେଟ ପ୍ରଦାନ କରୁଛନ୍ତି।

ଇଗୋର ଷ୍ଟିମାକ୍‌ଙ୍କ ଉପସ୍ଥିତିରେ ଭାରତୀୟ ଫୁଟ୍‌ବଲ ଟିମ୍ ଅଧିନାୟକ ସୁନୀଲ ଛେତ୍ରୀ ଏହି ଟିକେଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଓ ରାଉରକେଲାରେ ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍ ୨୦୨୩ର ସଫଳ ଆୟୋଜନ ପରେ ଓଡ଼ିଶା ଆଉ ଏକ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ୪ଟି ଦେଶକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଭାରତ, ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ ଅଂଶଗ୍ରହଣ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ବହୁ ଲୋକଙ୍କର ଫୁଟ୍‌ବଲ ଖେଳ ପ୍ରତି ଆଦର ରହିଛି। ଏହି ଦର୍ଶନୀୟ ଇଭେଣ୍ଟର ଆୟୋଜନ କରିବା ଆମ ପାଇଁ ଆଉ ଏକ ସମ୍ମାନର ବିଷୟ। କେବଳ ଆମ ରାଜ୍ୟ ନୁହେଁ ଭାରତବର୍ଷର ଫୁଟ୍‌ବଲପ୍ରେମୀଙ୍କ ଲାଗି ଏକ ଖୁସିର ବିଷୟ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକର ସେ ଶୁଭକାମନା କରିବା ସହ ଟପ୍ କ୍ୱାଲିଟି ଫୁଟ୍‌ବଲ ଦେଖିବା ଲାଗି ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହିଲେ ଖେଳାଳିମାନେ ଉତ୍ସାହିତ ହେବେ ବୋଲି ସେ କହିଛନ୍ତି। ଓଡ଼ିଶା ଫୁଟ୍‌ବଲର ଏକ ପ୍ରମୁଖ ହବ୍ ହୋଇ ଉଭା ହୋଇଛି। ରାଜ୍ୟରେ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ୨୦୨୨, ସାଫ୍ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ ୨୦୨୨, ଆଇଏସ୍ଏଲ ସିଜନ, ଆଇଡବ୍ଲ୍ୟୁଏଲ୍ ୨୦୨୧-୨୨ ଏବଂ ଓଡ଼ିଶା ଓମେନ୍ସ ଲିଗ୍ ସଫଳତାର ସହିତ ଆୟୋଜନ ହୋଇଛି। ଏଆଇଏଫ୍ଏଫ୍ ସହିତ ପାର୍ଟନରଶିପ୍‌ରେ ରାଜଧାନୀ ସହର ଭୁବନେଶ୍ୱରରେ ଭାରତୀୟ ୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଦଳ ସେମାନଙ୍କର କ୍ୟାମ୍ପ ଓ ଟ୍ରେନିଂ ସେସନ ଆୟୋଜନ କରିଆସୁଛନ୍ତି। ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁ ରାଜ୍ୟରୁ ୨ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଲେବାନନ ଓ ଭାନୁଆଟୁ ମଧ୍ୟରେ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚ ମଙ୍ଗୋଲିଆ ବିପକ୍ଷରେ ଖେଳି ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିବ।

## ଅନ୍‌ଲାଇନ୍‌ରେ ଟିକେଟ

**ଭୁବନେଶ୍ୱର, ୩୦ା୫ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଅନ୍‌ଲାଇନ୍‌ରେ ଟିକେଟ ଉପଲବ୍ଧ ହେଉଛି। ଦର୍ଶକମାନେ https://tick-etgenie.in/ରୁ ଟିକେଟ କ୍ରୟ କରି ପାରିବେ। ନର୍ଥ ୱେଷ୍ଟ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୧୫୦ ଟଙ୍କା ରଖା ଯାଇଛି। ଏହା ବ୍ୟତୀତ ନର୍ଥ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଏବଂ ଇଷ୍ଟ ଷ୍ଟାଣ୍ଡ ଟିକେଟ ୯୯ ଟଙ୍କାରେ ଉପଲବ୍ଧ ହେଉଛି। ଜୁନ ୯ରୁ ଆରମ୍ଭ ହୋଇ ଏହି ପ୍ରତିଯୋଗିତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାରତ, ମଙ୍ଗୋଲିଆ, ଲେବାନନ ଓ ଭାନୁଆଟୁ ଦଳ ଅଂଶଗ୍ରହଣ କରିବ। ୯, ୧୨ ଓ ୧୫ ତାରିଖରେ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ଗ୍ରୁପ୍ ପର୍ଯ୍ୟାୟରେ ଶୀର୍ଷ ୨ ସ୍ଥାନ ହାସଲ କରିଥିବା ଦଳକୁ ନେଇ ୧୮ ତାରିଖରେ ଫାଇନାଲ ଖେଳାଯିବ।

# ଫାଇନାଲରେ ପାରାମାଉଣ୍ଟ

**ଭୁବନେଶ୍ୱର, ୩୦ା୫ (କ୍ରୀଡ଼ା ପ୍ରତିନିଧି)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର(୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଥମ ଦଳଭାବେ ପାରାମାଉଣ୍ଟ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ୧୫୮ ରନରେ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୪ ଉଇକେଟ ହରାଇ ୨୧୩ ରନ କରିଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ବେହେରା ୫୬ ରନକରି ଅପରାଜିତ ରହିଥିବାବେଳେ ସ୍ୱାଗତ ମିଶ୍ର ୪୭ ଓ କୁମାର ଆର୍ଯ୍ୟନ ୪୧ ରନ ସ୍କୋର କରିଥିଲେ। ୨୧୪ ରନ ବିଜୟ ଲକ୍ଷ୍ୟରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୧୬.୫ ଓଭରରେ ମାତ୍ର ୫୫ ରନ୍‌କରି


ସେକ୍ ନକ୍ୱିବ ସର୍ବର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଅଲ୍‌ଆଉଟ ହୋଇ ଯାଇଥିଲା। ମହମ୍ମଦ ଇସ୍ତାଖର ସର୍ବାଧିକ ୧୭ ରନ କରିଥିଲେ। ପାରାମାଉଣ୍ଟ ବୋଲର ସେକ୍ ନକ୍ୱିବ ସର୍ବର ରାଇଜିଂ ଷ୍ଟୁଡେଣ୍ଟ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ମାତ୍ର ୮ ରନ ଦେଇ ୭ ଉଇକେଟ ହାସଲ କରିଥିଲେ। ସତଭିକ୍ ସୁବୁଦ୍ଧି ୨ଟି ଉଇକେଟ ନେଇଥିଲେ। ଚମତ୍କାର ବୋଲିଂ ପାଇଁ ସେକ୍ ନକ୍ୱିବ ସର୍ବର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ରଣଜୀ ଟ୍ରଫି ଖେଳାଳି ତଥା ରାଜସ୍ଥାନ ରୟାଲ୍ସର ନେଟ୍ ବୋଲର ପ୍ରୀତ୍ ସିଂ ଚୌହାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ଫ୍ରେଞ୍ଚ ଓପନ ଟେନିସ**

## ସିଡେଡ୍ ଖେଳାଳିଙ୍କ ସହଜ ବିଜୟ

**ପ୍ୟାରିସ୍, ୩୦ା୫:** କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନର ତୃତୀୟ ଦିବସରେ ସିଡେଡ୍ ଖେଳାଳିମାନେ ସହଜ ବିଜୟ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଓନ୍ସ ଜାବେର, ଏଲିନା ରିବାକିନା ଓ କୋକୋଆ ଗଫ୍‌ଙ୍କ ପରି ଖେଳାଳି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିପର୍ଯ୍ୟୟ ସହିତ ୧୩ ନମ୍ବର ସିଡ୍ ବାର୍ବୋରା କ୍ରେଜିକୋଭା ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୪ ନମ୍ବର ଖେଳାଳି ଏଲିନା ରିବାକିନା ୬-୪ ଓ ୬-୨ ସେଟରେ ଚେକ୍ ରିପବ୍ଲିକ୍‌ର ବ୍ରେଣ୍ଡା ଫ୍ରୁଭିର୍ତ୍ତୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଆମେରିକାର କୋକୋଆ ଗଫ୍ ୬-୩, ୧-୬, ୨-୬ ସେଟରେ ସ୍ପେନର ରେବେକା ମାସାରୋଭାଙ୍କୁ ହରାଇଥିଲେ। ରେବେକା ପ୍ରଥମ ସେଟ୍ ଜିତିଥିଲେ ମଧ ଗଫ୍ ପରବର୍ତ୍ତୀ ଦୁଇ ସେଟ ଉପରେ କବ୍‌ଜା କରିଥିଲେ। ସପ୍ତମ ସିଡ୍ ଓନ୍ସ ଜାବେର ମଧ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜାବେର ୬-୪, ୬-୧ ସେଟରେ ଇଟାଲୀର ଲୁସିଆର ବ୍ରୋଞ୍ଜେଟିଙ୍କୁ ହରାଇଥିଲେ। ୟୁକ୍ରେନର ଲେସିଆ ଟିସୁରେଙ୍କୋ ବିଶ୍ୱ ମାନ୍ୟତାର ୧୩ ନମ୍ବର ସ୍ଥାନରେ ଥିବା ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭାଙ୍କୁ ୬-୨ ଓ ୬-୪ର ସିଧାସଳଖ ସେଟରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ।

## ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ, ୩୦ା୫ (ପି.ଟି.):** ଫଳପ୍ରଦ ୟୁରୋପ ପ୍ରସ୍ତୁତି ଟୁର୍ ପରେ ମୁଖ୍ୟ କୋଚ୍ ବିବିଆନୋ ଫର୍ନାଣ୍ଡିଜ ମଙ୍ଗଳବାର ଥାଇଲାଣ୍ଡରେ ହେବାକୁଥିବା ଆଗାମୀ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆକପ୍ ଫୁଟ୍‌ବଲ ପାଇଁ ୨୩ ଜଣିଆ ଖେଳାଳି ତାଲିକା ଘୋଷଣା କରିଛନ୍ତି। ଟୁର୍ନାମେଣ୍ଟର ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିବା ଭାରତ ଜୁନ୍ ୧ରେ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିବ। ଦଳ ବ୍ୟାଙ୍କକ୍ ଓ ପାଥୁମ ଥାନିଠାରେ ନିଜ ଗ୍ରୁପ୍‌ରେ ଭିଏତ୍‌ନାମ (ଜୁନ୍ ୧୭), ଉଜ୍‌ବେକିସ୍ତାନ (ଜୁନ୍ ୨୦) ଓ ଜାପାନ (ଜୁନ୍ ୨୩)ସହ ମୁକାବିଲା କରିବ।

# କିଟ୍‌ର ପ୍ରଜ୍ଞା ପ୍ରଶାନ୍ତି, ବିକ୍ରାନ୍ତଙ୍କ ମିଟ୍ ରେକର୍ଡ


ପ୍ରଜ୍ଞା ପ୍ରଶାନ୍ତି ସାହୁ



ବିକ୍ରାନ୍ତ ମଲିକ

**ଭୁବନେଶ୍ୱର, ୩୦ା୫ (ସ୍ପୋର୍ଟ୍ସ ବ୍ୟୁରୋ)**

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ୬ଷ୍ଠ ଦିବସରେ କିଟ୍ ୟୁନିଭର୍ସିଟିର ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଆଥଲେଟିକ୍ସ ଇଭେଣ୍ଟରେ ଦୁଇଟି ମିଟ୍ ରେକର୍ଡ କରିଛି। ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ମିଟର ହର୍ଡଲ୍ସ (୧୩.୬୩ ସେକେଣ୍ଡ)ରେ ଏବଂ ବିକ୍ରାନ୍ତ ମଲିକ ପୁରୁଷ ଜାଭେଲିନ୍ ଥ୍ରୋ (୮୦,୦୦ ମିଟର)ରେ ମିଟ୍ ରେକର୍ଡ କରିଛନ୍ତି। ସୁସ୍ମିତା ଟିଗା ମହିଳା ୩,୦୦୦ ମିଟର ଷ୍ଟିପଲଚେଜ୍ (୧୦:୪୨.୪୩ ସେକେଣ୍ଡ) ଓ ଅଜୟ କୁମାର ପୁରୁଷ ହାମର ଥ୍ରୋ (୫୮.୨୭ ମିଟର)ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୁରୁଷ ୫୫କେଜି ଭାରୋତ୍ତୋଳନରେ କୁଭେଶ୍ୱର ମଲିକ ମୋଟ ୨୧୨ କେଜି ଓଜନ (୯୬ ସ୍ନାଚ୍ ଓ ୧୧୬କେଜି କ୍ଲିନ ଆଣ୍ଡ ଜର୍କ) ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଟେବୁଲ ଟେନିସ ବ୍ରୋଞ୍ଜ ପଦକ ମ୍ୟାଚରେ କିଟ୍ ୧:୨ ଗେମ୍ସରେ ଗୁଜରାଟ ୟୁନିଭର୍ସିଟିଠାରୁ ହାରିଯାଇଛି।

**ସମ୍ବଲପୁର ୟୁନିଭର୍ସିଟିକୁ ୨ ପଦକ**

ସମ୍ବଲପୁର ୟୁନିଭର୍ସିଟି ଦୁଇ ପଦକ ସହ ଏହାର ଖାତା ଖୋଲିଛି। ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ମନୀଷା ମେରେଲ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସ୍ୱାଧୀନ କୁମାର ମାଝି ପୁରୁଷ ହାଇ ଜମ୍ପ ଇଭେଣ୍ଟରେ ଏକ ରୌପ୍ୟ ଜିତିଛନ୍ତି। ସମ୍ବଲପୁର ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ମ୍ୟାଚରେ ପୂର୍ବାଞ୍ଚଳ ୟୁନିଭର୍ସିଟିକୁ ଭେଟିବ। ଖେଲୋ ୟୁନିଭର୍ସିଟି ଗେମ୍ସର ତୃତୀୟ ସଂସ୍କରଣରେ ଭାଗ ନେବା ଲାଗି ଓଡ଼ିଶାର ୩ ୟୁନିଭର୍ସିଟି ଯଥା କିଟ୍, ଉତ୍କଳ ଓ ସମ୍ବଲପୁର ଯୋଗ୍ୟତା ଅର୍ଜନ କରିଛନ୍ତି। ମଙ୍ଗଳବାର ସୁଦ୍ଧା ସେମାନେ ମୋଟ ୧୭ ପଦକ (୮ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିସାରିଛନ୍ତି।



ଅଜୟ କୁମାର



ସୁସ୍ମିତା ଟିଗା


ମନୀଷା ମେରେଲ

# ଧୋନୀଙ୍କ ମାଇଲଖୁଣ୍ଟ, ଜାଡେଜା ମ୍ୟାଜିକ୍

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ଶ ସଂସ୍କରଣ ସୋମବାର ଶେଷ ହୋଇଛି। ଏହାର ଫାଇନାଲରେ ଗୁଜରାଟ ଟାଇଟନ୍ସକୁ ହରାଇ ଚେନ୍ନାଇ ସୁପର କିଙ୍ଗ୍ସ ଚାମ୍ପିୟନ ହୋଇଛି। ଚେନ୍ନାଇକୁ ମ୍ୟାଚ ଜିତିବା ପାଇଁ ଶେଷ ୨ ବଲ୍‌ରୁ ୧୦ ରନ ଆବଶ୍ୟକ ହେଉଥିବାବେଳେ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଛକା ଓ ଚୌକା ମାରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ରବିବାର ବର୍ଷା ଯୋଗୁ ଫାଇନାଲ ସମ୍ଭବ ହୋଇ ନ ପାରିବା, ସୋମବାର ରିଜର୍ଭ ଦିବସରେ ଫାଇନାଲ ହୋଇଥିଲେ ହେଁ ଦ୍ୱିତୀୟ ଇନିଂସରେ ମାତ୍ର ୩ ବଲ୍ ବୋଲିଂ ହେବା ପରେ ପୁଣି ବର୍ଷା ହେବା, ମ୍ୟାଚ ପୁଣି ଆରମ୍ଭ ହେବାନେଇ କିଛି ସମୟ ଅନିଶ୍ଚିତତା ଲାଗି ରହିବା, ବର୍ଷା ଛାଡ଼ିବା ପରେ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ୧୫ ଓଭରରେ ଚେନ୍ନାଇ ଆଗରେ ୧୭୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହେବା, ନାଟକୀୟ ଘଟଣାକ୍ରମ ଏବଂ ଶେଷରେ ଜାଡେଜାଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ବଳରେ ଚେନ୍ନାଇ ଚାମ୍ପିୟନ ହେବା ଆଦି ଅନେକ ଘଟଣାର ସାକ୍ଷୀ ରହିଛି ଆଇପିଏଲ୍ ଫାଇନାଲ...

**୫:** ଏହାକୁ ମିଶାଇ ଚେନ୍ନାଇ ସୁପରକିଙ୍ଗ୍ସ ୫ ଥର ଆଇପିଏଲ୍ ଟାଇଟଲ ହାସଲ କରିଛି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ସମକକ୍ଷ ହୋଇଛି। ଓଭରଅଲ ଟି୨୦ରେ ସୁପର କିଙ୍ଗ୍ସର ଏହା ୭ମ ଟାଇଟଲ। ଯାହାକି ମୁମ୍ବାଇ ଏବଂ ଦକ୍ଷିଣ ଆଫ୍ରିକାର ଟାଇଟନ୍ସ ସହିତ ସମକକ୍ଷ। କେବଳ ସିଆଲକୋଟ ଷ୍ଟାଲନ୍ସ (୮ ଟାଇଟଲ)ଠାରୁ ଗୋଟିଏ ପାଦ ପଛରେ ରହିଛି।


ଚେନ୍ନାଇ ବିଜୟରେ ଉଲ୍ଲସିତ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ରବୀନ୍ଦ୍ର ଜାଡେଜା।

**୫:** ଅଧିନାୟକଭାବେ ମହେନ୍ଦ୍ର ସିଂ ଧୋନୀ ୫ମ ଥର ପାଇଁ ଆଇପିଏଲ୍ ଟାଇଟଲ ବିଜୟୀ ହୋଇଛନ୍ତି। ଲିଗ୍‌ର ସଫଳ ଅଧିନାୟକ ଭାବେ ସେ ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମାଙ୍କ ସମକକ୍ଷ ହୋଇଛନ୍ତି। ତେବେ ଜଣେ ଖେଳାଳିଭାବେ ରୋହିତ ୬ ଥର (ମୁମ୍ବାଇ ଇଣ୍ଡିଆନ୍ସ ଓ ଡେକାନ ଚାର୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ) ଟାଇଟଲ ଜିତିଛନ୍ତି। ଏ କ୍ଷେତ୍ରରେ ରୋହିତଙ୍କ ସମକକ୍ଷ ହୋଇଛନ୍ତି ଅମ୍ବାତି ରାୟୁଡୁ। ସେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳି ମୋଟ ୬ ଥର ଟାଇଟଲ ବିଜୟୀ ହୋଇଛନ୍ତି।

**୪:** ୨୦୨୩ ଆଇପିଏଲ୍ ଫାଇନାଲରେ ଶେଷ ବଲ୍‌ରୁ ଚେନ୍ନାଇ ବିଜୟ ପାଇଁ ୪ ରନ ଆବଶ୍ୟକ କରୁଥିଲା, ଯାହାକୁ ସେ ହାସଲ କରି ପାରିଥିଲା। ଏହା ପୂର୍ବରୁ ଟି୨୦ ଫାଇନାଲ ଇତିହାସରେ କେବଳ ୨ ଥର କୌଣସି ଦଳ ଶେଷ ବଲ୍‌ରୁ ୪ କିମ୍ବା ତଦୂର୍ଦ୍ଧ୍ୱ ରନ ଚେଜ୍ କରିପାରିଛି। ୨୦୧୮ ନିଦାହାସ ଟ୍ରଫିର ଫାଇନାଲରେ ବାଂଲାଦେଶ ବିପକ୍ଷରେ ଭାରତ ଶେଷ ବଲ୍‌ରୁ ୫ ରନ ଆବଶ୍ୟକ କରୁଥିଲା। ସେତେବେଳେ ଦୀନେଶ କାର୍ତ୍ତିକ ଛକା ମାରି ଭାରତକୁ ଜିତାଇଥିଲେ। ୨୦୨୧ ସୟଦ ମୁସ୍ତାକ ଅଲୀ ଟ୍ରଫି ଫାଇନାଲରେ କର୍ନାଟକ ବିପକ୍ଷରେ ତାମିଲନାଡୁ ଶେଷ ବଲ୍‌ରୁ ୫ ରନ ଆବଶ୍ୟକ କରୁଥିଲା। ଶାହରୁଖ ଖାଁ ଛକାମାରି ତାମିଲନାଡୁକୁ ବିଜୟୀ କରିଥିଲେ।

**୬:** ପ୍ରଥମ କ୍ୱାଲିଫାୟର ଜିତିଥିବା ଦଳ ଏହାକୁ ମିଶାଇ କ୍ରମାଗତ ୬ଷ୍ଠ ଥର ପାଇଁ ଆଇପିଏଲ୍ ଟାଇଟଲ ଜିତିଛି। ୨୦୧୧ରେ ପ୍ଲେ-ଅଫ୍ ଫର୍ମାଟ ଆରମ୍ଭ ହେବା ପରଠାରୁ ପ୍ରଥମ କ୍ୱାଲିଫାୟର ବିଜେତା ଦଳ ୧୩ ସିଜନରୁ ୧୦ଟିରେ ଚାମ୍ପିୟନ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ୨୦୧୩ ଓ ୨୦୧୭ରେ ଦ୍ୱିତୀୟ କ୍ୱାଲିଫାୟର ଜିତି ଟାଇଟଲ ବିଜୟୀ ହୋଇଥିଲା।

**୨୬:** ଆଇପିଏଲ୍‌ରେ ସଫଳ ରନ୍ ଚେଜ୍ କ୍ଷେତ୍ରରେ ଜାଡେଜା ଏହାକୁ ମିଶାଇ ୨୬ ଥର ଅପରାଜିତ ରହି ମ୍ୟାଚ ଫିନିଶ୍ କରିଛନ୍ତି। ଆଇପିଏଲ୍‌ରେ ଏହା ଦ୍ୱିତୀୟ ସର୍ବାଧିକ। ମହେନ୍ଦ୍ର ସିଂ ଧୋନୀ ୨୭ଥର ଏପରି କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି।

**୩:** ୨୦୨୩ ସିଜନରେ ସର୍ବାଧିକ ଉଇକେଟ ହାସଲକାରୀ ତାଲିକାରେ ଗୁଜରାଟ ଟାଇଟନ୍ସ ବୋଲରମାନେ ଟପ୍-୩ ସ୍ଥାନ ହାସଲ କରିଛନ୍ତି। ମହମ୍ମଦ ଶାମି ୨୮, ରଶିଦ ଖାଁ ଓ ମୋହିତ ଶର୍ମା ୨୭ଟି ଉଇକେଟ ନେଇଛନ୍ତି। କୌଣସି ଆଇପିଏଲ୍ ସିଜନରେ ଗୋଟିଏ ଦଳର ୩ ବୋଲର ଟପ୍-୩ରେ ରହିବା ଏହା ପ୍ରଥମ।

**୨୩୨.୩୯:** ଗତ ଆଇପିଏଲ୍‌ରେ ପେସ୍ ବୋଲରଙ୍କ ବିପକ୍ଷରେ ଅଜିଙ୍କ୍ୟ ରାହାନେଙ୍କ ଷ୍ଟ୍ରାଇକ୍ ହାର ୨୩୨.୩୯ ରହିଥିଲା। ପେସରଙ୍କ ବିପକ୍ଷରେ ଅତିକମ୍‌ରେ ୧୦୦ ରନ କରିଥିବା ବ୍ୟାଟରଙ୍କ କ୍ଷେତ୍ରରେ ଏହା ତୃତୀୟ ସର୍ବାଧିକ। ରାହାନେ ଦ୍ରୁତ ବୋଲରଙ୍କ ବିପକ୍ଷରେ ୭୧ ବଲ୍‌ରୁ ୧୬୫ ରନ ସଂଗ୍ରହ କରିଛନ୍ତି ଏବଂ ମାତ୍ର ୨ ଥର ଆଉଟ ହୋଇଛନ୍ତି। ଗତବର୍ଷ ଟିମ୍ ଡାଭିଡ ୨୫୨.୪୫ ଷ୍ଟ୍ରାଇକ୍ ହାରରେ ୧୫୪ ଏବଂ ୨୦୧୪ରେ ଜେମ୍ସ ଫକନର ୨୪୨.୮୫ ହାରରେ ୧୩୬ ରନ ସ୍କୋର କରିଥିଲେ।

**୨୧୪/୪:** ଚଳିତ ଆଇପିଏଲ୍ ଫାଇନାଲରେ ଚେନ୍ନାଇ ବିପକ୍ଷରେ ଗୁଜରାଟ ୪ ଉଇକେଟ ହରାଇ ୨୧୪ ରନ କରିଥିଲା। କୌଣସି ଆଇପିଏଲ୍ ଫାଇନାଲରେ ପରାଜିତ ଦଳ ଏତେ ରନ କରିବା ଏହା ପ୍ରଥମ ଥିଲା।

**୯୬:** ଚେନ୍ନାଇ ବିପକ୍ଷ ଫାଇନାଲରେ ଗୁଜରାଟର ବି. ସାଇ ସୁଦର୍ଶନ ୯୬ ରନ ସ୍କୋର କରିଥିଲେ। କୌଣସି ଆଇପିଏଲ୍ ଫାଇନାଲରେ ଏହାଥିଲା ତୃତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ୨୦୧୮ରେ ହାଇଦ୍ରାବାଦ ବିପକ୍ଷରେ ଚେନ୍ନାଇର ଶେନ୍ ୱାଟସନ ୧୧୭* ଓ ୨୦୧୪ରେ କୋଲକାତା ବିପକ୍ଷରେ ପଞ୍ଜାବର ଋଦ୍ଧିମାନ ଶାହା ୧୧୫* ରନକରି ଏହି ତାଲିକାର ଶୀର୍ଷ ୨ ସ୍ଥାନରେ ରହିଛନ୍ତି।

**୮୯୦:** ଶୁବମନ ଗିଲ୍ ୨୦୨୩ ଆଇପିଏଲ୍‌ରେ ୮୯୦ ରନ କରିଛନ୍ତି। ଗୋଟିଏ ସିଜନରେ ସର୍ବାଧିକ ରନ ସ୍କୋର କରିବାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୦୧୬ରେ ବିରାଟ କୋହଲି ସର୍ବାଧିକ ୯୭୩ ରନ ସ୍କୋର କରିଥିଲେ।

## ଶୁଭ୍ରାଂଶୁଙ୍କ ପାଇଁ ସ୍ମରଣୀୟ

୨୦୨୩ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଚାମ୍ପିୟନ ହୋଇଛି। ଏହି ଦଳରେ ସାମିଲ ହୋଇ ଜଣେ ଓଡ଼ିଆ ଖେଳାଳି ନିଜ କ୍ୟାରିୟରକୁ ସ୍ମରଣୀୟ କରିଛନ୍ତି। ସେ ହେଉଛନ୍ତି ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି। ଶୁଭ୍ରାଂଶୁ ଯଦିଓ କୌଣସି ମ୍ୟାଚରେ ପ୍ଲେଇଂ ଇଲେଭେନ କିମ୍ବା ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ସ୍ଥାନ ପାଇ ନ ଥିଲେ ତେବେ ଅନେକ ସମୟରେ ଫିଲ୍ଡିଂ କରି ଟିମ୍ ମ୍ୟାନେଜମେଣ୍ଟର ମନ ଜିତିଥିଲେ। କ୍ୱାଲିଫାୟର-୧ରେ ତାଙ୍କର ଏକ ଡାଇରେକ୍ଟ ଥ୍ରୋରେ ଗୁଜରାଟ ଟାଇଟନ୍ସର ଦର୍ଶନ ନାଲକଣ୍ଡେ ରନ୍‌ଆଉଟ ହୋଇଥିଲେ। ଦଳର ସମସ୍ତ ଖେଳାଳି ତାଙ୍କୁ ଏପରି କରିସ୍ଥା ପାଇଁ ବଧେଇ ଜଣାଇଥିଲେ। ଶେଷରେ ଚେନ୍ନାଇ ଚାମ୍ପିୟନ ହୋଇଥିବାରୁ ଟ୍ରଫି ଧରିବାର ସୌଭାଗ୍ୟ ପାଇଛନ୍ତି ଏହି ଓଡ଼ିଶା କ୍ରିକେଟର। ଦଳ ସହ ନେଟ୍ସରେ ଅଭ୍ୟାସ କରିବା, ଦେଶ ବିଦେଶର ତାରକା ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ଶେୟାର କରିବା, ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହ ସମୟ ବିତାଇବା ତାଙ୍କ ଜୀବନରେ ଅଭୁଲା ହୋଇ ରହିବ ନିଶ୍ଚିତ।


ଆଇପିଏଲ୍-୨୦୨୩ ଟ୍ରଫି ସହ ଶୁଭ୍ରାଂଶୁ ସେନାପତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ